

ନୂଆ ଉଦ୍ୟୋଗ ନୀତି ବସ୍ତରକୁ ସଶକ୍ତ କରିବ |୬

# ଓଡ଼ିଶା ଭାସ୍କର


ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ଟପ୍-୧୦ ତାଲିକାରେ ରହିବାକୁ ଇଚ୍ଛୁକ ନାହାନ୍ତି ସାମନ୍ଥା |୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୬୬ Vol. 22 No-166 15 SEPTEMBER 2025 MONDAY, BHUBANESWAR ସୋମବାର, ୧୫ ସେପ୍ଟେମ୍ବର ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦







## ସଂକ୍ଷେପରେ...

### ମହାନଦୀରେ ବୁଡ଼ି ପୁତୁରା ମୃତ, ଦାଦା ନିଖୋଜ

ଜଗତସିଂହପୁର,୧୪।୯(ଭାସ୍କର ନ୍ୟୁଜ): ରବିବାର ପୂର୍ବାହ୍ନରେ ତିର୍ତ୍ତୋଲ ବ୍ରିଜ ନିକଟରେ ଏକ ଶୁଦ୍ଧିକ୍ରିୟା ଚାଲିଥିବାବେଳେ ମହାନଦୀରେ ଗାଧୋଇବାକୁ ଯାଇ ପୁତୁରାର ମୃତ୍ୟୁ ଘଟିଛି। ତାକୁ ଉଦ୍ଧାର କରିବାକୁ ଯାଇ ଦାଦା ନିଖୋଜ ହୋଇଥିବା ମଧ୍ୟ ସୂଚନା ମିଳିଛି। ଅଗ୍ନିଶମବାହିନୀ ମୃତଦେହ ଉଦ୍ଧାର କରିଥିବାବେଳେ ନିଖୋଜ ଦାଦାକୁ ଖୋଜାଖୋଜି ଚଳାଇଛି।

### ପରୀକ୍ଷା ପାଇଁ ଅଭ୍ୟାସବେଳେ ଜଣେ ମୃତ

ଝାରସୁଗୁଡ଼ା,୧୪।୯(ଭାସ୍କର ନ୍ୟୁଜ): ଓଏସ୍ଏପି ଦ୍ୱିତୀୟ ବାଟାଲିୟନରେ ପରୀକ୍ଷା ଦେବାପାଇଁ ରିଜର୍ଭ ପୋଲିସ ପଡ଼ିଆରେ ଅଭ୍ୟାସ କରୁଥିବା ସମୟରେ ଜଣକର ମୃତ୍ୟୁ ଘଟିଛି। ତାଙ୍କ ନାମ ଗୋବିନ୍ଦ କୁମାଲ ଓ ତାଙ୍କ ଘର ନେପାଳରେ ବୋଲି ସୂଚନା ଦିଆଯାଇଛି।


### ବିଷାକ୍ତ ମଦ ପିଇ ଜଣକର ମୃତ୍ୟୁ ଅଭିଯୋଗ

ବିନିକା,୧୪।୯(ଭାସ୍କର ନ୍ୟୁଜ): ବିଷାକ୍ତ ଖୋଲା ମଦ ପିଇ ଜଣକର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ତାଙ୍କ ପରିବାର ଲୋକ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ଘଟଣାଟି ବିନିକା ଟୁଣ୍ଡୁପାଲିରେ ଘଟିଛି।

ସେନ୍ସେକ୍ସ: ୮୧,୯୦୪.୭୦
ସର୍ବାଧିକ: ୩୧.୨ ଡିଗ୍ରୀ
ସର୍ବନିମ୍ନ: ୨୭.୪ ଡିଗ୍ରୀ

୧୪।୯।୨୦୨୫ ର ମତାମତ

ସରକାରୀ ଅଫିସରେ ଏଆଇର ବ୍ୟବହାର ଜରୁରି କି?




ଆଜିର ପ୍ରସଙ୍ଗ

ଚାଷୀଙ୍କୁ ସାର ନ ମିଳିବା ଘଟଣାରେ ସରକାରଙ୍କୁ ଦାୟୀ କରାଯିବା ଠିକ୍ କି?

ମତାମତ ଦେବା ପାଇଁ ଲଗ୍ଅନ୍ କରନ୍ତୁ www.odishabhaskar.com

## ଆଇଏମ୍‌ଡି ଡିଜିଙ୍କ ସୂଚନା

# ଏବେ ବାତ୍ୟା ଆଶଙ୍କା ନାହିଁ





୨୦ରେ ଆଉଏକ ଘୂର୍ଣ୍ଣିବଳୟ

ମୌସୁମୀ ଏବେ ଓଡ଼ିଶାରୁ ଯିବନି

ଘୂର୍ଣ୍ଣିବଳୟ ସୃଷ୍ଟି ହେଲେ ବାତ୍ୟା ନେଇ ସୂଚନା

ଭୁବନେଶ୍ୱର/ନୂଆଦିଲ୍ଲୀ,୧୪।୯(ବ୍ୟୁରୋ): ଅକ୍ଟୋବର ମାସ ଆସିଲେ ଓଡ଼ିଶାକୁ ବାତ୍ୟାଭୟ ଘାରିଥାଏ। ଆଉ ୧୫ ଦିନ ପରେ ଯେତେବେଳେ ଅକ୍ଟୋବର ମାସ ହାଜର ହେବ ତା ପୂର୍ବରୁ ଓଡ଼ିଶା ଉପରେ ବାତ୍ୟା ନେଇ ଆଶଙ୍କା ବଢ଼ିଛି। ତେବେ ଏସବୁ ଭିତରେ ବଡ଼ ସୂଚନା ଦେଇଛନ୍ତି ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର। ସେ କହିଛନ୍ତି, ବାତ୍ୟା ହେବ କି ନାହିଁ ତାହା ଏବେଠାରୁ ଆକଳନ କରିବା ସମ୍ଭବ ନୁହେଁ। ସେ ଆହୁରି କହିଛନ୍ତି ଯେ କୌଣସି ବାତ୍ୟା କିମ୍ବା ଅବପାତ ଏବେ ସୃଷ୍ଟି ହେବାର ସମ୍ଭାବନା ବହୁ କମ୍। ଆସନ୍ତା ୨୦ ବେଳକୁ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ତେବେ ଯାହା ଜଣାପଡୁଛି ଏହା ଅଧିକ ଘନୀଭୂତ ହେବାର ସମ୍ଭାବନା ନାହିଁ। ତେଣୁ ଘୂର୍ଣ୍ଣିବଳୟ ନିକଟତର ହେଲେ ବାତ୍ୟା ସ୍ଥିତି ବାବଦରେ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଲଘୁଚାପ ଯୋଗୁ ଦୁଇଦିନ ଧରି ଓଡ଼ିଶାରେ ବର୍ଷା ହେଉଥିଲା। ଏବେ ତାହା ଧିରେ ଧିରେ କମିବ। ଲଘୁଚାପ ଏବେ ଉତ୍ତର ତେଲଙ୍ଗାନା ଓ ବିଦର୍ଭରେ କେନ୍ଦ୍ରୀଭୂତ ହୋଇଛି। ତେଣୁ ବର୍ଷାର ପରିମାଣ ବି କମ୍ ରହିବ। ସେହିପରି ପାର୍ବଣରେ ବର୍ଷା ହେବ କି ନାହିଁ ସେ ନେଇ ଡକ୍ଟର ମହାପାତ୍ର କହିଛନ୍ତି ଯେ ସେ ନେଇ ଏବେଠୁ ଆକଳନ କରିହେବ ନାହିଁ। ଓଡ଼ିଶାରୁ ଏବେ ମୌସୁମୀ ଅପସାରଣ ହେବାର ସମ୍ଭାବନା ନାହିଁ। କିନ୍ତୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଚଳିତବର୍ଷ ରାଜସ୍ଥାନ ଅଞ୍ଚଳରୁ ଫେରିବା ପାଇଁ ପାଗ ସଂପୂର୍ଣ୍ଣ ଅନୁକୂଳ ରହିଛି। ୨୦୨୪ରେ ମୌସୁମୀ ବାୟୁ ସେପ୍ଟେମ୍ବର ୧୭ ତାରିଖରୁ ଭାରତରୁ ବିଦାୟ ନେଇଥିଲା। ଅକ୍ଟୋବର ୧୫ ସୁଦ୍ଧା ଏହା ସଂପୂର୍ଣ୍ଣ ଦେଶ ଛାଡ଼ି ଦେଇଥିଲା। ଚଳିତବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ମେ ୨୪ରେ କେରଳ ଉପକୂଳ ଛୁଇଁଥିଲା। ପାଣିପାଗ ବିଜ୍ଞାନୀମାନେ କହିଛନ୍ତି ଯେ ପଶ୍ଚିମ-କେନ୍ଦ୍ରୀୟ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଉତ୍ତର-ପଶ୍ଚିମ ● ପୃଷ୍ଠା ୫ ଦେଖନ୍ତୁ

## ଏସିଆ କପ୍ ହାଇ ଭୋଲଟେଜ୍ ମ୍ୟାଚ୍

# ପାକିସ୍ତାନକୁ ଧୂଳି ଚଟାଇଲା ଭାରତ



ଦୁବାଇ,୧୪।୯: ବହୁ ବାଦ ବିବାଦ ପରେ ରବିବାର ଦୁବାଇ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ହାଇ ଭୋଲଟେଜ୍ ମ୍ୟାଚକୁ ଦେଖିବାକୁ ହଜାର ହଜାର ଦର୍ଶକଙ୍କ ଭିଡ ଦେଖିବାକୁ ମିଳିଥିଲା। ଏହି ମ୍ୟାଚ୍‌କୁ ଭାରତ ୭ୱିକେଟରେ ଜିତି ନେଇଛି। ପାକିସ୍ତାନ ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ତେବେ ଭାରତୀୟ ବୋଲର ହାର୍ଦ୍ଦିକ ପାଣ୍ଡ୍ୟା ମ୍ୟାଚର ପ୍ରଥମ ଓଭରରେ ହିଁ ସଇମ ଆୟୁବଙ୍କୁ ଖାତା ଖୋଲିବା ପୂର୍ବରୁ ଆଉଟ କରିଦେଇଥିଲେ। ପାଣ୍ଡ୍ୟାଙ୍କ ବଲକୁ ଖେଳିବାକୁ ଯାଇ ଆୟୁବ ବୁମରାଙ୍କ ହାତରେ ଧରା ପଡ଼ିଥିଲେ। ସେହିପରି ୨ୟ ଓଭରରେ ବୁମରାଙ୍କ ବଲକୁ ଖେଳିବାକୁ ଯାଇ ମହମ୍ମଦ ହ୍ୟାରିସ ପାଣ୍ଡ୍ୟାଙ୍କ ହାତରେ ଧରାପଡ଼ିଥିଲେ। ସେ ମାତ୍ର ୩ ରନ କରିଥିଲେ। ଏହିପରିଭାବେ ମାତ୍ର ୬ ରନରେ ପାକିସ୍ତାନ ୨ଟି ୱିକେଟ ହରାଇଥିଲା। ଏହି ଦୁଇ ବୋଲରଙ୍କ ପରେ ଅକ୍ଷର ପଟେଲ ଓ କୁଳଦୀପ ଯାଦବ ପାକିସ୍ତାନର ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ପାକିସ୍ତାନ ପକ୍ଷରୁ ସାହିବଜାଦା ଫରହନ ୪୦ ରନ କରିଥିବାବେଳେ ଶାହିନ ଆଫ୍ରିଦି ୩୩ ରନ କରିଥିଲେ। ଦଳ ନିର୍ଦ୍ଧାରିତ ୨୦ ଓଭରରେ ମାତ୍ର ୧୨୭ ରନ କରିବାକୁ ସକ୍ଷମ ହୋଇଥିଲା। ୧୨୮ରନ୍‌ର ଟାର୍ଗେଟ ଭାରତ ମୈଦାନକୁ ଓହ୍ଲାଇଥିଲା। ଭାରତ ପ୍ରଥମରୁ ଧୂଆଁଧାର ବ୍ୟାଟିଂ ଆରମ୍ଭ କରିଥିଲା। ଓପନର ଅଭିଷେକ ଶର୍ମା ବିସ୍ଫୋରକ ପାଳି ଖେଳି ମାତ୍ର ୧୩ଟି ବଲରୁ ୩୧ରନ୍ କରିଥିଲେ। ଏଥିରେ ୨ଛକା ଓ ୪ଚୌକା ସାମିଲ ଅଛି। ସେହିପରି ଶୁଭମନ ଗିଲ ମାତ୍ର ୧୦ରନ୍‌ରେ ଆଉଟ ହୋଇଯାଇଥିଲେ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଧୈର୍ଯ୍ୟର ସହ ବ୍ୟାଟିଂ କରି ୫ ଚୌକା ଓ ୧ଛକା ସହାୟତରେ ୩୭ଟି ବଲରୁ ୪୭ ରନ୍ କରି ମ୍ୟାଚ୍ ଜିତାଇଥିଲେ।



କେନ୍ଦୁଝର ସର୍କିଟ ହାଉସଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବା ସହିତ ଅଭିଯୋଗପତ୍ର ଗ୍ରହଣ କରୁଛନ୍ତି

### ଆସାମରେ ୫.୮ ତୀବ୍ରତାର ଭୂମିକମ୍ପ

ଗୌହାଟୀ,୧୪।୯: ରବିବାର ଆସାମରେ ୫.୮ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି। ଅପରାହ୍ନ ୪.୪୧ ସମୟରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା। ଏହାର କେନ୍ଦ୍ରସ୍ଥଳ ଉଦଲଗୁରିରେ ବୋଲି ସୂଚନା ଦିଆଯାଇଛି। ଆସାମ ବ୍ୟତୀତ ଭୁଟାନ ଏବଂ ପଶ୍ଚିମବଙ୍ଗର ଉତ୍ତର ଭାଗରେ ଏହି ଭୂକମ୍ପ ଝଟ୍‌କା ମଧ୍ୟ ଅନୁଭୂତ ହୋଇଛି। ତେବେ କ୍ଷୟକ୍ଷତି ନେଇ କୌଣସି ସୂଚନା ମିଳିପାରି ନାହିଁ। ଏହାପୂର୍ବରୁ ଗତ ୨ ତାରିଖରେ ଆସାମରେ ଏକ ଭୂମିକମ୍ପ ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୩.୫ ଥିଲା।

## ଆସାମ ଜନସମାବେଶରେ କଂଗ୍ରେସ ଉପରେ ବର୍ଷିଲେ ମୋଦୀ

# ମୁଁ ଶିବ ଭକ୍ତ, ସବୁ ଢୋକି ଦିଏ



ଗୌହାଟୀ,୧୪।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଆସାମ ଗସ୍ତରେ ଯାଇ ୧୮ହଜାର ୫୩୦ କୋଟି ଟଙ୍କାରୁ ଅଧିକ ବ୍ୟୟରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଆସାମର ଦରାଙ୍ଗଠାରେ ଆୟୋଜିତ ଏକ ଜନସମାବେଶକୁ ସମ୍ବୋଧିତ କରିବା ଅବସରରେ ସେ କଂଗ୍ରେସ ଉପରେ ପ୍ରବଳ ବର୍ଷିଛନ୍ତି। ● ପୃଷ୍ଠା ୫ ଦେଖନ୍ତୁ

## ନୂଆପଡ଼ା ଉପନିର୍ବାଚନ ନେଇ ରାଜନୀତି ସରଗରମ

# କେଉଁ ଦଳରୁ କିଏ ପ୍ରାର୍ଥୀ ହେବେ ଚିତ୍ର ଅସ୍ପଷ୍ଟ


ନୂଆପଡ଼ା/ଭୁବନେଶ୍ୱର,୧୪।୯(ଭାସ୍କର ନ୍ୟୁଜ): ନୂଆପଡ଼ାର ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ପରେ ସେଠାରେ ଉପନିର୍ବାଚନ ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ୨୦୨୪ ସାଧାରଣ ନିର୍ବାଚନ ପରେ ଏହା ପ୍ରଥମ ଉପନିର୍ବାଚନ। ରାଜ୍ୟରେ ଏବେ ବିଜେପି ସରକାର ଶାସନ କରୁଥିବାବେଳେ ବିଜେଡି ମୁଖ୍ୟ ବିରୋଧୀଦଳ ଭୂମିକା ନିର୍ବାହ କରୁଛି। କଂଗ୍ରେସ ମଧ୍ୟ ବିରୋଧୀ ଆସନରେ ବସିଛି। ଏବେ ପ୍ରଶ୍ନ ଉଠୁଛି ରାଜ୍ୟରେ ବିଜେପି ସରକାର ଶାସନରେ ଥିବାବେଳେ ବିଜେଡି ତା'ର ପୂର୍ବ ଆସନ ବଜାୟ ରଖିବ କି? ଦଳ ଭିତରେ ଏବେ ଦ୍ୱନ୍ଦ୍ୱ ଲାଗି ରହିଥିବାରୁ ଏପରି ଆଶା କରିବା ମଧ୍ୟ ସ୍ୱାଭାବିକ। ଅନ୍ୟପକ୍ଷରେ ଏହି ଆସନ ପାଇଁ ବିଜେଡିର ● ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ସାର ମିଳୁନାହିଁ ଚାଷ ଅଟକୁଛି
ଚାଷୀ ହୁଏ ବାରଦ୍ୱାର
ଦିନସାରା ବସି ଥକିଗଲେ ମଧ୍ୟ
କେ ବୁଝୁଛି ଦୁଃଖ ତାର
ହେଉଛି କଳା ବଜାର
ସର୍କାର କହୁଛି ମହଜୁଦ ଅଛି
ମିଳୁନାହିଁ କିମ୍ବା ସାର...



କଟକ(ଭାସ୍କର ନ୍ୟୁଜ): ବିଡାନାସୀ ରାମମନ୍ଦିର ନିକଟସ୍ଥ ରଶ୍ମି ପ୍ୟାଲେସ୍ ପରିସରରେ ଅଟଳ ସ୍ମୃତି କମିଟି (ଅଟଳ ଫେଷ୍ଟ-୨୦୨୫) ତରଫରୁ ଏକ ବିଶାଳ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । କମିଟି ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ସମାଜସେବୀ, ଯୁବକଯୁବତୀ ଓ ନାଗରିକମାନେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଡ଼. ଯତୀନ ମହାନ୍ତି, ସାଧାରଣ ସମ୍ପାଦକ, ଭାରତୀୟ ଜନତା ପାର୍ଟି, ଓଡିଶା । ସେ ଉଦ୍‌ବୋଧନରେ କହିଥିଲେ ରକ୍ତଦାନ ସମାଜର ସର୍ବୋତ୍ତମ ସେବା । ଏହା କେବଳ ଅନ୍ୟମାନଙ୍କ ପ୍ରାଣ ବଞ୍ଚାଇଥାଏ ତାହା ନୁହେଁ, ରକ୍ତଦାତାଙ୍କ ଶରୀରକୁ ମଧ୍ୟ ସୁସ୍ଥ ରଖିଥାଏ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଡ଼. ପ୍ରଦୀପ ମହାନ୍ତି, ସୁରଥ ବିଶ୍ୱାଳ, ସୁକାନ୍ତ ବିଶ୍ୱାଳ । ଅଟଳ ସ୍ମୃତି କମିଟିର କର୍ମକର୍ତ୍ତା, ସଦସ୍ୟ ଓ ସେବକମାନେ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ନିଜର ସମୟ, ପରିଶ୍ରମ ଓ ସମର୍ପଣ ଦେଇଥିଲେ । କମିଟି ପକ୍ଷରୁ କହାଗଲା ଯେ, ରକ୍ତଦାନ ଭଳି ଉଚ୍ଚତମ ସମାଜସେବାକୁ ଆଗାମୀ ଦିନରେ ମଧ୍ୟ ସଚେତନତାର ସହିତ ପ୍ରଚାର କରାଯିବ । କାର୍ଯ୍ୟକ୍ରମ ଅଟଳ ଫେଷ୍ଟ-୨୦୨୫ର ଏକ ସ୍ମରଣୀୟ ଅଧ୍ୟାୟ ଭାବେ ସମସ୍ତଙ୍କ ମନରେ ଅବିସ୍ମରଣୀୟ ହୋଇ ରହିଲା ।

### ପୁରୁଣା ଭୁବନେଶ୍ୱର ଦୁର୍ଗା ପୂଜା ଭସାଣୀ ପ୍ରସ୍ତୁତି ବୈଠକ

# ନିଶା ସେବନ ସମ୍ପୂର୍ଣ୍ଣ ନିଷେଧ ପାଇଁ ବିଧାୟକଙ୍କ ଅନୁରୋଧ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପାଖେଇ ଆସୁଛି ଶାରଦୀୟ ଦୁର୍ଗା ପୂଜା ଚଳଚଞ୍ଚଳ ହୋଇଉଠିଛି ପୁରୁଣା ଭୁବନେଶ୍ୱର। ଏଥିପାଇଁ ଜୋରସୋରରେ ପ୍ରସ୍ତୁତି ଚାଲିଛି। ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ଦୁର୍ଗା ପୂଜାକୁ ଶାନ୍ତିଶୃଙ୍ଖଳାର ସହ ସଂପନ୍ନ କରିବା ପାଇଁ ଲିଙ୍ଗରାଜ ଥାନା ପକ୍ଷରୁ ଆଜି ପୁରୁଣା ଭୁବନେଶ୍ୱର ସ୍ଥିତ ବାସୁଦେବ ରିସଟ୍ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ କୁ ଏକାମ୍ର ବିଧାୟକ ବାବୁ ସିଂ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଧାୟକ ପ୍ରତି ମଣ୍ଡପକୁ ଏକ ଲକ୍ଷ୍ୟ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଘୋଷଣା କରିଥିଲେ। ଏଥି ସହ ପ୍ରତି ପୂଜା ମଣ୍ଡପ ରେ ନିଶା ସେବନକୁ ସମ୍ପୂର୍ଣ୍ଣ ନିଷେଧ କରିବା ପାଇଁ ଅନୁରୋଧ କରିଛନ୍ତି ବିଧାୟକ ଓ ଯେଉଁ ପୂଜା କମିଟି ଏହାକୁ ସମ୍ପୂର୍ଣ୍ଣ ଭାବେ ପାଳନ କରିବେ ସେ କମିଟି କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ ବୋଲି ବିଧାୟକ ବାବୁ ସିଂ ଘୋଷଣା କରିଛନ୍ତି। ବିଧାୟକ ବାବୁ ସିଂ କହିଛନ୍ତି ଯେ ଭୁବନେଶ୍ୱର ସହରରେ ପୁରୁଣା ଭୁବନେଶ୍ୱର ହେଉଛି ଏକ ସଂସ୍କୃତି ସମ୍ପନ୍ନ ଅଞ୍ଚଳ। ଏଠାରେ ଦଶହରା ପୂଜା ଖୁବ୍ ଧୁବ ଧାମ ରେ ପାଳିତ ହୁଏ।ଏଥର ଭସାଣିରେ ଡିଜେ ବ୍ୟବହାର ନ କରିବା ପାଇଁ ବାରଣ କରାଯାଇଛି। ଏଥିସହ ଦଶହରାରେ ଡିଜେ ସମ୍ପୂର୍ଣ୍ଣ ମନା ହୋଇଛି। ଏହା ସହ ପୂଜା ମଣ୍ଡପ ରେ ପୁଲିସ ମୁତୟନ ହେବେ।ଚଳିତ ବର୍ଷ ପୂଜାକୁ ଅପରାଧମୁକ୍ତ କରିବା ପାଇଁ ପଦକ୍ଷେପ ନିଆଯାଉଛି । ପୂର୍ବ ବର୍ଷ ତୁଳନାରେ ଅଧିକ ଜନଗହଳିର ସମ୍ଭାବନା ରହିଛି। ଏହାସହ ବିଶୃଙ୍ଖଳ ତତ୍ୱ ଓ ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ କମାଇବା ପାଇଁ ସମସ୍ତ ପଦକ୍ଷେପ ପୋଲିସ ଅଧିକାରୀ ଅବଲମ୍ବନ କରିବେ।ଏହାକୁ ଦୃଷ୍ଟିରେ ରଖି ସବୁ ପୂଜାମଣ୍ଡପରେ ସିସିଟିଭି ଲଗାଇବାକୁ ଅନୁରୋଧ । ପ୍ରତି ମଣ୍ଡପରେ ଦର୍ଶକ ଓଭକ୍ତଙ୍କ ମୂଲ୍ୟବାନ ସାମଗ୍ରୀର ସୁରକ୍ଷା, ଛୋଟ ପିଲାଙ୍କ ସୁରକ୍ଷା ଆଦିକୁ ନେଇ ପୋଷ୍ଟର ଲଗାଇବା, ସହାୟତା କେନ୍ଦ୍ର, ସ୍ୱେଚ୍ଛାସେବୀ ଆଦି ପ୍ରସ୍ତୁତ କରିବା। ଏଥର ଦୁର୍ଗାପୂଜା ଭସାଣୀ ରେ ଡିଜେ, ଲେଜର ଲାଇଟ୍ ବାଣକୁ ନିଷିଦ୍ଧ କରାଯାଇଛି। କେବଳ ପାରମ୍ପରିକ ବାଜାରେ ହେବ ମାଙ୍କ ଭସାଣୀ। ଭସାଣୀ ବେଳେ ଲାଗିବନି ଲେଜର ଲାଇଟ। ବାଣ ଫୁଟାଇବା ଉପରେ ମଧ୍ୟ ଲାଗିବ କଟକଣା। ଲିଙ୍ଗରାଜ ପୋଲିସ ପକ୍ଷରୁ ଆୟୋଜିତ ଦୁର୍ଗା ପୂଜା ପ୍ରସ୍ତୁତି ବୈଠକରେ ଏକାମ୍ର ବିଧାୟକ ବାବୁ ସିଂ, ଏସିପି କୃଷ୍ଣ ଚନ୍ଦ୍ର ପଲେଇ, ଏୟାର ଫିଲ୍ଡ ଥାନା ଅଧିକାରୀ ମିନତି ନାୟକ, ଲିଙ୍ଗରାଜ ଥାନା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, କର୍ପୋରେଟର ଶିବ ବେହେରା, ଚନ୍ଦ୍ର ଶେଖର ମଲ୍ଲିଆ, ପୂର୍ବତନ କର୍ପୋରେଟର ବାବୁଲି ସମର୍ଥା, ପ୍ରମୋଦ ମହାପାତ୍ର, ସମାଜ ସେବୀ ସନତ ମିଶ୍ର, ପୁରୁଣା ଭୁବନେଶ୍ୱର ପୂଜା କମିଟି ସମେତ ଜନ ପ୍ରତିନିଧି ଓ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ଥିଲେ ।

### ଏକ ରାଷ୍ଟ୍ର ଏକ ନିର୍ବାଚନ ସମ୍ପର୍କିତ ଆଲୋଚନାଚକ୍ର

## ଦେଶର ବିକାଶକୁ ଦ୍ରୁତ ଗତିରେ ବଢ଼ାଇବା ଲକ୍ଷ୍ୟ: ସୁନୀଲ ବଂଶଲ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଶ୍ୱର ସର୍ବବୃହତ ଗଣତନ୍ତ୍ର ହେଉଛି ଭାରତ। ମାତ୍ର ଏଠାରେ ନିରନ୍ତର ଚାଲୁଥିବା ନିର୍ବାଚନ ପ୍ରକ୍ରିୟା ଯୋଗୁ ଅନେକ ସମସ୍ୟା ସୃଷ୍ଟି ହେଉଛି। ଏହାକୁ ବଦଳାଇ ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନର କରି ଏହି ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏହା ଦେଶର ବିକାଶ ଏବଂ ସମୃଦ୍ଧିକୁ ଦ୍ରୁତ ଗତିରେ ଆଗକୁ ବଢ଼ିବାରେ ସହାୟତା କରିବ। ଏହି ମଡେଲ ଦେଶର ଆର୍ଥିକ, ରାଜନୈତିକ ଏବଂ ସାମାଜିକ ଢାଞ୍ଚାରେ ଉନ୍ନତି ଆଣିବ। ଏହାଦ୍ୱାରା ଶକ୍ତିଶାଳୀ, ସ୍ଥିର ଏବଂ ସମୃଦ୍ଧ ଭାରତ ସୃଷ୍ଟି ହୋଇପାରିବ। ଭାରତକୁ ଏକ ବ୍ୟବସ୍ଥିତ ଏବଂ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଦିଗରେ ଏହା ପ୍ରମୁଖ ଭୂମିକା ନେବ ବୋଲି ସୋଆ ବିଶ୍ୱ ବିଦ୍ୟାଳୟରେ ଅନୁଷ୍ଠିତ ଏକ ରାଷ୍ଟ୍ର ଏକ ନିର୍ବାଚନ ଆଲୋଚନାଚକ୍ରରେ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲ କହିଛନ୍ତି। ଶ୍ରୀ ବଂଶଲ କହିଛନ୍ତି ଯେ, ୨୦୧୯ ସାଧାରଣ ନିର୍ବାଚନ ଖର୍ଚ୍ଚ ୬୦,୦୦୦ କୋଟି ଟଙ୍କା ଥିଲା। ୨୦୨୪ ଲୋକସଭା ନିର୍ବାଚନ ଖର୍ଚ୍ଚ ୧.୩୫ ଲକ୍ଷ କୋଟିରେ ପହଞ୍ଚିଛି। ଏହି ହିସାବରେ ଗୋଟିଏ ଭୋଟର ହାରାହାରି ମୂଲ୍ୟ ପ୍ରାୟ ୧୪୦୦ ଟଙ୍କା। ୨୦୨୪ ଲୋକସଭା ନିର୍ବାଚନକୁ ଭାରତର ନିର୍ବାଚନ ଇତିହାସର ସବୁଠାରୁ ବ୍ୟୟବହୁଳ ନିର୍ବାଚନ ବୋଲି ବିବେଚନା କରାଯାଇପାରେ। ଦେଶରେ ବାରମ୍ବାର ନିର୍ବାଚନ ହେବା ଦ୍ୱାରା ୪-୭ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏକ ରାଷ୍ଟ୍ର, ଏକ ନିର୍ବାଚନରୁ ହେଉଥିବା ସଂଚୟ ଦେଶର ଜିଡିପିର ୧.୫% ସହିତ ସମାନ। ଏହାଦ୍ୱାରା ଭାରତର ଅର୍ଥନୀତି ଓ ପ୍ରଶାସନିକ ବ୍ୟବସ୍ଥା ସୁଦୃଢ଼ ହେବା ସହ ସାରା ବିଶ୍ୱରେ ଦେଶର ଗଣତାନ୍ତ୍ରିକ ଭାବମୂର୍ତ୍ତି ସୁଦୃଢ଼ ହୋଇପାରିବ। ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ, ଏକକାଳୀନ ନିର୍ବାଚନ କରିବା ଦ୍ୱାରାବିପୁଳ ଖର୍ଚ୍ଚ ହ୍ରାସ ହେବ। ରାଜ୍ୟସଭା ସାଂସଦ ସୁଜିତ୍ କୁମାର ଯୋଗଦେଇ କହିଛନ୍ତି ଯେ, ଏକକାଳୀନ ନିର୍ବାଚନ ଦ୍ୱାରା, ପ୍ରଶାସନ ନିଜର ମୂଳ କର୍ତ୍ତବ୍ୟ ଉପରେ ଧ୍ୟାନ ଦେଇପାରିବ। ଆଲୋଚନାଚକ୍ରରେ ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଦିନେଶ ଅଧିକାରୀ ଧନ୍ୟବାଦ ଦେଇଥଲେ। ଛାତ୍ରନେତା ସୌଭାଗ୍ୟ ମହାନ୍ତି, ଅଙ୍କିତା ବିଶ୍ୱାସଙ୍କ ବହୁ ଛାତ୍ର ନେତା ଉପସ୍ଥିତ ଥିଲେ।

## ସେବା ପକ୍ଷରେ ୧ ଲକ୍ଷ ଚାରା ଲଗାଇବ ଅନୁସୂଚିତ ଜାତି ମୋର୍ଚ୍ଚା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପର୍ଯ୍ୟନ୍ତ ସେବା ପକ୍ଷ ଭାବେ ପାଳନ କରାଯାଏ। ଚଳିତ ବର୍ଷ ମୋଦିଜୀଙ୍କ ୭୫ତମ ଜନ୍ମଦିବସ ପଡୁଥିବାରୁ ଏହାକୁ ସ୍ମରଣୀୟ ରଖିବା ପାଇଁ ବ୍ୟାପକ ଯୋଜନା କରାଯାଇଛି ବୋଲି ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର କହିଛନ୍ତି। ରାଜ୍ୟ ବିଜେପି ମୁଖପାତ୍ର ତଥା ଅନୁସୂଚିତ ଜାତି ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ମଲ୍ଲିକ କହିଛନ୍ତି ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଜନ୍ମଦିନରୁ ଆରମ୍ଭ ହେବାକୁ ଥିବା ସେବା ପକ୍ଷରେ ବୃକ୍ଷ ଚାରା ରୋପଣ, ସ୍ୱଚ୍ଛତା ଅଭିଯାନ, ସ୍ୱାସ୍ଥ୍ୟ ଶିବିର ଓ ମୋଦିଜୀଙ୍କ ଜୀବନ ଉପରେ ପ୍ରଦର୍ଶନୀ ଆୟୋଜନ କରାଯିବ। ଏନେଇ ଅନୁସୂଚିତ ଜାତି ମୋର୍ଚ୍ଚା ତରଫରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ସେବା ପକ୍ଷରେ ୧ ଲକ୍ଷ ଚାରା ଲଗାଯିବ ବୋଲି ଲକ୍ଷ କରାଯାଇଛି । ମୋଦିଜୀଙ୍କ ଜନ୍ମଦିନରେ ତାଙ୍କ ଦୀର୍ଘମୟ ଜୀବନ କାମନ କରି ମନ୍ଦିରରେ ଦ୍ୱୀପ ପ୍ରଜ୍ୱଳନ କରିବାକୁ ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ



ନିଷ୍ପତି ନିଆଯାଇଛି ବୋଲି ଶ୍ରୀ ମଲ୍ଲିକ କହିଛନ୍ତି। ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ସାଂସଦ ଡ.ରବି ନାରାୟଣ ବେହେରା, ବିଧାୟକ ରଘୁରାମ ମାଛ, ପୂର୍ଣ୍ଣଚନ୍ଦ୍ର ସେଠୀ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ ମଲ୍ଲିକ, ଅନୁସୂଚିତ ଜାତିମୋର୍ଚ୍ଚା ଉପସଭାପତି ମନିଜର ଆର୍ଯ୍ୟ, ରାଜ୍ୟ ଉପସଭାପତି ରାମବିଶି ଦିଘାଲ, ରାଜ୍ୟ ଉପସଭାନେତ୍ରୀ ସ୍ମିତା ପ୍ରଧାନ, ସାଧାରଣ ସମ୍ପାଦକ ଚନ୍ଦନ ସ୍ୱରାଜ, ପୂର୍ବତନ ମୋର୍ଚ୍ଚା ସଭାପତି ମନୋଜ ବେହେରା, କାର୍ଯ୍ୟାଳୟ ସମ୍ପାଦକ ରାଧାକାନ୍ତ ମଲ୍ଲିକ, ବସନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶାରେ ଠିକଣା ରାସ୍ତାରେ କଂଗ୍ରେସ: ଭେନୁଗୋପାଳ



### ୩୦ ସୁଦ୍ଧା ନୂଆ ଜିଲ୍ଲା ସଭାପତି ଘୋଷଣା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କେହି ବଡ ନେତା, କେହି ଛୋଟ ନେତା ନୁହନ୍ତି। ସମସ୍ତେ କଂଗ୍ରେସ ନେତା। ୨୦୨୯ ଆମର। ଓଡିଶାରେ ଭକ୍ତଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ଠିକଣା ବାଟରେ ଚାଲିଛି। ଯଦି ରାହୁଲ ଗାନ୍ଧୀ ପଦଯାତ୍ରାରେ ସହସ୍ରାଧିକ ମାଇଲ ଚାଲୁଛନ୍ତି, ଆମେ କାହିଁକି ଚାଲି ନ ପାରିବା? ରବିବାର ସନ୍ଧ୍ୟାରେ କଂଗ୍ରେସ ଭବନରେ ଆୟୋଜିତ ଏକ ସଭାରେ ଦଳର ନେତା ଓ କର୍ମୀଙ୍କ ଭିତରେ ଏହି ମର୍ମରେ ଉତ୍ସାହ ଭରିଛନ୍ତି ଏଆଇସିସି ସାଧାରଣ ସଂପାଦକ (ସଂଗଠନ) କେସି ବେଣୁଗୋପାଳ। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ପୌରୋହିତ୍ୟରେ ପିସିସି କାର୍ଯ୍ୟକର୍ତ୍ତା, ସମସ୍ତ ବିଭାଗ, ଛାମୁଆ ସଂଗଠନ ଓ ସେଲର ମୁଖ୍ୟ ତଥା ସଂଗଠନ ସୃଜନ ଅଭିଯାନରେ ଦାୟିତ୍ୱ ନିଭାଇଥିବା ପିସିସି ପର୍ଯ୍ୟବେକ୍ଷକଙ୍କୁ ସମ୍ବୋଧନ କରି ସେ ଆହୁରି କହିଛନ୍ତି, କିଛି ଦିନରେ ସୃଜନ ପ୍ରକ୍ରିୟାରେ ଦେଶର ସମସ୍ତ ଜିଲ୍ଲାରେ ସଙ୍ଗଠନ ହୋଇଯାଇଥିବ। ଆସନ୍ତା ୩୦ ସେପ୍ଟେମ୍ବର ସୁଦ୍ଧା ଓଡିଶାର ସମସ୍ତ ୩୫ ସାଂଗଠନିକ ଜିଲ୍ଲାର ସଭାପତି ଚୟନ କାର୍ଯ୍ୟ ଶେଷ ହେବ। ଦଳର ନେତା ରାହୁଲ ଗାନ୍ଧୀଙ୍କ ମାର୍ଗଦର୍ଶନରେ ଗୁଜରାଟରେ ହୋଇଥିବା ୧୦ ଦିନିଆ ପ୍ରଶିକ୍ଷଣ ଶିବିର ଶୈଳୀରେ ଓଡ଼ିଶା କଂଗ୍ରେସ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ହେବ ବୋଲି ସେ ସୂଚନା ଦେଇଥିଲେ। ପିଏସି ବୈଠକରେ ଅଧ୍ୟକ୍ଷତା କରି ଏଆଇସିସିର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଥିଲେ, କଂଗ୍ରେସ ଏବେ ରାଜ୍ୟରେ ଉଠୁଛି। ଓଡ଼ିଶାରେ ପିସିସି ଯେଉଁ ଗତିରେ କାମ କରୁଛି, ସେହି ଧାରା ଅବ୍ୟାହତ ରହିଲେ ୨୦୨୯ରେ ଆମକୁ ରୋକିବା ଅସମ୍ଭବ ହେବ। ଆସନ୍ତା ଅକ୍ଟୋବର ୨ରୁ ବର୍ଷବ୍ୟାପୀ ପଦଯାତ୍ରାରେ ଭାଗ ନେବାକୁ ସେ ଦଳର ନେତା ଓ କର୍ମୀଙ୍କୁ ଆହ୍ୱାନ କରିଥିଲେ। ରାଜନୈତିକ ବ୍ୟାପାର କମିଟି ବୈଠକରେ ମହମ୍ମଦ ମୁକିମ୍, ନଗେନ୍ଦ୍ର ନାଥ ପ୍ରଧାନ, ସୁଶୀଳା ତିରିୟା, ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଜଗନ୍ନାଥ ପଟ୍ଟନାୟକ, ଅନନ୍ତ ପ୍ରସାଦ ସେଠୀ, ସନ୍ତୋଷ ସିଂହ ସାଲୁଜା, ରମେଶ ଜେନା, ସୋଫିଆ ଫିର୍ଦୋଷ, ଶ୍ରୀକାନ୍ତ ଜେନା, ସପ୍ତଗିରି ଉଲାକା ଓ ଡ. ବିଶ୍ୱ ରଞ୍ଜନ ମହାନ୍ତି ପ୍ରମୁଖ ଆଲୋଚନାରେ ଭାଗ ନେଇ ଅନେକ ପ୍ରସ୍ତାବ ରଖିଥିବା ବେଳେ ମିନାକ୍ଷୀ ବାହାନିପତି ଓ ରଞ୍ଜିତ ପାତ୍ର ଯଥାକ୍ରମେ ମହିଳା କଂଗେସ ଓ ଯୁବ କଂଗ୍ରେସର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟପକ୍ଷରେ ସୃଜନ ବୈଠକରେ ଅମର ପ୍ରଧାନ, ଶରତ ରାଉତ, ଟଙ୍କଧର ସାହୁ, ଅମିତା ବିଶ୍ୱାଳ, ଅମ୍ରିତା ଦାସ, ଶକୁନ୍ତଳା ଲାଗୁରି, ସସ୍ମିତା ପଣ୍ଡା, ବିଶ୍ୱ ରଞ୍ଜନ ଦାସ, ଅଭୟ ସାହୁ, ମାନସ ମଲ୍ଲିକ, ଯଶୋବନ୍ତ ସିଂ ଲାଗୁରି, ମଧୁସ୍ମିତା ପଣ୍ଡା, ସି ଏସ ରାଜନ୍ ଏକ୍କା ପ୍ରମୁଖ ଆଲୋଚନାରେ ଭାଗ ନେଇ ନିଜ ନିଜ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସୃଜନ ଅଧକ୍ଷ ଡ ଦେବାଶିଷ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସହ ଅଧ୍ୟକ୍ଷ ସୁଧାଂଶୁ ଦେଓ ଧନ୍ୟବାଦ୍ ଅର୍ପଣ କରିଥିଲେ। ଉଭୟ କାର୍ଯ୍ୟକ୍ରମକୁ ଓଡ଼ିଶା ସହ ପ୍ରଭାରୀ ଶାହନୱାଜ ଚୌଧୁରୀ ସଂଯୋଜନା କରିଥିଲେ।

## କଂଗ୍ରେସରେ ମିଶିଲେ ବିଜେଡି ଛାତ୍ର ନେତା ହରିଶଙ୍କର



ଭୁବନେଶ୍ୱର(ଭାସ୍କର ନ୍ୟୁଜ): କଂଗ୍ରେସ ଦଳର ଆଦର୍ଶ, ରାହୁଲ ଗାନ୍ଧୀଙ୍କ ବୈପ୍ଳବିକ ଚିନ୍ତାଧାରା ଓ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଶକ୍ତିଶାଳୀ ନେତୃତ୍ୱରେ ଅନୁପ୍ରାଣିତ ହୋଇ ବିଜେଡିର ଟାଣୁଆ ଛାତ୍ରନେତା, ସଂଗଠକ ତଥା ରେଭେନ୍ସା କଲେଜର ପୂର୍ବତନ ଛାତ୍ର ସଭାପତି ହରିଶଙ୍କର ରାଉତ ବିଜେଡି ପରିତ୍ୟାଗ କରି ତାଙ୍କର ସହସ୍ରାଧିକ ସମର୍ଥକଙ୍କ ସହ କଂଗ୍ରେସ ଦଳରେ ଆନୁଷ୍ଠାନିକ ଭାବରେ ଯୋଗଦାନ କଲେ । ଏହି ଅବସରରେ କଂଗ୍ରେସ ଭବନରେ ମିଶ୍ରଣ ପର୍ବରେ ଏଆଇସିସି ସଂଗଠକ ସମ୍ପାଦକ ତଥା ସାଂସଦ କେ.ସି ବେଣୁଗୋପାଳ, ଓଡିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଏବଂ ପିସିସି ସଭାପତି ଭକ୍ତ ଚରଣ ଦାସ ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ହରିଶଙ୍କରଙ୍କୁ କଂଗ୍ରେସ ଦଳକୁ ସ୍ୱାଗତ କରିବା ସହ ସାମିଲ କରିଥିଲେ। ମିଶ୍ରଣ ପର୍ବ କାର୍ଯ୍ୟକ୍ରମକୁ ଏଆଇସିସି ଓଡ଼ିଶା ସହ ପ୍ରଭାରୀ ଶାହନୱାଜ ଚୌଧୁରୀ ସଂଯୋଜନା କରିଥିବା ବେଳେ ସାଂସଦ ସପ୍ତଗିରି ଉଲ୍ଲାକା, ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍, ପିସିସି କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାଶ, ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର।

## ସାର ସମସ୍ୟା ନେଇ ରାଜଭବନ ଆଗରେ ଆନ୍ଦୋଳନ କରିବ ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସାର ସମସ୍ୟାକୁ ନେଇ ରାଜଭବନ ଆଗରେ ଆନ୍ଦୋଳନ କରିବ ବିଜେଡି । ଏ ନେଇ ରାଜ୍ୟପାଳଙ୍କୁ ଭେଟି ଏକ ଦାବି ପତ୍ର ଦିଆଯିବ । ଏ ନେଇ ସୂଚନା ଦେଇଛନ୍ତି ବିଜେଡି ବିଧାୟକ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ । ପ୍ରସନ୍ନ କହିଛନ୍ତି ମନ୍ତ୍ରୀ ରାଜଧାନୀରେ କେବଳ ପ୍ରତିକ୍ରିୟା ନ ଦେଇ ଗ୍ରାଉଣ୍ଡକୁ ଯାଆନ୍ତୁ । ସାର ମିଳୁନି ବୋଲି କହୁଥିବା ଚାଷୀଙ୍କୁ ରାଜନୀତି କରୁଛି କହି ସେମାନଙ୍କ କଟା ଘା'ରେ ଚୂନ ମାରୁଛନ୍ତି ସରକାର । ପେକ୍ସରେ ସାର ନାହିଁ କିନ୍ତୁ ବଜାରରେ ଚଢା ଦରରେ ସାର ମିଳୁଛି । ଏଥିରୁ ସ୍ପଷ୍ଟ ସରକାର ସାର ବିକ୍ରି ନିୟନ୍ତ୍ରଣରେ ବିଫଳ । ଆଗକୁ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଯିବ ବୋଲି କହିଛନ୍ତି ପ୍ରସନ୍ନ ଆଚାର୍ଯ୍ୟ ।

## ଜିଏସ୍‌ଟି ହ୍ରାସ ପରେ ସଂଶୋଧିତ ମୂଲ୍ୟ ଉଲ୍ଲେଖ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜିଏସ୍‌ଟି ସ୍ଲାବ୍‌ରେ ପରିବର୍ତ୍ତନ କରିବା ପରେ ପୂର୍ବରୁ କ୍ରୟ କିମ୍ବା ପ୍ୟାକିଂ ହୋଇସାରିଥିବା ସାମଗ୍ରୀ ଉପରେ ସଂଶୋଧିତ ମୂଲ୍ୟ ଲେଖିବା ବାଧ୍ୟତାମୂଳକ। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ଜନ ବିତରଣ ବିଭାଗ ପକ୍ଷରୁ ଓଡ଼ିଶା ସମେତ ସମସ୍ତ ରାଜ୍ୟ ସରକାରଙ୍କୁ ପତ୍ର ଲେଖି ଉତ୍ପାଦକ, ପ୍ୟାକର୍ ଓ ଆମଦାନୀକାରୀଙ୍କୁ ଉକ୍ତ ନିର୍ଦ୍ଦେଶ ଜାରି କରିବା ପାଇଁ କୁହାଯାଇଛି। ପତ୍ରରେ ଉଲ୍ଲେଖ ରହିଛି ଯେ ଜିଏସ୍‌ଟି ସଂଶୋଧନ ହେବା ପୂର୍ବରୁ ଗଚ୍ଛିତ ଥିବା ସାମଗ୍ରୀ ଉପରେ ନୂଆ ଦର/ଏମ୍ଆରପି ଉଲ୍ଲେଖ ରହିବା ଜରୁରୀ। ହ୍ରାସ ପାଇଥିବା ଜିଏସଟି ଅନୁସାରେ ନୂଆ ଏମ୍ଆରପି ଲାଗୁ ହେବା ଆବଶ୍ୟକ। ଚଳିତ ବର୍ଷ ଡିସେମ୍ବର ଶେଷ ସୁଦ୍ଧା କିମ୍ବା ଷ୍ଟକ୍ ଶେଷ ହେବା ଯାଏ ଉକ୍ତ ନିର୍ଦ୍ଦେଶନାମା ଲାଗୁ ହେବ। ପୁରୁଣା ମୂଲ୍ୟକୁ ନ ଲିଭାଇ ତାହା ନିକଟରେ ନୂଆ ମୂଲ୍ୟ ସ୍ପଷ୍ଟ ଭାବେ ଉଲ୍ଲେଖ ରହିବ। ମୂଲ୍ୟ ସଂଶୋଧନ ସମ୍ପର୍କରେ ଉତ୍ପାଦକ, ପ୍ୟାକର୍, ଆମଦାନୀକାରୀ ଖବର କାଗଜରେ ବିଜ୍ଞାପନ ସମ୍ବନ୍ଧରେ ଜଣାଇବା ସହ ନିଜର ଡିଲର ଏବଂ ମାପ ଓଜନ ବିଭାଗକୁ ନୋଟିସ ମାଧ୍ୟମରେ ଜଣାଇବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ୧୭ରେ ଶୁଭାରମ୍ଭ ହେବ ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ସମସ୍ତ ବୟସର ମହିଳା ଏବଂ ବାଳିକାମାନଙ୍କ ପାଇଁ ବ୍ୟାପକ ସ୍କ୍ରିନିଂ, ପୁଷ୍ଟିସାର ଏବଂ ସୁସ୍ଥତା ସେବା ଉପରେ ଧ୍ୟାନ କେନ୍ଦ୍ରିତ କରି ଏକ ପରିବର୍ତ୍ତନକାରୀ ସ୍ୱାସ୍ଥ୍ୟ ଅଭିଯାନ ସ୍ୱସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ ଆସନ୍ତା ୧୭ ସେପ୍ଟେମ୍ବରରେ ମଧ୍ୟପ୍ରଦେଶର ଧାର ଜିଲ୍ଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭାରମ୍ଭ କରିବେ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଜାତୀୟ ପଦକ୍ଷେପ ସମନ୍ୱିତ ଏହି ଅଭିଯାନ ୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ଚାଲିବ । ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ୟୁନିଟ ୩ ଇଡ୍‌କୋ ପଡିଆରେ ଅନୁଷ୍ଠିତ ହେବ । ୧୭ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏବଂ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହିବେ । ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜରେ ଆଞ୍ଚଳିକ ଶୁଭାରମ୍ଭରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଯୋଗଦେବେ। ଉଭୟ କାର୍ଯ୍ୟକ୍ରମକୁ ଜାତୀୟ ଶୁଭାରମ୍ଭ ସହ ଉଭୟ ପାର୍ଶ୍ୱକୁ ଭିଡିଓ ଲିଙ୍କ୍‌ରେ ସଂଯୋଗ କରାଯିବ। କାର୍ଯ୍ୟକ୍ରମରେ ୫୦୦୦ରୁ ଅଧିକ ମହିଳା ହିତାଧିକାରୀ ଅଂଶଗ୍ରହଣ କରିବେ ।

## ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର କବିତା ଆସର


କଟକ(ଭାସ୍କର ନ୍ୟୁଜ): ସାରସ୍ୱତ ଅନୁଷ୍ଠାନ, ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର କବିତା ଆସର ଓ ଆଲୋଚନା ଚକ୍ର ଉତ୍କଳମଣି ଶିଶୁ ଉଚ୍ଚଶିକ୍ଷା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି କୈଳାସ ଚନ୍ଦ୍ର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆସରରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ସମାଜସେବୀ ଶଶଧର ପଣ୍ଡା, ଅନ୍ୟତମ ଅତିଥି ଭାବେ କବି ସୁରେନ୍ଦ୍ର ମହାପାତ୍ର, କବି ଭିମସେନ ସାହୁ ଯୋଗଦେଇ ସମାଜ ସଂସ୍କାର କ୍ଷେତ୍ରରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । କବୟତ୍ରୀ ବିଶ୍ୱମିତ୍ରା ମିଶ୍ର ଓ ଡଃ ବସନ୍ତ କୁମାରୀ ନନ୍ଦଙ୍କ ସଂଯୋଜନାରେ କବି ପ୍ରଭାକର ଦାସ, ମୈତ୍ରୀଭୂଷଣ ଖୁଣ୍ଟିଆ, ବ୍ରଜବନ୍ଧୁ ପୃଷ୍ଟି, ମମତା ପୃଷ୍ଟି,କ୍ଷୀରୋଦ ଜେନା, ଶ୍ରୀବତ୍ସ ବିଶ୍ୱାଳ, ଉତ୍ତମ ଚରଣ ପ୍ରଧାନ, ରଘୁନାଥ ତ୍ରୀପାଠୀ,ରାଜକିଶୋର ସ୍ୱାଇଁ, ବିଜୟ କୁମାର ସାହୁ, ସରୋଜକାନ୍ତ ରଥ, ତିଳୋତ୍ତମା ପାଣିଗ୍ରାହୀ, ଲୋକନାଥ ସେଠୀ, ସୁଶିଳ କୁମାର ରାଉତ, ରାଜୀବ କୁମାର ଷଡଙ୍ଗୀ, ନୃସିଂହ ଚରଣ ଜେନା, ବନଲତା ମହାପାତ୍ର, ନିରୁପମା ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ ।

### ଝାଡ଼ପଡ଼ା ଦୁର୍ଗାପୂଜା ସମିତିରେ ଦୁର୍ଗୋତ୍ସବ ପ୍ରସ୍ତୁତି

# ପୂର୍ବସୁରୀଙ୍କୁ ମନେ ପକାଇବ ବୌଦ୍ଧଗଡ଼ ତୋରଣ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଆଉ ଦିନ କେଇଟା ପରେ ଧରାପୃଷ୍ଠକୁ ଓହ୍ଲାଇ ଆସିବେ ଦୁର୍ଗତିନାଶିନୀ ମା' ଦୁର୍ଗା। ଏଥିପାଇଁ ରାଜଧାନୀର ପ୍ରତ୍ୟେକ ପୂଜାମଣ୍ଡପଗୁଡ଼ିକ ଚଳଚଞ୍ଚଳ ହୋଇପଡ଼ିଛି। ସବୁଠି ପ୍ରସ୍ତୁତି କାର୍ଯ୍ୟ ଜୋରଦାର ଆରମ୍ଭ ହେଉଛି। ପୀଠରେ ମା'ଙ୍କ ଷୋଳପୂଜା ଆରମ୍ଭ ହୋଇଥିବା ବେଳେ ଏବେ ମଣ୍ଡପରେ ତୋରଣଗୁଡ଼ିକର ନିର୍ମାଣକାର୍ଯ୍ୟ ଜୋରଦାର ହୋଇଛି। ତେବେ ଚଳିତବର୍ଷ ଏକ ନିଆରା ଢଙ୍ଗରେ ଝାରପଡ଼ା ଦୁର୍ଗାପୂଜା ସମିତି ପକ୍ଷରୁ ଦୋଳମେଳଣ ପଡ଼ିଆରେ ମା'ଙ୍କୁ ଆବାହନ କରାଯିବ। ଏଠାରେ ବୌଦ୍ଧଗଡ଼ ନାମକ ଏକ ତୋରଣ ଦଣ୍ଡାୟମାନ ହେବ। ଯାହା ଶ୍ରଦ୍ଧାଳୁଙ୍କ ପାଇଁ ମୁଖ୍ୟ ଆକର୍ଷଣ ହେବ ବୋଲି ସମିତି ପକ୍ଷରୁ କୁହାଯାଇଛି। ଏହି ତୋରଣ ମାଧ୍ୟମରେ ପୂର୍ବସୁରିଙ୍କର ଗାଥାକୁ ଶ୍ରଦ୍ଧାଳୁମାନେ ମନେ ପକାଇବେ। ବୌଦ୍ଧଗଡ଼ର ଏକ ମାର୍ମିକ କାହାଣୀ ରହିଥିବା ବେଳେ ଚଳିତବର୍ଷ ସମିତି ଏଭଳି ପରିକଳ୍ପନା କରି ଏହି ତୋରଣକୁ ପ୍ରସ୍ତୁତ କରିଛି ବୋଲି ରବିବାର ସମିତିର ସଭାପତି ପ୍ରଭାତ କୁମାର ମାର୍ଥାଙ୍କ ପୌରୋହିତ୍ୟରେ ସାମ୍ବାଦିକ ସମ୍ମିଳନୀରେ ମା'ଙ୍କ ତୋରଣକୁ ସମିତି ମୁଖ୍ୟ ଉପଦେଷ୍ଟା ଜଗନ୍ନାଥ ପ୍ରଧାନ ଲୋକାର୍ପଣ କରି କହିଛନ୍ତି। ଚଳିତବର୍ଷ ଏହି ତୋରଣର ଉଚ୍ଚତା ୯୦ ଫୁଟ୍ ରହିଥିବା ବେଳେ ଦୈର୍ଘ୍ୟ ୧୨୦ ଫୁଟ୍ ରହିଛି। ଏହି ତୋରଣକୁ କଟକର ଚଗଲା ସାହୁ ଓ ତାଙ୍କର ୪୦ଜଣ ସହଯୋଗୀ ନିର୍ମାଣ କାର୍ଯ୍ୟରେ ଲାଗିଛନ୍ତି। ଏହି ତୋରଣ ସ୍ଥାନୀୟ ଅଞ୍ଚଳର ଗୌରବମୟ ଇତିହାସକୁ ଲୋକଙ୍କ ନିକଟରେ ପୁର୍ନଜୀବିତ କରିବ ବୋଲି ଆଶା କରାଯାଇଛି। ସେହିପରି ମା'ଙ୍କ ମୂର୍ତ୍ତି ନିର୍ମାଣ କାର୍ଯ୍ୟରେ ଶିଳ୍ପୀ ମନୋରଞ୍ଜନ ବେହେରା ଓ ତାଙ୍କର ୧୨ଜଣ ସହଯୋଗୀ ଲାଗିପଡ଼ିଛନ୍ତି। ଏଥର ମା'ଙ୍କ ମୃଣ୍ମୟୀ ୧୦ଫୁଟ୍ ଉଚ୍ଚତା ରହିଥିବା ବେଳେ ପାର୍ଶ୍ୱ ଦେବାଦେବୀ ମଧ୍ୟ ପୂଜା ପାଇବେ। ସେହିପରି ମା'ଙ୍କ ମେଢ଼କୁ ମଧ୍ୟ ଆକର୍ଷଣୀୟ ଢଙ୍ଗରେ କରାଯିବ ବୋଲି ସୂଚନା ମିଳିଛି। ଆସନ୍ତା ୨୮ତାରିଖରେ ଏଠାରେ ଷଷ୍ଠୀ ପୂଜା ଆରମ୍ଭ ହେବା ସହ ଗ୍ରାମର ଆରାଧ ଦେବତା ପତିତପାବନ ମନ୍ଦିରରୁ ବିଲ୍ୱ ବରଣୀ ପୂଜା କରାଯାଇ କଳସ ଶୋଭାଯାତ୍ରା ମେଲଣ ପଡ଼ିଆକୁ ଅଣାଯିବ। ସେହିପରି ମହାସପ୍ତମୀ ଅବସରରେ ମା'ଙ୍କ ପ୍ରାଣପ୍ରତିଷ୍ଠା, ଚକ୍ଷୁଦାନ, ପୁଷ୍ପାଞ୍ଜଳି, ଚଣ୍ଡୀପାଠ, ହୋମ ଆଦି ଅନୁଷ୍ଠିତ ହେବ। ସେହିପରି ମହାଷ୍ଟମୀ ଅବସରରେ ହୋମ, ମା' ସପ୍ତସତୀ ଚଣ୍ଡୀପାଠ ଓ ପୁଷ୍ପାଞ୍ଜଳି ଦିଆଯାଇ ସନ୍ଧ୍ୟାରେ ଚଣ୍ଡୀପୂଜା ଅନୁଷ୍ଠିତ ହେବ। ସେହିପରି ମହାନବମୀରେ ସମସ୍ତ ପୂଜାର୍ଚ୍ଚନା ସହ କୁମାରୀ ପୂଜା ଅନୁଷ୍ଠିତ ହେବ। ବିଜୟା ଦଶମୀରେ ମହାପୂଜା, ଦଶହରା ପର୍ବ, ଅପରାଜିତା ପାଠ, ବିଜୟ ହୋମ ଆଦି ସମାପନ ପରେ ରାତ୍ରରେ ଘଟ ବିସର୍ଜନ ହେବ ବୋଲି ସମିତି ପକ୍ଷରୁ ସୂଚନା ମିଳିଛି। ଚଳିତବର୍ଷ ମା'ଙ୍କ ପୂଜାରେ ଅନ୍ୟତମ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ ରଙ୍ଗବେରଙ୍ଗର ଆଲୋକସଜ୍ଜା। ଏଥର ୨୭ଟି ଏଲ୍ଇଡି ଗେଟ୍ ଲଗାଯାଇ ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରାଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଝାରପଡ଼ା ୱେଲଫେୟାର ଆସୋସିଏସନ୍‌ର ସଭାପତି ଗୋରାଚାନ୍ଦ ମଙ୍ଗରାଜ, ସମ୍ପାଦକ ଉମାକାନ୍ତ ଜେନା, କୋଷାଧ୍ୟକ୍ଷ କଲିମ ଉଦିନ ଖାନ୍, ଉପଦେଷ୍ଟା ରବୀନ୍ଦ୍ର କୁମାର ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ।

**ଆଶ୍ୱୀନ ମାସର ଆଗମନରେ କାଶତଣ୍ଡୀର ସୁଶୋଭିତ ମଳୟ ପବନରେ ଧରାପୃଷ୍ଠକୁ ଓହ୍ଲାଇ ଆସିବେ ଜଗତ୍‌ଜନନୀ ମା' ସିଂହବାହିନୀ। ହାତରେ ଖଡ୍‌ଗ ସାଙ୍ଗକୁ ତ୍ରିଶୂଳଧାରିଣୀ ମା' ମା' ଦୁର୍ଗା ପାପିକୁ ବିନାଶ କରିବାକୁ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ଏଥିପାଇଁ ମା'ଙ୍କୁ ଆବାହନ କରିବା ନିମନ୍ତେ ବିଭିନ୍ନ ପୂଜାମଣ୍ଡପରେ ପ୍ରସ୍ତୁତି ପର୍ବ ଜୋର ଧରିଛି। ରାଜଧାନୀର ପ୍ରତ୍ୟେକ ପୂଜା ମଣ୍ଡପରେ ଏବେ ସବୁ କାର୍ଯ୍ୟ ଜୋରଦାର ଚାଲୁ ରହିଛି। ଆଉ ଦିନ କେଇଟା ପରେ ସମସ୍ତ କାର୍ଯ୍ୟ ସମାପନ ହେବା ପରେ ଭକ୍ତଙ୍କୁ ଦର୍ଶନ ଦେବେ ମା' ଦୁର୍ଗତିନାଶିନୀ ସିଂହବାହିନୀ। ତେବେ ଚଳିତବର୍ଷ ଝାରପଡ଼ା ଦୁର୍ଗାପୂଜା ସମିତି ପକ୍ଷରୁ ପୂର୍ବସୁରିଙ୍କୁ ମନେ ପକାଇବା ପାଇଁ ବୌଦ୍ଧଗଡ଼ ତୋରଣ ହେବ ମୁଖ୍ୟ ଆକର୍ଷଣ। ଏହିଭଳି ସୁଶୋଭିତ ତୋରଣ ମଧ୍ୟରେ ମା' ମଧ୍ୟ ପୂଜା ପାଇବେ ବୋଲି ସମିତି ପକ୍ଷରୁ ସୂଚନା ମିଳିଛି।**




### ସେମାନଙ୍କ ମୁହଁରୁ...



ଝାରପଡ଼ା ଦୁର୍ଗାପୂଜା ସମିତି ସବୁବେଳେ ଭାଇଚାରାକୁ ଗୁରୁତ୍ୱ ଦେଇ ଆଗକୁ ବଢ଼ିଥାଏ। ଏଠାରେ ହିନ୍ଦୁ ଓ ମୁସଲମାନ ଭାଇଭାଇ ହୋଇ ସମସ୍ତ କାର୍ଯ୍ୟ ଶାନ୍ତିଶୃଙ୍ଖଳାରେ ସମାପନ କରିଥାନ୍ତି। ଚଳିତବର୍ଷ ଗ୍ରାମବାସୀଙ୍କ ଇଚ୍ଛା ମୁତାବକ ତୋରଣ ପ୍ରସ୍ତୁତ ହୋଇଛି। ଯେଉଁ ତୋରଣ ପୂର୍ବସୁରୀଙ୍କ ଗାଥାକୁ ମନେ ପକାଇବ। ତେଣୁ ଏହିଭଳି କାର୍ଯ୍ୟରେ ସମସ୍ତେ ଏକାଠି ହୋଇ ପୂଜାକାର୍ଯ୍ୟକୁ ସୂଚାରୁରୂପେ ପାଳନ କରିବାକୁ ସେ ସମସ୍ତଙ୍କୁ ନିବେଦନ କରିଛନ୍ତି।

*- ଜଗନ୍ନାଥ ପ୍ରଧାନ, ମୁଖ୍ୟ ଉପଦେଷ୍ଟା*



ପବିତ୍ର ଦଶହରା ଅବସରରେ ଝାରପଡ଼ା ଦୁର୍ଗାପୂଜା ସମିତି ପକ୍ଷରୁ ଷଷ୍ଠୀ ପୂଜା ଠାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଷଷ୍ଠୀ ଦିନ ସୁଧାକର ମିଶ୍ରଙ୍କ ଦ୍ୱାରା ଭଜନ ସନ୍ଧ୍ୟା, ସପ୍ତମୀରେ ଇରା ମହାନ୍ତି ନାଇଟ୍, ଅଷ୍ଟମୀରେ ସ୍ୱୟଂ ପାଢ଼ୀ, ନବମୀରେ ପ୍ରମିଳା ଜେନାଙ୍କ ଜଲୱା ଓ ବିଜୟା ଦଶମୀରେ ସଙ୍ଗୀତକାର ସତ୍ୟଜିତ ପ୍ରଧାନଙ୍କ ସୁମଧୁର କଣ୍ଠରୁ ସଙ୍ଗୀତ ପରିବେଷଣ କରାଯାଇ ଦର୍ଶକଙ୍କୁ ବିମୋହିତ କରାଯିବ।

*- ପ୍ରଭାତ କୁମାର ମାର୍ଥା, ସଭାପତି*



ପୂଜାକାର୍ଯ୍ୟକୁ ଶାନ୍ତି ଶୃଙ୍ଖଳାରେ ସମାପନ କରିବା ପାଇଁ ସମିତି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଚଳିତବର୍ଷ ଏଠାରେ ୭ଟି ପ୍ରବେଶ ଦ୍ୱାରର ବ୍ୟବସ୍ଥା କରାଯାଇଛି। ଭିଡ଼ ନିୟନ୍ତ୍ରଣ ଠାରୁ ଆରମ୍ଭ କରି ଟ୍ରାଫିକ ସମସ୍ୟା ଓ ଅନ୍ୟାନ୍ୟ ଦିଗ ଉପରେ ସମିତି ବିଶେଷ ଗୁରୁତ୍ୱ ଦେଇଛି। କମିଶନରେଟ୍ ପୋଲିସର ସହଯୋଗ ସହ ସମିତି ପକ୍ଷରୁ ୫୦୦ରୁ ଉର୍ଦ୍ଧ୍ୱ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯିବ। ଏଥିସହ ୫୦ଜଣ ମହିଳା ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଇ ପୂଜାକାର୍ଯ୍ୟକୁ ଶାନ୍ତିଶୃଙ୍ଖଳାରେ କରାଯିବାକୁ ତଦାରଖ ଗ୍ରହଣ କରାଯାଇଛି। ଏହା ବ୍ୟତୀତ ମଣ୍ଡପ ନିକଟରେ ଚାରୋଟି ପାର୍କିଂ ବ୍ୟବସ୍ଥା କରାଯାଇଛି।

*- ସୁରେଶ ଚନ୍ଦ୍ର ଜେନା, ସାଧାରଣ ସମ୍ପାଦକ*



ପୂଜା ମଣ୍ଡପ ପରିସରରେ ଶ୍ରଦ୍ଧାଳୁଙ୍କ ପାଇଁ ଏଥର ମିନାବଜାରର ବ୍ୟବସ୍ଥା ରହିଛି। ଏହି ମିନାବଜାରରେ ୨୦୦ଟି ଷ୍ଟଲ୍ ଖୋଲାଯିବ। ଏଥିରେ ଶ୍ରଦ୍ଧାଳୁଙ୍କୁ ଆମୋଦପ୍ରମୋଦ କରିବା ନିମନ୍ତେ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ମହଜୁଦ ରହିବ। ଏଥିସହ ଦୋଳିର ବ୍ୟବସ୍ଥା ମଧ୍ୟ କରାଯାଇଛି। ଛୋଟ ପିଲାମାନଙ୍କ ପାଇଁ ବିଭିନ୍ନ ଦୋଳିର ବ୍ୟବସ୍ଥା ମଧ୍ୟ କରାଯିବା ସହ ଏହି ମିନାବଜାରରେ ବିଭିନ୍ନ ଘରକରଣା ସାଜସଜ୍ଜା ଉପଲବ୍ଧ ହେବ।

*- କଲିମ ଉଦିନ ଖାନ୍, କୋଷାଧ୍ୟକ୍ଷ*

ODISHA
NEW OPPORTUNITIES



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# କଥା ଦେଇ କଥା ରଖିଲେ ଲୋକଙ୍କ ସରକାର
# ସୃଷ୍ଟି ହେଲା ନୂଆ ରୋଜଗାର

ନୂତନ ସରକାର ଗଠନ ପରେ ଓଡ଼ିଶାରେ ୫୮ଟି ପ୍ରକଳ୍ପ ମାଧ୍ୟମରେ ୧,୧୧,୮୯୯ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି

## ୨୭ଟି ନୂଆ ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**୫୧,୮୨୬ ରୁ ଅଧିକ ନିଯୁକ୍ତି ସୁଯୋଗ | ୨୫,୩୮୦ କୋଟି ଟଙ୍କା ର ପୁଞ୍ଜି ନିବେଶ**

**ମୁଖ୍ୟ ଅତିଥି**

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

**ଗରିମାମୟ ଉପସ୍ଥିତି**

**ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ**
ମନ୍ତ୍ରୀ, ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା

**ଭିତ୍ତିପ୍ରସ୍ତର ସ୍ଥାପନ**

ଏସ୍ଆରଏଫ୍ ଲିମିଟେଡ୍ | ଏପସିଲନ୍ କାର୍ବନ ଅଶୋକା ପ୍ରାଇଭେଟ୍ ଲିମିଟେଡ୍ | ଗ୍ରୀନପ୍ଲାଏ ଗ୍ରୁପ୍
ଶ୍ରୀ ବଜରଙ୍ଗ ପାୱାର ଆଣ୍ଡ ମେଟାଲିକ୍ସ ଲିମିଟେଡ୍ | ସୋଭା ସୋଲାର ଲିମିଟେଡ୍ | ଫେରୋ ଆଲଏଜ୍ କର୍ପୋରେସନ୍ ଲିମିଟେଡ୍
ମାସ୍ ଇଣ୍ଡିଆ କ୍ଲଥିଙ୍ଗ୍ ପ୍ରାଇଭେଟ୍ ଲିମିଟେଡ୍ | ଅଲ୍ଟ୍ରାଟେକ୍ ସିମେଣ୍ଟ ଲିମିଟେଡ୍ | ହିନ୍ଦୁସ୍ତାନ ଆକ୍ୱା ପ୍ରାଇଭେଟ୍ ଲିମିଟେଡ୍
ଏସ୍ଏନ୍ଏମ୍ ହୋଟେଲ୍ସ ଆଣ୍ଡ ରିସର୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ | ସୁମ୍ମାରିଅଲ୍ ମିଡ଼ିଆ ପ୍ରାଇଭେଟ୍ ଲିମିଟେଡ୍ | ସୁପ୍ରିମ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍
ଆଦିତ୍ତମ୍ ଭେଞ୍ଚର୍ସ ପ୍ରାଇଭେଟ୍ ଲିମିଟେଡ୍ | ଆଇଟିସି ଲିମିଟେଡ୍ | ହୋଟେଲ୍ ପାଲ୍ ରିଜେନ୍ସି ପ୍ରାଇଭେଟ୍ ଲିମିଟେଡ୍
ଏସ୍ଏପିଏଲ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍ (ୟୁନିଟ୍୨) | ତ୍ରିପଥଗା ଟେକ୍ସଟାଇଲ୍ସ | ବି କେ ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍
ଅମ୍ରିତାସ୍ ହେଲ୍ଥକେୟାର ପ୍ରାଇଭେଟ୍ ଲିମିଟେଡ୍ | କେଶବ ପ୍ଲାଷ୍ଟଟେକ୍ ପ୍ରାଇଭେଟ୍ ଲିମିଟେଡ୍
ମେଡ଼ିଏଡ୍ ମାର୍କେଟିଂ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ | ଟୋସୁନ୍ ସର୍ଭେଶ ରେଫ୍ରାକ୍ଟୋରୀଜ୍ ପ୍ରାଇଭେଟ୍ ଲିମିଟେଡ୍
ଜୟ ଭାରତ ସ୍ପାଇସେସ୍ ପ୍ରାଇଭେଟ୍ ଲିମିଟେଡ୍ | ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲୋଏଜ୍ ଲିମିଟେଡ୍
ମୋଗ୍ଲି ଲାବସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ | ଲିଣ୍ଡେ ଇଣ୍ଡିଆ ଲିମିଟେଡ୍

**୧୫ ସେପ୍ଟେମ୍ବର ୨୦୨୫ । ଦିବା ୧୦ଘଟିକା । କୃଷି ଶିକ୍ଷା ସଦନ, ଓୟୁଏଟି, ଭୁବନେଶ୍ୱର**

DSPL-258

OIPR 14005/13/0069/2526

**ଶିଳ୍ପ ବିଭାଗ, ଓଡ଼ିଶା ସରକାର**



"ଧନ, ଜନ, ଯୌବନରେ ତିଳେ ମାତ୍ର ଗର୍ବ କର ନାହିଁ। କାରଣ କାଳ ଏହାକୁ ହରଣ କରିନିଏ।"

-ଆଦି ଶଙ୍କରାଚାର୍ଯ୍ୟ



"ସମାନତା ଏକ କଳ୍ପନା ହୋଇପାରେ କିନ୍ତୁ ତଥାପି ତାକୁ ଏକ ଶାସକୀୟ ସିଦ୍ଧାନ୍ତ ରୂପେ ସ୍ୱୀକାର କରିବା ଉଚିତ୍।"

-ବି.ଆର୍. ଆମ୍ବେଦକର




## ଭାରତ-ପାକିସ୍ତାନ ମ୍ୟାଚ୍‌କୁ ନେଇ ବିବାଦ

# କେନ୍ଦ୍ର ସରକାର, ବିସିସିଆଇର ନିଷ୍ପତ୍ତିକୁ ନେଇ ଚର୍ଚ୍ଚା

ଦୁବାଇରେ ଏସିଆ କପରେ ଭାରତ-ପାକିସ୍ତାନ ମ୍ୟାଚ୍‌କୁ ନେଇ ବିବାଦ ଘନେଇବାରେ ଲାଗିଛି। ଦେଶର ବିଭିନ୍ନ ରାଜନୈତିକ ଦଳଙ୍କ ସମେତ ପହଲଗାମ୍ ଆତଙ୍କୀ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର ଏହାକୁ ତୀବ୍ର ବିରୋଧ କରିଛନ୍ତି। ମ୍ୟାଚ୍‌କୁ ବୟକଟ୍ କରିବା ପାଇଁ ଯୁବପିଢ଼ିଙ୍କ ସମେତ ଦେଶର ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ ଯେ, ଜାମ୍ମୁ-କାଶ୍ମୀରର ପହଲଗାମ୍ ଆତଙ୍କୀ ଆକ୍ରମଣରେ ୨୬ଜଣ ନିରୀହ ପର୍ଯ୍ୟଟକ ପ୍ରାଣ ହରାଇବା ପରେ ଭାରତୀୟ ସେନା ପକ୍ଷରୁ 'ଅପରେସନ୍ ସିନ୍ଦୁର' କରାଯାଇ ପାକିସ୍ତାନରେ ଥିବା ଆତଙ୍କୀ ଆସ୍ଥାନଗୁଡ଼ିକୁ ଧ୍ୱଂସ କରିଦିଆଯାଇଥିଲା। ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସମେତ ଦେଶର ରାଜନୈତିକ ଦଳମାନେ ସେନାର କାର୍ଯ୍ୟାନୁଷ୍ଠାନକୁ ଭୂରି ଭୂରି ପ୍ରଶଂସା କରିଥିଲେ। ଭାରତ ସରକାରଙ୍କ ପକ୍ଷରୁ ସିନ୍ଧୁ ନଦୀର ଜଳ ବନ୍ଦ କରାଯିବା ସହ ପାକିସ୍ତାନ ସହିତ ସମସ୍ତ ସମ୍ପର୍କ ଛିନ୍ନ କରାଯାଇଥିଲା। ତେଣୁ ଏସିଆ କପ୍‌ରେ ଭାରତ ପାକିସ୍ତାନ ସହ ମ୍ୟାଚ୍ ଖେଳିବ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖୋଦ୍ ପ୍ରଧାନମନ୍ତ୍ରୀ କହିଥିଲେ ରକ୍ତ ଓ ପାଣି କେବେ ବି ଏକାଠି ହୋଇପାରିବ ନାହିଁ। ଏ କ୍ଷେତ୍ରରେ ରକ୍ତ ଓ କ୍ରିକେଟ୍ କିପରି ଏକାଠି ହୋଇପାରିବ ବୋଲି ଦେଶର ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ଭାରତ ସରକାର ଓ ବିସିସିଆଇର ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲରୁ ତୀବ୍ର ନିନ୍ଦା କରାଯାଉଛି। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି ଯେ, ଯଦି ଭାରତ ଏହି ମ୍ୟାଚ୍ ନଖେଳେ ତେବେ ଆଇସିସି ଭାରତକୁ ବାସନ୍ଦ କରିବ। ଏହା ଆମ ପାଇଁ ଏକ ଅପମାନଜନକ ସ୍ଥିତି ସୃଷ୍ଟି କରିବାର ସମ୍ଭାବନା ରହିଛି। ଦେଶର ଲୋକେ କହୁଛନ୍ତି ଯେ, ପାକିସ୍ତାନ ସହ ଖେଳାଯିବା ଆଦୌ ଉଚିତ ନୁହେଁ। ଯେଉଁ ଦେଶ ଆତଙ୍କବାଦୀ ମାନଙ୍କୁ ପାଳିପୋଷି ଭାରତ ଉପରେ ଜଘନ୍ୟ ହିଂସା ସୃଷ୍ଟି କରିବା ପାଇଁ ପଠାଇ ପାରୁଛି ସେହି ଦେଶ ସହ ଆଦୌ ସମ୍ପର୍କ ରଖାଯିବା ଉଚିତ୍ ନୁହେଁ। ଏହି ମ୍ୟାଚ୍‌କୁ ବିରୋଧ କରି ଲୋକେ ଏବେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ବିଭିନ୍ନ ସ୍ଥାନରେ ହଜାର ହଜାର ଲୋକ ପ୍ଲା-କାର୍ଡ ଧରି ତୀବ୍ର ବିରୋଧ କରିଛନ୍ତି। ଏହି କ୍ଷେତ୍ରରେ ଭାରତ ସରକାର ଦେଶବାସୀଙ୍କ ନରମ ମନୋଭାବ ପୋଷଣ କରିବା ଆଦୌ ଉଚିତ୍ ନୁହେଁ। ବରଂ ପାକିସ୍ତାନକୁ ସବୁ କ୍ଷେତ୍ରରେ ବୟକଟ୍ କରାଯିବାର ଆବଶ୍ୟକତା ରହିଛି। ଏପରିକି ପହଲଗାମ୍ ଆକ୍ରମଣରେ ପ୍ରାଣ ହରାଇଥିବା ମୃତକଙ୍କ ପତ୍ନୀମାନେ ମଧ୍ୟ ଗଣମାଧ୍ୟମକୁ ବାର୍ତ୍ତା ଦେଇ ଏହାକୁ ବିରୋଧ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ତେଣୁ କେନ୍ଦ୍ର ସରକାର ଓ ବିସିସିଆଇର ଏହି ପଦକ୍ଷେପ କେତେଦୂର ଯଥାର୍ଥ ଦେଶର ଜନସାଧାରଣ ତାହାର ବିଚାର କରିବା ଉଚିତ୍।

# ବାସ୍ତବତାର କଷଟି ପଥରରେ ମଣିଷ ଓ ସୁନାର ସ୍ଥିତି



ଡ. ସତ୍ୟ ନାରାୟଣ ମିଶ୍ର
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର, ଏମ୍-୭୯, ମଧୁସୂଦନ ନଗର, ୟୁନିଟ-୪ ଭୁବନେଶ୍ୱର, ମୋ: ୯୯୩୭୩୪୫୯୦୦

ପ୍ରକୃତି କୋଳରେ ମଣିଷର ଯେତେବେଳେ ଜନ୍ମ ହୋଇଥାଏ ସେତେବେଳେ ପ୍ରକୃତି 'ମାଆ', ସନ୍ତାନର ଉନ୍ନତି କଳ୍ପେ ସମସ୍ତ ଧନ ସମ୍ପତ୍ତି ମଣିଷମାନଙ୍କ ନିମନ୍ତେ ଅଜାଡି ଦେଇଥାଏ। ପ୍ରକୃତି 'ମାଆ' କେବେ ମଣିଷ ନିକଟରୁ କିଛି ପାଇବାର ଆଶା କରିନଥାଏ। ସେ କେବଳ ଦେଇଥାଏ ଓ ଏତିକି ମାତ୍ର ଆଶା କରିଥାଏ ପ୍ରକୃତିର ସବୁଜକୁ ମଣିଷ ରକ୍ଷା କରି ଏହାର ଉପଯୁକ୍ତ ବ୍ୟବହାର ଓ ମୂଲ୍ୟାୟନ ତଥା ମୂଲ୍ୟାଙ୍କନ କରୁ। ପ୍ରକୃତି ମଣିଷକୁ ଜଳ, ସ୍ଥଳ, ଆକାଶ ଓ ଭୂତଳ ଆଦି ସବୁ କିଛି ବ୍ୟବହାର କରିବା ପାଇଁ ଦେଇଛି ଓ ସେଥି ମଧ୍ୟରୁ ଉକ୍ତ ଉପାଦାନ ଗୁଡ଼ିକୁ ବ୍ୟବହାର କରି ମଣିଷ ସୁଖ ଶାନ୍ତିରେ ଜୀବନ ନିର୍ବାହ କରିଥାଏ। ପ୍ରକୃତି ଯେତେଗୁଡ଼ିଏ ଉପାଦାନ ଦେଇଅଛି ତନ୍ମଧ୍ୟରୁ ଭୂତଳରେ ଥିବା ଧାତୁ ଗୁଡ଼ିକ ହେଉଛି ଅଧିକ ମୂଲ୍ୟବାନ ଯାହା ମଣିଷ ଉକ୍ତ ଧାତୁ ଗୁଡ଼ିକୁ ଉତ୍ତୋଳନ କରି ସେଥିରୁ ପର୍ଯ୍ୟାପ୍ତ ଅର୍ଥ ରୋଜଗାର କରିଥାଏ। କିନ୍ତୁ ଉକ୍ତ ଧାତୁ ଗୁଡ଼ିକ ମଣିଷ ତିଆରି କରି ନଥାଏ ବା ଏହା ମଣିଷର ଅର୍ଜିତ ସମ୍ପତ୍ତି ନୁହେଁ, ଏହା ପ୍ରକୃତି ଦ୍ୱାରା ମାଗଣାରେ ମଣିଷକୁ ଅର୍ପଣ କରାଯାଇଥାଏ, ମାତ୍ର ଏହାର ବିନିଯୋଗ ଓ ସୁ-ବିନିଯୋଗ ମଣିଷର ପ୍ରକୃତି ବା ବିବେକ ଉପରେ ନିର୍ଭର କରିଥାଏ। ଭୂଗର୍ଭରେ ଅନେକ ଗୁଡ଼ିଏ ଧାତୁମାନଙ୍କ ମଧ୍ୟରୁ ସୁନା ହେଉଛି ଏକ କଠିନ ଚମକପ୍ରଦ ତଥା ମୂଲ୍ୟବାନ ଧାତୁ ଯାହା ଅନ୍ୟ ସମସ୍ତ ଧାତୁମାନଙ୍କ ଠାରୁ ଭିନ୍ନ ଓ ଏହାର ଉପଯୋଗିତା ଓ ଉପାଦେୟତା ଅନ୍ୟ ଧାତୁମାନଙ୍କ ଠାରୁ ଭିନ୍ନ। ହିନ୍ଦୁ ଶାସ୍ତ୍ରରେ ମଣିଷର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସୁନାର ଆବଶ୍ୟକତା ଅନ୍ତ ବହୁତ ରହିଥାଏ। ସ୍ୱାସ୍ଥ୍ୟ ରକ୍ଷା ନିମିତ୍ତ ଔଷଧ ପ୍ରସ୍ତୁତି ନିମନ୍ତେ ସ୍ୱର୍ଣ୍ଣର ଆବଶ୍ୟକତା ହୋଇଥାଏ, ଜ୍ୟୋତିଷ ଶାସ୍ତ୍ରର ବିଧି ଅନୁଯାୟୀ ସୁନାକୁ ଶରୀରରେ ଧାରଣ କରି ଗ୍ରହ ମାନଙ୍କର ଅବସ୍ଥିତିରେ ନିଜର ସ୍ଥିତିର ପରିବର୍ତ୍ତନ ହୋଇଥାଏ ବୋଲି ଲୋକମାନଙ୍କର ବିଶ୍ୱାସ ଥାଏ, ଧର୍ମ କାର୍ଯ୍ୟରେ ସୁନା ଦାନ କରି ଅଭୀଷ୍ଟ ସିଦ୍ଧି ବା ରିଷ୍ଟ ଖଣ୍ଡନ କରି ଉଦ୍ଦେଶ୍ୟ ସାଧନ ହୋଇଥାଏ। ଏତଦ୍‌ଭିନ୍ନ ସୁନାକୁ ମୁଖ୍ୟତଃ ଅଳଙ୍କାର ନିମିତ୍ତ ବ୍ୟବହାର କରାଯାଇଥାଏ ଓ ପୂଜା ପଦ୍ଧତି ଆଦି ମାଙ୍ଗଳିକ କାର୍ଯ୍ୟରେ ମଧ୍ୟ ସୁନାର ଆବଶ୍ୟକତା ହୋଇଥାଏ। ଦେଶର ଅର୍ଥନୀତି କ୍ଷେତ୍ରରେ ସୁନା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ଓ ସୁନା ବିନିମୟ ମୁଦ୍ରାର ପ୍ରତୀକ ହୋଇ ଦେଶର ଅର୍ଥନୀତିକୁ ଦୃଢୀଭୂତ କରିଥାଏ। ତେବେ ଏସବୁ ପ୍ରକୃତିର ମାଗଣା ଦାନରେ ସମ୍ଭବ ହୋଇଥାଏ ଯାହା ମଣିଷ ହିଁ କେବଳ ଭୋଗ କରିଥାଏ।

ଖ୍ରୀଷ୍ଟପୂର୍ବ ୨୬୦୦ ବର୍ଷ ପୂର୍ବେ ମେସୋପଟାମିଆଁରେ ପ୍ରଥମେ ସୁନାର ସନ୍ଧାନ ମଣିଷ ଉପଲବ୍ଧ କରିଥିଲା ବୋଲି ଜଣାଯାଏ ଓ ଖ୍ରୀଷ୍ଟପୂର୍ବ ୭୦୦ବର୍ଷ ପୂର୍ବେ ସୁନାର ମୁଦ୍ରାକୁ ବିନିମୟର ମୁଦ୍ରା ରୂପେ ଗ୍ରହଣ କରାଯାଇଥିଲା। ସୁନା ହେଉଛି ଭୂତଳ ଧାତୁ ମଧ୍ୟରେ ଏକମାତ୍ର ଧାତୁ ଯାହାର ନିଜର ରଙ୍ଗ, ଆକର୍ଷଣ ଓ ସ୍ୱଚ୍ଛତାରେ ନିଜେ ବିକଶିତ ହୋଇଥାଏ। ଅନ୍ୟ ଧାତୁ ମାନଙ୍କର ପୂର୍ବ ରୂପାନ୍ତର ଥିବାବେଳେ ସୁନାର ପୂର୍ବ ରୁପାନ୍ତର କିଛି ନଥାଏ। ଏହା ସଦା ସର୍ବଦା ନିଜର ଗୁଣରେ ବିକଶିତ। ପ୍ରାଚୀନ କାଳରେ ଭାରତ, ଚୀନ, ଇଜିପ୍ଟ ଆଦି ଦେଶମାନଙ୍କରେ ବନ୍ଦୀ ଥିବା କଏଦୀ ମାନଙ୍କୁ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ସୁନା ଖଣି ଖୋଜିବା ଓ ସୁନା ଖଣିରେ କାମ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉଥିଲା, କାରଣ ଉକ୍ତ ସମୟରେ ସୁନାର ମୂଲ୍ୟ କିଛି ନଥିଲା ଓ ଉକ୍ତ ଧାତୁର ଗୁରୁତ୍ୱ କିଛି ନଥିଲା। କ୍ରୀତଦାସ ଓ ଅପରାଧୀମାନେ ସୁନା ଖଣି ମାନଙ୍କରେ ଦଣ୍ଡ ସ୍ୱରୂପ କାମ କରୁଥିଲେ। କ୍ରମେ ଏହାର ଆବଶ୍ୟକତା, ସଭ୍ୟତାର ଅଗ୍ରଗତି ସଙ୍ଗେ ସଙ୍ଗେ ଏହା ବିନିମୟ ମୁଦ୍ରାର ଏକ ଅଙ୍ଗ ହିସାବରେ ପ୍ରଚଳିତ ହେଲା ଓ ଅଳଙ୍କାରର ଭୂମିକା ନିର୍ବାହ କଲା। ଗ୍ରୀସରେ ସୁନାକୁ ମୁଦ୍ରା ହିସାବରେ ବ୍ୟବହାର କରାଯାଉଥିଲା ଯାହା ପ୍ଲାଟୋ ଓ ଆରିଷ୍ଟୋଟଲ ସୁନା ସମ୍ବନ୍ଧରେ ଅନେକ ତଥ୍ୟ ଉପସ୍ଥାପନ କରିଛନ୍ତି। ଭାରତରେ ଖ୍ରୀଷ୍ଟପୂର୍ବ ୧୦୦ ବର୍ଷ ପୂର୍ବେ ସୁନା ପ୍ରଥମେ ଦୃଶ୍ୟାମାନ ହୋଇଥିଲା ଓ ଏହାର ବ୍ୟବହାର ବିଭିନ୍ନ ପଦ୍ଧତିରେ ବିଭିନ୍ନ ପରିପ୍ରେକ୍ଷୀରେ ହୋଇଥିଲା ବୋଲି ଅନୁମାନ କରାଯାଏ।

ସୁନା ସହ ପାଣିର ସମ୍ପର୍କ ଅତି ଘନିଷ୍ଟ ଓ ନିବିଡ। ସେଥିପାଇଁ ପାଣି ସ୍ଥାନ ନିକଟବର୍ତ୍ତୀ ସ୍ଥାନମାନଙ୍କରେ ସୁନା ଅଧିକ ଗଚ୍ଛିତ ଥାଏ ଓ ସୁନା ଅଧିକ ଉପଲବ୍ଧ ହୋଇଥାଏ। ପୌରାଣିକ ଦୃଷ୍ଟି କୋଣରୁ ବିଶ୍ୱାସ କରାଯାଏ ଯେ, ସୂର୍ଯ୍ୟ କିରଣ ଓ ପାଣିର ସମ୍ପର୍କରେ ସୁନାର ଉତ୍ପତ୍ତି ହୋଇଥାଏ ଓ ସୁନା ହେଉଛି ସୂର୍ଯ୍ୟଙ୍କର ସ୍ୱେଦ ଓ ରୂପା ହେଉଛି ଚନ୍ଦ୍ରଙ୍କ ଚକ୍ଷୁର ଲୋତକ। ପୌରାଣିକ ଦୃଷ୍ଟିକୋଣର ପରୀକ୍ଷାମୂଳକ ସିଦ୍ଧାନ୍ତ ନ ହୋଇ ପାରିଲେ ମଧ୍ୟ ସୁନା ଓ ପାଣିର ସମ୍ପର୍କ ଅତି ନିବିଡ ବୋଲି ପରୀକ୍ଷାଗାରରେ ସିଦ୍ଧାନ୍ତ। ତେଣୁ ବିଶ୍ୱାସ କରାଯାଏ ଯେ ସୂର୍ଯ୍ୟ ଦେବତାଙ୍କର ପ୍ରତୀକ ହେଉଛି ସୁନା, ଯାହାକୁ ପୁରାଣ ଶାସ୍ତ୍ରରେ ହିରଣ୍ୟଗର୍ଭ ବୋଲି କୁହାଯାଏ। ଅନ୍ୟପକ୍ଷରେ ସୁନାରେ ପ୍ରକୃତିର ମାଗଣା ଉପହାର ନିହିତ ଥାଏ ଓ ଏହା ସର୍ବକାଳରେ ସ୍ୱୀକାର୍ଯ୍ୟ ତେଣୁ ଏହା ବର୍ତ୍ତମାନ, ଭୂତ ଓ ଭବିଷ୍ୟତ ସହ ଜଡିତ। ପୂର୍ବେ ରାଜାମାନେ ସୁନା ଦାନ କରି ନିଜର ଅଭୀଷ୍ଟ ସିଦ୍ଧି କରୁଥିଲେ ଓ ଏଥିପାଇଁ ସ୍ୱର୍ଣ୍ଣ ଭଣ୍ଡାର ମଧ୍ୟ ପ୍ରସ୍ତୁତ କରୁଥିଲେ। ବର୍ତ୍ତମାନ ପୃଥିବୀରେ ପ୍ରମୁଖ ଦଶଟି ଦେଶ ନିକଟରେ ଗଚ୍ଛିତ ଥିବା ସୁନାର ପରିମାଣକୁ ଦୃଷ୍ଟିଗୋଚର କଲେ ବର୍ତ୍ତମାନ ଯୁଗରେ ସୁନାର ଆବଶ୍ୟକତାକୁ ବେଶ ଅନୁମାନ କରିହୋଇଥାଏ। ଉକ୍ତ କ୍ରମରେ ଇଟାଲୀ ନିକଟରେ ସର୍ବାଗ୍ରେ ୨,୪୫୧.୮ ଟନ୍ ସୁନା ଥିବାବେଳେ ନେଦରଲ୍ୟାଣ୍ଡ ନିକଟରେ ୬୧୨.୫ ଟନ ସୁନା ରହିଅଛି। ସେହିପରି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ମାଧ୍ୟମରେ ଭାରତ ନିକଟରେ ୮୭୯ରୁ ୮୮୦ ଟନ ସୁନା ମହଜୁଦ ରହିଅଛି ଯାହା ହେଉଛି ପ୍ରକୃତିର ଦାନ। ଏପ୍ରିଲ୍ ୨୦୨୫ ସୁଦ୍ଧା ସୁନା ଭଣ୍ଡାର ଦ୍ୱାରା ଭାରତ ସପ୍ତମ ବୃହତ୍ତମ ଦେଶ ହୋଇପାରିଛି। ଏହି ପରିମାଣ ଦେଶର ବୈଦେଶିକ ମୁଦ୍ରା ସଂରକ୍ଷଣର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ଅଟେ, ଯାହା ଏହାର ଆର୍ଥିକ ରଣନୀତିର ଏକ ପ୍ରମୁଖ ଅଂଶ ଓ ମୁଦ୍ରା ପରିବର୍ତ୍ତନ ବିରୁଦ୍ଧରେ ଏକ ବଳିଷ୍ଠ ଭଣ୍ଡାର ଭାବରେ କାର୍ଯ୍ୟ କରିଥାଏ। ଭାରତକୁ ବାହ୍ୟ ଆକ୍ରମଣ ତଥା ମୋଗଲ ଶାସନର ଉଦ୍ଦେଶ୍ୟ ଥିଲା ଭାରତରେ ଗଚ୍ଛିତ ଥିବା ସୁନାର ଲୋଭ ଓ ଏହାର ଅଧିକାର ସାବ୍ୟସ୍ତ। ବାବରଙ୍କର 'ବାବର ପତ୍ରିକା' ସୂଚନା ଦେଇଥାଏ ଯେ ଭାରତକୁ ମୋଗଲ ଆକ୍ରମଣ କେବଳ ଭାରତରେ ଗଚ୍ଛିତ ଥିବା ସୁନା ପାଇଁ ହିଁ ହୋଇଥିଲା। ପ୍ରକୃତିର ମାଗଣା ଧାତୁ ଉପରେ ମଣିଷର ଆଧିପତ୍ୟ ସୂଚନା ଦେଇଥାଏ ଯେ ମଣିଷ କେତେ ତଳ ସ୍ତରକୁ ଯାଇ ନିଜର ସ୍ଥିତିକୁ ହୃଦୟଙ୍ଗମ ନକରି ପାରି ଲୁଣ୍ଠନରେ ବ୍ୟସ୍ତ ଥାଏ। ସୁନା ପ୍ରକୃତିର ସ୍ୱୟଂ ଇଚ୍ଛାରେ ଗଚ୍ଛିତ ଥାଇ ନିଜର ସ୍ୱଚ୍ଛତା ଓ ଅକ୍ଷୟ କୀର୍ତ୍ତିକୁ ବଳବତ୍ତର କରିଥାଏ ଯାହା ସ୍ୱାର୍ଥନ୍ୱେଷୀ ମଣିଷ ବୁଝିପାରେ ନାହିଁ। ସେଥିପାଇଁ କୁହାଯାଏ – 'ଯଥା ଚତୁର୍ଭିଃ କନକଂ ପରିକ୍ଷତେ ନିଘର୍ଷଣଛେଦନତାପତାଗ୍ନେ। ତଥା ଚତୁର୍ଭିଃ ପୁରୁଷ ପରିକ୍ଷତେ ଶୃତେନ, ଶିଳେନ, ଗୁଣେନ କର୍ମାଣୀ'? ସୁନାକୁ ଚାରୋଟି ମାଧ୍ୟମରେ ପରୀକ୍ଷା କରାଯାଏ – ଘର୍ଷଣ, ଛେଦନ, ଦହନ ଓ ଶବ୍ଦ ଘ୍ରାଣ ବା ସୁନାକୁ ଅନ୍ୟଧାତୁ ଦ୍ୱାରା ଆଘାତ କରି ଅନୁମାନ କରାଯାଏ ଓ ପରୀକ୍ଷିତ କରାଯାଏ ତାହାର ସ୍ଥିତିର ପରିଚୟ। ଠିକ୍ ସେହିପରି ମଣିଷର ମାନବିକ ମୂଲ୍ୟବୋଧକୁ ମଧ୍ୟ ଚାରୋଟି ସ୍ତରରେ ମପା ଯାଇପାରେ ତାହା ହେଲା ତ୍ୟାଗ, ଚରିତ୍ର, ଗୁଣ ଓ କର୍ମ। ସୁନାର ଜ୍ୟୋତି ବା ଚମକ କେବଳ ଚକ୍ଷୁକୁ ଆକର୍ଷିତ କରିଥାଏ, ମାତ୍ର ମଣିଷର ଚାରୋଟି ଗୁଣ ସଂପୂର୍ଣ୍ଣ ମଣିଷ ସମାଜକୁ ଚମକ କରିଥାଏ। ବର୍ତ୍ତମାନର ସଭ୍ୟ ସମାଜ କୌଣସି ମଣିଷର ତେଜ ବା ଗୁଣ ପରିବର୍ତ୍ତେ ବାହ୍ୟ ଶରୀରର ଆକୃତି, ପୋଷାକରୁ ମାନ୍ୟତା ପାଉଛି। ଅନ୍ତର୍ନିହିତ ଶକ୍ତିର ମାନ୍ୟତା ନାହିଁ। ପୋଷାକ, ଗାଡି, ଘର, ଅଳଙ୍କାର ଆଦି ଭୂଷଣ ଆଭୁଷଣ ଦ୍ୱାରା ମଣିଷ ବର୍ତ୍ତମାନ ଏକ ପ୍ରହେଳିକା ମଧ୍ୟରେ ଭାସମାନ। ପ୍ରକୃତିର ମାଗଣା ଦାନରେ ବଞ୍ଚିଥିବା ମଣିଷ ଗର୍ବ ଅହଂକାରରେ ଉତଫୁଲ୍ଲ ହୋଇ ସେହି ମଣିଷ ଜାତିର ଧ୍ୱଂସ ପାଇଁ ତତ୍ପର। ତମ୍ବା ଓ ସୁନା ଉଭୟେ ଚମକ ପ୍ରଦ କରିଥାନ୍ତି ମାତ୍ର ସୁନାର ଚମକ କେବଳ ଗୁଣଗ୍ରାହୀ ବିବେକବାନ ମଣିଷ ହିଁ କରିପାରିଥାଏ। କଳି ଯୁଗରର ପ୍ରଥମ ପ୍ରବେଶ ସୁନାରୁ ହିଁ ଆରମ୍ଭ ହୋଇଥିଲା ବୋଲି ପୌରାଣିକ କଥାବସ୍ତୁରୁ ଜଣାଯାଏ।

ସ୍ୱାର୍ଥାନ୍ୱେଷୀ ମଣିଷ ବର୍ତ୍ତମାନ ସ୍ୱାର୍ଥ ପାଇଁ ଏତେ ବ୍ୟସ୍ତ ଯେ ନିଜର ସ୍ଥିତି ଉପସ୍ଥିତିକୁ ମଧ୍ୟ ମୂଲ୍ୟାଙ୍କନ କରିବା ପାଇଁ ନିଜେ ଅସମର୍ଥ। କାରଣ ମାୟାଜାଲରେ ମଣିଷ କେବଳ ସ୍ୱଳ୍ପ ପରିଶ୍ରମରେ ଅଧିକ ପାଇବା ଉପଲବ୍ଧିକୁ ଶ୍ରେୟଃ ମନେକରୁଛି ଓ ମାଗଣାରେ ଉପଲବ୍ଧ ବସ୍ତୁ ପ୍ରତି ଅଧିକ ଆବର୍ଷଣ ନିହିତ ଥାଏ। କୁହାଯାଏ ଅର୍ଥ ହେଉଛି ଅନର୍ଥର ମୂଳ କାରଣ। ତେଣୁ ବର୍ତ୍ତମାନର ଆଭିଜାତ୍ୟ ପ୍ରତିଯୋଗିତାରେ ଧାବମାନ ମଣିଷ କିଏ କେତେ ସୁନା ଗଚ୍ଛିତ କରି ପାରୁଛି ସେଥିପ୍ରତି ପ୍ରବଳ ପ୍ରତିଯୋଗୀତା ହୋଇଥାଏ। ସାମାଜିକ, ଭୌଗଳିକ, ପରିବେଶ, ଧାର୍ମିକ ତଥା ଆର୍ଥିକ ସ୍ଥିତିକୁ ତୁଳନାତ୍ମକ ଭାବେ ବିଶ୍ଳେଷଣ କଲେ ଜଣାଯାଏ ଯେ ଯେଉଁ ବ୍ୟକ୍ତି ସମୂହ ରିକ୍ସା ଚାଳକ, ଅଟୋଚାଳକ, ପରିବା ବିକ୍ରେତା, ଆବଶ୍ୟକୀୟ ଖାଦ୍ୟ ବିକ୍ରେତା ଆଦି ଛୋଟ ଛୋଟ ବିକ୍ରେତା ଯେଉଁମାନେ ପରିବାର ପୋଷଣ ନିମିତ୍ତ ସ୍ୱଳ୍ପ ପୁଞ୍ଜିରେ ବ୍ୟବସାୟ କରିଥାନ୍ତି ସେମାନଙ୍କ ନିକଟରୁ ଉକ୍ତ ଆଭିଜାତ୍ୟ ପ୍ରତିଯୋଗୀମାନେ ସେମାନଙ୍କର ଦ୍ରବ୍ୟର ପ୍ରାପ୍ୟ ମୂଲ୍ୟ ଠାରୁ କମ୍ ଦେବା ପାଇଁ ଝଗଡା ବା ଅନୁନୟ ବିନୟ କରିଥାନ୍ତି। ମାତ୍ର ସେହି ଆଭିଜାତ୍ୟ ପ୍ରତିଯୋଗୀ ବ୍ୟକ୍ତି ମାନେ ଯେତେବେଳେ ସୁନା କ୍ରୟ ପାଇଁ ଯାଇଥାନ୍ତି, ସେତେବେଳେ ଶୀତତାପ ନିୟନ୍ତ୍ରିତ ସୁରମ୍ୟ ଅଟ୍ଟାଳିକା ଭିତରେ ସୁନାର ନିର୍ଦ୍ଧାରିତ ମୂଲ୍ୟ ଠାରୁ ଅଧିକ ମୂଲ୍ୟ ସହ ଅନ୍ୟାନ୍ୟ ଟିକସ ପ୍ରଦାନ କରି ନିଜର ଆଭିମୁଖ୍ୟକୁ ସମର୍ପଣ କରିଥାନ୍ତି ଓ ମାଗଣା ଆକର୍ଷଣୀୟ ପ୍ରଲୋଭନ ଦ୍ୱାରା ବିମୋହିତ ହୋଇଥାନ୍ତି। ଟଙ୍କାଏ, ଦୁଇଟଙ୍କା ବା ପାଞ୍ଚ ଟଙ୍କା ଲାଭ ଅନ୍ୱେଷଣରେ ଥିବା ଛୋଟ ଛୋଟ ବିକ୍ରେତା ମାନେ ଜୀବନ ସଂଗ୍ରାମ ସହ ଜଡିତ ତଥା ତାହା ଲହୁଲୁହର ସମଷ୍ଟିରେ ଉତ୍ପତ୍ତି ହୋଇଥିବା ବେଳେ ମାଗଣାରେ ପ୍ରକୃତିର ଉପଲବ୍ଧ ସୁନା ପାଇଁ ମଣିଷ ଯାହାର ଆବଶ୍ୟକତା କେବଳ ଭୂଷଣ ବା ଅଭିଜାତ୍ୟରେ ସୀମିତ ଥାଏ, ସେଥିପ୍ରତି ଆହେତୁକ ଆଗ୍ରହ କରିଥାନ୍ତି। ସ୍ୱୀକୃତିପ୍ରାପ୍ତ ପ୍ରଗତିଶୀଳ ପରିବର୍ତ୍ତନକୁ ସ୍ୱାଗତ କରିବା ଆବଶ୍ୟକ। ମଣିଷ ଘର, ଗାଡି, ବନ୍ଧୁ, ଚାକିରି, ଏପରିକି ସ୍ୱାମୀ ବା ସ୍ତ୍ରୀକୁ ପରିବର୍ତ୍ତନ କରିବା ପାଇଁ ଇଚ୍ଛୁକ, ମାତ୍ର ନିଜକୁ ପରିବର୍ତ୍ତନ କରିବାକୁ ଅନିଚ୍ଛୁକ। ମଣିଷ ନିଜର ପରିବେଶ ତଥା ପରିସ୍ଥିତିକୁ ଦୋଷ ଦେଇ ନିଜକୁ ନିର୍ଦ୍ଦୋଷ ବିବେଚନା କରି ପ୍ରକୃତିକୁ ପରିବର୍ତ୍ତନ କରିବା ପାଇଁ ବ୍ୟସ୍ତ ଥିବାବେଳେ ଈଶ୍ୱର ମଣିଷର ପ୍ରକୃତି ତଥା ସ୍ୱଭାବକୁ ପରିବର୍ତ୍ତନ କରିବା ପାଇଁ ଅନବରତ ପ୍ରୟାସ କରିଥାନ୍ତି। ଅତଏବ ମଣିଷ ମାଗଣା ପ୍ରଲୋଭନ ଦ୍ୱାରା ପ୍ରଭାବିତ ନ ହୋଇ ସୁନାକୁ ପରୀକ୍ଷା କରିବା ପାଇଁ ଯେପରି ଅନେକ ଗୁଡ଼ିଏ ମାଧ୍ୟମ ଓ ସତର୍କତାକୁ ମଣିଷ ଅନୁଗମନ କରିଥାଏ, ସେହିପରି ବାସ୍ତବତାର କଷଟି ପଥରରେ ମଣିଷ ମଣିଷକୁ ଚିହ୍ନି ପାରୁ, ବିଭେଦ ସୃଷ୍ଟି ନକରି ଆଦର୍ଶ ସୃଷ୍ଟି କରୁ ଏହା ହିଁ ସୁନା ଅଳଙ୍କାର।

# ଅହିଂସା ଜୀବନ ଧର୍ମଃ (୨)



ଡକ୍ଟର ସିପ୍ରା ମଲ୍ଲିକ
ପ୍ରାକ୍ତନ ବିଧାୟିକା, କେନ୍ଦ୍ରାପଡ଼ା
ମୋ: ୯୯୩୭୭୭୪୨୨୧

ପ୍ରଗାଢ ପ୍ରେମ, ଅହିଂସା ଓ ଆସ୍ଥାର ଆଉ ଏକ ବିଶେଷ ଘଟଣା 'ଚମ୍ବଲ'ର ଦସ୍ୟୁମାନଙ୍କର ଆତ୍ମସମର୍ପଣ। ୧୯୭୧ରେ ଜୟପ୍ରକାଶ ନାରାୟଣଙ୍କ ଆହ୍ୱାନରେ କି ମୋହିନୀ ଶକ୍ତି ଥିଲା ଯାହା ଦସ୍ୟୁମାନଙ୍କ ହୃଦୟ ପରିବର୍ତ୍ତନ କରିପାରିଥିଲା। ମହିଳା ପ୍ରତିନିଧି ଭାବେ ଓଡିଶାର ଅନ୍ନପୂର୍ଣ୍ଣା ମହାରଣା ଓ ବୈଦେହୀ ପଣ୍ଡା ସ୍ୱାଧୀନତା ସଂଗ୍ରାମୀମାନେ ଏହି ଅଭିଯାନରେ ସାମିଲ ଥିଲେ, ଅହିଂସାର କି ଶକ୍ତି ଯାହା ଦସ୍ୟୁ ହୃଦୟର ରୂପାନ୍ତରଣ କରିପାରେ।

୨୦୧୯ରେ ମହାତ୍ମା ଗାନ୍ଧୀଙ୍କର ୧୫୦ତମ ଜୟନ୍ତୀ ପାଳନ ଅବସରରେ ଜାତୀୟ ସମିତି ବୈଠକରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଠାଇଲେ ଅହିଂସା ପ୍ରସଙ୍ଗ। "ଅହିଂସା" ଶବ୍ଦକୁ ସମ୍ବିଧାନର ମୁଖବନ୍ଧରେ ସ୍ଥାନୀତ କରିବା ପାଇଁ ଅକାଟ୍ୟ ଯୁକ୍ତି ଉପସ୍ଥାପନା କରିଥିଲେ। ଦାରିଦ୍ର୍ୟ ଓ ସାମାଜିକ ଅନ୍ୟାୟ (Social injustice) ହିଁ ସବୁଠାରୁ ବଡ ହିଂସା। ଯେ ପର୍ଯ୍ୟନ୍ତ ଦେଶରେ ଦାରିଦ୍ର୍ୟ ରହିଛି ସ୍ୱାଧୀନତାର କୌଣସି ମୂଲ୍ୟ ନାହିଁ। ତେଣୁ ଦାରିଦ୍ର୍ୟ ଦୂରୀକରଣ ତଥା ସାମାଜିକ ନ୍ୟାୟ ପ୍ରଦାନ ସରକାରଙ୍କର ଗୁରୁଦାୟିତ୍ୱ। ଏହା ଅହିଂସା ବିନା ସମ୍ଭବ ନୁହେଁ। ବିକାଶ ନିମନ୍ତେ ଶନ୍ତି ଓ ଅହିଂସା ଏକାନ୍ତ ଆବଶ୍ୟକ। ଯେଉଁମାନେ ସମାଜକୁ ଜାତି, ଧର୍ମ, ଶ୍ରେଣୀ ନାମରେ ବିଭାଜିତ କରୁଛନ୍ତି ସେମାନଙ୍କୁ ପରାସ୍ତ କରିବାକୁ ହେବ। ସମ୍ବିଧାନର ମୁଖବନ୍ଧରେ ଅହିଂସା ଶବ୍ଦ ସ୍ଥାନିତ କରାଗଲେ ତାହା ହିଁ ହେବ ଗାନ୍ଧିଜୀଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଜାତୀୟ ସଂହତି, ପାରସ୍ପରିକ ବିଦ୍ୱେଷ, ତଥା ଜାତି ଓ ଧର୍ମକୁ ନେଇ ରାଜନୀତି ଏବଂ ରାଜନୈତିକ ଅସହିଷ୍ଣୁତା, ସାଂପ୍ରତିକ ରାଜନୈତିକ ପରିବେଶକୁ କଳୁଷିତ କରୁଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଏପରି ମନ୍ତବ୍ୟ ଶାନ୍ତି ଓ ସଦ୍ଭାବନା କ୍ଷେତ୍ରରେ ଓଡ଼ିଶାର ଚିତ୍ରକୁ ଅଧିକ ବଳିଷ୍ଠ ତଥା ଉଦ୍ଦୀପ୍ତ କରୁଛି। ଦେଶର ସମ୍ବିଧାନରେ ଅହିଂସା ଶବ୍ଦ ହିଁ ଆମର ମୂଳ ସ୍ୱରୂପକୁ ଜାତିସଂଘ ମଧ୍ୟ ପ୍ରକାଶିତ କରିବ। ସମଗ୍ର ବିଶ୍ୱ ପାଇଁ ଅହିଂସା ଅପରିହାର୍ଯ୍ୟ ଜାଣି ଅକ୍ଟୋବର ୯ ତାରିଖକୁ "ଆର୍ନ୍ତଜାତୀୟ ଅହିଂସା ଦିବସ ଭାବେ ଜାତିସଂଘ ଘୋଷଣା କରିଛି।

ଆଜି ବିଶ୍ୱ ସମ୍ମୁଖରେ ବହୁତ ବଡ ପ୍ରଶ୍ନ ଏ ମନୁଷ୍ୟ ସମାଜ ତିଷ୍ଠି ରହିପାରିବ କି ନାହିଁ। ଯେଉଁପରି ଭାବେ ହିଂସା, ଯୁଦ୍ଧର ଘନଘଟା, ନୃଶଂସତା ବିଶ୍ୱକୁ କବଳିତ କରିଛି, ପ୍ରତିଦିନ ହଜାର ହଜାର ନିରୀହ ଶିଶୁ, ମହିଳା, ଜନତା ହିଂସାର ଶିକାର ହେଉଛନ୍ତି। ତାହା ୟୁକ୍ରେନ୍ ହେଉ ବା ଗାଜାଷ୍ଟ୍ରିପ୍ ହେଉ ନାଇଜିରିଆ ହେଉ ବା ଲେବାନନ୍। ରାଜନୀତି ପାଇଁ ଆଚରିତ ହେଉଥିବା ହିଂସାର ଅଗ୍ନିରେ ଜଳୁଛି ସମଗ୍ର ବିଶ୍ୱ। ମାନବ ଜାତି, ମନୁଷ୍ୟ ଜୀବନ ହିଁ ବିପଦଗ୍ରସ୍ତ।

ସମଗ୍ର ମାନବ ଜାତିର ଭବିଷ୍ୟତପାଇଁ ସାଂପ୍ରତିକ ବିଶ୍ୱ ଏକ ଅହିଂସା ଆଧାରିତ ସମାଧାନ ଆବଶ୍ୟକ କରେ। ୟୁକ୍ରେନ୍‌ରେ ଅମାନବୀୟତା, ନୃଶଂସତା, ରକ୍ତପାତ ତଥା Pshychological Trauma ପାଇଁ ତୁରନ୍ତ ସମାଧାନ ଅଂହିସା ହିଁ ଦେଇପାରିବ। ପୃଥିବୀର ସୁରକ୍ଷା ପାଇଁ ମଣିଷ ସମାଜର ସ୍ଥିତି ରକ୍ଷା ପାଇଁ "ଅହିଂସା ହିଁ ଏକ ମାତ୍ର ମାର୍ଗ"। "ନାନ୍ୟଃ ପନ୍ଥା ବିଦ୍ୟତେ ଅୟନାୟ।"


ସମଗ୍ର ମାନବ ଜାତି ଏକ "ଦ୍ୱିଧା"ରେ, ଦୋଛକିରେ ଦଣ୍ଡାୟମାନ। ଫେରିବାର ବାଟ ନାହିଁ। ବିନାଶର ଦ୍ୱାର ଦେଶରେ ଉପନୀତ। କେବଳ ଜାତି-ଜାତି, ଧର୍ମ-ଧର୍ମ, ପ୍ରାନ୍ତ-ପ୍ରାନ୍ତକୁ ନେଇ ବିଦ୍ୱେଷ ନାଁ ପ୍ରକୃତି, ପରିବେଶ, ପ୍ରାଣୀ ଜଗତ, ପଞ୍ଚଭୂତ ସମସ୍ତେ ଆଜି ମଣିଷର ହିଂସା, ବିନାଶକ ଆଚରଣରେ ଅନ୍ତର୍ଭୁକ୍ତ। ବିକାଶ ନାମରେ ବିନାଶର ମାର୍ଗର ପଥିକ ଏ ବିଶ୍ୱ। ପାହାଡ, ପର୍ବତ, ନଦୀ, ଝରଣା, ଅରଣ୍ୟ, ସମୁଦ୍ର କେହି ମଧ୍ୟ ପ୍ରଦୂଷଣ ତଥା ମଣିଷର ହିଂସାତ୍ମକ ଆଚରଣର ବାହାରେ ନାହାନ୍ତି। ରାସ୍ତା ପ୍ରଶସ୍ତପାଇଁ ହିମାଳୟର ବୁକୁ ଚିରି 'ଟନେଲ୍' ରାସ୍ତା ନିର୍ମିତ ହେଉଛି। ଖଣି ଖନନ ହେତୁ ପୃଥିବୀ ଶୂନ୍ୟଗର୍ଭା ଅରଣ୍ୟ ବୃକ୍ଷ ଶୂନ୍ୟ। ନଦୀ ଜଳ ପ୍ରଦୂଷିତ (climate change)ଜଳବାୟୁ ପରିବର୍ତ୍ତନ ଆମକୁ ଧ୍ୱସ ଆଡକୁ ନେଉଛି। ପ୍ରକୃତି ଓ ପରିବେଶ ଯାହା ଏ ସୃଷ୍ଟିର ଆଧାର ସ୍ୱରୂପ। ସେ ମଧ୍ୟ 'ସୁରକ୍ଷା'ର ଅପେକ୍ଷା ରଖେ। 'ଅହିଂସା' କେବଳ ଏକ ଆଧାତ୍ମିକ , ଧାର୍ମିକ ବା ଦାର୍ଶନୀକ ସିଦ୍ଧାନ୍ତ ନୁହେଁ, ଏହା ଏକ ସାମଜିକ ତଥା ପ୍ରାକୃତିକ ସିଦ୍ଧାନ୍ତ ମଧ୍ୟ। ଯେଉଁ ପଞ୍ଚତତ୍ତ୍ୱର ସନ୍ତୁଳନ ହେତୁ ସୃଷ୍ଟି ସମ୍ଭବ ସେଇ ଆକାଶ, ଅଗ୍ନି, ବାୟୁ, ଜଳ, ପୃଥିବୀ ପ୍ରତି ଅହିଂସା ଆଚରଣ ଏକାନ୍ତ ଜରୁରୀ। ଆମର ପ୍ରାକୃତିକ ସମ୍ପଦ ଯଥା- ସୌର ଶକ୍ତି, ପବନ ଶକ୍ତି, ଜଳବିଦ୍ୟୁତ ଶକ୍ତି, ନଦୀନଦ, ଜଳଉତ୍ସ, ଅରଣ୍ୟ ସମ୍ପଦ, ଖଣିଜ ସମ୍ପଦ ଆଦି ପାଇଁ ଆମର ଚିନ୍ତନ ଶୈଳୀରେ ପରିବର୍ତ୍ତନ ଆଣିବା ଜରୁରି। ବିକାଶର ମୂଳ ଆଧାର 'ନିରନ୍ତର ବିକାଶ' ହେବା ଉଚିତ୍।

Rio-De-Janeiro Earth summit 1992 3rd ଜୁନ୍ ୧୪ 1992ରେ ନିରନ୍ତର ବିକାଶର ମୁଖ୍ୟ ଶିଳ୍ପକାର ଜଣେ ମହିଳା ନରୱେର ପ୍ରଧାନମନ୍ତ୍ରୀ Gro harlen Brandtland . ସେ ବାର୍ତ୍ତା ଦେଲେ "ବିକାଶ" ଏପରି କରାଯାଉ ଯେଉଁଥିରେ ପରିବେଶ, ପ୍ରକୃତି, ପ୍ରାଣୀଜଗତର ସନ୍ତୁଳନ ସୁରକ୍ଷା ବଜାୟ ରହିବ, ଭବିଷ୍ୟତ ପୀଢ଼ି ଆମର ପ୍ରାକୃତିକ ସମ୍ପଦ ତଥା ଜଳ, ଜମି ଜଙ୍ଗଲ, ଖଣିଜ ସମ୍ପଦରୁ ବଞ୍ଚିତ ରହି ନ ଯାଆନ୍ତୁ। ଜନସଂଖ୍ୟା ବିସ୍ଫୋରଣ, ଦ୍ରୁତ ଶିଳ୍ପାୟନ, ସହରୀକରଣ ଆମର ପରିବେଶର ସନ୍ତୁଳନକୁ ଧ୍ୱଂସ କରିସାରିକଲାଣି। ପ୍ରକୃତି ପରିବେଶ ପ୍ରତି ମଧ କରୁଣା, ଦୟା, ଅହିଂସାର ଆଚରଣ ଏକାନ୍ତ ଜରୁରି। ମାନବ ଜାତିର ବିକାଶ ସହ ପ୍ରଗାଢ ପ୍ରେମ ତଥା pure Form of ଅହିଂସାର ପ୍ରୟୋଗ ଦ୍ୱାରା ହିଁ ସୃଷ୍ଟିର ସୁରକ୍ଷା ସମ୍ଭବ।

ସର୍ବଂସହା ମାଟି ମାତ୍ର ସହନ ଶକ୍ତି ଅନୁସାରେ ତାର ଦୋହନ, ପ୍ରକୃତି ପରିବେଶର ଶୋଷଣ ନୁହେଁ ପୋଷଣ, ସଂର୍ବଦ୍ଧନ, ସହାବସ୍ଥାନ ପାଇଁ ନୀଳନକ୍ସା ପ୍ରସ୍ତୁତ ହେବା ଉଚିତ୍।

ବିକାଶର ଅଧିକାର ପ୍ରତ୍ୟେକ ମଣିଷର ରହିଛି। ସେହିପରି ପରିବେଶ ସୁରକ୍ଷା ମଧ୍ୟ ସମଭାବରେ ଗୁରୁତ୍ୱପୂର୍ଣ୍ଣ। ଆମେ ଆମର ଜୈବ ବିବିଧତା ପ୍ରତି ଅହିଂସା ଆଚରଣ କରିବାର ଆବଶ୍ୟକତା ରହିଛି। ତେଣୁ 'ପରିବେଶ ସୁରକ୍ଷାର ଆଇନ୍' ଜରୁରି। ଅହିଂସା ଆମର ଜୀବନ ଶୈଳୀର ଅଂଶ ବିଶେଷ ହେବା ଏକାନ୍ତ ଆବଶ୍ୟକ। ଏ କଥା ଯେ ମନେ ରଖିବା ଉଚିତ୍ ଓ ସେଇ ଅନୁସାରେ କାର୍ଯ୍ୟ କରିବା ଉଚିତ୍ ଯେ, ଆମର ପୂର୍ବପୁରୁଷଙ୍କ ଠାରୁ ଏହି ବିଶ୍ୱ ଏହି ପୃଥିବୀ ଆମେ ଉତ୍ତରାଧିକାରୀ ସୂତ୍ରରେ ପାଇନାହୁଁ, ବରଂ ଆମ ପରବର୍ତ୍ତୀ ପୀଢ଼ିଠାରୁ ଉଧାର ନେଇଛୁ। ତାଙ୍କୁ ଫେରାଇବାକୁ ପଡିବ ଏକ ସୁନ୍ଦର ପୃଥିବୀ। ଏଥିପାଇଁ ଅହିଂସା ଆମର ଜୀବନ ଧର୍ମ।

# ଅନ୍ତର୍ଜାତୀୟସ୍ତରରେ ଗଣତନ୍ତ୍ରର ସ୍ଥିତି




କିଶୋର ଚନ୍ଦ୍ର ବେହେରା
ନନ୍ଦପୁର, କୋରାପୁଟ
ମୋ: ୯୪୩୭୯୫୫୫୬୮

ସମାଜବାଦର ମଳିନତା ଓ ପୁଞ୍ଜିବାଦୀ ପରିବେଶର ଆହ୍ୱାନ କ୍ରମେ ମୁଣ୍ଡ ଟେକିଥିଲା ଗଣତନ୍ତ୍ର ଊନବିଂଶ ଶତାବ୍ଦୀରେ। ନିରଙ୍କୁଶ ରାଜତନ୍ତ୍ର ବିରୋଧରେ ସଂଗଠିତ ଜନମତରୁ ଗଣତନ୍ତ୍ରର ସୃଷ୍ଟି। ଜନଚେତନା ଓ ବୌଦ୍ଧିକ ଚେତନାର ମିଶ୍ରଣରୁ ଜନ୍ମନିଏ ଆଜିର ଗଣତାନ୍ତ୍ରିକ ଚିନ୍ତାଧାରା। ଗଣତନ୍ତ୍ର ଏକ ଲୋକପ୍ରିୟ ଶାସନ ବ୍ୟବସ୍ଥା, ଯାହା ସର୍ବଦା ଜନକଲ୍ୟାଣ ବା ଜନମଙ୍ଗଳ ଅଥବା ସମୂହ କଲ୍ୟାଣ ପାଇଁ ଚେଷ୍ଟା କରିଥାଏ। ଗଣତନ୍ତ୍ର ସମ୍ପର୍କରେ ଆମେରିକାର ପ୍ରାକ୍ତନ ରାଷ୍ଟ୍ରପତି ଆବ୍ରାହାମ ଲିଙ୍କନ ମତରେ "ଗଣତନ୍ତ୍ର ହେଉଛି ଲୋକଙ୍କର, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କ ପାଇଁ ଏକ ଶାସନ"। ମାକସେଙ୍କ ମତରେ 'ଗଣତନ୍ତ୍ର ହେଉଛି ଏକ ଜୀବନ ପ୍ରଣାଳୀ'। ଏହି ଶାସନ ବ୍ୟବସ୍ଥାରେ ଜନସାଧାରଣ ହିଁ ସର୍ବଶକ୍ତିମାନ ଓ ମାନବିକ ଜୀବନଶୈଳୀରେ ଯଥେଷ୍ଟ ପ୍ରଭାବ ପକାଇଥାଏ। ସମ୍ରାଟଙ୍କ ଅଖଣ୍ଡ ଆଧିପତ୍ୟକୁ ଜନସାଧାରଣ ଗ୍ରହଣ କରିବାକୁ ଅନିଚ୍ଛୁକ ହେବା ସହିତ ସେମାନଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ପୃଥିବୀରେ ତିନିଟି ଜନବିପ୍ଲବ ଜନ୍ମ ନେଲା। ଇଂଲାଣ୍ଡର ୧୬୮୮ ମସିହାର ଗ୍ଲୋରିୟସ ବିପ୍ଳବ, ୧୭୭୬ ମସିହାର ଆମେରିକାର ସ୍ୱାଧୀନତା ସଂଗ୍ରାମ ଓ ୧୭୮୯ ମସିହାର ଫରାସୀ ବିପ୍ଳବ ବିଶ୍ୱ ଇତିହାସକୁ ଓଲଟ ପାଲଟ କରିଦେଇଥିଲା। ଅସୀମ ରାଜତନ୍ତ୍ର ସମାଧିରୁ ଜନ୍ମନେଲା ଗଣତନ୍ତ୍ର ଏବଂ ସୃଷ୍ଟି ହେଲା ସମାନାତା, ସ୍ୱତନ୍ତ୍ରତା ଓ ନ୍ୟାୟର ନୂତନ ସୂର୍ଯ୍ୟାଲୋକ। ସମୟ ବଦଳିବା ସହିତ ଗଣତାନ୍ତ୍ରିକ ମୌଳିକ ଚିନ୍ତାଧାରାରେ ମଧ୍ୟ ପରିବର୍ତ୍ତନ ଦେଖାଗଲାଣି ଓ ଜନସାଧାରଣଙ୍କ ଶାସନରେ ଅଂଶଗ୍ରହଣର ଚେହେରା ଏବେ ବଦଳିଗଲାଣି। ଆଜିର ଗଣତନ୍ତ୍ର ଶାସନର ଚାବି କାଠି ରହିଛି କେତେକ ମୁଷ୍ଟିମେୟ ପ୍ରଭାବଶାଳୀ ବ୍ୟକ୍ତିଙ୍କ ହାତ ମୁଠାରେ। ସେମାନଙ୍କର ରାୟ ଓ ନିଷ୍ପତ୍ତି ହେଉଛି ଆଜିର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ପ୍ରକୃତ ପରିଚୟ। ଗଣତନ୍ତ୍ରର ପରିବର୍ତ୍ତିତ ଚେହେରାକୁ ଦୃଷ୍ଟିରେ ରଖି କାର୍ଲ ଫ୍ରେଡରିକ ମତ ଦିଅନ୍ତି 'ପରିସ୍ଥିତି ଭିନ୍ନ ହେଲେ ଗଣତନ୍ତ୍ରର ଆଭିମୁଖ୍ୟ ଭିନ୍ନ ହୁଏ' ତେଣୁ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ଦୃଷ୍ଟିକୋଣରୁ ଗଣତନ୍ତ୍ରକୁ ବୁଝିଥାଆନ୍ତି।

ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ ନାଗରିକଙ୍କ ମୌଳିକ ଅଧିକାରକୁ ଗୁରୁତ୍ୱ ଦିଏ। ଯେଉଁ ରାଷ୍ଟ୍ରରେ ଗଣତନ୍ତ୍ର ଶାସନ ଥାଏ ସେଠାରେ ଜନତା ସୁଖରେ ଥିବା ଧରାଯାଏ ଏବଂ ସେହି ଦେଶକୁ ଜନମଙ୍ଗଳ ରାଷ୍ଟ୍ର ରୂପେ ପରିଗଣିତ କରାଯାଏ। ଲୋକଙ୍କ ଉପରେ କୌଣସି ଚାପ କିମ୍ବା ପ୍ରତିବନ୍ଧତା ନଥାଏ। ଜନତା ସେମାନଙ୍କ ବିଚାର ଅନୁସାରେ ନିଷ୍ପତ୍ତି ନେଇ ପାରୁଥିବେ। ପୂରା ବିଶ୍ୱରେ ଗଣତନ୍ତ୍ରର ଆବଶ୍ୟକତାକୁ ପ୍ରୋତ୍ସାହିତ କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ଏହି ବିଶେଷ ଦିନରେ ଗଣତାନ୍ତ୍ରିକ ସଚେତନତା ବୃଦ୍ଧି ପାଇଁ ବିଭିନ୍ନ ସ୍ଥାନରେ ବିତର୍କ, ଆଲୋଚନା ଏବଂ ସମ୍ମିଳନୀ ପରି କାର୍ଯ୍ୟକ୍ରମ ପଞ୍ଚାୟତ ସ୍ତରରୁ କେନ୍ଦ୍ର ସରକାରଙ୍କ ପର୍ଯ୍ୟନ୍ତ ଆୟୋଜିତ ହୋଇଥାଏ। ସେପ୍ଟେମ୍ବର ୧୯୯୭ରେ ଆନ୍ତଃ ପାର୍ଲିଆମେଣ୍ଟାରୀ ୟୁନିୟନ ଦ୍ୱାରା ଗଣତନ୍ତ୍ରର ମୌଳିକ ସିଦ୍ଧାନ୍ତ ଉପରେ ଏକ ସାର୍ବଭୌମିକ ଘୋଷଣାନାମା ଗୃହୀତ ହେଲା। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୦୭ ମସିହାରେ ପ୍ରଥମ ଥର ପାଇଁ ମିଳିତ ଜାତିସଂଘର ସାଧାରଣ ପରିଷଦରେ ପ୍ରତି ବର୍ଷ ସେପ୍ଟେମ୍ବର ମାସର ୧୫ ତାରିଖଟି ସମସ୍ତ ସଭ୍ୟ ରାଷ୍ଟ୍ରଙ୍କ ଦ୍ୱାରା ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ ରୂପେ ପାଳନ କରିବା ପାଇଁ ଏକ ସଂକଳ୍ପ ପାରିତ ହେଲା। ଏଥିସହ ସଦସ୍ୟ ରାଷ୍ଟ୍ରଙ୍କୁ ଗଣତନ୍ତ୍ରର ମୌଳିକ ସିଦ୍ଧାନ୍ତ ବଜାୟ ରଖିବା ଦିଗରେ ବିଶ୍ୱସ୍ତରରେ ଏକ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଏହି ଦିନଟିକୁ ପାଳନ କରିବାକୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ୧୯ତମ ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସରେ ପ୍ରତିବର୍ଷ ଭଳି ଏବର୍ଷର ବାର୍ତ୍ତା ହେଉଛି 'ଅସୁରକ୍ଷାର ଯୁଗରେ ଗଣତନ୍ତ୍ର ଏବଂ ଅନ୍ତର୍ଭୁକ୍ତି'। ଗଣତନ୍ତ୍ରର ମୂଳ ସିଦ୍ଧାନ୍ତ ବଜାୟ ରଖିବା ସହ ଏହି ବିଚାରକୁ ପ୍ରସାର କରାଇବା ଏହାର ଲକ୍ଷ୍ୟ। ମିଳିତ ଜାତିସଂଘ ସ୍ୱୀକାର କରେଯେ ଗଣତନ୍ତ୍ର ଏକ ଗନ୍ତବ୍ୟସ୍ଥାନ ନୁହେଁ, ବଂର ଏକ ନିରନ୍ତର ପ୍ରକ୍ରିୟା। ଏହାର ଆଦର୍ଶ ଆନ୍ତର୍ଜାତୀୟ ସଂପ୍ରଦାୟ, ଜାତୀୟ ଶାସକ ଦଳ, ନାଗରିକ ସମାଜ, ବ୍ୟକ୍ତିବିଶେଷଙ୍କ ସଂପୂର୍ଣ୍ଣ ଅଂଶଗ୍ରହଣ ଏବଂ ସମର୍ଥନ ଉପରେ ଆଧାରିତ।

ସମାନତା, ସ୍ୱାଧୀନତା, ନ୍ୟାୟ, ଅଧିକାର ଓ ଭାତୃତ୍ୱ ଗଣତନ୍ତ୍ରର ମାଇଲଖୁଣ୍ଟ ସଦୃଶ୍ୟ ଅଟେ। ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶ କ୍ଷେତ୍ରରେ ଏହା ଅନେକ ସହାୟକ ହୁଏ। ବିଶ୍ୱରେ ଦୁଇ ପ୍ରକାରର ଗଣତନ୍ତ୍ର ପ୍ରଣାଳୀ ରହିଛି। ପ୍ରଥମ ହେଉଛି ସଂସଦୀୟ ପ୍ରଣାଳୀ ଏବଂ ଦ୍ୱିତୀୟଟି ହେଉଛି ରାଷ୍ଟ୍ରପତୀୟ ଶାସନ ପ୍ରଣାଳୀ। ଦୁଇଟି ପ୍ରଣାଳୀରେ ଜନତାଙ୍କ ମତାମତକୁ ଗୁରୁତ୍ୱ ଦିଆଯାଏ। ଭାରତ, ଅଷ୍ଟ୍ରେଲିଆ, କାନାଡା ଏବଂ ଇଂଲଣ୍ଡରେ ସଂସଦୀୟ ପ୍ରଣାଳୀ ପ୍ରଚଳିତ ହେଉଥିବା ବେଳେ ଆମେରିକା, ଚୀନ୍ ଓ ଦକ୍ଷିଣ ଆଫ୍ରିକା ଭଳି ରାଷ୍ଟ୍ରରେ ରାଷ୍ଟ୍ରପତିମୂଳକ ପ୍ରଣାଳୀ ଶାସନ ପ୍ରଚଳିତ। ଜି-୨୦ ଶିଖର ସମ୍ମିଳନୀ ରାଷ୍ଟ୍ରମୁଖ୍ୟମାନଙ୍କୁ ଏକ ପୁସ୍ତକ ଉପହାର ଦେଇଛନ୍ତି ଭାରତ ସରକାର। ଯେଉଁ ପୁସ୍ତକର ନାମ 'ଭାରତ: ମଦର ଅଫ୍ ଡେମୋକ୍ରାସି' ରହିଛି। ଏହି ପୁସ୍ତକ ଜରିଆରେ ଭାରତ ଗଣତନ୍ତ୍ରର ଜନନୀ ବୋଲି ବିଶ୍ୱକୁ ଅବଗତ କରି ଦିଆଯାଇଛି। ପୁଣ୍ୟଭୂମି ଭାରତବର୍ଷ ସମଗ୍ର ପୃଥିବୀର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଗଣତନ୍ତ୍ର ଦିବସ ପାଳନ କରେ ପ୍ରତିବର୍ଷ ଜାନୁଆରୀ ୨୬ ତାରିଖରେ। ଅଷ୍ଟ୍ରେଲିଆ ୯ ଜୁଲାଇ, ବାଙ୍ଗଲାଦେଶ ୪ ନଭେମ୍ବର, କାନାଡ଼ା ୨୯ ମାର୍ଚ୍ଚ , ଜର୍ମାନୀ ୨୩ ମଇ, ପାକିସ୍ଥାନ ୧୦ ଏପ୍ରିଲ, ଥାଇଲାଣ୍ଡ ୧୦ ଡିସେମ୍ବର ଓ ଆମେରିକା ୧୭ ସେପ୍ଟେମ୍ବରରେ ପାଳନ କରିଥାନ୍ତି ସମ୍ବିଧାନ ଦିବସ। ଯେଉଁ ରାଷ୍ଟ୍ର ଗଣତନ୍ତ୍ର କ୍ଷେତ୍ରରେ ଯେତେ ସମୃଦ୍ଧ ସେ ଦେଶ ଓ ଜାତି ସେତିକି ପ୍ରଗତିଶୀଳ। ମତଦାନ ଦୃଷ୍ଟିରୁ ବିଚାର କରାଗଲେ ଆମ ଭାରତ ବର୍ଷରେ ପୁରୁଷ ଓ ମହିଳା ମାନଙ୍କ ମଧ୍ୟରେ ତାରତମ୍ୟ ନ ରଖି ଉଭୟଙ୍କ ବୟସ ସୀମାକୁ ୧୮ ବର୍ଷ ରଖାଯାଇଛି। ପରିଶେଷରେ ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ କେବଳ ଉତ୍ସବ ନୁହେଁ ବରଂ କାର୍ଯ୍ୟ ପାଇଁ ଆହ୍ୱାନ। ଏହା ମାନବିକ ଅଧିକାରର ସୁରକ୍ଷା, ନାଗରିକ ସହଭାଗିତା, ସମଗ୍ର ବିଶ୍ୱରେ ଶାନ୍ତି ଏବଂ ସ୍ଥିରତା କରିବାରେ ସୁନିଶ୍ଚିତ କରିଥାଏ। ଏହି ଦିନ ଏକ ସ୍ମାରକ ପତ୍ର ଭାବରେ କାର୍ଯ୍ୟ କରେ ଗଣତନ୍ତ୍ର ଏକ ନିରନ୍ତର ପ୍ରକ୍ରିୟା ଏବଂ ଅଧିକ ଗଣତାନ୍ତ୍ରିକ ତଥା ଅନ୍ତର୍ଭୁକ୍ତ ଭବିଷ୍ୟତ ଗଠନ ପାଇଁ ପରବର୍ତ୍ତୀ ପିଢ଼ିକୁ ସଶକ୍ତ କରିବା ନିତ୍ୟାନ୍ତ ଆବଶ୍ୟକ।

# ଅହନି ଅହନି ଭୂତାନି



ରାଇଚରଣ ବିଶ୍ୱାଳ
ସାମନ୍ତରାୟପୁର, ପିରହାଟ, ଭଦ୍ରକ
ମୋ : ୮୬୩୭୨୪୪୧୧୫

ମହର୍ଷି ବେଦବ୍ୟାସଙ୍କ କୃତ ମହାଭାରତ ମହାକାବ୍ୟର ବନପର୍ବରେ ଉଲ୍ଲିଖିତ ଅଛି ଯେ ଏକଦା ମୃତ୍ୟୁର ଦେବତା ଯମରାଜ ଧର୍ମରାଜ ଯୁଧିଷ୍ଠିରଙ୍କୁ ପଚାରିଥିଲେ ଯେ ଏହି ନଶ୍ୱର ପୃଥିବୀରେ ସବୁଠାରୁ ଅଧିକ ଆଶ୍ଚର୍ଯ୍ୟକର କେଉଁ ଘଟଣା ଅଟେ। ଏହି ପ୍ରଶ୍ନର ଉତ୍ତରରେ ଧର୍ମନନ୍ଦନ କହିଥିଲେ ଯେ, 'ଅହନି ଅହନି ଭୂତାନି ଗଚ୍ଛନ୍ତି ଇହ ଯମାଳୟମ। ଶେଷାଃ ଜିବୀତୁମ ଇଚ୍ଛନ୍ତି କିମ ଆଶ୍ଚର୍ଯ୍ୟମ ଅତଃ ପରମ।' ଏହାର ଅର୍ଥ ହେଉଛି ଏହି ମରଣଶୀଳ ପୃଥିବୀରେ ପ୍ରତିଦିନ ହଜାର ହଜାର ଲୋକ ମୃତ୍ୟୁବରଣ କରୁଛନ୍ତି। କିନ୍ତୁ ଅନେକ ମୂର୍ଖ ତଥା ଅଜ୍ଞାନ ବ୍ୟକ୍ତି ଭାବୁଛନ୍ତି ଯେ ସେମାନ କେବେ ମରିବେ ନାହିଁ। ଯେଉଁଥିପାଇଁ ଅନେକ ଲୋକ (କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟ) ରୂପକ ଷଡରିପୁ କବଳିତ ହୋଇ ସମାଜର ଅନିଷ୍ଟ କରିବା ସହିତ ନିଜର ମଧ୍ୟ ସର୍ବନାଶ କରୁଛନ୍ତି ଓ ସେହିମାନେ ହିଁ କିଛିଦିନ ପରେ ପାପର ଗଣ୍ଠିଲି ଧରି ପରଲୋକ ଗମନ କରୁଛନ୍ତି। ପ୍ରତ୍ୟେକ ନାସ୍ତିକ ଏହା ସର୍ବଦା ମନେରଖିବା ଉଚିତ୍ ଯେ 'ଜାତସ୍ୟ ହି ଧ୍ରୁବ ମୃତ୍ୟୁଃ ଧ୍ରୁବଂ ଜନ୍ମ ମୃତସ୍ୟଚ। ତସ୍ମାତ ଅପରିହାର୍ଯ୍ୟାର୍ଥେ ନ ତ୍ୱମ ଶୋଚିତୁମ ଅହର୍ସି।' ଅର୍ଥାତ୍ ଆମେ ସମସ୍ତେ ମରଣଶୀଳ କାରଣ ଆମେ ପଞ୍ଚଭୂତରେ ଗଠିତ ଏହି ପାର୍ଥିବ ତଥା ପରମେଶ୍ୱରଙ୍କ ସଂପୂର୍ଣ୍ଣ ନିୟନ୍ତ୍ରଣାଧୀନ ଅପରା ପ୍ରକୃତିର ଅଧୀନ ତଥା କାଳକବଳିତ। ଏଠାରେ ଧର୍ମରାଜ ଯୁଧିଷ୍ଠିରଙ୍କ ସତ୍ୟବାଣୀ 'ପୃଥୀ ବିଭାଣ୍ଡଂ ଗଗନମ ପିଧାନମ ସୂର୍ଯ୍ୟାଗ୍ନିନା ରାତ୍ରିନ୍ଦିବେନ୍ଧନମ। ମାସର୍ତ୍ତୁଦର୍ବୀପରିଘଟ୍ଟନେନ ଭୂତାନି କାଳଃ ପଚତୀତି ବାର୍ତ୍ତା'। ଏହି ଶ୍ଳୋକର ଅର୍ଥ ହେଉଛି ଯେ ମହାକାଳ ଯମ ପୃଥିବୀ ରୂପକ ହାଣ୍ଡିରେ ଧରିତ୍ରୀ ପୃଷ୍ଠରେ ବାସ କରୁଥିବା ପ୍ରତ୍ୟେକ ଜୀବଙ୍କୁ ଭୋଜ୍ୟ ପଦାର୍ଥ ଭଳି ରଖି ସୂର୍ଯ୍ୟ ରଶ୍ମି ରୂପକ ଅଗ୍ନିରେ ସିଝାଇ ବର୍ଷମାସ ଓ ଋତୁ ରୂପକ ଚଟୁରେ ଘାଣ୍ଟି ଗୋଳାଇ ଅହରହ ପାଚନ କରିଚାଲିଛି, ଅର୍ଥାତ୍ ପ୍ରତିଦିନ ହଜାର ହଜାର ଜୀବ ପାପପୁଣ୍ୟର କର୍ମଫଳ ରୂପକ ଗଣ୍ଠିଲିକୁ ଧରି ଯମାଳୟକୁ ଯାତ୍ରା କରୁଛନ୍ତି। ସୁତରାଂ, ଆମେ ସମସ୍ତେ ଆଜି ନୁହେଁତ କାଲି ନିଶ୍ଚୟ ମରିବା। ତେଣୁ ଧ୍ରୁବ ଓ ପ୍ରହ୍ଲାଦ ଓ କଳିଯୁଗର ମହାପୁରୁଷ ଶ୍ରୀ ଶ୍ରୀ ବାମାକ୍ଷେପା, ନିଗମାନନ୍ଦ ପରମହଂସ, ଶ୍ରୀରାମକୃଷ୍ଣ ଓ ନଣ୍ଡାବାବାଙ୍କ ପରି ଆବାଲ୍ୟରୁ ଅତୁଟ ଭକ୍ତି, ବିଶ୍ୱାସ ଓ ପ୍ରେମ ଭାବ ଓ ନିରନ୍ତର ଶ୍ରୀହରିଙ୍କ ଭଜନ ଓ କୀର୍ତ୍ତନ ବଳରେ ଇହ ଜନ୍ମରେ ପରମେଶ୍ୱରଙ୍କ ଦର୍ଶନ ଓ କୃପାପ୍ରାପ୍ତ ହେବା ଉଚିତ୍।



ବଡ଼ସାହି(ଭାସ୍କର ନ୍ୟୁଜ)ବାଣୀପୀଠ ଆନୁକୂଲ୍ୟରେ ରାଷ୍ଟ୍ରଭାଷା ସାହିତ୍ୟ ସଂସ୍କୃତି ଅକାଦମୀ ତରଫରୁ ବିବେକାନନ୍ଦ ବିହାର ଠାରେ ହିନ୍ଦୀଦିବସ ମହାସମାରୋହରେ ପ୍ରଚାରକ ଡ଼କ୍ଟର କୁମାର ବାବୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମ ଆଶୁକବି ବାସୁଦେବ ନାପିତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ଭାଷା ଗବେଷକ ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟ ଯୋଗଦାନ କରି ରାଷ୍ଟ୍ରଭାଷା ରାଷ୍ଟ୍ରିୟ ଜନଜୀବନର ପ୍ରାଣର ସ୍ପନ୍ଦନ ବୋଲି ଅଭିହିତ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ଡ଼କ୍ଟର ଅସୀମ କୁମାର ଚକ୍ରବର୍ତ୍ତୀ, ଆଦରଣୀୟ ଅତିଥି ଅବସର ପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଶେଖର ଦାସ ଓ ସମ୍ମାନିତ ଅତିଥି ଭାବେ ଓଷ୍ଟା ଜିଲ୍ଲା ସଂପାଦକ କିଶୋର କୁମାର ଆଚାର୍ଯ୍ୟ, ବିଶିଷ୍ଟ ହିନ୍ଦୀ ସାହିତ୍ୟିକ ଡ଼କ୍ଟର ଶଶିଧର ବିଶ୍ୱାଳ, ଡକ୍ଟର ବନଲତା ଆଚାର୍ଯ୍ୟ, କବି କାର୍ତ୍ତିକ ସେଠୀ, କବି ଜାହ୍ନବୀ ରାଣୀ ଦଣ୍ଡପାଟ, କବି ସଂଯୁକ୍ତା ଦାସ ଆଦି ଯୋଗଦାନ କରି ରାଷ୍ଟ୍ରଭାଷା ଆମ ଭାରତୀୟ ସଂସ୍କୃତିର ପରିଚୟ ଏବଂ ଜୀବନୀ ଶକ୍ତି ବୋଲି କହିଥିଲେ। ଏହି ଅବସରରେ ବିଶିଷ୍ଟ ଯୁବ ହିନ୍ଦୀ ଶିକ୍ଷକ ସାରସ୍ୱତ ସମ୍ମାନ ସଂଜୀବ କୁମାର ଦଳେଇଙ୍କୁ ପ୍ରଦାନ କରାଯାଇ ଥିବା ବେଳେ ବରିଷ୍ଠ ହିନ୍ଦୀ ଶିକ୍ଷକ ସାରସ୍ୱତ ସମ୍ମାନ ଡକ୍ଟର ଶଶିଧର ବିଶ୍ୱାଳ ଓ ଡକ୍ଟର ଅସୀମ କୁମାର ଚକ୍ରବର୍ତ୍ତୀଙ୍କୁ ମୁଖ୍ୟଅତିଥି ପ୍ରଦାନ କରିଥିଲେ। ମଂଚ ସଂଚାଳନ କବି ଶଚୀନ୍ଦ୍ର କୁମାର ବିଶ୍ୱାଳ କରିଥିଲେ।

# ଟଙ୍କା ସହ ପାଲି ଜବତ:୨ ଜୁଆଡ଼ି ଗିରଫ



ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡ଼ା ବ୍ଲକ୍ ଚାରିଛକ ଥାନା ଅଂଚଳରେ ଦୁଇ ଜୁଆଡ଼ିଙ୍କୁ ଥାନାଧିକାରିଣୀ ଗିରଫ କରିବାରେ ସଫଳ ହୋଇଛନ୍ତି । ସେମାନଙ୍କ ଠାରୁ ଜୁଆ ପାଲି, ଟଙ୍କା, ଗୋଟି ଆଦି ବିଭିନ୍ନ ସାମଗ୍ରୀ ପୋଲିସ ଜବତ କରିଥିବା ବେଳେ ମାମଲା ରୁଜୁ କରି କୋର୍ଟ ଚାଲଣ କରିଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ଚାରିଛକ ଥାନା ନୂଆଗାଁ ଓରପଟ ନିକଟରେ ଜୁଆ ଖେଳ ହେଉଥିବା ବେଳେ ଚାରିଛକ ଥାନାଧିକାରିଣୀ ମମତା ବିଶ୍ୱାଳଙ୍କ ନେତୃତ୍ୱରେ ଏସ୍ଆଇ ସବିତା କୁମାରୀ ଦେବୀ, ଇନ୍ଦୁଲତା ମିଶ୍ରଙ୍କ ସମେତ ଏକ ଟିମ୍ ଚଢ଼ଉ କରି ଦୁଇ ଜୁଆଡ଼ିଙ୍କୁ ଗିରଫ କରି ଥାନାକୁ ଆଣିଥିବା ବେଳେ ସେମାନଙ୍କ ଠାରୁ ୪ ହଜାର ୨ଶହ ଟଙ୍କା, ଜୁଆପାଲି, ଗୋଟି ପୋଲିସ ଜବତ କରିବାରେ ସଫଳ ହୋଇଛି । ପୋଲିସର ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ବିଭିନ୍ନ ଥାନାରେ ଏମାନଙ୍କ ନାମରେ ମାମଲା ରୁଜୁ ହୋଇଛି । ପୋଲିସ ମାମଲା ରୁଜୁ କରି ଏହି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲଣ କରିଥିବା ବେଳେ ଦୁଇ ଅଭିଯୁକ୍ତ ହେଲେ ବଳଙ୍ଗା ଥାନା ଭଗବତୀପୁର ଗ୍ରାମର ରସାନନ୍ଦ ଲେଙ୍କା (୪୮), ଚାରିଛକ ଥାନା କନ୍ତିଆ ଗ୍ରାମର ସୁବୋଧ କୁମାର ସେଠ (୪୦) । ରସାନନ୍ଦ ଲେଙ୍କା ନାମରେ ବଳଙ୍ଗା ଥାନା କେସ୍ ନଂ-୭୫ ତା.୪.୮.୨୦୨୫ ରିଖରେ ଦଫା ୨୯୪/୩୪୧/୩୨୩/୩୦୭/୫୦୬/୩୪, ଦଳିତ ଆକ୍ଟରେ ମାମଲା ରହିଛି । ସେହିପରି ନିମାପଡ଼ା ଥାନାରେ କେସ୍ ନଂ-୩୦୯/୨୨ ଦଫା ୩୪୧/୪୨୦/୨୯୪/୫୦୬/୩୫୩/୧୮୬/୩୪, ୦୩ (ଓପିଜି) ଆକ୍ଟରେ ମାମଲା ରହିଛି । ସେହିପରି ସୁବୋଧ ସେଠ ନାମରେ ଚାରିଛକ ଥାନାରେ ଚଳିତ ବର୍ଷ ମଇ ମାସରେ ଏକ ମାମଲା ହୋଇଥିବା ବେଳେ ଆଉ ଏକ ମାମଲା ରୁଜୁ କରାଯାଇଛି । ଚାରିଛକ ଥାନା ଅଂଚଳରେ ଜୁଆଡ଼ିଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିବୁ ବୋଲି ଥାନାଧିକାରୀ ମମତା ବିଶ୍ୱାଳ କହିଛନ୍ତି ।

# ମା' ମଙ୍ଗଳାଙ୍କ ସହସ୍ରାକୁମ୍ଭାଭିଷେକ ନୀତି ଆରମ୍ଭ



କାକଟପୁର (ଭାସ୍କର ନ୍ୟୁଜ): ପବିତ୍ର ମୂଳାଷ୍ଟମୀ ତିଥିରୁ ମା'ଙ୍କ ଷୋଡଶ ଉପଚାର ପୂଜାନୀତି ଆରମ୍ଭ ହୋଇଥିବା ବେଳେ ମା' ମଙ୍ଗଳାଙ୍କୁ ୧୨.୫୭ ମିନିଟରୁ ସହସ୍ରା କୁମ୍ଭାଭିଷେକ ନୀତି ଅନୁଷ୍ଠିତ ହୋଇଥିଲା । ପାଳିଆ ସେବକ ଓ ପୂଜାପଣ୍ଡା ସେବକମାନଙ୍କ ଦ୍ୱାରା ୧୦୮ ଗରା ଜଳରେ ଅଗରୁ, ଚନ୍ଦନ, କର୍ପୁର, ମହୁ, କ୍ଷୀର, ଲହୁଣୀ ଓ ଘିଅ ଆଦି ମିଶ୍ରଣ କରାଯାଇ ସୁବାସିତ ଜଳ ପ୍ରସ୍ତୁତ କରାଯାଇ ବେଦମନ୍ତ୍ର ଧ୍ୱନୀରେ ମା' ମଙ୍ଗଳାଙ୍କୁ ସ୍ନାନ କରାଯାଇଥିଲା । ବର୍ଷକରେ ଏହି ଦିନରେ ମା'ଙ୍କର ସ୍ନାନ ନୀତି ଦର୍ଶନ କରିବା ପାଇଁ ଅନୁମତି ଥାଏ । ଦେବୀ ଉତ୍ଥାପନ, ଘଟସ୍ଥାପନ, ଅଖଣ୍ଡଳ ସ୍ଥାପନ ପରେ ମା'ଙ୍କ ନୀତି ଆରମ୍ଭ କରାଯାଇଥିଲା । ଆଜିଠାରୁ ପ୍ରତ୍ୟହ ଚଣ୍ଡୀପୂଜା, ହୋମଯଜ୍ଞ, ଦ୍ୱାରପାଳ ପୂଜା, ସିଂହପୂଜା ନିଷ୍ପାର ସହ ଆରମ୍ଭ କରାଯାଇଛି କ୍ଷ ନବପତ୍ରିକା ଦିନଠାରୁ ସମସ୍ତ ନୀତି ସମାପନ ପରେ ମା'ଙ୍କ ଚଳନ୍ତି ପ୍ରତିମା ବନଦୁର୍ଗାଙ୍କୁ ଏକ ସୁସଜ୍ଜିତ ମଣି ବିମନରେ ମହିଷାସୁରଙ୍କୁ ଠାବ କରିବା ପାଇଁ ମନ୍ଦରଗିରି ବିଜେ କରିଥାନ୍ତି ଏବଂ ସେଠାରେ ଜଗତିପୂଜା ଅନୁଷ୍ଠିତ ହୋଇଥାଏ । ଷୋଡଶ ଉପଚାର ପୂଜାପଣ୍ଡା ଭାବେ ତପନ କୁମାର ଦୀକ୍ଷିତ ଓ ପାଳିଆ ସେବକ ଭାବେ ଅଭିରାମ ଦୀକ୍ଷିତ ଦାୟିତ୍ୱ ନିର୍ବାହ କରିଥିଲେ । ଏହି ପାର୍ବଣ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

# ମା' ଶାରଳାଙ୍କ ଷୋଡ଼ଶ ପୂଜାରମ୍ଭ



ଜଗତସିଂହପୁର (ଭାସ୍କର ନ୍ୟୁଜ): ଜଗତସିଂହପୁର ଜଗତଜନନୀ ପବିତ୍ର ମୂଳା ଅଷ୍ଟମୀ ତିଥିରୁ ଦଶହରା ପର୍ଯ୍ୟନ୍ତ ଷୋଳ ବିନାତ୍ମକ ପୂଜା ପାରମ୍ପରିକ ରୀତିନୀତି ଅନୁସାରେ ଆରମ୍ଭ ହୋଇଛି । ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନ ପୀଠ ତଥା ଓଡ଼ିଶାର ଅନନ୍ୟ ଶକ୍ତିପୀଠ ଅଷ୍ଟଭୂଜା ମା' ଶାରଳା ଏହି ଦଶହରା ପୂଜା ଅବସରରେ ବିଭିନ୍ନ ଦିନରେ ବିଭିନ୍ନ ବେଶ ଧାରଣ କରିଥାନ୍ତି । ମୁଖ୍ୟତଃ ମା' ଶାରଳାଙ୍କ ମହିଷାମର୍ଦ୍ଦିନୀ ବେଶ, ସୁନାବେଶ ଓ ଅନ୍ୟାନ୍ୟ ବେଶ ଦେଖିବା ପାଇଁ ଓଡିଶା ଓ ଓଡିଶା ବାହାରୁ ବହୁ ଭକ୍ତଙ୍କର ଭିଡ଼ ଜମିଥାଏ । ମା'ଙ୍କ ପାର୍ବଣ ପୂଜା ରୀତିନୀତି ଓ ବିଧିବିଧାନ ଅନୁସାରେ ଆକର୍ଷଣୀୟ ଢଙ୍ଗରେ ମା' ଶାରଳାଙ୍କ ପୀଠରେ ପାଳିତ ହୋଇଥିବା ବିଷୟ ମନ୍ଦିର ପରିଚାଳନା କର୍ତ୍ତୃପକ୍ଷ ଘୋଷଣା କରିଛନ୍ତି ।

## ଫେରିବାଲା ନିଖୋଜ

ରଘୁନାଥପୁର(ଭାସ୍କର ନ୍ୟୁଜ): ରଘୁନାଥପୁର ବ୍ଲକ ପୁରଣ ଗ୍ରାମ ଦକ୍ଷୀଣେଶ୍ୱରୀ ମନ୍ଦିର ନିକଟସ୍ଥ ତାଳଦଣ୍ଡା କେନାଲ ବନ୍ଧନିକଟରୁ ଜଣେ ଫେରିବାଲା ନିଖୋଜ ଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ରବିବାର ସକାଳ ୭ଟାରେ ପୁରଣ ତାଳଦଣ୍ଡା କେନାଲ ବନ୍ଧ ଉପରେ ଫେରି ଜିନିଷ ଲଦା ହୋଇଥିବା ଓଡି୨୧ଇ୮୭୧୪ ନମ୍ବର ଏକ ମୋପେଡ ମୋଟରସାଇକେଲ ଥିବାବେଳେ ବ୍ୟକ୍ତିଙ୍କ ପ୍ୟାଣ୍ଟସାର୍ଟ ବ୍ୟାଗରେ ଥିବା ଦେଖିବାକୁ ମିଳିଛି । ତେବେ ଗ୍ରାମବାସୀଙ୍କ କହିବା ମୁତାବକ ସକାଳ ୭ଟାରୁ ଦିର୍ଘସମୟ ଧରି ଗାଡିଟି ଠିଆହେବା ଯୋଗୁ ଗ୍ରାମବାସୀ ସନ୍ଦେହ ପ୍ରକାଶ କରି ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ । ଖବରପାଇ ରଘୁନାଥପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ତାଳଦଣ୍ଡା କେନଲରେ ସୌଚ ହେବାକୁ ଯାଇ ବ୍ୟକ୍ତିଜଣକ ବୁଡି ଯାଇଥିବା ପୋଲିସ ସନ୍ଦେହ ପ୍ରକାଶ କରି ରଘୁନାଥପୁର ଅଗ୍ନିଶମ ବାହୀନିକୁ ଜଣାଇଥିଲେ । ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି କେନାଲରେ ପଶି ଦିର୍ଘ ପ୍ରାୟ ୧୦ ଘଣ୍ଟାଧରି ଅକ୍ଲାନ୍ତ ପରିଶ୍ରମ କରି ଖୋଜାଖୋଜି କରିଥିଲେ । ଖବର ଲେଖାହେବା ସମୟ ପର୍ଯ୍ୟନ୍ତ ନିଖୋଜ ଫେରିବାଲାଙ୍କ କୈଣସି ସନ୍ଧାନ ମିଳିନଥିଲା । ତେବେ ନିଖୋଜ ବ୍ୟକ୍ତି ଜଣକଙ୍କ ନାମ ସୁରେଶ ମଣ୍ଡଳ(୫୩) ଓ ତାଙ୍କ ଘର ବ୍ଲକ ଅଧିନ ଜଇପୁର ଗ୍ରାମ ରଙ୍ଗଣିସାହିର ବୋଲି ଛପଡା ସରପଞ୍ଚ ଅମିତା ଖୁଣ୍ଟିଆ ପ୍ରକାଶ କରିଥିଛନ୍ତି ।

## ପାରାଦୀପ ଟ୍ରାଫିକ୍ ପିଣ୍ଡିର ଦୁରାବସ୍ଥା: ହମ୍ପସ ନିର୍ମାଣ ଦାବି



ପାରାଦୀପ(ଭାସ୍କର ନ୍ୟୁଜ): ବନ୍ଦର ନଗରୀ ପାରାଦୀପରେ ଦୀର୍ଘ ୬୦ ବର୍ଷରୁ ଉର୍ଦ୍ଧ ହେବ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଆସୁଛି । ଏହି ସପ୍ତାହବ୍ୟାପି ମହୋତ୍ସବରେ ବହୁ ଜନସମାଗମ ଦେଖିବାକୁ ମିଳିଥାଏ । ତେବେ ଏଥିପାଇଁ ପାରାଦୀପ ବନ୍ଦର ଓ ପୌର ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସାଙ୍ଗକୁ ବନ୍ଦରର ବିଭିନ୍ନ ମୁଖ୍ୟ ରାସ୍ତାର ମରାମତି ସହ ସହରକୁ ସୁସଜ୍ଜିତ ଓ ଆକର୍ଷଣୀୟ କରିଥାନ୍ତି । ତେବେ ସମ୍ପ୍ରତି ବିଶ୍ୱକର୍ମା ପୂଜା ଆଉ ମାତ୍ର ଦୁଇଦିନ ରହିଥିବା ବେଳେ ସହରରେ କୌଣସି ଆକର୍ଷଣୀୟ ଓ ସଜାସଜ୍ଜା ଦେଖିବାକୁ ମିଳିନି । ଅନ୍ୟପକ୍ଷରେ ଜୟଦେବ ସଦନ ପଡିଆରେ ଆୟୋଜିତ ହେବାକୁ ଥିବା ପୂଜା ମହୋତ୍ସବର ମୂଖ୍ୟ ପ୍ରବେଶ ପଥ ବଡ଼ପଡ଼ିଆ ଥାନା ନିକଟସ୍ଥ ଏବଂ ବନ୍ଦର ୪ ନମ୍ବର ଫାଟକ ସମ୍ମୁଖ ପ୍ରେସ ଛକଠାରେ ଥିବା ମୂଖ୍ୟ ଚାରିଛକ ଟ୍ରାଫିକ ପିଣ୍ଡି ଭାଙ୍ଗି ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ବେଳେ ଏହା ଉପରେ ଲାଗିଥିବା ଘଣ୍ଟାଟି ଅଚଳ ହୋଇପଡିଛି । ଯାହାକି ପ୍ରଶାସନର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସେହିପରି ବନ୍ଦରର ଦୁଇଟି ଗେଟ, ବସଷ୍ଟାଣ୍ଡ ଓ ଆଦର୍ଶ ଥାନାକୁ ଯିବାଆସିବା ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ଟ୍ରାଫିକ ଗହଳି ଲାଗିରହୁଥିବା ବେଳେ ଏଠାରେ ହମ୍ପସ ନଥିବାରୁ ବିଭିନ୍ନ ଭାରୀଯାନ ଓ ଲଘୁଯାନ ଗୁଡିକ ଦ୍ରୁତ ଗତିରେ ଯିବା ଆସିବା କରିବା ଦ୍ୱାରା ଦୁର୍ଘଟଣା ଘଟିବାର ଆଶଙ୍କା ସୃଷ୍ଟି ହୋଇଛି । ତେବେ ପ୍ରଶାସନ ତୁରନ୍ତ ଟ୍ରାଫିକ ପିଣ୍ଡି ଓ ଘଣ୍ଟାର ମରାମତି କରାଯାଇ ପୂଜା ପୂର୍ବରୁ ତୁରନ୍ତ ହମ୍ପସ ନିର୍ମାଣ ପାଇଁ ଦାବି ହେଉଛି ।

## ଆଖଣ୍ଡଳମଣି-ଭଦ୍ରକ ରାସ୍ତା କାମ ନିମ୍ନମାନର, ପଥଚାରୀ ହନ୍ତସନ୍ତ



ଧାମନଗର(ଭାସ୍କର ନ୍ୟୁଜ): ଭଦ୍ରକ-ଆଖଣ୍ଡଳମଣି ରାସ୍ତାର ଅବସ୍ଥା ଏବେ କହିଲେ ନସରେ । ୩୮ କି.ମି. ରାସ୍ତାକୁ ବସରେ ଯିବାକୁ ହେଲେ ୨ ଘଣ୍ଟାରୁ ଅଧିକ ସମୟ ଲାଗୁଛି । ଏହି ରାସ୍ତାକୁ ସମ୍ପ୍ରସାରଣ ଓ ନିର୍ମାଣ କରିବା ପାଇଁ ୫ ବର୍ଷ ବିତିଲାଣି । ଠିକାଦାର ନିଜ ମନ ମାନିଆରେ କାମ ଚାଲୁ ରଖିଛନ୍ତି । ଲୋକେ ଯେତେ ଅଭିଯୋଗ କଲେବି ସେ ବିଭାଗୀୟ ଅଧିକାରୀଙ୍କ ଛତ୍ରଛାୟା ତଳେ ଥିବାରୁ ଏହାକୁ ଭ୍ରୂକ୍ଷେପ କରୁ ନାହାଁନ୍ତି । ମଙ୍ଗଳପୁରରୁ ଅସୁରାଳି ମଧ୍ୟରେ ରାସ୍ତା ନିର୍ମାଣ ପରେ ପୁଣି ପିଚୁ ଉଠି ଯାଇଥିବା ବେଳେ ପୁନଃ ପିଚୁ କାମ କରାଯିବାର ପ୍ରତିଶ୍ରୁତି ଦେଇ ଠିକାଦାର ଚୁପ ହୋଇ ବସିଛନ୍ତି ଓ ସେହି ସ୍ଥାନରେ ଦୁର୍ଘଟଣା ଘଟୁଥିଲେ ବି ବିଭାଗୀୟ ଅଧିକାରୀଙ୍କ ନିରବତା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ନିକଟରେ ପତ୍ରିସାହି ନିକଟରେ ହୋଇଥିବା ପିଚୁ କାମ ସଂପୂର୍ଣ୍ଣ ରୂପେ ନିମ୍ନମାନର ଓ ଦିନକ ପରେ ପିଚୁ ଉଠି ଯାଇଛି । ସୁନ୍ଦରପୁର, ଦୋହରାପାଟଣା ଏବଂ ମଠଡିହ ନିକଟରେ ରାସ୍ତା ଖାଲଖମାରେ ରହିଛି । ଏସବୁର ସମାଧାନ ହେବା ଦୁରୁହ ବ୍ୟାପାର ବୋଲି କହିଛନ୍ତି କିଛି ବୁଦ୍ଧିଜୀବୀ । ବିଧାୟକ ଥିବାବେଳେ ସୂର୍ଯ୍ୟବଂଶୀ ସୁରଜ ବାରମ୍ବାର ଏହି ରାସ୍ତାର ଦୂରାବସ୍ଥାକୁ ବିଧାନ ସଭାରେ ଉପସ୍ଥାପନ କରୁଥିଲେ । ପରେ ଏହି ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିଲା । ତେବେ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କଲେ ରାସ୍ତା କାର୍ଯ୍ୟ ତ୍ୱରାନିତ ହୋଇପାରନ୍ତା ବୋଲି କଂଗ୍ରେସ ନେତା ରମେଶ ବେହେରା କହିଛନ୍ତି । ଭଦ୍ରକ - ଆରଡ଼ି ରାସ୍ତା ଏକ ପ୍ରମୁଖ ରାସ୍ତା । ଦୀର୍ଘ ୫ ବର୍ଷ ଧରି ରାସ୍ତା କାର୍ଯ୍ୟ ନାଁରେ କଣ ହେଉଚି ଜନତାକୁ ଆଉ ଅଛପା ନାହିଁ । ନେତାମାନଙ୍କ ପ୍ରତିଶ୍ରୁତି ଜନତାଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି ବୋଲି ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ ମଲିକ କହିଛନ୍ତି । ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଏସ୍‌ଡିଓ ମହେଶ୍ୱର ସାହୁ କହିଛନ୍ତି ବର୍ଷା ପାଇଁ କାର୍ଯ୍ୟର ମନ୍ଥରତା ଦେଖାଦେଇଛି, ବର୍ଷା ଛାଡିଲେ ରାସ୍ତାକାର୍ଯ୍ୟ ହେବ ।

## ହୋମଗାର୍ଡ ଇଣ୍ଟରଭ୍ୟୁ ବେଳେ ପରୀକ୍ଷାର୍ଥୀଙ୍କ ମୃତ୍ୟୁ

ଛତ୍ରପୁର(ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ଛତ୍ରପୁରଠାରେ ରବିବାର ହୋମଗାର୍ଡ ଇଣ୍ଟରଭ୍ୟୁ ବେଳେ ଏକ ଦୁଃଖଦ ଘଟଣା ଘଟିଛି । ଇଣ୍ଟରଭ୍ୟୁ ପ୍ରକ୍ରିୟାର ଅଂଶ ଭାବେ ଦୌଡ ପରୀକ୍ଷା ଚାଲୁଥିଲା । ଦୌଡ ବେଳେ ତାରସିଂ ଥାନା ତୁଳସୀପଲ୍ଲୀ ଅଞ୍ଚଳର ଶିବରାମ ପ୍ରଧାନ ଅସୁସ୍ଥ ହୋଇ ପଡିଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ ପ୍ରଥମେ ଛତ୍ରପୁର ମେଡିକାଲକୁ ନିଆଯାଇଥିଲା, ପରେ ସେଠାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏହି ଦୁଃଖଦ ଘଟଣା ପରେ ଅପରାହ୍ନରେ ଚାଲୁଥିବା ଇଣ୍ଟରଭ୍ୟୁକୁ ବନ୍ଦ କରାଯାଇଥିଲା । ଇଣ୍ଟରଭ୍ୟୁ ପାଇଁ ଆସିଥିବା ଅନ୍ୟାନ୍ୟ ପରୀକ୍ଷାର୍ଥୀମାନେ ନିଜ ଘରକୁ ଫେରିଯାଇଥିଲେ । ପରବର୍ତ୍ତୀ ନିର୍ଦ୍ଦେଶ ମିଳିବା ପରେ ଇଣ୍ଟରଭ୍ୟୁ ପୁଣିଥରେ ଆରମ୍ଭ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି ।

## ରେଳ ୱାଗନ୍‌ରୁ ଅଚିହ୍ନା ବ୍ୟକ୍ତିଙ୍କ ଶବ ଉଦ୍ଧାର

ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ଏକ କୋଇଲା ଟ୍ରେନ ୱାଗନରେ ରବିବାର ଦିନ ଜଣେ ଅଜଣା ବ୍ୟକ୍ତିଙ୍କ ଶବ ଉଦ୍ଧାର ହୋଇଛି । ୱାଗନରେ ଆସୁଥିବା କୋଇଲା ଉପରେ ମୁହଁ ମାଡି ପଡିଥିବା ଶବଟି କାହାର ତାହା ଜଣା ପଡିନାହିଁ । ତେବେ ଖବର ପାଇ ପୋଲିସ ଶବ ଜବତ କରି ତଦନ୍ତ ଆରମ୍ଭ କରିଛି । ଏହି କୋଇଲା ବୋଝେଇ ଟ୍ରେନଟି ତାଳଚେରରୁ କୋଇଲା ନେଇ ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ ପ୍ରବେଶ କରିବା ସମୟରେ ଡ୍ୟୁଟିରେ ଥିବା ସିଆଇଏସଏଫ ଗାର୍ଡ ଟ୍ରେନ ବଗିରେ ଥିବା କୋଇଲା ଗଦା ଉପରେ ଏକ ଶବ ପଡ଼ିଥିବା ଦେଖି ଖବର ଦେଇଥିଲେ । ଏହା ଦୁର୍ଘଟଣା ଜନିତ ନା ହତ୍ୟା ଜନିତ ତାହା ପୋଲିସ ତଦନ୍ତ ଚଳାଇଥିବା ବେଳେ ମୃତ ବ୍ୟକ୍ତିର ପରିଚୟ ଏପର୍ଯ୍ୟନ୍ତ ମିଳିପାରିନାହିଁ । ସୂଚନାଥାଉ କି ପୂର୍ବରୁ ଏହିପରି ଅନେକ ଘଟଣା ଦେଖିବାକୁ ମିଳିଥିଲା ବେଳେ ଏହା ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ବିଶ୍ୱ ଆଦିବାସୀ ଅଧିକାର ଦିବସ ପାଳିତ



ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ କାଳିକ ପଞ୍ଚାୟତର ଦୁଧିଆଖାଲି ଗ୍ରାମରେ ଆଦିବାସୀ ପାରମ୍ପରିକ ଗ୍ରାମ ସଭା ମାଝୀପାର୍ଗାନା ତତ୍ତ୍ୱାବଧାନରେ ଜିଲ୍ଲା ସ୍ତରୀୟ ବିଶ୍ୱ ଆଦିବାସୀ ଅଧିକାର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରତ୍ୟେକ ବ୍ଲକର ବହୁ ଆଦିବାସୀ ସମ୍ପ୍ରଦାୟର ମହିଳା ଓ ପୁରୁଷଙ୍କ ସମାବେଶ ହୋଇଥିଲା । ଆୟୋଜିତ ସଭାରେ ବିଜୟ ମୁର୍ମୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଜିଲ୍ଲା ମାଝୀ ପାର୍ଗାନାର ସଭାପତି ବୁଧୁରାମ ମାଝୀ ଏବଂ ସମ୍ମାନିତ ଅତିଥି ଭାବେ ଦୁଃଖିରାମ ହେମ୍ବ୍ରମ, ରାଜକିଶୋର ଟୁଡୁ, ବିକ୍ରମ ଟିଡୁ, କାହ୍ନୁ ମୁର୍ମୁ, ରାମଚନ୍ଦ୍ର ସୋରେନ, ସମରାୟ ହାଁସଦା, ମାସାଂ ହାଁସଦା ପ୍ରମୁଖ ଆଦିବାସୀ ନେତୃତ୍ୱ ଯୋଗଦେଇ ଆଦିବାସୀମାନଙ୍କ ଅଧିକାରକୁ ଉପେକ୍ଷିତ କରୁଥିବା ବିଷୟରେ ବକ୍ତବ୍ୟ ରଖିଥିଲେ । ଦାସମାତ ହାଁସଦା ଅତିଥି ପରିଚୟ ଦେଇଥିବା ବେଳେ ଶଙ୍କର ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଡ଼ିଓଙ୍କ ଚିଠି ପରେ ମହିଳା ଗୋଷ୍ଠୀ ମଧ୍ୟରେ ଟଣାଓଟରା

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ମହିଳା ସଂଘ ଶୁକ୍ରବାର ବ୍ଲକ୍ ଘେରିଥିବା ବେଳେ ପୁରୁଣା ମାନଙ୍କୁ ସ୍ଥାୟୀତ୍ୱ କରିବା ପାଇଁ ଦାବୀ କରିବା ସହ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ । ଏହି ଘଟଣାକୁ କେନ୍ଦ୍ର କରି ମହିଳା ଗୋଷ୍ଠୀ ଦୁଇ ଭାଗ ହୋଇଯାଇଥିବା ବେଳେ ପଂଚାୟତ ମାନଙ୍କରେ ଆରମ୍ଭ ହୋଇଯାଇଛି ବାଦ ବିବାଦ । ଅରିଷଣ୍ଢ ପଂଚାୟତରେ ଜଣେ ମହିଳାଙ୍କୁ ଆକ୍ରମଣ ହୋଇଥିବା ଗ୍ରୁପ୍ ଖାତାକୁ ଚିରି ଫୋପାଡ଼ି ଦେଇଥିବା ଏକାଧିକ ମହିଳାଙ୍କ ନାମରେ ଥାନାରେ ମାମଲା ରୁଜୁ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଅରିଷଣ୍ଢ ପଂଚାୟତରେ ହର୍ଷମଣୀ ପରିଡ଼ା ନାମକ ମହିଳା ଅଭିଯୋଗ କରିଛନ୍ତି, ଗ୍ରାମ ପଂଚାୟତ ସୁରକ୍ଷା ମହାସଂଘର ସିଆରପି ଭାବେ କାର୍ଯ୍ୟ କରୁଥିବା ବେଳେ ୨୧ ଗୋଟି ମହିଳା ଗୋଷ୍ଠୀ ହର୍ଷମଣୀଙ୍କ ଅଧିନରେ କାମ କରନ୍ତି । ପ୍ରତ୍ୟେକ ମହିଳା ଗ୍ରୁପ୍‌ର ସଭାପତି, ସଂପାଦିକା ପରିବର୍ତ୍ତନ ପାଇଁ ନିମାପଡ଼ା ବିଡ଼ିଓ ଡ଼ଃ ଅଭିଜିତ ଷଡ଼ଙ୍ଗୀ ଗୋଷ୍ଠୀ ମାନଙ୍କୁ ୧୨.୦୯.୨୦୨୫ରେ ଚିଠି କରିଛନ୍ତି । ଏହି ଚିଠିକୁ ନେଇ ମହାଭାରତ ସୃଷ୍ଟି ହୋଇଥିବା ବେଳେ ହର୍ଷମଣୀ ବାବା ବାଲୁଙ୍କେଶ୍ୱର ଓ ମା' ରାମଚଣ୍ଡୀ ଗ୍ରୁପକୁ ନେଇ ଏକ ଗୃହ ମଧ୍ୟରେ ଆଲୋଚନା କରିଥିବା ବେଳେ ମହାସଂଘର ସମସ୍ତ ଇସି ମେମ୍ବର, ସଭାପତି ସୁବାଳା ବିଶ୍ୱାଳ, ସଂପାଦିକା ବିଜୟଲକ୍ଷ୍ମୀ ମହାନ୍ତି, ଏମ୍‌ବିକେ ସେଠାରେ ପହଂଚି ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ମହିଳାଙ୍କୁ ଟଣା ଓଟରା କରି ପିନ୍ଧା ଲୁଗା ଚିରି ମାଡ଼ ମାରିଥିଲେ । ଗ୍ରୁପର ଖାତାକୁ ଚିରି ଫୋପାଡ଼ି ଦେଇଥିଲେ । ଏହାକୁ ନେଇ ହର୍ଷମଣୀ ନିମାପଡ଼ା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଭାରତୀୟ ନ୍ୟାୟ ସଂହିତା ଦଫା ୧୨୬(୨)/୧୯୬/୧୧୫(୨)/୭୪/୩୫୧(୨)ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି । ବିଭିନ୍ନ ମହିଳା ଗୋଷ୍ଠୀ ମଧ୍ୟରେ ପଦ ପଦବୀ ପରିବର୍ତ୍ତନକୁ ନେଇ ଆରମ୍ଭ ହୋଇଯାଇଛି କାଦୁଅ ଫିଙ୍ଗା । ଯାହାକୁ ନେଇ ପଂଚାୟତ ମାନଙ୍କରେ ମହିଳା ଦୁଇ ଗୋଷ୍ଠୀ ହୋଇ ବିବାଦ ସୃଷ୍ଟି କରିଛନ୍ତି ।

## ମତ୍ସ୍ୟଜୀବୀଙ୍କୁ କୋର୍ଟଚାଲାଣ

ରାଜନଗର(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବନାଞ୍ଚଳ ଅଧୀନସ୍ଥ ଗୁପ୍ତି ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଅଭୟାରଣ୍ୟ ରୁପେଇ ନାଳିରେ ବେନିୟମ ଭାବେ ବଗପାଟିଆ ଗ୍ରାମର ନନୀ ମଣ୍ଡଳଙ୍କ ପୁଅ ଯାଦବ ମଣ୍ଡଳ ମାଛ ଧରୁଥିଲା । କୌଣସି ପ୍ରକାର ଖବର ପାଇ ଗୁପ୍ତି ଫରେଷ୍ଟର ବିଭୁତି ଭୂଷଣ ତରାଇ ମାଛ ମାଫିଆଙ୍କୁ ଧରିବାକୁ ଜାଲ ବିଛାଇ ଥିଲେ । ଏହି ସୁଯୋଗରେ ଫରେଷ୍ଟର ଶ୍ରୀ ତରାଇଙ୍କ ନେତୃତ୍ୱରେ ମହିଳା ଓ ପୁରୁଷ ବନରକ୍ଷୀ ଅଞ୍ଜନା ବେହେରା,



ଦେବପ୍ରସାଦ ମୁଣ୍ଡା, ହିମାଂଶୁ ରାଉତ ପ୍ରମୁଖ ଅଚାନକ ଚଢାଉ କରି ମତ୍ସ୍ୟଜୀବୀଙ୍କୁ ଗିରଫ କରିବା ସହ କଟୁରୀ, ଜାଲ, ଜୀବନ୍ତ ମାଛ ଜବତ କରିଥିଲେ । ରବିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ବାରିମୂଳ ଜେଲକୁ ପଠାଯାଇଥିବା ଫରେଷ୍ଟର ସୂଚନା ଦେଇଛନ୍ତି । ପ୍ରକାଶ ଥାଉକି ବହୁ କଟକଣା ପରେ ମତ୍ସ୍ୟଜୀବୀଙ୍କୁ ବାରମ୍ବାର ବନ ବିଭାଗ ଗିରଫ କରିବାରୁ ମାଛ ମାରିବା ବନ୍ଦ ହୋଇଥିଲା ।

## ମହିମା ସାଧୁଙ୍କ ସମାଧିରେ ଶୋକାକୁଳ ପରିବେଶ

ଜଗତସିଂହପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଠାକୁରପାଟଣା ମହିମା ଅଲେଖ ଆଶ୍ରମର ମହିମା ଧର୍ମ ପ୍ରଚାରକ ସାଧୁ ବାବା ଗଜେନ୍ଦ୍ର ଦାସ(ଗଜି ବାବା)ଙ୍କ ଦେହାନ୍ତ ଘଟିଛି । ଏଥିନେଇ ଉକ୍ତ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟିହୋଇଛି । ଶତାଧିକ ମହିମା ଅଲେଖ ଧର୍ମାବଲମ୍ବି ସାଧୁସନ୍ଥ ବାବା ଗଜେନ୍ଦ୍ର ଦାସଙ୍କ ଦେହାନ୍ତ ଖବର ପାଇଁ ଠାକୁରପାଟଣାସ୍ଥିତ ମହିମା ଆଶ୍ରମରେ ଏକତ୍ରିତ ହୋଇଥିଲେ । ସୁସଜିତ ଗାଡ଼ିରେ ବାବା ଗଜେନ୍ଦ୍ରଙ୍କ ମର ଶରୀର ଜଗତସିଂହପୁର, ପୋକପୁର, ପାକନପୁର, ଓଡିଶୋ ଆଦି ଅଞ୍ଚଳ ପରିକ୍ରମା କରାଯାଇଥିଲା । ବାବା ଗଜେନ୍ଦ୍ର ୩୫ ବର୍ଷରୁ ଉର୍ଦ୍ଧ ହେବ ମହିମା ଧର୍ମରେ ଦୀକ୍ଷିତ ଥିଲେ । ମହିମା ଅଲେଖ ବ୍ରହ୍ମପ୍ରାପ୍ତି କୃପାସିନ୍ଧୁ ବାବାଙ୍କ ନିକଟରୁ ଯୋରନ୍ଦା ଆଶ୍ରମରୁ ବାବା ଗଜେନ୍ଦ୍ର କୌପିନି ପାଇଥିଲେ । ସେହିଦିନଠାରୁ ଘର ଘର ବୁଲି ମହିମା ଧର୍ମର ପ୍ରଚାର ପ୍ରସାର କରିବା ସହିତ ଠାକୁରପାଟଣା ମହିମା ଆଶ୍ରମରେ ଆଶ୍ରିତ ଥିଲେ । ସପ୍ତାହ ହେବ ବାବା ଗଜେନ୍ଦ୍ରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲନଥିଲା । ଅପରାହ୍ନରେ ବାବାଙ୍କୁ ସୁସଜିତ ଗାଡ଼ିରେ ବଜାର ପରିକ୍ରମା କରାଯାଇ ଓଡିଶୋ ସ୍ଥିତ ମହିମା ଆଶ୍ରମ ପରିସରରେ ବାବା କୈଳାସ ଦାସ, ସଞ୍ଜୟ ଦାସ, ଅଭୟ ଦାସ ଭକ୍ତ କପିଳ ଚନ୍ଦ୍ର ସ୍ୱାଇଁ, ନାରାୟଣ ବେହେରା ପ୍ରମୁଖଙ୍କ ଉପସ୍ଥିତିରେ ସମାଧି ଦିଆଯାଇଥିଲା ।

## ଗଞ୍ଜେଇ ଚାଲାଣ ଅଭିଯୋଗରେ ଜଣେ କୋର୍ଟଚାଲାଣ



ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଚୌଦ୍ୱାର ଥାନା ଅନ୍ତର୍ଗତ ଧୂମାବତୀ ଛକ ନିକଟରୁ ଜଣେ ଗଞ୍ଜେଇ ଚାଲଣକାରୀକୁ ଚୌଦ୍ୱାର ପୋଲିସ୍ ପକ୍ଷରୁ ଗିରଫ କରାଯାଇଥିବା ଜଣାପଡ଼ିଛି । ସୂଚନାଥାଉ କି, ଜନୈକ ବ୍ୟକ୍ତି ଏକ ମୋଟର ସାଇକେଲ ଯୋଗେ ଚୌଦ୍ୱାରରେ ଗଞ୍ଜେଇ ଚାଲାଣ କରୁଥିବା ନେଇ ଚୌଦ୍ୱାର ଥାନା ଏସ୍ଆଇ ଅବିନାଶ ରାଉତଙ୍କ ସମେତ ଅନ୍ୟ ପୋଲିସ୍ କର୍ମଚାରୀମାନେ କୌଣସି ବିଶେଷସୂତ୍ରରୁ ଖବର ପାଇ ଧୂମାବତୀ ଛକ ନିକଟରେ ଉକ୍ତ ବ୍ୟକ୍ତିଙ୍କୁ କାବୁ କରିଥିଲେ । ଅଭିଯୁକ୍ତ ଜଣକ କଟକ ଜିଲ୍ଲା ତିଗିରିଆ ଥାନା ଅନ୍ତର୍ଗତ ବାଲିପୁଟ ଗ୍ରାମର ପ୍ରେମାନନ୍ଦ ଜେନା (୪୩)ଙ୍କୁ ଗିରଫ୍ କରିବା ସହ ତାଙ୍କ ନିକଟରୁ ୧କେଜି ୬୦୦ଗ୍ରାମର ଗଞ୍ଜେଇ ଜବତ କରିବା ସହ ବଜାଜ ପଲସର ବାଇକ୍ ଓଡ଼ି୦୬୦୪୯୬କୁ ଜବତ କରାଯାଇଛି । ଏନେଇ ଚୌଦ୍ୱାର ଥାନାରେ କେସ୍ ନଂ.୫୮୮ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ପ୍ରେମାନନ୍ଦକୁ କୋର୍ଟଚାଲାଣ କରାଯାଇଥିବା ନେଇ ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ ସୂଚନା ପ୍ରଦାନ କରିଛନ୍ତି ।

## ଆସ ସ୍କୁଲ ଯିବା ସଚେତନତା କାର୍ଯ୍ୟକ୍ରମ




ଭୁବନ(ଭାସ୍କର ନ୍ୟୁଜ): ଭୁବନ ଭିତରଦିଗ ପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟ ତରଫରୁ ଆସ ସ୍କୁଲ ଯିବା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ବିଷ୍ଣୁ ବିଳାସ ଦାସ କାର୍ଯ୍ୟକ୍ରମକୁ ଉଦଘାଟନ କରି ଶିକ୍ଷା ଅଧିକାର ଆଇନ ୨୦୦୯ ଅନୁଯାୟୀ ପ୍ରତ୍ୟେକ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ସହିତ ଅଧାରୁ ପାଠ ଛାଡିଥିବା, ଆଦୌ ସ୍କୁଲ ଆସିନଥିବା ଓ ସ୍କୁଲ ବାହାରେ ବୁଲୁଥିବା ପିଲାଙ୍କୁ ଶିକ୍ଷା କ୍ଷେତ୍ରର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସରକାର ପ୍ରୟାସ ଜାରି କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ଶିକ୍ଷକ ଶଙ୍କର ପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅସିତ୍ ଦାସ, ଶିକ୍ଷୟିତ୍ରୀ କବିତା ପୃଷ୍ଟି, ମାମିନା ବେହେରା, ରୋଷନୀ ପ୍ରଧାନଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ପୋଥାଳ, କାଉନସିଲର ସୁଶାନ୍ତ ନାୟକ, ସଦସ୍ୟ ଅନାମ ସାହୁ ପ୍ରମୁଖ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ ସଂପୃକ୍ତ ୱାର୍ଡର ବିଭିନ୍ନ ସାହିରେ ପଦଯାତ୍ରା କରିଥିଲେ ।

## ନଦୀରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ୍ ନରେନ୍ଦ୍ରପୁର ଗ୍ରାମପଞ୍ଚାୟତ ବୁହାଳୋପୁର ଗ୍ରାମର ଜଣେ ବୃଦ୍ଧ ଗାଧେଇବାକୁ ଯାଇ ଚିତ୍ରୋତ୍ପଳା ନଦୀରେ ଭାସି ଯାଇଥିଲେ । ବୁହାଳୋପୁର ଗ୍ରାମର କୃଷ୍ଣଚନ୍ଦ୍ର ସାହୁ(୭୫) ମଧ୍ୟାହ୍ନରେ ଚିତ୍ରୋତ୍ପଳା ନଦୀ ବେଣୀରାମପୁର ଘାଟକୁ ଗାଧୋଇବାକୁ ଯାଇଥିଲେ । ଏହି ସମୟରେ ତାଙ୍କର ଗୋଡ ଖସିଯାଇଥିଲା । ଫଳରେ ସେ ପାଣିର ସୁଅରେ ଭାସି ଯାଇଥିଲେ । ଖବର ପାଇଁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବା ନିମନ୍ତେ ଚେଷ୍ଟା କରି ବିଫଳ ହୋଇଥିଲେ । ତେବେ ଏହି ଘଟଣାଟି ସାଧାରଣରେ ଗଭୀର ଶୋକର ଛାୟା ଖେଳାଇ ଦେଇଛି । ତାଙ୍କର ମରଶରୀରକୁ ଗ୍ରାମ୍ୟ ଶ୍ମଶାନରେ ଶୋକାକୂଳ ପରିବେଶରେ ଦାହ କରାଯାଇଥିଲା । ତାଙ୍କର ଜ୍ୟେଷ୍ଠପୁତ୍ର ରଞ୍ଜନ ମୁଖାଗ୍ନି ଦେଇଥିଲେ ।

## ସୁସ୍ଥ ନାରୀ-ସଶକ୍ତ ପରିବାର ଅଭିଯାନ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ): ଆସନ୍ତା ୧୭ରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ହେବାକୁ ଥିବା ସୁସ୍ଥ ନାରୀ-ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ସଫଳ କରିବା ନେଇ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ପ୍ରସ୍ତୁତି କରାଯାଉଛି । ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକ ଅନ୍ୟ ମାନଙ୍କ ମଧ୍ୟରେଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ଼ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ମନୋରଞ୍ଜନ ରାଉତ, ଏଡ଼ିଏମଓ଼ ମେଡିକାଲ ଡ. ପି.କେ. ପ୍ରହରାଜ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ସଚ୍ଚିଦାନନ୍ଦ ମିଶ୍ର, ଡ. ଗୌରାଙ୍ଗ ଚରଣ ଗିରି, ଡ. ଶ୍ୟାମ ସୁନ୍ଦର ଟୁଡୁ ଙ୍କ ସମେତ ଜିଲ୍ଲା ପ୍ରୋଗ୍ରାମ ପରିଚାଳକ ଡ.ମନୋରଞ୍ଜନ ସାହୁ ବ୍ୟାପକ ଆଲୋଚନା କରିଛନ୍ତି, ପ୍ରଶାସନିକ ଅଧିକାରୀ ଦିଲୀପ କୁମାର ନାୟକ, ଫାଇନାସିଆଲ ଅଫିସର ଆଶୁତୋଷ ତ୍ରିପାଠୀ, ଜିଲ୍ଲା ଆକାଉଣ୍ଟସ ମ୍ୟାନେଜର ସର୍ବେଶ୍ୱର ପ୍ରଧାନ, ଜିଲ୍ଲା ଡାଟା ମ୍ୟାନେଜର ଜ୍ୟୋତିରଞ୍ଜନ ପରିଡା, ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ, ଏପିଡେମିଓ଼ଲୋଜିଷ୍ଟ ଡ. ଅଶୋକ କୁମାର ସାହୁ, ଡ଼ିପିଏଚସିଓ଼ ଶୁଭ ନାରାୟଣ ନାୟକଙ୍କ ସମେତ ସମସ୍ତ ମେଡିକାଲ ଅଫିସର ଇନଚାର୍ଜ, ବିପିଏମ, ବିଡ଼ିଏମ, ପିଏଚଇଓ଼, ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ସମସ୍ତ ଆସିଷ୍ଟାଣ୍ଟ ମ୍ୟାନେଜର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅଭିଯାନ ଜିଲ୍ଲାର ସମସ୍ତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସ୍ୱାସ୍ଥ୍ୟ ଉପକେନ୍ଦ୍ର, ଗ୍ରାମାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ଼ ପଟ୍ଟାମୁଣ୍ଡାଇ, ସବ୍‌ଡିଭିଜନ ସ୍ୱାସ୍ଥ୍ୟ ଉପକେନ୍ଦ୍ର ପଟ୍ଟାମୁଣ୍ଡାଇ, ଜିଲ୍ଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କେନ୍ଦ୍ରାପଡ଼ାରେ ଶିଶୁ କନ୍ୟାଠାରୁ ଆରମ୍ଭ କରି ସମସ୍ତ ମହିଳା ଯେକୌଣସି ବୟସ ନିର୍ବିଶେଷରେ ଏହି ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇ ସେମାନଙ୍କର ଅଣ ସଂକ୍ରାମକ ରୋଗର ପରୀକ୍ଷା, ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ମାଧ୍ୟମରେ ଚିକିତ୍ସା ସେବା, ରକ୍ତହୀନତାର ପରୀକ୍ଷା, କୁଷ୍ଠ ଓ଼ ଯକ୍ଷ୍ମା ଆଦି ରୋଗର ପରୀକ୍ଷା ଓ଼ ତାର ଚିକିତ୍ସାରେ ସାମିଲ ହୋଇପାରିବେ । ଏହି ଅଭିଯାନରେ ରକ୍ତଦାନ ଶିବିର ମଧ୍ୟ ଆୟୋଜିତ ହେବ । ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜନସାଧାରଣଙ୍କ ନିମନ୍ତେ ଅନୁରୋଧ କରାଯାଉଛି ସେମାନେ ଆସିବା ସମୟରେ ସେମାନଙ୍କର ଆଧାର କାର୍ଡ କିମ୍ବା ଆଭା ଆଇଡି ସାଙ୍ଗରେ ନେଇ ଆସିବେ । ଯାହାଫଳରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଳ୍ପସମୟ ମଧ୍ୟରେ ସେମାନଙ୍କୁ ପଞ୍ଜିକରଣ କରି ଆବଶ୍ୟକୀୟ ପରୀକ୍ଷା ଓ଼ ଚିକିତ୍ସା କରାଯାଇପାରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟପ୍ରଦେଶର ଇନ୍ଦରଠରେ ୧୭ରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ । ସେହିପରି ରାଜ୍ୟ ଓ଼ ଜିଲ୍ଲା ମହିଳା ଓ଼ ଶିଶୁ ବିଭାଗ ତରଫରୁ ପୋଷଣ କାର୍ଯ୍ୟକ୍ରମ ମଧ୍ୟ ଏଥିରେ ସାମିଲ ହୋଇଛି । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତିଙ୍କ ସମେତ ସମସ୍ତ ସିଡ଼ିପିଓ଼ ଓ଼ ଜିଲ୍ଲାସ୍ତରର କର୍ମଚାରୀ ବୈଠକରେ ସାମିଲ ଥିଲେ । ଆଶା ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଜନସାଧାରଣ ସହଯୋଗ କରି ସୁସ୍ଥ ନାରୀ-ସଶକ୍ତ ପରିବାର ଅଭିଯାନକୁ ସଫଳ କରିବେ ।



କୋରାପୁଟ, (ଭାସ୍କର ନ୍ୟୁଜ୍): ସ୍ୱାବଲମ୍ବୀ ଭାରତ ଅଭିଯାନ ପକ୍ଷରୁ ସ୍ଥାନୀୟ ବିଜ୍ଞାନ ମହାବିଦ୍ୟାଳୟ ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମଞ୍ଚର କୋରାପୁଟ ଜିଲ୍ଲା ସଂଯୋଜକ ମୃତ୍ୟୁଞ୍ଜୟ ଶତପଥୀଙ୍କ ଆହ୍ୱାନକ୍ରମେ ଉପରୋକ୍ତ ଦୁଇଟି ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍ୱଦେଶୀ ଜାଗରଣ ମଞ୍ଚ ପଶ୍ଚିମପ୍ରାନ୍ତ ବିଚାର ବିଭାଗ ପ୍ରମୁଖ ଡ. ରବିନାରାୟଣ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଦେଶରୁ ବେରୋଜଗାରୀ ସମାପ୍ତ କରିବାକୁ ହେଲେ ଉଦ୍ୟମିତା ମାଧ୍ୟମରେ ସ୍ୱରୋଜଗାର ସ୍ଥାପନ କରି ଦେଶକୁ ସମୃଦ୍ଧ କରାଯାଇପାରିବ ବୋଲି କହିଥିଲେ। କେବଳ ଚାକିରି ପଛରେ ନ ଗୋଡ଼ାଇ ଉଦ୍ୟୋକ୍ତା ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ବେରୋଜଗାରୀ ଆମ ଦେଶର ବଡ଼ ସମସ୍ୟା ପାଲଟିଥିବା କହି ଛାତ୍ରଛାତ୍ରୀଙ୍କୁ ଉଦ୍ୟୋଗୀ ହେବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ମଞ୍ଚର ଜିଲ୍ଲା ଯୁବା ପ୍ରମୁଖ ତନ୍ମୟ ପ୍ରିୟଦର୍ଶୀ ପ୍ରଧାନ, ସହ ସଂଯୋଜକ କେଶବ ପଟନାୟକ, ନଗର ସଂଯୋଜକ ପ୍ରଦୀପ୍ତ କୁମାର ବାରିକ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିବାବେଳେ ବିଜ୍ଞାନ ମହାବିଦ୍ୟାଳୟରେ ଅଧ୍ୟାପିକା ପୂଜାରାଣୀ ହନ୍ତାଳ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅଲେଖ ଚନ୍ଦ୍ର ଦୋରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାବିଦ୍ୟାଳୟ କାର୍ଯ୍ୟକ୍ରମରେ ଦୁଇଶହ ଛାତ୍ରଛାତ୍ରୀ ଯୋଗଦେଇଥିବା ବେଳେ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ନବମ ଏବଂ ଦଶମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ସନ୍ଦେହରେ ମହିଳା ଓ ଶିଶୁ ବିକାଶ ଅଧିକାରୀଣୀଙ୍କ ଭୂମିକା

କୁଜଙ୍ଗ, (ଭାସ୍କର ନ୍ୟୁଜ୍) : ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ଛତୁଆ ଯୋଗାଣ ପ୍ରକ୍ରିୟା ସରକାରଙ୍କ ଧାର୍ଯ୍ୟ ମୁତାବକ ବା ସରକାରଙ୍କ ନିର୍ଦ୍ଦେଶ ନାମା ଅନୁସାରେ ପ୍ରତ୍ୟେକ ମାସ ୨୩ ତାରିଖରେ ଛତୁଆ ସାମଗ୍ରୀର ମିଶ୍ରଣ ପ୍ରକ୍ରିୟା କରାଯାଏ ଏବଂ ୧ ତାରିଖରେ ପ୍ରତ୍ୟେକ ହିତାଧିକାରୀ ପାଇବାର ନୀତି ନିୟମ ରହିଅଛି କିନ୍ତୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି କୁଜଙ୍ଗ ବ୍ଲକରେ। ୧ ତାରିଖରୁ ୧୫ ତାରିଖ ହେଲେ ମଧ୍ୟ ଛତୁଆ ଓ କିଶୋରୀ ବାଳିକା ଓ ଗର୍ଭବତୀ ମାନଙ୍କ ପାଇଁ ମୁଢ଼ି ବୁଟ ଖଜୁରୀ ରାଶି ଲଡୁ ଆଦି ସାମଗ୍ରୀ ବଣ୍ଟନ ବିଳମ୍ବ ହେବାରୁ ଉପଭୋକ୍ତା ମାନେ ଆସନ୍ତୋଷ ପ୍ରକାଶ କରିଛନ୍ତି। ଏଥିପ୍ରତି କୁଜଙ୍ଗ ସିଡିପିଓ ରାଜଶ୍ରୀ ସାହୁଙ୍କ ଭୂମିକା ସନ୍ଦେହ ଘେରରେ ଥିବା ସହ ଘଟଣାର କର୍ଣ୍ଣପାତ ନ କରି ସଫେଇ ଦେଉଥିବା ଜୋରଦାର ଚର୍ଚ୍ଚା ହେଉଛି। ସୂଚନା ମୁତାବକ ଗତ ୪ ମାସ ଧରି କୁଜଙ୍ଗ ବ୍ଲକ ଓ ପାରାଦୀପ ମୁନିସିପାଲିଟି ଅଞ୍ଚଳରେ ଛତୁଆ ଯୋଗାଣ କରୁଛନ୍ତି ତିର୍ତ୍ତୋଲ ବ୍ଲକର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି ତାହାକୁ ନେଇ ଉଠିଛି ପ୍ରଶ୍ନ ? କେତେକ ନିର୍ଦ୍ଦିଷ୍ଟ ଅଧିକାରୀ ମୋଟା ଅଙ୍କର ଉତ୍କୋଚ ନେଇ ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠିକୁ ଛତୁଆ ତୁଲାଇବା ଦାୟିତ୍ୱ ଦେଇଥିବା ନେଇ ଚର୍ଚ୍ଚା।

## ଛତୁଆର ମାନ ଓ ଓଜନକୁ ନେଇ ଉଠିଛି ପ୍ରଶ୍ନ

ବ୍ଲକର ଏକ ସ୍ୱୟଂ ସହାୟକ ଗୋଷ୍ଠୀ ଯେଉଁ ସ୍ୱୟଂ ସହାୟକ ଗୋଷ୍ଠୀ ତିର୍ତ୍ତୋଲ ବ୍ଲକ ଅଞ୍ଚଳରେ ନିମ୍ନମାନର ଖାଦ୍ୟ ଯୋଗାଣ ଓ ମିଥ୍ୟା ବିଲ ଦେଇ ଚର୍ଚ୍ଚାର ପରିଧିକି ଆସିଥିବା ସହ ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ନାମରେ ତିର୍ତ୍ତୋଲ ଥାନାରେ ମଧ୍ୟ ଅତୀତରେ ଏତଲା ହୋଇଥିବା ଜଣା ପଡିଛି। ଏହିଭଳି ଏକ ସ୍ୱୟଂ ସହାୟକ ଗୋଷ୍ଠୀକୁ କିଭଳି ଭାବରେ କୁଜଙ୍ଗ ହେଉଛି। ପ୍ରକାଶ ଥାଉ କି ଯେଉଁ ଛତୁଆ,ମୁଢ଼ି, ବୁଟ, ଖଜୁରୀ, ରାଶି ଲଡୁ, ସୁଜି ଇତ୍ୟାଦି ଜିନିଷ ଉପଭୋକ୍ତା ମାନଙ୍କୁ ଯୋଗାଣ ହେଉଛି ତାହା ଅତ୍ୟନ୍ତ ନିମ୍ନମାନର ଓ ସରକାରଙ୍କ ଧାର୍ଯ୍ୟ ପରିମାଣ ଠାରୁ କମ୍ ଆସୁଥିବା କଥାର ଫଟୋ ଚିତ୍ର ସାମ୍ନାକୁ ଆସିଥିବା ଜଣାପଡିଛି। ତେଣୁ ଆଗାମୀ ଦିନରେ ଉକ୍ତ ଛତୁଆ ଯୋଗାଣର ପ୍ରମୁଖ କେଲେଙ୍କାରି ସାଜିଛି ତିର୍ତ୍ତୋଲ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ ଏବେ ତିର୍ତ୍ତୋଲରେ କେଳେଙ୍କାରି ପରେ କୁଜଙ୍ଗର ଛତୁଆ କେଳେଙ୍କାରି ସାମ୍ନାକୁ ଆସିଛି ଏବେ ପ୍ରଶ୍ନ ଉଠୁଛି କେବେ ଆଉ କେଉଁ ଦିନ ଛତୁଆର ମାନ ଓ ଓଜନ ଓ କିଶୋରୀ ବାଳିକା ମାନଙ୍କ ପାଇଁ ଯୋଗାଣ କରାଯାଉଥିବା ଶସ୍ୟ ମାନ ଓ ଓଜନ ଠିକ୍ ରହିବ ତାହା ଉପରେ ରହିଛି ଅଞ୍ଚଳ ବାସୀଙ୍କ ନଜର। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବା ସହ ଏକ ସ୍ୱତନ୍ତ୍ର ସ୍କାର୍ଡ ଗଠନ କରି ଓଜନ ଓ ମାନକୁ ଯାଞ୍ଚ କରିବା ପାଇଁ ସାଧାରଣ ଦାବି ହେଉଛି। ଆଗାମୀ ଦିନରେ ଉକ୍ତ ଯୋଗାଣ ସମ୍ବନ୍ଧରେ ଜାଗ ଗ୍ରାହକ ଜାଗ ନୀତିରେ ଆଇନର ଆଶ୍ରୟ ନେବା ପାଇଁ ଉପଭୋକ୍ତା ମାନେ ଚେତାବନୀ ଦେଇଛନ୍ତି।

# ଅବକାରୀ ଚଢ଼ାଉ, ବିପୁଳ ରନ୍ଧା ମଦ ଜବତ



ଚିକିଟି, (ଭାସ୍କର ନ୍ୟୁଜ୍) : ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଶ୍ରୀ ଶ୍ରବଣ ବିବେକ ଏମ, ଆଇ.ପି.ଏସ୍ ଓ ବ୍ରହ୍ମପୁର ଅବକାରୀ ଅଧିକ୍ଷକ ଶ୍ରୀ ପ୍ରବୀଣ କୁମାର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ତଥା ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟ ପାତ୍ରପୁର ତହସିଲଦାର ଶ୍ରୀ ଅଶୋକ ପଟ୍ଟନାୟକ, ଓ. ଏ. ଏସ ଓ ଅବକାରୀ ଉପ ଅଧିକ୍ଷକ କୁମୁଦ ରଞ୍ଜନ କୁଅଁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜରଡା ଥାନା ଅନ୍ତର୍ଗତ ଜାମ ସାହି, ଯୁବା ସାହି, ବେଙ୍ଗେଇ, ସିନ୍ଦୂରପୁର, ଗୁଜୁଲିଂ ଆଦି ଅଞ୍ଚଳର ପାହାଡିଆ ଜଙ୍ଗଲ ଓ ନାଳ ନିକଟବର୍ତ୍ତୀ ଅଞ୍ଚଳରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଚୋରା ମଦ ଭାଟି ଗୁଡିକୁ ନଷ୍ଟ କରିବା ସହ ମଦ ପ୍ରସ୍ତୁତି ପାଇଁ ବ୍ୟବହୃତ ୨୫୬୦୦ ଲିଟର ଗୁଡ଼ ପିଡ଼ିଆ ପୋଚ ଓ ୮୪୦ ଲିଟର ଚୋରା ଅପମିଶ୍ରିତ ଦେଶୀ ମଦ, ଡ୍ରମ, ଡେକ୍ଚି ଇତ୍ୟାଦି କୁ ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୧୫,୦୦,୦୦୦/- ଟଙ୍କା ହେବ। ଏହି ଚଢ଼ଉ ରେ ଚିକିଟି ଅବକାରୀ ରେଞ୍ଜ ଇନସ୍ପେକ୍ଟର ସଞ୍ଜୟ କୁମାର ପଣ୍ଡା, ବ୍ରହ୍ମପୁର ଅବକାରୀ ରେଞ୍ଜ ଇନସ୍ପେକ୍ଟର ଅର୍ଜୁନ କୁମାର ମଲ୍ଲିକ, ଖାରିଆଗୁଡ଼ା ଫାଣ୍ଡି ଅଧିକାରୀ ସମୀର ଜୟସିଂହ, ଦିଗପହଣ୍ଡି ଅବକାରୀ ଥାନା ଅଧିକାରୀଣୀ ଅନିତା ପ୍ରଧାନ, ଚିକିଟି ଅବକାରୀ ଥାନା ଅଧିକାରୀ ସଞ୍ଜୟ କୁମାର ଭୁକ୍ତା, ବ୍ରହ୍ମପୁର ଅବକାରୀ ଥାନା ଅଧିକାରୀଣୀ ସୁଶ୍ରୀ ସଂଗୀତା ମହାପାତ୍ର, ଗୋପାଳପୁର ଅବକାରୀ ଥାନା ଅଧିକାରୀଣୀ ସସ୍ମିତା ମଲ୍ଲିକ, ଅବକାରୀ ଉପ ନିରୀକ୍ଷିକା ରାଜେଶ୍ୱରୀ ବିଶ୍ୱାଳ, ଉପ ନିରୀକ୍ଷକ ସୁବ୍ରତ ସେଠୀ, ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗ ଉପ ନିରୀକ୍ଷିକା ନର୍ମଦା ନାହାକ, ବ୍ରହ୍ମପୁର ଅବକାରୀ ବିଭାଗର କର୍ମଚାରୀ ମାନଙ୍କ ସହ ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗ, ଜରଡା ଥାନା କର୍ମଚାରୀଙ୍କ ସହ ଏପିଆର ଫୋର୍ସ ଓ ପୋଲିସ୍ କର୍ମଚାରୀ ମାନଙ୍କୁ ନେଇ ମୋଟ ୧୨୦ ରୁ ଉର୍ଦ୍ଧ୍ୱ ଅଧିକାରୀ ଓ କର୍ମଚାରୀ ସାମିଲ ଥିଲେ।

# ବିଶ୍ୱ ହିନ୍ଦୀ ଦିବସ ପାଳିତ




ମାଲକାନଗିରି, (ଭାସ୍କର ନ୍ୟୁଜ୍) : ଆଜି ମାଲକାନଗିରି ଜିଲ୍ଲା ସଦରମହକୁମା ସ୍ଥିତ ସରକାରୀ ନୋଡାଲ ବାଳିକା ଉଚ୍ଚବିଦ୍ୟାଳୟରେ, ଜିଲ୍ଲାର ବରିଷ୍ଠ ହିନ୍ଦୀ ଶିକ୍ଷକ ଜୟଦେବ ପଣ୍ଡାଙ୍କ ତତ୍ୱାବଧାନରେ, ମହାସମାରୋହରେ 'ବିଶ୍ୱ ହିନ୍ଦୀ ଦିବସ' ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ଶୁଭାରମ୍ଭ ମହାପ୍ରଭୁ ଜଗନ୍ନାଥଙ୍କ ପୂଜାର୍ଚ୍ଚନା,ପ୍ରଦୀପ ପ୍ରଜ୍ୱଳନ, ପୁଷ୍ପମାଲ୍ୟ ଅର୍ପଣ ଓ ମନ୍ତ୍ର ପାଠ ସହିତ ଆରମ୍ଭ କରାଯାଇଥିଲା। ଉକ୍ତ ସମାରୋହରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଭାପତି,ଏଜି ଓଡ଼ିଶା ଅଡିଟ ଏବଂ ଆକାଉଣ୍ଟସର ହିନ୍ଦୀ ଅଧିକାରୀ ରବୀନ୍ଦ୍ରନାଥ ଚାନ୍ଦ ମୁଖ୍ୟ ବକ୍ତା, ସାମ୍ବାଦିକ ଏବଂ ଶିକ୍ଷାବିତ୍ ଶିବ ପ୍ରସାଦ କୀର୍ତ୍ତନିୟା, ବରିଷ୍ଠ ହିନ୍ଦୀ ଶିକ୍ଷକ ମାନସ ରଞ୍ଜନ ନାୟକ ଏବଂ ମାଲକାନଗିରି ହିନ୍ଦୀ ଶିକ୍ଷକ ସଂଘର ସଭାପତି ଶଙ୍କର କୁଞ୍ଜାମି ସମ୍ମାନୀୟ ଅତିଥି ଭାବରେ ଯୋଗଦେଇଥିଲେ ଏବଂ ଛାତ୍ରଛାତ୍ରୀ ମାନଙ୍କୁ ବର୍ତ୍ତମାନ ଭାରତ ତଥା ସମଗ୍ର ବିଶ୍ୱରେ, ଭାରତର ରାଜଭାଷା ହିନ୍ଦୀର ମହତ୍ତ୍ୱ ବିଷୟରେ ଅବଗତ କରାଇବା ସଙ୍ଗେସଙ୍ଗେ, ଭାରତର ଏକତା ଓ ଅଖଣ୍ଡତା ପାଇଁ ହିନ୍ଦୀ ଭାଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ ଏବଂ ଛାତ୍ରଛାତ୍ରୀ ମାନଙ୍କୁ ମାତୃଭାଷା ଓଡ଼ିଆ ସହିତ ହିନ୍ଦୀ ଭାଷାକୁ ମଧ୍ୟ ସମାନ ଗୁରୁତ୍ୱର ସହିତ ଅଧ୍ୟୟନ କରିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଶ୍ରୀ ଚାନ୍ଦ ହିନ୍ଦୀ ଦିବସ କାହିଁକି ପାଳନ କରାଯାଏ ଏବଂ କିପରି ଭାବରେ ଶିକ୍ଷା ଦାନ କଲେ ଓଡ଼ିଆ ଛାତ୍ରଛାତ୍ରୀମାନଙ୍କୁ ସହଜରେ ହିନ୍ଦୀ ଶିଖାଇ ହେବ, ସେହି ବିଷୟରେ ମାଲକାନଗିରି ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ହିନ୍ଦୀ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୁରସ୍କାର ଲାଭ କରିଥିବା ହିନ୍ଦୀ ଶିକ୍ଷକ ରାଜେଶ କୁମାର ମେହେର, ବରିଷ୍ଠ ହିନ୍ଦୀ ଶିକ୍ଷକ ଜୟଦେବ ପଣ୍ଡା ଓ ବିଜୟ କୁମାର ପୁହାଣଙ୍କୁ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ପାଇଁ ସେମାନଙ୍କ ଅବଦାନ ନିମନ୍ତେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଏହାପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ। ସର୍ବଶେଷରେ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ ଶିକ୍ଷକ ରାଜେଶ କୁମାର ମେହେରଙ୍କ ସ୍ୱରଚିତ ହିନ୍ଦୀ କବିତା ପାଠ ସହିତ ସମାରୋହ ସମାପ୍ତ ହୋଇଥିଲା।

# ଗୁରୁ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

ବାରିପଦା, (ଭାସ୍କର ନ୍ୟୁଜ୍): ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରାଙ୍ଗଣରେ କୁଜିଡ଼ିହି ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟରେ ୧୯୮୧-୮୩ ବ୍ୟାଚର ବନ୍ଧୁ ମାନଙ୍କୁ ନେଇ ଏକ ବନ୍ଧୁମିଳନ ସଭା ଅନୁଷ୍ଠିତ ହୋଇଯାଇଛି। କମଳ ଲୋଚନ ମହାକୁଡ଼ଙ୍କ ଆବାହନରେ ଆୟୋଜିତ ସଭାରେ ବୈକୁଣ୍ଠନାଥ ସାହୁଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ସଞ୍ଜୟ ଚୌଧୁରୀ ଓ ସ୍ୱତନ୍ତ୍ର ଅତିଥି ଭାବେ ସୁକାନ୍ତ ଜୀଉ ଯୋଗଦେଇ ସୁସ୍ଥ ସମାଜ ଗଠନରେ ଶିକ୍ଷକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାନ୍ତି ବୋଲି ପ୍ରକାଶ କରିଥିଲେ। ପ୍ରଶିକ୍ଷଣ ପ୍ରଦାନ କରିଥିବା ତତ୍କାଳୀନ ଗୁରୁଙ୍କୁ ଉପସ୍ଥିତ ଛାତ୍ରଛାତ୍ରୀ ମାନେ ବନ୍ଦନା କରିବା ସହ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ ଛାତ୍ରଛାତ୍ରୀ ମାନେ ଆଶୀର୍ବାଦ ଲାଭ କରିଥିଲେ। ବନ୍ଧୁମିଳନ କାର୍ଯ୍ୟକ୍ରମ ସହିତ ୪୫ ବର୍ଷ ତଳର ଗୁରୁଛାତ୍ର ଜୀବନର ସ୍ମୃତି ଚାରଣ କରିଥିଲେ।

# ଛାତ୍ରଛାତ୍ରୀଙ୍କୁ ମାଡ଼ମାରି ନିଲମ୍ବିତ ହେଲେ ଶିକ୍ଷକ

## ସରକାରୀ ନିର୍ଦ୍ଦେଶକୁ ନ ମାନି ପୂର୍ବରୁ ହୋଇଥିଲେ ନିଲମ୍ବିତ



କନ୍ଧମାଳ, (ଭାସ୍କର ନ୍ୟୁଜ୍) : କନ୍ଧମାଳ ବ୍ଲକ ବରଗାଁ ପଞ୍ଚାୟତ ଅଧୀନ ମାତାକୁପା ବିଦ୍ୟାଳୟର ଶିକ୍ଷକ ରାକେଶ ବେହେରାଙ୍କୁ ଆଜି କନ୍ଧମାଳ ବ୍ଲକ ଶିକ୍ଷାଧିକାରୀ ଆଶୋଭ ରଞ୍ଜନ ମାଳି ନିଲମ୍ବିତ କରିଥିବା ବୌଦ୍ଧ ଜିଲ୍ଲା ଶିକ୍ଷାଧିକାରୀ ତାଲମେଲ ଦୁବେ ସୁଚନା ଦେଇଛନ୍ତି। ଗତ ଅଗଷ୍ଟ ମାସ ୨୨ ତାରିଖ ଦିନ ମାତାକୁପା ବିଦ୍ୟାଳୟର ଶିକ୍ଷକ ରାକେଶ ବେହେରା ମାତାଲ ଅବସ୍ଥାରେ ବରଗାଁ ବିଦ୍ୟାଳୟକୁ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ଛାତ୍ରଛାତ୍ରୀ ପାଟି କରୁଥିବା ଦେଖି ନିର୍ଧୁମ ମାଡ ମାରିଥିଲେ। ହେଲେ ସମ୍ପୃକ୍ତ ଶିକ୍ଷକ କାହିଁକି ଓ କେମିତି ବରଗାଁ ବିଦ୍ୟାଳୟକୁ ଯାଇ ପିଲାଙ୍କୁ ମାଡ ମାରିଲେ ଏହାର ବିଭାଗୀୟ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକମାନେ ଦାବି କରିଥିଲେ। ଶିକ୍ଷକଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ତୀବ୍ର ସମାଲୋଚନା କରାଯାଇଥିଲା। ଏ ସଂପର୍କରେ ଖବର ପ୍ରସାରଣ ପରେ ଏହି ଘଟଣାକୁ ନେଇ ଜିଲ୍ଲା ଶିକ୍ଷାଧିକାରୀ ତତ୍ପରତା ଦେଖାଇ ଏହାର ତଦନ୍ତ କରିବାକୁ କନ୍ଧମାଳ ବିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। କନ୍ଧମାଳ ବିଇଓ ତଦନ୍ତ ରିପୋର୍ଟ ପ୍ରଦାନ କଲାପରେ ଆଜି ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀଯୁକ୍ତ ଦୁବେ ସଂପୃକ୍ତ ଶିକ୍ଷକ ରାକେଶ ବେହେରାଙ୍କୁ ନିଲମ୍ବିତ କରିଛନ୍ତି। ସୂଚନାଯୋଗ୍ୟ ସମ୍ପୃକ୍ତ ଶିକ୍ଷକ ୩ ମାସ ପୂର୍ବେ ସରକାରଙ୍କ ସର୍ଭେ କାମରେ ସହଯୋଗ ନ କରିବାରୁ ବରଗାଁ ସ୍କୁଲରେ ନିଲମ୍ବିତ ହୋଇଥିବା ବେଳେ ଗତ କିଛି ଦିନ ହେଲା ତାଙ୍କୁ ମାତାକୁପା ବିଦ୍ୟାଳୟରେ ନିଯୁକ୍ତି କରାଯାଇଥିଲା।

# ମୃତ ଲୋକନାଥଙ୍କ ଚକ୍ଷୁଦାନ କଲେ ପରିବାର



କୋରାପୁଟ,(ଭାସ୍କର ନ୍ୟୁଜ୍): ଦୋକାନ କୋଠା ଭୁଶୁଡ଼ି ପି. ଲୋକନାଥଙ୍କ ମୃତ୍ୟୁ ହେବା ପରେ ପରିବାର ଲୋକ ମୃତକଙ୍କ ଚକ୍ଷୁ ଦାନ କରିଛନ୍ତି। ଏଲ୍‌ଭି ପ୍ରସାଦ ଚକ୍ଷୁ ହସ୍ପିଟାଲର ଅଧିକାରୀ ଲୋକନାଥଙ୍କ ପରିବାର ସଦସ୍ୟଙ୍କୁ ଚକ୍ଷୁ ଦାନ ପାଇଁ ପରାମର୍ଶ ଦେଇଥିଲେ। ପରିବାର ଲୋକ ସହମତି ପ୍ରଦାନ କରିବା ପରେ ଭୁବନେଶ୍ୱରର ଦୃଷ୍ଟି ଦାନ ଚକ୍ଷୁ ବ୍ୟାଙ୍କକୁ ପଠାଯାଇଥିବା ହସ୍ପିଟାଲ୍ ପରାମର୍ଶଦାତା ବିଜୟ ବାଲା କହିଛନ୍ତି। ଏହି ସଂକ୍ରାନ୍ତରେ ମୃତକଙ୍କ ପୁଅ ସୁଶାନ୍ତ ପାତ୍ର କହିଛନ୍ତି, ବାପା ସେହି ବ୍ୟକ୍ତି ମାଧ୍ୟମରେ ଜୀବିତ ରହିବେ ଯେଉଁଠାରେ ତାଙ୍କ ଆଖି ପ୍ରତିରୋପଣ କରାଯିବ। ତେଣୁ ପରିବାର ସଦସ୍ୟ ଏପରି ନିଷ୍ପତ୍ତି ନେଇଛନ୍ତି। ଅନ୍ୟପକ୍ଷରେ ମୃତ ଲୋକନାଥଙ୍କ ପରିବାରକୁ ରେଡ୍‌କ୍ରସ୍ ପକ୍ଷରୁ ୩୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ ନିମନ୍ତେ ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯାଇଥିବା ସୂଚନା ମିଳିଛି।

# ଗାନ୍ଧୀ ପବ୍ଲିକ ସ୍କୁଲରେ ବ୍ୟାଜ ଅଲଙ୍କରଣ ଉତ୍ସବ




ଗୁଣୁପୁର (ଭାସ୍କର ନ୍ୟୁଜ୍): ଗୁଣୁପୁର ସ୍ଥାନୀୟ ଗାନ୍ଧୀ ପବ୍ଲିକ ସ୍କୁଲରେ ବ୍ୟାଜ ଅଲଙ୍କରଣ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ନର୍ସରୀରୁ ଦ୍ୱାଦଶ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀ ଏହି ଉତ୍ସବରେ ଅଂଶଗ୍ରହଣ କରିଥିଲେ। ଶ୍ରେଣୀ ମନିଟର ମାନଙ୍କୁ ଏସେମ୍ବଲି ଇନ୍‌ଚାର୍ଜ ପୁନମ ସିଂ, ହାଉସ କ୍ୟାପଟେନ, ହାଉସ ଭାଇସ କ୍ୟାପଟେନ ମାନଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ଟି ଶ୍ରୀଦେବୀ, ହେଡ ବୟ, ହେଡ ଗାର୍ଲ,ଏକ୍ଟିଭିଟି କ୍ୟାପଟେନ, ଭାଇସ କ୍ୟାପଟେନ, ସ୍ପୋର୍ଟସ କ୍ୟାପଟେନ, ଭାଇସ କ୍ୟାପଟେନ ଓ ଛାତ୍ର ଶୃଙ୍ଖଳା କମିଟି ମୁଖ୍ୟ ତଥା ଅନ୍ୟ ସଦସ୍ୟମାନଙ୍କୁ ଅଧ୍ୟକ୍ଷ ସୁବ୍ରତ ରଞ୍ଜନ ପାଠୀ ଶପଥ ପାଠ କରାଇ ବ୍ୟାଜ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟକ୍ଷ ଓ ପ୍ରଧାନ ଶିକ୍ଷୟିତ୍ରୀ ହାଉସ ମାଷ୍ଟର, ହାଉସ ମିଷ୍ଟ୍ରେସ ସହିତ ସମସ୍ତ ଇନ୍‌ଚାର୍ଜ ମାନଙ୍କୁ ଶପଥ ପାଠ କରାଇ ବ୍ୟାଜ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ କହିଥିଲେ ଛାତ୍ର ଜୀବନରେ ନିଷ୍ଠାବାନ ହୋଇ ବିଭିନ୍ନ ଦାୟିତ୍ୱ ପରିଚାଳନା କରିବା ଭବିଷ୍ୟତରେ ବ୍ୟକ୍ତିତ୍ୱ ବିକାଶରେ ସହାୟକ ହୋଇଥାଏ। ଜିଆଇଇଟି ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଡ଼ଃ ଜଗଦୀଶ ପଣ୍ଡା କହିଲେ ଦେଶ ଓ ଜାତିର ସାମୂହିକ କଲ୍ୟାଣ ପାଇଁ ଛାତ୍ରଛାତ୍ରୀମାନଙ୍କ ଭୂମିକା ଗୁରତ୍ୱପୂର୍ଣ୍ଣ ଅଟେ। ଶେଷରେ ଶିକ୍ଷୟିତ୍ରୀ ସରିତା ନ୍ୟୁପାନୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପୂର୍ବତନ ହେଡ୍ ଗାର୍ଲ, କ୍ରୀଡା ଶିକ୍ଷକ ଦିଲ୍ଲୀପ ବେହେରା ଓ ଦେବେନ୍ଦ୍ର ନାୟକଙ୍କ ସହିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

# ନାଏବ ସରପଞ୍ଚଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା, ସ୍ୱାମୀ ଗିରଫ

ଗୁଣୁପୁର, (ଭାସ୍କର ନ୍ୟୁଜ୍) : ଗୁଣପୁର ବ୍ଲକ ଡମ୍ବସରା ପଞ୍ଚାୟତ ନାଏବ ସରପଞ୍ଚ ରଞ୍ଜିତା ତ୍ରିପାଠୀଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟଣାରେ ଗୁଣପୁର ପଲିସ ମୃତ ରଞ୍ଜିତାଙ୍କ ସ୍ୱାମୀ ନରସିଂହ ତ୍ରୀପାଠୀଙ୍କୁ ଗିରଫ କରିଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ମୃତ ନାଏବ ସରପଞ୍ଚଙ୍କ ସ୍ୱାମୀଙ୍କୁ ପଚରାଉଚରା ଓ ଘଟଣାସ୍ଥଳର ପାରିପାର୍ଶିକ ସ୍ଥିତିର ଅନୁଧ୍ୟାନ ଓ ତଦନ୍ତ ପରେ ବିଭିନ୍ନ ଦଫା ରୁଜୁକରି ସ୍ୱାମୀଙ୍କୁ ପୋଲିସ ଗିରଫ କରି ଗୁଣୁପୁର କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ ନାଏବ ସରପଞ୍ଚ ରଞ୍ଜିତା ତ୍ରିପାଠୀ ଘରେ କେହି ନଥିବା ବେଳେ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିଲେ। ମହିଳା ଜଣକ ନିଜ ଘର ପଦ୍ମପୁର ବ୍ଲକ୍ ପେରୁପାଙ୍ଗ ଗ୍ରାମ ରହିଥିବା ବେଳେ ଗୁଣୁପୁର ବ୍ଲକ୍ ଡମ୍ବସରା ପଞ୍ଚାୟତର ଆପନାଗୁଡା ଗ୍ରାମରେ ନରସିଂହ ତ୍ରିପାଠିଙ୍କୁ ବିବାହ କରି ରହୁଥିଲେ। ମୃତକ ନାଏବେ ସରପଞ୍ଚଙ୍କୁ ତାଙ୍କ ସ୍ୱାମୀ ନିର୍ଯ୍ୟାତନା ଦେଇ ଆସୁଥିବା ସହ ମରଣାନ୍ତକ ମାଡ ମାରୁଥିବା ନେଇ ମୃତ ମହିଳାଙ୍କ ଭାଇ ଲକନାଥ ସାହୁ ଗୁଣପୁର ଥାନାରେ ଅଭିଯୋଗ କରିଥିଲେ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

କଣ୍ଟାପଡା, (ଭାସ୍କର ନ୍ୟୁଜ୍) : କଣ୍ଟାପଡା ବ୍ଲକ ବ୍ରାହ୍ମଣ ସାଇଲୋ ପଂଚାୟତ ଧାନ ମଣ୍ଡଳ ଗ୍ରାମରେ ପ୍ରୟାସ ଶିକ୍ଷା ପରିଷଦ ଓ କେନ୍ଦ୍ରୀୟ ରକ୍ତ ଭଣ୍ଡାର କଟକଙ୍କ ମିଳିତ ଆନୁକୂଲ୍ୟରେ ଶ୍ରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଧାନମଣ୍ଡଳ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରାହ୍ମଣବାଟି ସରପଞ୍ଚ ସଞ୍ଜୟ କୁମାର ରାଉତରାୟ ପ୍ରଥମ ରକ୍ତଦାତା ଭାବେ ନିଜର ୬୨ ତମ ରକ୍ତଦାନ କରି ଶିବିରର ଶୁଭାରମ୍ଭ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟର ଗୁରୁମା ଶ୍ୱେତା ରାଉତରାୟ ଓ ସ୍ୱାଗତିକା ରାଉତ ପ୍ରଥମ ଥର ପାଇଁ ରକ୍ତଦାନ କରିଥିଲେ। ବିଦ୍ୟାଳୟର ସଭାପତି ପ୍ରିୟନାଥ ଆଚାର୍ଯ୍ୟ, ସମ୍ପାଦକ ଲକ୍ଷ୍ମୀ ନାରାୟଣ ଆଚାର୍ଯ୍ୟ, ସହ ସମ୍ପାଦକ ଅତୀଶ କୁମାର ରାଉତ, ବସନ୍ତ କୁମାର ମଲ୍ଲିକ୍, ପ୍ରିୟଙ୍କା ଦାଶ,ସୁମିତ୍ରା ବେହେରା, କଳ୍ପନା ଆଚାର୍ଯ୍ୟ, ସୁଜାତା ରାଉତରାୟ, ଜ୍ୟୋତି ରଞ୍ଜନ ଦାସ, ରୁଦ୍ର ପ୍ରସାଦ ଜେନା, ପୂର୍ବତନ ସରପଞ୍ଚ ନକୁଳ ରାଉତ, ରଣଜିତ ରାଉତରାୟ, ବିରେନ ଆଚାର୍ଯ୍ୟ, ପ୍ରଶାନ୍ତ ଆଚାର୍ଯ୍ୟ, ଅଜୟ ରାଉତ, ପୁଷ୍ପାଞ୍ଜଳି ଆଚାର୍ଯ୍ୟ, ପ୍ରଶାନ୍ତି ଭୋଳ,ସିଦ୍ଧେଶ୍ୱର ରାଉତରାୟ, ସଞ୍ଜୟ ପରିଡା ରାନୁ ରାଉତ ପ୍ରମୁଖ ଶିବିର ପରିଚାଳନା କରିଥିଲେ। କେନ୍ଦ୍ରୀୟ ରକ୍ତଭଣ୍ଡାର କଟକ ଡାକ୍ତର ସିଦ୍ଧାନ୍ତ ନାୟକ, ସୁବ୍ରତ ମହାପାତ୍ର, ପ୍ରସନ୍ନ ସ୍ୱାଇଁ, ପ୍ରଶାନ୍ତ କୁମାର ସାହୁ ଓ ସାରଦା ଓଝାଙ୍କ ତତ୍ୱାବଧାନରେ ପ୍ରବଳ ବର୍ଷା ସତ୍ତ୍ୱେ ୨୮ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା।

# ଆଶାକର୍ମୀଙ୍କୁ ଶ୍ରମିକର ମାନ୍ୟତା ଦାବି

## ସାମାଜିକ ସୁରକ୍ଷା ପାଇଁ ସଂଗଠନକୁ ସୁଦୃଢ କରିବାକୁ ଆହ୍ୱାନ




ରାଉରକେଲା (ଭାସ୍କର ନ୍ୟୁଜ୍): ସିଆଇଟିୟୁ ସହବନ୍ଧିତ ଓଡ଼ିଶା ଆଶାକର୍ମୀ ଆସୋସିଏସନ୍ ସୁନ୍ଦରଗଡ଼ ଜିଲ୍ଲା କମିଟିର ଷଷ୍ଠ ଜିଲ୍ଲା ସମ୍ମିଳନୀ ସ୍ଥାନୀୟ ଶ୍ରମିକ ଭବନ, ସେକ୍ଟର ୧୬ ଠାରେ ଆସୋସିଏସନ୍‌ର ସଭାପତି ହୃଦୟାନନ୍ଦ ଯାଦବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ ସିଆଇଟିୟୁ ରାଜ୍ୟ ଉପସଭାପତି ବିମାନ ମାଇତି। ସେ ତାଙ୍କ ଉଦ୍‌ଘାଟନୀ ବକ୍ତବ୍ୟରେ କହିଥିଲେ ଆଜିର ଦିନରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ଆଶାକର୍ମୀ ମାନେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ବେଳେ ସରକାର ସେମାନଙ୍କ ଭୂମିକାକୁ ଗୁରୁତ୍ୱ ଦେଉ ନାହାନ୍ତି ଏବଂ ସେମାନଙ୍କୁ ଶ୍ରମିକର ମାନ୍ୟତା ନ ଦେଇ ସ୍ୱେଚ୍ଛାସେବୀ ଭାବରେ ବିବେଚନା କରିବା ଫଳରେ ସ୍ୱାସ୍ଥ୍ୟ ଭଳି ଏକ ସମ୍ବେଦନଶୀଳ ବିଭାଗରେ କାର୍ଯ୍ୟ କରୁଥିବା ଆଶାକର୍ମୀ ମାନେ ବହୁ ଦୁର୍ଦ୍ଦିନରେ କାମ କରିବାକୁ ବାଧ ହେଉଛନ୍ତି। ସରକାର ତୁରନ୍ତ ସେମାନଙ୍କୁ ଶ୍ରମିକର ମାନ୍ୟତା ପ୍ରଦାନ କରିବା ସହିତ ସାମାଜିକ ସୁରକ୍ଷା ଓ ମାସିକ ୨୬ ହଜାର ଟଙ୍କା ଦରମା ପ୍ରଦାନ ପାଇଁ ସିଆଇଟିୟୁ ନେତୃତ୍ୱରେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରିବା ପାଇଁ ସେ ଆହ୍ୱାନ କରିଛନ୍ତି ଓ ସୁନ୍ଦରଗଡ଼ ଜିଲ୍ଲାର ସମସ୍ତ ଅଞ୍ଚଳର ଆଶାକର୍ମୀ ମାନଙ୍କୁ ସିଆଇଟିୟୁରେ ସାମିଲ କରିବା ସହିତ ରାଜ୍ୟବ୍ୟାପୀ ସଂଗଠନକୁ ସୁଦୃଢ଼ କରିବା ସହିତ ଦାବି ଆଦାୟ ପାଇଁ ଆନ୍ଦୋଳନକୁ ତୀବ୍ର କରିବାକୁ ପରାମର୍ଶ ଦେଇଛନ୍ତି। ସେ ଓଡ଼ିଶାର ଡବଲ ଇଞ୍ଜିନ ସରକାରଙ୍କ ମହିଳା ମାନଙ୍କୁ ସୁରକ୍ଷା ଦେବାରେ ବ୍ୟର୍ଥ ହୋଇଥିଲା ବେଳେ ମହିଳା ମାନଙ୍କୁ ରାତ୍ରୀକାଳୀନ କାର୍ଯ୍ୟ କରିବା ପାଇଁ ଆଇନ ପ୍ରଣୟନକୁ କଟୁ ସମାଲୋଚନା କରିଥିଲେ। ସମ୍ମିଳନୀକୁ ଶୁଭେଚ୍ଛା ଜଣାଇ ସିଆଇଟିୟୁ ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀ, ରାଜ୍ୟ ସଂପାଦକ ବସନ୍ତ ନାୟକ, ରାଜ୍ୟ କମିଟି ସଦସ୍ୟ ରାଜ କିଶୋର ପ୍ରଧାନ, ଯଯାତି କେଶରୀ ସାହୁ, ବି ପି ମହାପାତ୍ର, କୃଷକ ସଭା ନେତା ସୁରେନ୍ଦ୍ର ଦାଶ, ଲକ୍ଷ୍ମୀଧର ନାୟକ,ଅରୁ ଦାସ ପ୍ରମୁଖ ବକ୍ତବ୍ୟ ରଖି ଆଶାକର୍ମୀ ମାନଙ୍କ ସମ୍ମିଳନୀର ସଫଳତା କାମନା କରିବା ସହିତ ସମସ୍ତ ଆନ୍ଦୋଳନରେ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ସମ୍ମିଳନୀର ଆସୋସିଏସନ୍‌ର ସାଧାରଣ ସମ୍ପାଦିକା ଶକୁନ୍ତଳା ମହାକୁଡ଼ ରାଜନୈତିକ ଓ ସାଂଗଠନିକ ଚିଠା ରିପୋର୍ଟ ଉପସ୍ଥାପନ କରିଥିଲେ ଓ ଉକ୍ତ ରିପୋର୍ଟ ଉପରେ ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ସେକ୍ଟରରୁ ଆସିଥିବା ଆଶାକର୍ମୀ ପ୍ରତିନିଧି ମାନେ ଆଲୋଚନାର ମତ ରଖିବା ସହିତ ରିପୋର୍ଟ ସର୍ବସମ୍ମତିକ୍ରମେ ସମ୍ମିଳନୀରେ ଗୃହିତ ହୋଇଛି। ସମ୍ମିଳନୀରେ ଆସୋସିଏସନ୍‌ର ରାଜ୍ୟ ଉପସଭାପତି ସୁରେଶ ସ୍ୱାଇଁ ବକ୍ତବ୍ୟ ରଖି ସିଆଇଟିୟୁ ନେତୃତ୍ୱରେ ଓଡ଼ିଶାରେ ଆଶାକର୍ମୀ ମାନେ ବିଗତ ଦିନରେ ଯେଉଁ ଆନ୍ଦୋଳନ ମାନ ସଂଗଠିତ କରିଛନ୍ତି ସେଥିପାଇଁ ଅଭିନନ୍ଦନ ଜଣାଇବା ସହିତ ବିଭିନ୍ନ ସମସ୍ୟାର ଆଶୁ ସମାଧାନ ପାଇଁ ସଂଗଠନକୁ ସୁଦୃଢ଼ କରିବା ସହିତ ଆନ୍ଦୋଳନକୁ ତୀବ୍ର କରିବାକୁ ଆହ୍ୱାନ ଦେଇଛନ୍ତି। ଶେଷରେ ଏକ ୫୫ ଜଣିଆ ଜିଲ୍ଲା କମିଟି ଓ ୧୮ ଜଣିଆ ଜିଲ୍ଲା କର୍ମକର୍ତ୍ତା କମିଟି ସମ୍ମିଳନୀ ରେ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଛି। ସଭାପତି ଭାବରେ ଅଭୟ ସସ୍ମିତା ଖେସ, କାର୍ଯ୍ୟକାରୀ ସଭାପତି ଭାବରେ ଶକୁନ୍ତଳା ମହାକୁଡ଼, ହୃଦୟାନନ୍ଦ ଯାଦବ, ସାଧାରଣ ସମ୍ପାଦିକା ଭାବେ ନିରୁପମା ସାହୁ, ଉପ ସଭାନେତ୍ରୀ ଭାବେ ଅନିମା ଲାକ୍ରା, ରୀତାରାଣି ମାନା, ସରୋଜିନୀ ଦାସ୍,ସିପ୍ରାନ୍ତି ଟପ୍ପୋ, ବିଣା ନାୟକ, ସଂପାଦିକା ଭାବେ ସୁଶିଳା ଓରାମ, ଜୟନ୍ତୀ ପାଣ୍ଡବ, ଲକ୍ଷ୍ମୀ ଗଞ୍ଜୁ, ଲୀନା ଡୁଙ୍ଗଡୁଙ୍ଗ, ଲୀଲୋ ଏକ୍କା ପ୍ରମୁଖ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି।

# ହିନ୍ଦୀ ଦିବସ ପକ୍ଷ ପାଳନ ଅବସରରେ ବକ୍ତୃତା ପ୍ରତିଯୋଗିତା



ବାରିପଦା, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରାଷ୍ଟ୍ରଭାଷା ପ୍ରଚାର ସମିତି, ମୟୁରଭଞ୍ଜ ଶାଖା ଆନୁକୂଲ୍ୟରେ ହିନ୍ଦୀ ପକ୍ଷ ଦିବସ ପାଳନ ଅବସରରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ଶ୍ୟାମସୁନ୍ଦର ଦାସ ମୁଖ୍ୟ ଅତିଥି ଭାବେ, ସମ୍ମାନିତ ଅତିଥି ଭାବେ ସମିତିର ସମ୍ପାଦିକା ପ୍ରଭାତ ମଞ୍ଜରୀ ଦାସଶର୍ମା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋତ୍ସ୍ନାରାଣୀ ଜେନା, ପୂର୍ଣ୍ଣିମା ପଣ୍ଡା, ମଞ୍ଜୁଲୀ ଦେ, କମଳ ଲୋଚନ ମହାକୁଡ଼ ଓ ସମାଜସେବୀ ଲୋକନାଥ ମହାନ୍ତ ପ୍ରମୁଖ ଯୋଗଦେଇ ଆମ ଦେଶରେ ହିନ୍ଦୀକୁ ରାଷ୍ଟ୍ରଭାଷା ଭାବେ ପ୍ରଚଳନ ଉପରେ ଆଲୋକପାତ କରିଥିଲେ ଓ ୬ଷ୍ଠ ରୁ ୮ମ ଶ୍ରେଣୀର ମୋଟ ୧୫ ଜଣ ଛାତ୍ରଛାତ୍ରୀ 'ଶିମିଳିପାଳ ହାମାରୀ ଜୀବନ ରେଖା' ବିଷୟ ଉପରେ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ଓ ୬ଷ୍ଠ ଶ୍ରେଣୀର ସାଇ ସମ୍ଭବ ରାଉତ ପ୍ରଥମ, ୭ମ ଶ୍ରେଣୀର ବଡ ନାଏକ ଦ୍ୱିତୀୟ ଓ ୬ଷ୍ଠ ଶ୍ରେଣୀର ଅମିତ ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ ଓ ଚଳିତ ମାସ ୧୬ ତାରିଖ ଦିନ ଶ୍ରୀ ମା' ମହାବିଦ୍ୟାଳୟ ପରିସରରେ ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯିବ ଓ ଶିକ୍ଷକ ସୋମନାଥ ସିଂହ ଓ ଶିକ୍ଷୟତ୍ରୀ ଗାର୍ଗୀ ଶତପଥି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାଷ୍ଟ୍ରୀୟ ଲୋକ ଅଦାଲତ ୬୭୩୬ଟି ମକଦ୍ଦମା ସମାଧାନ

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଜିଲ୍ଲା କୋର୍ଟ ସମେତ ଆନନ୍ଦପୁର ଓ ଚମ୍ପୁଆର ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟ, ବଡବିଲ, ହାଟଡିହୀ, ତେଲକୋଇ ଓ ଘଟଗାଁର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ବିଚାରପତି କୋର୍ଟ ଗୁଡିକରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତ ଗୁଡିକରେ ସମୁଦାୟ ୬୭୩୬ ଟି ମକଦ୍ଦମା ସମାଧାନ କରାଯାଇ ୧୭,୫୯,୬୦,୯୨୬ ଟଙ୍କା ଆଦାୟ ହୋଇଥିଲା। ଜିଲ୍ଲା ଓ ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲ୍ଲା ଜଜ୍ କୋର୍ଟ ପରିସରରେ ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଜଜ୍ ଗୋପାଳ ଚନ୍ଦ୍ର ବେହେରା ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଭଗବାନ ପ୍ରଧାନ,ପରିବାର ଅଦାଲତର ବିଚାରପତି ଇତିଶ୍ରୀ ମହାପାତ୍ର,ଅତିରିକ୍ତ ଜିଲ୍ଲାଜଜ୍ ମମିତା ଦାସ, ଅଧ୍ୟକ୍ଷ ସ୍ଥାୟୀ ଲୋକ ଅଦାଲତ ବିଚାରପତି ଇ. ବିଶ୍ୱେଶ୍ୱର ରାଓ,ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ହିମାଂଶୁ ଶେଖର ବିଶ୍ୱାଳ, ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ନାୟକ, ରେଜିଷ୍ଟ୍ରାର ସୁଚେତା କୃପାଳିନୀ, ମହିଳା କୋର୍ଟ ବିଚାରପତି ନେହା ଦାସ, ଉପଖଣ୍ଡିୟ ବିଚାରପତି ସୁମିତ୍ରା କୁମାରୀ ଦାସ,କନିଷ୍ଠ ବିଚାରପତି ପ୍ରଥମଶ୍ରେଣୀ ଅମ୍ବିକେଶ ପାଣିଗ୍ରାହୀ, ଜଙ୍ଗମ ଈଶ୍ୱର ନିଜ ନିଜ କୋର୍ଟ ଗୁଡିକରେ ମକଦ୍ଦମା ପରିଚାଳନା କରିଥିବାବେଳେ ଭାରପ୍ରାପ୍ତ ପ୍ରାଧିକରଣର ସଚିବ ତଥା ମହିଳା କୋର୍ଟ ବିଚାରପତି ନେହା ଦାସ କୋର୍ଟ ପରିଚାଳନା ଭାର ସମେତ ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର କାର୍ଯ୍ୟଭାର ସମ୍ଭାଳି ଥିଲେ। ଏହି ରାଷ୍ଟ୍ରିୟ ଲୋକ ଅଦାଲତରେ ପ୍ରାକ୍ ବ୍ୟାଙ୍କ ମକଦ୍ଦମା ୫୫ଟି ମାମଲାର ସମାଧାନ ହୋଇ ୧୧,୦୯,୧୦୦ ଟଙ୍କା,ମଟରଯାନ ଦୁର୍ଘଟଣା ୬୧ଟି ମାମଲା ସମାଧାନ ହୋଇ ୧୫,୨୬,୧୭,୮୧୦ ଟଙ୍କା,ପ୍ରାକ୍ ଲୋକ ଉପଯୋଗୀ ସେବା ୨୩ଟି ସମାଧାନ ହୋଇ ୧,୧୩,୦୦୦ ଟଙ୍କା,ପ୍ରାକ ବିଏସ୍‌ଏନ୍‌ଏଲ୍ ମକଦ୍ଦମା ୨୫ଟି ମାମଲାର ସମାଧାନ ହୋଇ ୨୮,୩୯୬ ଟଙ୍କା,ରାଜସ୍ୱ ମକଦ୍ଦମା ୬୨୪୧ଟି ମାମଲାର ସମାଧାନ ହୋଇ ୫,୧୦,୯୭୮ ଟଙ୍କା,ଦେୱାନୀ ମକଦ୍ଦମା ୫୯ଟି ମାମଲା ସମାଧାନ ହୋଇ ୪୦,୮,୦୪୯ ଟଙ୍କା, ଫୌଜଦାରୀ ମକଦ୍ଦମା ୨୫୮ଟି ମାମଲା ସମାଧାନ ହୋଇ ୧,୭୮,୩,୫୯୩ ଟଙ୍କା ଆଦାୟ ହୋଇଥିଲା। ପାରିବାରିକ ମାମଲା ୧୪ଟି ଫଇସଲା ହୋଇ ୨,୭୦,୦୦୦ ଟଙ୍କା ଆଦାୟ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ କୋର୍ଟ ପରିଚାଳକ ଅଚ୍ୟୁତ ସାମନ୍ତରାୟ, ନାଜିର ଦିଲ୍ଲୀପ ବେହେରା, ଆଇନସେବା ପ୍ରାଧିକରଣର ପ୍ୟାନେଲ ଅଧିବକ୍ତା ସୁନିଲ କୁମାର ମହାନ୍ତ, କରୁଣାକର ବ୍ରହ୍ମ, ଅର୍ଚ୍ଚନା ଦାସ, ରମଣୀ ରଞ୍ଜନ ସେଠୀ, ପଦ୍ମଲୋଚନ ବାରିକ, ଦୀପକ କୁମାର ଦାସ,ହୁସେନ ଉଦ୍ଦିନ, ଶକ୍ତି ପ୍ରସାଦ ଶତପଥି,ସନ୍ଦୀପ କୁମାର ବେହେରା,ରେଣୁଦେବୀ ସିଂ, ପ୍ରାଧିକରଣ କର୍ମୀ ସତ୍ୟରଞ୍ଜନ ଦାସ, ସ୍ନେହଲତା ବାସ୍କେ, ଦେବବ୍ରତ କୁମାର ଦାସ, ମାନସ ରଞ୍ଜନ ନାଏକ, ଶିଶିର କୁମାର ସାହୁ ଉପସ୍ଥିତ ରହି ଲୋକ ଅଦାଲତରେ ସହଯୋଗ କରିଥିଲେ।



ରାଜନଗର (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବନଖଣ୍ଡ ଅଧୀନସ୍ଥ ଡାଙ୍ଗମାଳ ସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନରେ ସ୍କୁଲ ପିଲାମାନଙ୍କ ଦ୍ୱାରା ବିରାଟ ପଟୁଆରରେ ଗ୍ରାମ ଭ୍ରମଣ କରି ମା, ମାତୃଭୂମି ଓ ସବୁଜିମା ବୃକ୍ଷରାଜିର ସମନ୍ୱୟ ବିଷୟରେ ସାମାଜିକ ବାର୍ତ୍ତା ପ୍ରଦାନ କରିଥିଲେ। ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ବନଖଣ୍ଡ ଅଧୀକାରୀ ବର୍ଦ୍ଧରାଜ ଗାଓଁକର ସବୁଜ ପତାକା ଦେଖାଇ ଉଦଘାଟନ କରିଥିଲେ। ଏହି ପ୍ରୋଗ୍ରାମ ଉପଲକ୍ଷେ ସ୍କୁଲ ପିଲାଙ୍କ ଦ୍ୱାରା ଚିତ୍ରାଙ୍କନ, ଡିବେଟ୍ ପ୍ରତିଯୋଗିତା ଓ ସାଇକେଲ ରାଲି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜନଗର ବନଖଣ୍ଡ ଅଧିକାରୀ ବର୍ଦ୍ଧରାଜ ଗାଓଁକର ଓ ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସ ପିଲାମାନଙ୍କୁ ଉଦ୍‌ବୋଧନ ଦେବା ସହ ମା' ପାଇଁ ଗଛଟିଏର ମାହାତ୍ମ୍ୟ ପ୍ରତିପାଦନ କରିଥିଲେ। ଯାହାକି ଏହି କୁନି ଭବିଷ୍ୟତମାନଙ୍କ ପାଇଁ ଏକ ସବୁଜ ସୁନ୍ଦର ପୃଥିବୀ ଗଢି ତୋଳିବା ସହ ମା'ଟିଏ ଯେମିତି ତା' ପିଲାର ଯତ୍ନ ନିଏ ସେମିତି ଗଛର ଯତ୍ନନେବା ଦିଗରେ ପ୍ରେରଣାର ଉତ୍ସ ପରି କାମ କରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ନାଗାନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ବୃନ୍ଦ, ବନପାଳ ପ୍ରଶାନ୍ତ କୁମାର ସିଂ, ବନରକ୍ଷୀ ବବୁଲ୍ କୁମାର ପରିଡ଼ା, ବନରକ୍ଷୀ କଳ୍ପତରୁ ସେଠୀ, ବନରକ୍ଷୀ ସୁଶ୍ରୀ ସନ୍ଧ୍ୟାରାଣୀ ମଲ୍ଲିକ, ହେମନ୍ତ ପାଣିଗ୍ରାହୀ, ନିରାକାର ବେହେରାଙ୍କ ସମେତ ଅନ୍ୟମାନେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।



## ବାଙ୍କୀ ମହୋତ୍ସବ ନେଇ ପ୍ରଶାସନିକସ୍ତରୀୟ ବୈଠକ




ବାଙ୍କୀ (ଭାସ୍କର ନ୍ୟୁଜ୍) : ଆସନ୍ତା ଅକ୍ଟୋବର ୦୭ ତାରିଖ ଠାରୁ ଆରମ୍ଭ ହେବାକୁଥିବା ବାଙ୍କୀ ମହୋତ୍ସବକୁ ଜାକଜମକରେ ପାଳନ ଓ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଏକ ପ୍ରଶାସନିକ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳ ପ୍ରଣବ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମହୋତ୍ସବର ସଭାପତି ତଥା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ସଭାରେ ଯୋଗ ଦେଇ ଏଥର ରୌପ୍ୟ ଜୟନ୍ତୀକୁ ମହାସମାରୋହରେ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ମହୋତ୍ସବ ଏକ ଲୋକ କଳାରେ ପରିଣତ ହୋଇଛି ଓ କିପରି ମହାଆଡମ୍ବରରେ ପାରମ୍ପରିକ ଭାବେ ପାଳନ କରାଯିବ ସେଥିପାଇଁ ସମସ୍ତ ବିଭାଗ କିପରି ସମନ୍ୱୟ ରଖି କାର୍ଯ୍ୟ କରିବେ ସେ ବିଷୟରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ବୁଦ୍ଧିଜୀବୀ ମାନଙ୍କ ସହ ଆଲୋଚନା କରି ମତାମତ ଗ୍ରହଣ କରିଥିଲେ। ଏହି ସମୟରେ ମା' ଚର୍ଚ୍ଚିକା ମନ୍ଦିରକୁ ଫୁଲ ଓ ଆଲୋକ ମାଳାରେ ସୁସଜ୍ଜିତ କରିବା, ବିଦ୍ୟୁତ ବିଭାଗ ତରଫରୁ ବିଦ୍ୟୁତ କାଟ ନ କରିବା, ଅସ୍ଥାୟୀ ଶୌଚାଳୟ ସ୍ଥାପନ, ଏନଏସି ତରଫରୁ ମହୋତ୍ସବ ପଡିଆ ସଫା କରିବା, ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ମରାମତି କରିବାକୁ ଉପଜିଲ୍ଲାପାଳ ଶ୍ରୀ ବେହେରା ନିର୍ଦ୍ଦେଶ ଦେଇଥିଲେ। ଜାତମୁଣ୍ଡିଆ ପୋଲ ନିକଟରୁ ସୁବର୍ଣ୍ଣପୁର ପର୍ଯ୍ୟନ୍ତ ପୋଲିସ ପେଟ୍ରୋଲିଂ କରିବାକୁ ମତପ୍ରକାଶ ପାଇଥିଲା। ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାଳକୃଷ୍ଣ କହଁର ଗୃହକୁ ଆଶ୍ୱାସନା ଦେଇଥିଲେ ଯେ ମହୋତ୍ସବ ସମୟରେ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯିବ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହୋତ୍ସବ କମିଟିର ସାଧାରଣ ସମ୍ପାଦକ ଡ଼. ଗଣେଶ୍ୱର ସ୍ୱାଇଁ ମହୋତ୍ସବ ସମ୍ବନ୍ଧରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଉକ୍ତ ବୈଠକରେ ବିଜ୍ଞାପିତ ଅଞ୍ଚଳ ପରିଷଦ ବାଙ୍କୀର ନଗରପାଳ ମାଣିକ ସାହୁ, ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ, ବାଙ୍କୀ ଆଇ.ଆଇ.ସି ଦିଲ୍ଲୀପ କୁମାର ମର୍ଦ୍ଦରାଜ ଭୂୟାଁ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡ. ଆଲୋକ କୁମାର ପଟ୍ଟନାୟକ, ବାଙ୍କୀ ତହସିଲଦାର ଓ ଡମପଡା ଶ୍ରୀ ଅଶେଷ କୁମାର ନାୟକ ଓ ବୈଶାଖୀ ଲେଙ୍କା, ଡେପୁଟି କଲେକ୍ଟର ସୌମ୍ୟରଞ୍ଜନ ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ଗଣମାଧ୍ୟମର ପ୍ରତିନିଧି, ମହୋତ୍ସବ କମିଟିର ସଭ୍ୟ, ବରିଷ୍ଠ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଡମପଡା ବିଡ଼ିଓ ଅଂଶୁମାନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## କନ୍ଧମାଳ ବ୍ଲକର ବିଭିନ୍ନ ଅଞ୍ଚଳରେ ପୁଅ ଜିଉଁତିଆ ପାଳିତ



କନ୍ଧମାଳ (ଭାସ୍କର ନ୍ୟୁଜ୍) : ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ସଦର ମହକୁମା ସମେତ ବିଭିନ୍ନ ପୁରପଲ୍ଲୀରେ ଆଜି ପଶ୍ଚିମ ଓଡ଼ିଶାର ଅନ୍ୟତମ ମହାନ ପର୍ବ 'ପୁଅ ଜିଉଁତିଆ' ଓଷା ଉତ୍ସାହ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ପୁତ୍ରପ୍ରାପ୍ତି ସାଙ୍ଗକୁ ପୁତ୍ରଙ୍କ ଦୀର୍ଘ ଜୀବନ କାମନା କରି ପାଳନ ହେଉଥିବା ଏହି ଓଷା ପାଇଁ ଆଜି ସକାଳୁ ସମସ୍ତ ବିବାହିତା ମହିଳାମାନେ ନିର୍ଜଳା ଉପବାସ ରହିଥିଲେ। ପରେ ସନ୍ଧ୍ୟାରେ ସ୍ନାନ କରି ଓଷା ପାଇଁ ସହରରୁ ଗାଁ ସବୁ ଅଞ୍ଚଳରେ ସ୍ୱତନ୍ତ୍ର ଭାବେ ନିର୍ମାଣ ହୋଇଥିବା ଓଷା କୋଠୀମାନଙ୍କୁ ବ୍ରତାଧାରୀ ମାନେ ୧୦୮ ଅକ୍ଷତ ଅରୁଆ ଚାଉଳ, ୧୦୮ ଦୁବ, ବିଭିନ୍ନ ପ୍ରକାର ଫୁଲ, ଫଳ ସହ ପୂଜା ସାମଗ୍ରୀ ଧରି ବ୍ରତ କରିବାକୁ ଯାଇଥିଲେ। ସେଠାରେ ଜୀମୂତ ବାହନ ଭାବରେ ସ୍ଥାପନ କରାଯାଇଥିବା କଦଳୀ ଗଛକୁ ପୁରୋହିତଙ୍କ ଦ୍ୱାରା ପାରମ୍ପରିକ ପୂଜାର୍ଚ୍ଚନା ପରେ ଦ୍ୟୁତୀ ବାହନ ଓଷାବ୍ରତ ଶ୍ରବଣ କରିଥିବା ଦେଖିବାକୁ ମିଳିଥିଲା। ବିଧି ଅନୁଯାୟୀ ଆଜି ଓଷା ଶେଷ ପରେ ବ୍ରତାଧାରୀମାନେ ବିଭିନ୍ନ ଜଳାଶୟ ଯାଇ ସ୍ନାନ ସମାପନ ପରେ ପୂଜା ସାମଗ୍ରୀକୁ ଜଳରେ ବିସର୍ଜନ କରିବା ସହ ସେଠାରେ ବାଲୁକା ପୂଜା କରି ଚଣା ସେବନ କରିଥିଲେ। ପରେ ପରଦିନ ସକାଳୁ ନୂତନ ବସ୍ତ୍ର ପରିଧାନ କରି ଘରେ ପୂର୍ଣ୍ଣକୁମ୍ଭ ବସାଇ ଦୀପ ପ୍ରଜ୍ଜ୍ୱଳନ କରି ପୁଅ-ଝିଅ ମାନଙ୍କୁ ଏକ ସ୍ୱତନ୍ତ୍ର ଆସନରେ ବସାଇ ପୂର୍ବଦିନ ରାତିରେ ପୂଜା କରି ଆଣିଥିବା ୧୦୮ ଦୁବକୁ ଏକ କାକୁଡି କସିରେ ଶାଳପତ୍ର ଦ୍ୱାରା ବାନ୍ଧି ପୁଅ-ଝିଅମାନଙ୍କ ଦୀର୍ଘାୟୁ କାମନା କରି ସେମାନଙ୍କ ଆପାଦ ମସ୍ତକ ସ୍ପର୍ଶ କରାଇଥିବା ଦେଖିବାକୁ ମିଳିଥିଲା। ପରେ ଓଷା କୋଠୀରେ ପୂର୍ବରୁ ପୂଜା ହୋଇଥିବା ରେଶମ ଡୋରି ଜିଉନ୍ତିଆ ପିନ୍ଧାଇ ଦେଇଥିଲେ। ପୁଅ ଜିଉନ୍ତିଆ ପାଇଁ ନୂତନ ଶାଢ଼ୀ ଓ ପୋଷାକ କ୍ରୟ ସକାଶେ ଗତ କିଛିଦିନ ହେଲା କନ୍ଧମାଳ ସମେତ, ପଲସାଗୋରା, ଘଣ୍ଟାପଡା, ଖଟଖଟିଆ, ଗବଯୋର ଠାରେ ଥିବା କପଡ଼ା ଦୋକାନ ଗୁଡିକରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।

## ଜାତୀୟ ସେବା ଯୋଜନାର ନାମଲେଖା ଏବଂ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଧରଣୀଧର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର ନାମଲେଖା ଏବଂ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି ଉପଲକ୍ଷେ ୧୦୦ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଛି। ବିଶ୍ୱ ବିଦ୍ୟାଳୟର ପିଜି କାଉନସିଲ ଚେୟାରମ୍ୟାନ ଡ଼. ପ୍ରଭୁପ୍ରସାଦ ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଭବିଷ୍ୟତରେ ଜଣେ ସ୍ୱେଚ୍ଛା ସେବୀର ଭୂମିକା ସମ୍ପର୍କରେ ଆଲୋକପାତ କରି ଥିଲେ। ଏଥିରେ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଦିନେଶ ମହାରଣା ଅଧକ୍ଷତା କରିଥିଲେ। ମୁଖ୍ୟ ବକ୍ତା ଭାବେ ଭକ୍ତ ବତ୍ସଳ ମହାନ୍ତି ଜାତୀୟ ସେବା ଯୋଜନାର କାର୍ଯ୍ୟକଳାପ ଏବଂ ସମାଜ ପାଇଁ ସ୍ୱେଚ୍ଛାସେବୀ ମାନଙ୍କର ଦାୟିତ୍ୱ ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। ଜାତୀୟ ସେବା ଯୋଜନା ବ୍ୟୁରୋ ସଂଯୋଜିକା ସରିତା ନାୟକ ଜାତୀୟ ସେବା ଯୋଜନାର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଜାତୀୟ ସେବା ଯୋଜନା ଦ୍ୱିତୀୟ ବର୍ଷର ସ୍ୱୟଂସେବିକା ପ୍ରିୟଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ଜାତୀୟ ସେବା ଯୋଜନାର ସମସ୍ତ ସ୍ୱେଚ୍ଛା ସେବୀ ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲ୍ଲାପାଳ ଓ ବିଧାୟକଙ୍କ ରାମତରା ବେଳାଭୂମି ପରିଦର୍ଶନ



ଏରସମା (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ପଦ୍ମପୁର ପଞ୍ଚାୟତର ରାମତରା ଠାରେ ଏକ ମୁହାଣ ଖୋଲିଛି। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଜଗତସିଂହପୁର ଜିଲ୍ଲାପାଳ କେ. ସୋନାଲ, ବାଲିକୁଦା – ଏରସମାର ମାନ୍ୟବର ବିଧାୟକ ସାରଦା ପ୍ରସନ୍ନ ଜେନା, ମହାନଦୀ ସାଉଥ ଅଧିକ୍ଷଣ ଯନ୍ତ୍ରୀ ସିଦ୍ଧାର୍ଥ ଶେଖର, ସହକାରୀ ନିର୍ବାହୀ ଯନ୍ତ୍ରୀ କୈଳାଶ ବେହେରା, ଏରସମା ବିଡିଓ ଦାଶରଥି ଜେନା, ଏରସମା ତହସିଲଦାର ସ୍ନିଗ୍ଧା ଶ୍ରଦ୍ଧାଞ୍ଜଳୀ ବେହେରା, କୁଜଙ୍ଗ ବନ୍ୟାଞ୍ଚଳ ଅଧିକାରୀ ସଞ୍ଜୟ କୁମାର ପ୍ରଧାନ, ସମବାୟବିତ୍ ସମୀର ରଞ୍ଜନ ସ୍ୱାଇଁ, ସରପଞ୍ଚ ସୌଭା ରାଣୀ ପାତ୍ର, ପୂର୍ବତନ ସରପଞ୍ଚ କେଶବ ପାତ୍ର ଓ ସମାଜସେବୀ ଅରୁଣ ବେହେରା ପ୍ରମୁଖ ରାମତରାରେ ସମୁଦ୍ର କୂଳଲଂଘିଲା ଘଟଣା ପରିଦର୍ଶନ କରିଛନ୍ତି। ସମୁଦ୍ର କୂଳରେ ପଥରବନ୍ଧ ନିର୍ମାଣ ପାଇଁ ଅଧିକ ଅର୍ଥ ଯୋଗାଇ ଦେବାକୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ଏଥିସହିତ ବାଲିବସ୍ତା ପକାଇ ଘାଇକୁ ବନ୍ଦ କରିବା ପାଇଁ ଜଳସମ୍ପଦ ବିଭାଗ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିସହିତ ବୃକ୍ଷରୋପଣ ପାଇଁ ଡିଏଫ୍‌ଓଙ୍କୁ କହିଥିଲେ। ଗତ ପୁନେଇ ଉଠାଣିରେ ସମୁଦ୍ର କୂଳଲଘିଁ ରାତିରେ ସାମାନ୍ୟ ଜୁଆର ଆସିଥିବା ବେଳେ ତାହା ଉଗ୍ରରୂପ ନେଇଛି।ଏରସମା ବ୍ଲକ୍ ଅନ୍ତର୍ଗତ ରାମତରା ସମୁଦ୍ର ବେଳାଭୂମିର, ଉତ୍ତରପଡା ପଦ୍ମପୁର ଘେରି ନିକଟରେ ଘାଇ ସୃଷ୍ଟି ହୋଇ, ସମୁଦ୍ର ଜୁଆର କ୍ରମଶଃ ଜନବସତି ଆଡ଼କୁ ମୁହାଁଉଛି। ଯେଉଁଥି ପାଇଁ ରାମତରା ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଗତ କିଛିଦିନ ତଳେ ଶିଆଳି ଠାରେ ସମୁଦ୍ର କୂଳଲଘଂନ କରି ପଦ୍ମପୁର ପଞ୍ଚାୟତ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିଲା। ଜିଲ୍ଲାପାଳ କେ. ସୋନାଲ ଏବଂ ସ୍ଥାନୀୟ ବିଧାୟକ ଶ୍ରୀ ଜେନା ରାମତରା ପରିଦର୍ଶନ ପରେ ଏରସମା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି, ରୋଗୀମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହିତ ଆୟୁଷ୍ମାନ କାର୍ଡ ପାଇଛ କି ନାହିଁ ପଚାରି ବୁଝିଥିଲେ ଏବଂ ଏରସମା ସ୍ୱାସ୍ଥ୍ୟକେନ୍ଦ୍ରର ନବୀକରଣ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏରସମା ବିଡ଼ିଓ ଦାଶରଥି ଜେନା, ଏରସମା ମେଡିକାଲ ଡ଼ ଅମୟ ସ୍ୱାଇଁ, ଏରସମା ସରପଞ୍ଚ ସଚ୍ଚିଦାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଡେରାବିଶ ମହାବିଦ୍ୟାଳୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ଡେରାବିଶ ମହାବିଦ୍ୟାଳୟ ସଭାକକ୍ଷରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଯୁବ ରେଡ଼କ୍ରସ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଚନ୍ଦ୍ରଶେଖର ନାୟକ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଦେବାଶିଷ ସାହୁ ଯୋଗଦେଇ ରୋଗ ନିରାକରଣ କ୍ଷେତ୍ରରେ ପ୍ରାଥମିକ ଚିକିତ୍ସାର ଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ବନ୍ଧରେ କହିଥିଲେ। ଡ. ସାହୁ ଛାତ୍ରଛାତ୍ରୀମାନଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସହ ବ୍ୟକ୍ତି ଜୀବନରେ ଉତ୍ତମ ସ୍ୱାସ୍ଥ୍ୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଉତମ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟ, ନିୟମିତ ବ୍ୟାୟାମ ଓ ସୁଖନିଦ୍ରାର ଆବଶ୍ୟକତା ରହିଛି ବୋଲି ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ବିଶେଷ ଭାବରେ ଛାତ୍ରଛାତ୍ରୀମାନେ ଫାଷ୍ଟଫୁଡ୍ ବର୍ଜନ କରିବା ପାଇଁ କହିଥିଲେ। ଏହି ସଭାରେ ଅଧ୍ୟାପକ ନଗେନ୍ଦ୍ରନାଥ ପାଣି, ବିଶ୍ୱଜିତ କୁମାର ସାହୁ, ସଂଜୟ କୁମାର ମିଶ୍ର, ମହାବିଦ୍ୟାଳୟର ଜାତୀୟ ସେବାଯୋଜନା ପିଓ ରଘୁନାଥ ସାହୁ, ଷ୍ଟାଲିନ ଦିଗଲ ଏବଂ ଅଧ୍ୟାପିକା ସୁଭଶ୍ରୀ ପଣ୍ଡା ପ୍ରମୁଖ ଯୋଗଦେଇ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ନିଜ ନିଜର ମତ ରଖିଥିଲେ। ଏହି ସଭାକୁ ଅଧ୍ୟାପିକା ଆକାଂକ୍ଷା ଦାସ ପରିଚାଳନା କରିଥିଲା ବେଳେ ଶେଷରେ ମହାବିଦ୍ୟାଳୟ ଯୁବ ରେଡ଼କ୍ରସ୍ କନ୍‌ସେଲର ଡ. ଶଶିକାନ୍ତ ମଲ୍ଲିକା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ କର୍ମଶାଳା

ଛତ୍ରପୁର(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଶ୍ରୀରାମନଗର ସ୍ଥିତ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, ପରିସରରେ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ରନାଥ ଦାଶ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ସଭାପତି ପଦ୍ମଚରଣ ସାହୁ ସଭାପତିତ୍ୱ କରିଥିଲା ବେଳେ ଉପସଭାପତି ଗୀତା ପାଢୀ, ସଦସ୍ୟ ରାମ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁ ବାଟିକାର ଶୈକ୍ଷିକ ପ୍ରମୁଖ ବି ସୁଶୀଳା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସହିତ ଶିଶୁର ସଂସ୍କାରପୂର୍ଣ୍ଣ ଜୀବନରେ ମାଆର ଭୂମିକା କିପରି ଗୁରୁତ୍ୱପୂର୍ଣ୍ଣ ସେ ବିଷୟରେ ଆଲୋକପାତ କରିବା ସହ କାର୍ଯ୍ୟଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିଶୁବାଟିକାର ୬୯ଜଣ ଅଭିଭାବିକାଙ୍କ ସହିତ ପ୍ରାତଃ ଅଧିବେଶନର ସମସ୍ତ ଗୁରୁମା ସହଯୋଗ କରିଥିଲେ।



## ଆର୍ଥିକ ଅନ୍ତର୍ଭୁକ୍ତିକରଣ ପରିପୂର୍ଣ୍ଣତା ଅଭିଯାନ କାର୍ଯ୍ୟକ୍ରମ




ଫୁଲନଖରା (ଭାସ୍କର ନ୍ୟୁଜ୍) : ବାଲିଅନ୍ତା ଥାନା ଅନ୍ତର୍ଗତ ହଂସପାଳ ବଜାର ସ୍ଥିତ ମୁମେଣ୍ଟ କନଭେନସନ ହଲରେ ସେଣ୍ଟ୍ରାଲ ବ୍ୟାଙ୍କ ବେଣୁପୁର ଶାଖା ତରଫରୁ ଆର୍ଥିକ ଅନ୍ତର୍ଭୁକ୍ତିକରଣ ପରିପୂର୍ଣ୍ଣତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସେଣ୍ଟ୍ରାଲ ବ୍ୟାଙ୍କ୍ ଅଫ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମହେନ୍ଦ୍ର ଦୋହାରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ନାବାର୍ଡର ଚିଫ୍ ଜେନେରାଲ ମ୍ୟାନେଜର ସଞ୍ଜୟ କୁମାର ତାଲୁକଦାର ମୁଖ୍ୟବକ୍ତା, ସେଣ୍ଟ୍ରାଲ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ରିଜ୍ୟୁନାଲ୍ ହେଡ୍ ପଙ୍କଜ କୁମାର, ରାୟପୁର ଜୋନାଲ ହେଡ଼ ବି.ଆର ରାଧାକ୍ରିଷ୍ଣନ ନାୟକ, ଖୋର୍ଦ୍ଧା ଜିଲ୍ଲାର ଲିଡ ଡିଷ୍ଟ୍ରିକ୍ଟ ମ୍ୟାନେଜର ଅଜୟ ବେହେରା, ବେଣୁପୁର ସରପଞ୍ଚ ହୃଷିକେଶ ପାତ୍ର ପ୍ରମୁଖ ମଞ୍ଚାସୀନ ହୋଇ ଉପସ୍ଥିତ ଶତାଧିକ ଗ୍ରାହକ ମାନଙ୍କୁ ପି.ଏମ. ଜେ. ଜେ.ବି.ୱାଇ, ପି.ଏମ.ଏସ.ବି. ୱାଇ, ଏ.ପି. ୱାଇ ଓ ରି କେ.ୱାଇ.ସିର ଆବଶ୍ୟକତା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବେଣୁପୁର ଶାଖା ମ୍ୟାନେଜର ବର୍ଷାରାଣୀ ଜି ଧନ୍ୟବାଦ ଦେଇଥିବାବେଳେ ଆସିଷ୍ଟାଣ୍ଟ ମ୍ୟାନେଜର ମିତାଲି ମଧୁସ୍ମିତା, ହେଡ୍ କ୍ୟାସିଅର୍ ପ୍ରିୟବ୍ରତ ପ୍ରଧାନ, ଷ୍ଟାଫ୍ ବି.ପି ସିଂ ପ୍ରମୁଖ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ଏହି ଅବସରରେ ରିଜ୍ୟୁନାଲ୍ ଅଫିସ ଷ୍ଟାଫ୍ ବି.ଆର.ଏମ ସୁରେନ୍ଦ୍ର ଚନ୍ଦ୍ର, ଚିଫ ମ୍ୟାନେଜର ମୁକୁନ୍ଦ କର୍ଣ୍ଣ, ଶରତ ମହାପାତ୍ର, ପ୍ରିୟମ୍ବଦା ନାୟକଙ୍କ ସମେତ ସନ୍ଦୀପ ଚୌଧୁରୀ, ଐଶ୍ୱର୍ଯ୍ୟା ଘୋଷ, ସୁବ୍ରତ ସାସମଲ, ଶୁଭଶ୍ରୀ ପଣ୍ଡା, ଶାଶ୍ୱତୀ ପାଢ଼ୀ, ସରୋଜିନୀ ରଥ ଓ ବନ୍ଦନା ମ୍ୟାଡ଼ାମ୍ ପ୍ରମୁଖ ଉପସ୍ଥିତ ରହି ବ୍ୟାଙ୍କ୍ ସମ୍ବନ୍ଧୀୟ କାରବାର ବିଷୟରେ ଗ୍ରାହକମାନଙ୍କୁ ବୁଝାଇଥିଲେ।

## ଅପରାଧ ଓ ଆଇନ ଶୃଙ୍ଖଳା ସ୍ଥିତିର ସମୀକ୍ଷା କଲେ ନଗର ଉନ୍ନୟନ ମନ୍ତ୍ରୀ



ବାରିପଦା (ଭାସ୍କର ନ୍ୟୁଜ୍): ଆଜି ବାରିପଦା ଠାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷରେ ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗ, ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଜିଲ୍ଲାର ବିଭିନ୍ନ ପ୍ରକାର ଅପରାଧ ଓ ଆଇନ ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଥିଲେ। ଉକ୍ତ ସମୀକ୍ଷା ବୈଠକରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ଜିଲ୍ଲାପାଳ ହେମକାନ୍ତ ସୟ, ପୂର୍ବାଞ୍ଚଳ ପୋଲିସ ଡିଆଇଜି ପିନାକ ମିଶ୍ର, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲି, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୌତମ କିଷାନ, ଦୀପକ କୁମାର ଗୋଛାୟତ, ସବିତା ମାଝୀ, ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁର, ବିଭିନ୍ନ ଥାନା ଅଧିକାରୀ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଓ ରଜନୀ କାନ୍ତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜିଲ୍ଲାରେ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ପ୍ରକାର ଅପରାଧ ଓ ଆଇନ ଶୃଙ୍ଖଳା ପରିସ୍ଥିତି ବିଷୟରେ ଏକ ବିସ୍ତୃତ ବିବରଣୀ ମନ୍ତ୍ରୀଙ୍କ ଅବଗତି ନିମନ୍ତେ ଉପସ୍ଥାପନ କରିଥିଲେ ଏବଂ ଅପରାଧ ହାର ହ୍ରାସ ତଥା ଆଇନ ଶୃଙ୍ଖଳା ପରିସ୍ଥିତି ଉପଯୁକ୍ତ ବଜାୟ ରଖିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ କି କି ପଦକ୍ଷେପ ନିଆଯାଉଛି ସେ ବିଷୟରେ ଅବଗତ କରାଇବା ସହ ଜିଲ୍ଲାରେ ପୋଲିସ ପ୍ରଶାସନର ସୁଗମ ତଥା ଅଧିକ କ୍ରିୟାଶୀଳ କରିବା ପାଇଁ ଆଉ କଣ କଣ ସାଧନର ଅବଶ୍ୟକତା ଅଛି ସେ ବିଷୟରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସମୀକ୍ଷା ଅବସରରେ ମାନ୍ୟବର ମନ୍ତ୍ରୀ ବିଶେଷ କରି ବିଭିନ୍ନ ପ୍ରକାର ହତ୍ୟା, ଚୋରି, ରାହାଜାନି, ଛିନତାଇ, ଠକେଇ, ପ୍ରତାରଣା, ଅପହରଣ, ବ୍ରାଉନ ସୁଗାର, ଚରସ, ଗଞ୍ଜେଇ, କଫ୍‌ସିରପ୍ ତଥା ବେଆଇନ ଦେଶୀ ମହୁଲି ମଦ, ବିଷାକ୍ତ ମଦ ଓ ଗୁଟଖା, ଜର୍ଦ୍ଦା ଇତ୍ୟାଦି ନିଶାଦ୍ରବ୍ୟ କାରବାର, ଯୌତୁକ ଜନିତ ଅତ୍ୟାଚାର -ହତ୍ୟା, ବେଆଇନ ଯୁବତୀ/ମହିଳା ଚୋରା ଚାଲାଣ, ଘରୋଇ ହିଂସା ଜନିତ ହତ୍ୟା, ଜମିଜମା ବିବାଦ ଜନିତ ହତ୍ୟା, ବାଲି, ମୋରମ ଇତ୍ୟାଦି ଲଘୁ ଖଣିଜ ଦ୍ରବ୍ୟର ଚୋରା ଚାଲାଣ, ବେଆଇନ ଶ୍ରମିକ ଚାଲାଣ, ବେଆଇନ ଭାବେ ଅସ୍ତ୍ରଶସ୍ତ୍ର ରଖିବା, ଗୋ-ମାଂସ ବିକ୍ରି, ଗୋ-ହତ୍ୟା ଓ ଗୋ-ଚାଲାଣ, ମଦ୍ୟପାନ ଜନିତ ସଡ଼କ ଦୁର୍ଘଟଣା, ଟ୍ରାଫିକ ନିୟମ ଅବମାନନା ଜନିତ ମୃତ୍ୟୁ, ସାଇବର ଠକେଇ ଇତ୍ୟାଦି ଉପରେ ପୁଙ୍ଖାନୁପୁଙ୍ଖ ଭାବେ ସମୀକ୍ଷା କରିଥିଲେ। ସମୀକ୍ଷା ପରେ ମାନ୍ୟବର ମନ୍ତ୍ରୀ କହିଥିଲେ ଯେ ମୟୂରଭଞ୍ଜ ଏକ ଶାନ୍ତିପ୍ରିୟ ଜିଲ୍ଲା। ମାତ୍ର ସମୟର ପରିବର୍ତ୍ତନ ଧାରାରେ ବର୍ତ୍ତମାନ ବିଭିନ୍ନ ପ୍ରକାର ଅପରାଧ ଦୃଷ୍ଟିକୁ ଆସୁଛି। ତେଣୁ ଅପରାଧକୁ ରୋକିବା ପାଇଁ ଅଧିକ ଜାଗ୍ରତ ହେବାକୁ ପଡିବ ଏବଂ ପ୍ରବର୍ତ୍ତନକୁ ଅଧିକ ସକ୍ରିୟ କରିବାକୁ ପଡିବ। ଯେପରିକି ବିଷାକ୍ତ ମଦ କାରବାରକୁ ରୋକିବା ପାଇଁ ଅବକାରୀ ଓ ପୋଲିସ ମିଳିତ ଭାବେ ନିୟମିତ ବ୍ୟବଧାନରେ ଅଚାନକ ଚଢ଼ାଉ କରିବାର ଆବଶ୍ୟକତା ରହିଛି, ସେହିପରି ଟ୍ରାଫିକ ନିୟମକୁ କଡାକଡି ଭାବେ କାର୍ଯ୍ୟକାରିତା ପାଇଁ ପୋଲିସ, ଅବକାରୀ ଓ ପରିବହନ ବିଭାଗ ଅଧିକାରୀମାନେ ମିଳିତ ଭାବେ ଉଦ୍ୟମ କରିବା ଉଚିତ୍। ଏମିତି କିଛି କିଛି ଅପରାଧ ରହିଛି ଯାହାକି କେବଳ ପୋଲିସ ବିଭାଗ ଦ୍ୱାରା ରୋକାଯାଇ ପାରିବ ନାହିଁ। ପୋଲିସ ବିଭାଗ ସହିତ ଅନ୍ୟ ବିଭାଗର ସମନ୍ୱୟରେ ରୋକାଯାଇ ପାରିବ। ଏହି ଅବସରରେ ମନ୍ତ୍ରୀ ସରକାରୀ ଜମି ଜବରଦଖଲ ଉଚ୍ଛେଦ ଉପରେ ଅଗ୍ରାଧିକାର ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଜିଲ୍ଲାରେ ଅପରାଧ ହାର କମାଇବା ତଥା ଆଇନ ଶୃଙ୍ଖଳା ପରିସ୍ଥିତିକୁ ଉପଯୁକ୍ତ ଭାବେ ବଜାୟ ରଖିବା ପାଇଁ ପୋଲିସ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ଦିଗରେ ଅଧିକ ଭିତ୍ତିଭୂମି ଯୋଗାଇବା, ପାଟ୍ରୋଲିଂ ପାଇଁ ଯାନ, ଅପରାଧ ନିୟନ୍ତ୍ରଣ ପାଇଁ ସିସି ଟିଭି ଇତ୍ୟାଦିର ବ୍ୟବସ୍ଥା ପାଇଁ ଉଦ୍ୟମ କରିବେ ବୋଲି ପ୍ରକାଶ କରିଥିଲେ। ଶେଷରେ ସମସ୍ତ ଅଧିକାରୀମାନଙ୍କୁ ନିଜ ନିଜର ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ କରିବା ସହ କାର୍ଯ୍ୟ ନିର୍ବାହରେ ସ୍ୱଚ୍ଛତା ଓ ନିରପେକ୍ଷତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦେବା ସହ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

## ପହଂଗା ପଞ୍ଚାୟତରେ ବିଜେପିର ସାଂଗଠନିକ ସମ୍ମିଳନୀ

ନିଆଳି (ଭାସ୍କର ନ୍ୟୁଜ୍) : ନିଆଳି ବ୍ଲକ ପହଂଗା ପଞ୍ଚାୟତ ପଡିଆରେ ବିଜେପି ପକ୍ଷରୁ ସାଂଗଠନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଭାପତିତ୍ୱ କରୁଥିଲେ ପ୍ରକାଶ ଚନ୍ଦ୍ର ମିଶ୍ର। ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ ନିଆଳି ବିଧାୟକ ଛବି ମଲିକ। ଏହି ବୈଠକରେ ରାଜ୍ୟ ପ୍ରବକ୍ତା ରାଜେନ୍ଦ୍ର ପ୍ରସାଦ ପଣ୍ଡା, ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳ, ସାଂସଦଙ୍କ ପ୍ରତିନିଧି ଜ୍ୟୋତିରଞ୍ଜନ ମହାନ୍ତି, ଆମ୍ବା ଅଧକ୍ଷ ଗଣେଶ୍ୱର ମିଶ୍ର, ତିହୁଡି ସମିତି ସଭ୍ୟ ଶଶୀକାନ୍ତ ଲେଙ୍କା ଉପସ୍ଥିତ ରହିଥିଲେ। ଏହି ସାଂଗଠନିକ ସମ୍ମିଳନୀରେ ପହଂଗାର ପୂର୍ବତନ ସରପଞ୍ଚ ବିଭୁତି ଭୂଷଣ ରାଉତରାୟଙ୍କ ସମେତ ଶହେରୁ ଉର୍ଦ୍ଧ୍ୱ କର୍ମୀ ଉପସ୍ଥିତ ରହିଥିଲେ।




## ଓଲଟିପଡିଲା ଟାଟା ଏସିଇ ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର



ଡେରାବିଶ (ଭାସ୍କର ନ୍ୟୁଜ୍) : କଟକ-ଚାନ୍ଦବାଲି ରାଜରାସ୍ତାର ଚାନ୍ଦୋଳ କଲେଜଛକ ନିକଟରେ ଆଜି ସକାଳେ ଏକ ଟାଟା ଏସି ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ତେବେ ଗାଡ଼ିଟି ରାସ୍ତାକଡ଼ରେ ଥିବା ନୟନଜୋରିର ପାଣି ମଧ୍ୟରେ ପଡ଼ିବାରୁ ସୌଭାଗ୍ୟକୁ ଡ୍ରାଇଭର ଜଣକ ରକ୍ଷାପାଇ ଯାଇଥିଲେ। ତେବେ ଗାଡ଼ିଟି କେନ୍ଦ୍ରାପଡ଼ାରୁ କଟକ ଅଭିମୁଖେ ଯାଉଥିବା ବେଳେ ଏଥିରେ କୌଣସି ମାଲ ବୋଝେଇ ହୋଇନଥିଲା।

## ରାଶିଫଳ

**ସୋମବାର, ୧୫ ସେପ୍ଟେମ୍ବର ୨୦୨୫**




**ମେଷ:** ଆଜି, ଆପଣ ନିଜ ଘରେ ଏବଂ କାର୍ଯ୍ୟକ୍ଷେତ୍ରରେ ଏକ ଉତ୍ତମ ପରିବେଶରେ ବାସ କରି ବହୁତ ଖୁସି ହେବେ। ସ୍ୱାସ୍ଥ୍ୟ ଭଲ ହେବ। କାର୍ଯ୍ୟାଳୟର ଉଚ୍ଚ ପଦାଧିକାରୀମାନେ ଆପଣଙ୍କ କାର୍ଯ୍ୟକୁ ପ୍ରଶଂସା କରିବେ। ପରିବାରରେ ଆନନ୍ଦର ବାତାବରଣ ରହିବ। ମା'ଙ୍କଠାରୁ ଲାଭ ମିଳିବ।



**ବୃଷ:** ଆଜି ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଅନେକ ଥକ୍କା ଏବଂ ଅଳସୁଆ ଅନୁଭବ କରିବେ, ଯେଉଁଥିପାଇଁ ଉତ୍ସାହର ଅଭାବ ରହିବ। ଏହାର ପ୍ରଭାବ ବାଣିଜ୍ୟିକ କ୍ଷେତ୍ରରେ ଦେଖାଯିବ ଏବଂ ଏହା ସମସ୍ୟା ସୃଷ୍ଟି କରିପାରେ।



**ମିଥୁନ:** ଆଜି ଆପଣଙ୍କୁ କୌଣସି ନୂତନ କାର୍ଯ୍ୟ ଆରମ୍ଭ ନ କରିବାକୁ ଏବଂ ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ପ୍ରତିକ୍ରିୟାଶୀଳ ହେବାକୁ ପରାମର୍ଶ ଦିଆଯାଇଛି। କଫ ଏବଂ ପେଟ ସମ୍ବନ୍ଧୀୟ ରୋଗ ଆପଣଙ୍କୁ କଷ୍ଟ ଦେଇପାରେ। ସମ୍ଭବ ହେଲେ ଅସ୍ତ୍ରୋପଚାର ପରି ବଡ଼ ମାମଲା ସ୍ଥଗିତ ରଖିବାକୁ ପରାମର୍ଶ ଦିଆଯାଇଛି।



**କର୍କଟ:** ଆଜି ଦୈନନ୍ଦିନ କାର୍ଯ୍ୟ ସହିତ, ଆପଣ ମନୋରଞ୍ଜନ ଏବଂ ସଭାରେ ସମୟ ବିତାଇବେ। ଆପଣ ସ୍ୱାଦିଷ୍ଟ ଖାଦ୍ୟ ପାଇବେ ଏବଂ ସାଙ୍ଗମାନଙ୍କ ସହିତ ବୁଲିବାକୁ ଯିବେ। ଆପଣ ବିପରୀତ ଲିଙ୍ଗ ସାଙ୍ଗମାନଙ୍କ ସହିତ ଏକ ଭଲ ସମୟ ଅତିବାହିତ କରିବେ। ଆପଣଙ୍କର ବ୍ୟବସାୟ ବଢିବ।



**ସିଂହ:** କାର୍ଯ୍ୟରେ ସଫଳତା ପାଇବା ପାଇଁ ଆଜି ସର୍ବୋତ୍ତମ ଦିନ। ଆପଣ କରିଥିବା କାର୍ଯ୍ୟ ଦ୍ୱାରା ଆପଣ ଖ୍ୟାତି ପାଇବେ। ପରିବାରରେ ଏକ ଆନ୍ତରିକ ପରିବେଶ ରହିବ। ଶରୀର ଏବଂ ମନ ସହିତ ତୁମେ ସତେଜତା ଏବଂ ଆନନ୍ଦ ଅନୁଭବ କରିବ।



**କନ୍ୟା:** ଆଜି ଆପଣଙ୍କର କଳ୍ପନା ଶକ୍ତି ପୁରା ଭଲ ରହିବ। ସାହିତ୍ୟ ସୃଷ୍ଟି ପାଇଁ ଆଜି ଏକ ଭଲ ଦିନ। ଛାତ୍ରମାନେ ଶିକ୍ଷଣରେ ଭଲ ପ୍ରଦର୍ଶନ କରିବାକୁ ସମର୍ଥ ହେବେ। ଭାବପ୍ରବଣତା ଏବଂ ଯୌନତା ଆପଣଙ୍କ ପ୍ରକୃତିରେ ଅଧିକ ରହିବ। ପେଟ ଯନ୍ତ୍ରଣା ହେବାର ସମ୍ଭାବନା ଅଛି।




**ତୁଳା:** ଆଜି ଆପଣଙ୍କର ବହୁତ ଭାବନା ରହିବ, ଯେଉଁ କାରଣରୁ କାହାର ଶବ୍ଦ କିମ୍ବା ଆଚରଣ ଦ୍ୱାରା ଆଘାତ ପାଇପାରନ୍ତି। ମାତାର ସ୍ୱାସ୍ଥ୍ୟ ଖରାପ ହେତୁ ବହୁତ ବିବ୍ରତ ହେବେ। ଆପଣଙ୍କର ଆତ୍ମ ସମ୍ମାନ ଆଘାତ ପାଇପାରେ। ଦୋଷତ୍ରୁଟି ଅନୁଭବ କରିବେ। ଖାଦ୍ୟ ଏବଂ ଶୋଇବାରେ ଅନିୟମିତତା ହେବ।



**ବିଛା:** ଆଜି ଆପଣ ଆପଣଙ୍କର ଚିନ୍ତାରୁ ବହୁତ ଆରାମ ପାଇବେ। ଆଜି ବହୁତ ଭାବପ୍ରବଣ ଏବଂ ସମ୍ବେଦନଶୀଳ ହେବ, ଯେଉଁଥିପାଇଁ ତୁମର କଳ୍ପନା ଏବଂ ସୃଜନଶୀଳତା ଉତ୍ପନ୍ନ ହେବ। ଆପଣ ଆଜି ସାହିତ୍ୟ ଲେଖା ଏବଂ କଳା କ୍ଷେତ୍ରରେ ସହଯୋଗ କରିବାକୁ ସମର୍ଥ ହେବେ। ପରିବାର ସଦସ୍ୟ ବିଶେଷ କରି ମା ସହିତ ସମ୍ପର୍କ ବୃଦ୍ଧି ପାଇବ।



**ଧନୁ:** ଆଜି ପ୍ରାରମ୍ଭରେ ଅସୁବିଧା ହୋଇପାରେ, ଆପଣଙ୍କର ନିର୍ଦ୍ଧାରିତ କାର୍ଯ୍ୟ ସମାପ୍ତ ହେବ ଏବଂ ଯାହା ବହୁତ ଖୁସି କରିବ। ଆର୍ଥିକ ଯୋଜନା ହେତୁ, ଆପଣଙ୍କର ଅନେକ ଅସୁବିଧା କମିବା ଆରମ୍ଭ କରିବ। ଚାକିରି ବ୍ୟବସାୟରେ ଆପଣଙ୍କର ସହକର୍ମୀମାନେ ସମର୍ଥିତ ହେବେ। ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ସାକ୍ଷାତ କରିବା ଆପଣଙ୍କ ଖୁସି ବଢାଇବ।




**ମକର:** ଆଜି ଆପଣଙ୍କର ବନ୍ଧୁ, ପରିବାର ସହିତ ଆପଣଙ୍କ ଦିନ ବହୁତ ଭଲ ହେବ। ସେମାନଙ୍କଠାରୁ ଉପହାର ଆପଣଙ୍କ ଖୁସିକୁ ଦ୍ୱିଗୁଣିତ କରିବ। ଭ୍ରମଣ ପାଇଁ ଏକ କାର୍ଯ୍ୟକ୍ରମ ହେବ ଏବଂ ସ୍ୱାଦିଷ୍ଟ ଖାଦ୍ୟ ପାଇବାର ସୁଯୋଗ ମିଳିବ। ଆଜି ଭଲ ଖବର ପାଇବେ ଏବଂ ଆର୍ଥିକ ଲାଭ ମଧ୍ୟ ଉପଲବ୍ଧ ହେବ। ନିଜ ସାଥୀଙ୍କ ସହିତ ଭଲ ସମୟ ଅତିବାହିତ କରନ୍ତୁ।



**କୁମ୍ଭ:** ଆଜି ଆପଣଙ୍କୁ କୋର୍ଟ ମାମଲା ଠାରୁ ଦୂରରେ ରହିବାକୁ ପରାମର୍ଶ ଦିଆଯାଇଛି। ମନରେ ଅସ୍ଥିରତା ରହିବ ଏବଂ ବିଭିନ୍ନ ଚିନ୍ତା ସୃଷ୍ଟି କରିବ। ସ୍ୱାସ୍ଥ୍ୟ ଖରାପ ହୋଇପାରେ। ବକ୍ତବ୍ୟ ଏବଂ ଆଚରଣରେ ନିଜକୁ ସଂଯମ କରିବା ଆବଶ୍ୟକ, ନଚେତ୍ କାହା ସହିତ କଳହ ହୋଇପାରେ। ଆଜି ଆପଣ ବହୁତ ଭାବପ୍ରବଣ ହେବେ। ଖର୍ଚ୍ଚ ପରିମାଣ ଅଧିକ ହେବ।



**ମୀନ:** ଲକ୍ଷ୍ମୀଜୀଙ୍କ ଆଶୀର୍ବାଦ ଆପଣଙ୍କ ଉପରେ ରହିବ। ପୁରୁଣା ସାଙ୍ଗମାନଙ୍କ ସହିତ ଆପଣ ଦିନକୁ ଉପଭୋଗ କରିବେ। ଏକ ଭ୍ରମଣ ଯାଇପାରନ୍ତି। ଆଜି ପତ୍ନୀ ଏବଂ ପିଲାମାନଙ୍କ ସହିତ ଭଲ ସମୟ କଟାନ୍ତୁ। ଆପଣ ବିବାହିତ ଜୀବନରେ ଆନନ୍ଦ ପାଇବେ। ଆପଣ ପିଲାମାନଙ୍କର ଭଲ ଖବର ପାଇବେ। ପ୍ରିୟ ବ୍ୟକ୍ତିଙ୍କ ସହିତ ସାକ୍ଷାତ ହେବାର ସମ୍ଭାବନା ଅଛି।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ (ଭାସ୍କର ନ୍ୟୁଜ୍): ଆସନ୍ତା ଦୁର୍ଗାପୂଜା, କାଳୀପୂଜା ଓ ସରସ୍ୱତୀପୂଜା କିପରି ଭାବେ ପାଳନ କରାଯିବ ଓ ବିସର୍ଜନ ପାଇଁ କଣ ନିୟମ ରହିଛି ଏଥି ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଉମରକୋଟ ପୌର ପରିଷଦ କାର୍ଯ୍ୟାଳୟ ଠାରେ ପ୍ରଶାସନ ଓ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆଙ୍କ ଅଧ୍ୟକ୍ଷତାରେ ଏହି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶ ପରେ ପ୍ରଶାସନ ପକ୍ଷରୁ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ସରକାରଙ୍କ ନିୟମ ଅନୁସାରେ ମୂର୍ତ୍ତୀ ମାଟିରେ ହେବ, ପ୍ଲାଷ୍ଟର ଅଫ୍ ପ୍ୟାରିସ ମୂର୍ତ୍ତୀ ସମ୍ପୂର୍ଣ୍ଣ ନିଷିଦ୍ଧ ହେବ। ମୂର୍ତ୍ତୀ ଉଚ୍ଚତା ୨୦ ଫୁଟ ରହିବ। ଥରେ ବ୍ୟବହାରଯୁକ୍ତ ପ୍ଲାଷ୍ଟିକ ନିଷିଦ୍ଧ, ବିସର୍ଜନ ପାଇଁ ପୋଖରୀ ଚିହ୍ନଟ କରିବା କୃତ୍ରିମ ପୋଖରୀ ନିର୍ମାଣ, ବିସର୍ଜନ ପରେ ପୋଖରୀରେ ପରିଷ୍କାର ଆବର୍ଜନା କୁ ୨୪ ଘଣ୍ଟା ଭିତରେ ସଫା କରାଯିବ, ବିସର୍ଜନ ସ୍ଥଳର ୧୦୦ ମିଟର ଦୂରରେ ଏକ ବୋର୍ଡ ଲଗାଯିବ। ସେଠାରେ ନିୟମ ନ ମାନିଲେ ଆର୍ଥିକ ଦଣ୍ଡ ଦେବାକୁ ପଡ଼ିବ, ଘରର ଛୋଟ ମୂର୍ତ୍ତୀକୁ ବକେଟରେ ବିସର୍ଜନ କରିବା ଇତ୍ୟାଦି ଉପରେ ଥିବା ସରକାରୀ ନିୟମ ଉପରେ ଆଜି ପ୍ରଶାସନ ପକ୍ଷରୁ ପୂଜା କମିଟିଙ୍କୁ ସୂଚନା ପ୍ରଦାନ କରାଯାଇଥିଲା। ସେପରି ସରକାରଙ୍କ ଏହି ନିୟମକୁ ଲୋକଙ୍କ ମଧ୍ୟରେ ବ୍ୟାପକ ସଚେତନ ପାଇଁ ସହରରେ ହୋର୍ଡିଂ ଲଗାଇବା, ଡାକବାଜି ଯନ୍ତ୍ରରେ ପ୍ରଚାର କରିବା, ସ୍କୁଲ ଓ ମିଡ଼ିଆ ମାଧ୍ୟମରେ ପ୍ରଚାର ପ୍ରସାର କରାଯିବ ବୋଲି ମଧ୍ୟ ସୂଚନା ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ପ୍ରଥମଥର ପାଇଁ ଉମରକୋଟ ସହରରେ ଯେଉଁ ପୂଜା କମିଟି ଶୃଙ୍ଖଳା, ସ୍ୱଚ୍ଛତା ଓ ଇକୋ ଫ୍ରେଣ୍ଡଲି ମାନିକି ପୂଜା ଓ ବିସର୍ଜନ କରିବେ ସେମାନଙ୍କୁ ପୁରସ୍କୃତ କରାଯିବ ଓ ଏହାର ଚୟନ ପାଇଁ ଏକ କମିଟି ଗଠନ କରାଯିବ ବୋଲି ନିର୍ବାହୀ ଅଧିକାରୀ ସୂଚନା ପ୍ରଦାନ କରିଥିଲେ।



# ଜଙ୍ଗଲୀ ଘୁଷୁରୀ ମାଂସ ଜବତ, ଶିକାରୀ ଗିରଫ



ରେଢ଼ାଖୋଲ (ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ରେଢ଼ାଖୋଲ ସେକ୍ସନ ଅଧୀନ ବୁର୍ଡା ବିଟ୍ ଜଙ୍ଗଲରୁ ବନବିଭାଗ ପକ୍ଷରୁ ଚଢ଼ାଉ କରି ୫ କେଜି ଜଙ୍ଗଲି ଘୁଷୁରୀ ମାଂସ ଜବତ କରିଥିବାବେଳେ ଜଣେ ଅଭିଯୁକ୍ତ ଶିକାରୀକୁ ଗିରଫ କରିଛି ରେଢ଼ାଖୋଲ ବନବିଭାଗ। ଗିରଫ ଶିକାରୀ ଜଣଙ୍କ ହେଲେ ବୁର୍ଡା ପଞ୍ଚାୟତ ଅଧୀନ ବଡ଼ମାଳ ଗ୍ରାମର ବାସିନ୍ଦା ଜୟଦେବ ସବର(୫୯)। ସୂଚନା ଯୋଗ୍ୟ ଯେ ରେଢ଼ାଖୋଲ ବନବିଭାଗ ବନ୍ୟପ୍ରାଣୀ ଶିକାର ହୋଇଥିବା ନେଇ ଖବର ପାଇ ବଡ଼ମାଳ ଗ୍ରାମରେ ରେଢ଼ାଖୋଲ ରେଞ୍ଜ ଅଧିକାରୀ ମୈତ୍ରୀ ମଞ୍ଜରୀ ବିଶ୍ୱାଳ ଙ୍କ ନେତୃତ୍ୱରେ ବନ ବିଭାଗ କର୍ମଚାରୀ ମାନେ ସଦଳବଳେ ଚଢ଼ାଉ କରିଥିଲେ। ଏହି ଚଢ଼ାଉ ବେଳେ ଉକ୍ତ ଶିକାରୀ ନିକଟରୁ ୫ କେଜି ଜଙ୍ଗଲି ଘୁଷୁରୀ ମାଂସ ସହ ଏକ କୁରାଢ଼ି କିଛି ସାମଗ୍ରୀ ଜବତ କରିଥିବା ବେଳେ ତଦନ୍ତ ଆରମ୍ଭ କରି ଉକ୍ତ ଶିକାରୀକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି।

# ପ୍ରଶାସନ ଓ ପୋଲିସ ଉପସ୍ଥିତିରେ ଖୋଲିଲା ଅଙ୍ଗନୱାଡ଼ି କେନ୍ଦ୍ର



■ ଅନିୟମିତା ହେଉଥିବା ନେଇ ମହିଳାଙ୍କ ଜିଦ୍
■ ପୁଣି ଥରେ ପକାଇଲେ ତାଲା

କଣ୍ଟାମାଳ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଲମ୍ବସରୀ ପଞ୍ଚାୟତ ଅନ୍ତର୍ଗତ ଗୁହିରାପାଲି ଗ୍ରାମରେ ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତିରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଗ୍ରାମର ମହିଳାମାନେ ଦୀର୍ଘ ୧୦ ମାସ ହେଲା କେନ୍ଦ୍ରରେ ତାଲା ପକାଇଥିଲେ। ଅନିୟମିତତାକୁ ନେଇ ଗୁହିରା ପାଲି ଗ୍ରାମର ମହିଳାମାନେ ଅନେକ ଥର ଅଭିଯୋଗ କରିଥିଲେ ମଧ ଏହା ନିୟମ ଅନୁସାରେ ହୋଇଥିବା ବ୍ଲକ ସିଡ଼ିପିଓ ମହିଳାମାନଙ୍କୁ ବୁଝାଇଥିଲେ । ହେଲେ ମହିଳାମାନେ ଅନିୟମିତତା ହୋଇଥିବା ନେଇ ଜିଦ ଧରି ବସିଥିବା ବେଳେ ଏହାର ତଦନ୍ତ ନ ହେବା ପର୍ଯ୍ୟନ୍ତ ତାଲା ବନ୍ଦ କରିବାକୁ କହିଥିଲେ। ପରବର୍ତ୍ତୀ ସମୟରେ କଣ୍ଟାମାଳ ତହସିଲଦାର, ଥାନା ଅଧିକାରୀ, ସିଡ଼ିପିଓ ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ମହିଳାଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ ମହିଳା ମାନେ ନିଜ ଜିଦ ରେ ଅଟଳ ରହିଥିଲେ । ଫଳରେ ସମାଧାନ ପାଇଁ ଆସିଥିବା ଅଧିକାରୀମାନଙ୍କୁ ନିରାଶ ହୋଇ ଫେରିବାକୁ ପଡିଥିଲା । ସୂଚନାମତେ କଣ୍ଟାମାଳ ବ୍ଲକ ଗୁହିରାପାଲି ଗ୍ରାମ ଅଙ୍ଗନୱାଡ଼ି କେନ୍ଦ୍ରରେ ଖାଲିଥିବା ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତି ପାଇଁ ସେହି ଗ୍ରାମର ନିଳେନ୍ଦ୍ରି ମାଝୀ ଓ କୁଲିହାପାଲି ଗ୍ରାମର ସଂଗୀତା ବାରିକ ଆବେଦନ କରିଥିଲେ । ସେହି ଗ୍ରାମର ବୋହୂ ଭାବେ ଆବଶ୍ୟକ ଯୋଗ୍ୟତା ଭିତ୍ତିରେ ଅନଲାଇନରେ ଆବେଦନ କରିଥିଲେ ମଧ୍ୟ ମାର୍କ କମ ଥିବାରୁ ଆଇସିଡ଼ିଏସ କାର୍ଯ୍ୟାଳୟ ପକ୍ଷରୁ ସିଡ଼ିପିଓଙ୍କ ଆଦେଶ ସଂଖ୍ୟା ୧୩୭୮/୦୭.୧୦.୨୦୨୪ କ୍ରମେ କୁଲିହାପାଲି ଗ୍ରାମର ସଙ୍ଗୀତା ବାରିକ ନୂତନ ଅଙ୍ଗନୱାଡ଼ିକର୍ମୀ ଭାବେ ନିଯୁକ୍ତି ଦିଆ ଯାଇଥିଲା । ଏସମ୍ପର୍କରେ ଗ୍ରାମବାସୀ ସୂଚନା ପାଇ ଗୁହିରାପାଲି ଅଙ୍ଗନୱାଡ଼ି କେନ୍ଦ୍ରରେ ତାଲା ଦେଇ କେନ୍ଦ୍ରକୁ ବନ୍ଦ କରିଥିଲେ । ଅଙ୍ଗନୱାଡ଼ି କେନ୍ଦ୍ର ବନ୍ଦ ଥିବାରୁ କୁନି କୁନି ପିଲାଙ୍କୁ ଏକ ଭଡା ଘରେ ପାଠ ପଢାଉ ଥିବାବେଳେ ନିଜ ଅଫିସ କାର୍ଯ୍ୟ ମଧ କରୁଥିଲେ । ଯାହାଫଳରେ ଅଙ୍ଗନୱାଡ଼ି କର୍ମୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା । ତେବେ ୧୦ ମାସର ବ୍ୟବଧାନ ପରେ ଆଜି କଣ୍ଟାମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀ , ଥାନା ଅଧିକାରୀ ରଂଜିତ ମୁନି, ପୋଲିସ ଓ ସିଡ଼ିପିଓ ପଙ୍କଜିନୀ ମିଶ୍ର ଙ୍କ ଉପସ୍ଥିତିରେ ଉକ୍ତ ଅଙ୍ଗନୱାଡ଼ି କେନ୍ଦ୍ରର ତାଲା ଭଙ୍ଗା ଯାଇଥିଲା । ହେଲେ ବିଡମ୍ବନାର କଥା ସମସ୍ତ ଅଧିକାରୀ ଗଲା ପରେ ପୁଣି ଗ୍ରାମର ମହିଳା ମାନେ ଉକ୍ତ କେନ୍ଦ୍ରରେ ଆଉ ଏକ ତାଲା ପକାଇଥିବା ଦେଖିବାକୁ ମିଳିଥିଲା। କୁନି କୁନି ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଆପୋଷ ବୁଝାମଣା ଭିତ୍ତିରେ ଉକ୍ତ ସମସ୍ୟାର ସମାଧାନ କରି ଅଙ୍ଗନୱାଡ଼ି କେନ୍ଦ୍ରକୁ ଖୋଲିବାକୁ ସାଧାରଣରେ ଦାବୀ ହେଉଛି ।

## ପାନୀୟ ଜଳ ଯୋଗାଣ କର୍ମଚାରୀଙ୍କ ପରଲୋକ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): ଲକ୍ଷ୍ମୀପୁର ପାନୀୟ ଜଳ ଯୋଗାଣ କାର୍ଯ୍ୟାଳୟର ଜଣେ ତୃତୀୟ ଶ୍ରେଣୀ କର୍ମଚାରୀ ଧନେଶ୍ୱର ରାଉତଙ୍କ ୫୬ ବର୍ଷ ବୟସରେ ଅକାଳ ବିୟୋଗ ଘଟିଛି। ଶନିବାର ସନ୍ଧ୍ୟାରେ ଏକ ଚାହା ଦୋକାନରେ ଚା' ପିଉଥିବାବେଳେ ମୁଣ୍ଡ ବୁଲାଇ ପଡିଯାଇଥିଲେ। ସେଠାରୁ



କିଛି ଲୋକ ତାଙ୍କୁ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନେଇ ଭର୍ତ୍ତି କରାଇବା ପରେ ଚିକିତ୍ସା କରୁଥିବା ଡାକ୍ତର ତାଙ୍କୁ କୋରାପୁଟ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ପରିବାର ଲୋକେ ତାଙ୍କୁ ନେଇ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଜଣେ ମେଳାପୀ ଓ ଭଦ୍ରଲୋକ ଭାବେ ବେଶ ପରିଚିତ ଥିବା ବେଳେ ପାନୀୟ ଜଳ ଯୋଗାଣ କାର୍ଯ୍ୟାଳୟରେ ମଧ ସେ ନିତି ନିୟମ ଅନୁସାରେ କାର୍ଯ୍ୟ କରି ଆସୁଥିଲେ। ମୃତ୍ୟୁ ଖବର ଶୁଣିବା ପରେ ଶେଷ ଦର୍ଶନ ପାଇଁ ପୂର୍ବତନ ବିଧାୟକ କୈଳାଶ ଚନ୍ଦ୍ର କୁଲେସିକାଙ୍କ ସମେତ ଲକ୍ଷ୍ମୀପୁର ଓ ନାରାୟଣପାଟଣା ଜଳ ଯୋଗାଣ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ସମ୍ପର୍କୀୟ ଓ ସାଙ୍ଗ ସାଥି ତାଙ୍କ ଘରେ ପହଁଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଜଣାଇଥିଲେ।

# ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

କନ୍ଧମାଳ(ଭାସ୍କର ନ୍ୟୁଜ୍): କନ୍ଧମାଳ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା କୋର୍ଟ ପରିସରରେ ଏବଂ ତାଲୁକସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଆଜି ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୫ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାକ ମକଦ୍ଦମା ମାମଲା ଗୁଡିକ ମଧ୍ୟରୁ ୧୦୧ ଟି ଅର୍ଥ ଅସୁଲି ମାମଲାର ବିଚାର କରାଯାଇ ୪୬ ଲକ୍ଷ ୨୫ ହଜାର ୯୦୮ ଟଙ୍କା ଆଦାୟ କରାଯାଇଛି, ୫ ଟି ବି.ଏସ.ଏନ.ଏଲ ମାମଲା ବିଚାର କରାଯାଇ ୭ ହଜାର ୩୮୦ ଟଙ୍କା ଆଦାୟ କରାଯାଇଛି ଏବଂ ୫ ଟି ସ୍ଥାୟୀ ଲୋକ ଅଦାଲତର ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲାର ବିଚାର କରାଯାଇଛି । ସେହିପରି, ଅଦାଲତରେ ବିଚାରଧିନ ମାମଲା ଗୁଡିକ ମଧ୍ୟରୁ ୭ଟି ଏନ.ଆଇ ଆକ୍ଟ ମାମଲାର ବିଚାର କରାଯାଇ ୧୪ ଲକ୍ଷ ୮୧ ହଜାର ୨୭୩ ଟଙ୍କା ଆଦାୟ କରାଯାଇଥିବା ବେଳେ ୧୦ ଟି ମୋଟରଯାନ ଦୁର୍ଘଟଣାଜନିତ କ୍ଷତି ପୂରଣ ମାମଲାରେ ୬୬ ଲକ୍ଷ ୨୮ ହଜାର ଟଙ୍କା ଏବଂ ୧୨ ଟି ଅର୍ଥ ଅସୁଲି ମାମଲାର ବିଚାର କରାଯାଇ ୨୨ ଲକ୍ଷ ୨୦ ହଜାର ୭୭ ଟଙ୍କା ଓ ୭୪ ପଇସା ଆଦାୟ କରାଯାଇଛି ଆଦାୟ କରାଯାଇଛି । ଏତଦସହିତ ୨ ଗୋଟି ବୈବାହିକ ବିବାଦ ଫୈସଲା କରାଯାଇଥିବା ବେଳେ, ୬୧୯ ଗୋଟି ରାଜସ୍ୱ ମାମଲା, ୯ ଟି ଫୌଜଦାରୀ ସାଲିସ ଯୋଗ୍ୟ, ଅନ୍ୟାନ୍ୟ ୯ ଟି ଦେୱାନୀ ମାମଲା ଏବଂ ୨୪୬ ଟି ଫୌଜଦାରୀ ମାମଲା ବିଚାର କରାଯାଇ ୧୬ ଲକ୍ଷ ୨୭ ହଜାର ୩୫୦ ଟଙ୍କା ଆଦାୟ କରାଯାଇଛି । ଆଜିର ଏହି ଲୋକ ଅଦାଲତରେ ପ୍ରାକ ମକଦ୍ଦମା ମାମଲାଗୁଡିକ ମଧ୍ୟରୁ ୧୧୧ ଟି ଓ ଅଦାଲତରେ ବିଚାରଧିନ ମାମଲାଗୁଡିକ ମଧ୍ୟରୁ ୯୧୪ ଟି ମାମଲା ଫୈସଲା କରାଯାଇଛି । ମାନନୀୟ ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ଅଧକ୍ଷ ଶ୍ରୀଯୁକ୍ତ ରାମ ଶଙ୍କର ହୋତା, ପରିବାର ଅଦାଲତ ବିଚାରପତି ରୂପଶ୍ରୀ ଚୌଧୁରୀ, ଅତିରିକ୍ତ ଜିଲ୍ଲା ଜଜ୍ ପ୍ରୀତିଶ କୁମାର ରାଉତରାୟ, ସ୍ଥାୟୀ ଲୋକ ଅଦାଲତ ଅଧକ୍ଷ ଦୋଳଗୋବିନ୍ଦ ବାରିକ, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ବନାଲି ତ୍ରିପାଠୀ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ରମାକାନ୍ତ ମହାନ୍ତି, ମହିଳା ଅଦାଲତ ବିଚାରପତି ବିଶ୍ୱକଲ୍ୟାଣୀ ମିଶ୍ର, ଏସ.ଡି.ଯେ. ଏମ. ଶ୍ରୀମତୀ ସୌମ୍ୟା ସୋନାଲିକା, ଜେ.ଏମ୍.ଏଫ.ସି, (ଏଲ.ଆର ଆଣ୍ଡ ଏଲ.ଟି.ଭି) ବଦ୍ରିନାରାୟଣ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ମାମଲା ଗୁଡିକର ବିଚାର କରିଥିଲେ ।

## ଦିନିକିଆ ଇଲେକ୍ଟ୍ରିସିଆନ୍ ମିଟ୍

ଉମରକୋଟ (ଭାସ୍କର ନ୍ୟୁଜ): ହାର୍ବେଲ୍ସ କମ୍ପାନୀ ପକ୍ଷରୁ ଦିନିକିଆ କର୍ମଶାଳା ଓ ଇଲେକ୍ଟ୍ରିସିଆନ ମିଟ୍ ଅନୁଷ୍ଠିତ ହୋଇଯାଇଛି। ଉମରକୋଟ ସ୍ଥିତ ଜଗା କାଳିଆ ଏଣ୍ଟରପ୍ରାଇଜର୍ସ ତରଫରୁ ହୋଟେଲ ଏସପି ରୟାଲ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହାର୍ବେଲ୍ସ କମ୍ପାନୀର ସିନିୟର ଆଡ଼ଭାଇଜର ସନ୍ତୋଷ କୁମାର ପାତ୍ର ଓ ଜଗା କାଳିଆ ଏଣ୍ଟରପ୍ରାଇଜର୍ସ ମାଲିକ ଅଶୋକ ପଣ୍ଡା ଯୋଗଦେଇଥିଲେ। କମ୍ପାନୀ ପକ୍ଷରୁ ଏହାର ବିଭିନ୍ନ ଉତ୍ପାଦ କିପରି ମାର୍କେଟିଂ ହୋଇପାରିବ ଓ ଅଧିକ ପରିମାଣରେ ବିକ୍ରି ବୃଦ୍ଧି ପାଇବ ସେ ଦିଗରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା।

# ଗର୍ଭବତୀ ନାବାଳିକାକୁ ରଖିଲେନି ବାପଘର ଓ ଶାଶୂଘର ଲୋକେ

## ଉଦ୍ଧାର କଲା ଶିଶୁ ବିଭାଗ



ଉମରକୋଟ(ଭାସ୍କର ନ୍ୟୁଜ): ଜଣେ ଅବିବାହିତ ନାବାଳିକା ଗର୍ଭବତୀ ହେବା ପରେ ବାପା ମା ଓ ପୁଅଘର ଲୋକେ ଝିଅକୁ ରଖିବା ପାଇଁ ମନା କରିବା ପରେ ଖବର ପାଇ ଉକ୍ତ ନାବାଳିକାକୁ ଆଜି ଉମରକୋଟ ଶିଶୁ ବିଭାଗ ଉଦ୍ଧାର କରିଛି। ଭଣ୍ଡାରିଗୁଡା ଗ୍ରାମ ପଞ୍ଚାୟତର ପୁଜାରୀଗୁଡା ନିକଟସ୍ଥ ଖୁଟିଆରିଗୁଡା ଗ୍ରାମର ଜଣେ ୧୭ ବର୍ଷୀୟ। ଅବିବାହିତ ନାବାଳିକା ଗର୍ଭବତୀ ହେଇ ଥିବା ଜାଣିବା ପରେ ତାକୁ ତା ବାପା ମା କିମ୍ବା ପୁଅଘର ଲୋକେ ଘରେ ରଖିବା ପାଇଁ ମନା କରିଦେଲେ। ଫଳରେ ଉକ୍ତ ନାବାଳିକା ଜଣଙ୍କ ଅନ୍ୟ ଉପାୟ ନପାଇ ଗ୍ରାମର କିଛି ଲୋକଙ୍କ ଘରେ ରହିଆସୁଥିଲା। ଏହି ଖବର ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀ ଉମରକୋଟ ସିଡ଼ିପିଓ ସଂଯୁକ୍ତା। ବେହେରାଙ୍କୁ ସୂଚନା ପ୍ରଦାନ କରିଥିଲେ। ପରେ ସିଡ଼ିପିଓଙ୍କ ନିର୍ଦ୍ଦେଶ କ୍ରମେ ସୁପରଭାଇଜର ଚନ୍ଦ୍ରିକା ବାଗ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ସରପଞ୍ଚ ଓ ଗ୍ରାମର କିଛି ଲୋକଙ୍କ ଉପସ୍ଥିତିରେ ବୈଠକ କରିଥିଲେ। ବୈଠକରେ ଉକ୍ତ ନାବାଳିକା କାହା ଦ୍ୱାରା ଗର୍ଭବତୀ ହେଇଛନ୍ତି ଠିକ ସେ କହି ପାରି ନଥିଲା। ପରେ ଉକ୍ତ ନାବାଳିକାକୁ ଉଦ୍ଧାର କରି ସୁପରଭାଇଜର ଉମରକୋଟ ଧରି ଆସିଥିଲେ। ତେବେ ନାବାଳିକା ୭ ମାସର ଗର୍ଭବତୀ ଅଛି ବୋଲି ଜଣା ପଡ଼ିବା ପରେ ଉମରକୋଟ ସିଡ଼ିପିଓ ଭରଚୂଆଲ ମୋଡ଼ରେ ନବରଙ୍ଗପୁର ଚାଇଲଡ ୱେଲଫେୟାର କମିଟି ସମ୍ମୁଖରେ ଉପସ୍ଥାପନ କରିଥିଲେ। କମିଟିଙ୍କ ନିର୍ଦ୍ଦେଶ କ୍ରମେ ଉମରକୋଟ ଶିଶୁ ବିଭାଗ ଉକ୍ତ ନାବାଳିକାକୁ ନବରଙ୍ଗପୁର ସଖୀ ୱାନଷ୍ଟପ କେନ୍ଦ୍ରରେ ରଖାଯାଇ ତାହାର ଚିକିତ୍ସା ଆରମ୍ଭ କରାଯାଇଛି।

## ନୂଆଁଖାଇ ଭେଟ୍‌ଘାଟ

ବେଲପାହାଡ,( ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଆର୍ଟ ଅଫ ଲିଭିଂ ହଲରେ ସର୍ବଦଳୀୟ ମହିଳା ସଙ୍ଗଠନ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶନିବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ବଲପୁରୀ ନୃତ୍ୟ, ଗୀତ, ବାଦ୍ୟ, ହାସ୍ୟରସାତ୍ମକ ଆଦି ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆସର ଜମିଥିଲା। ଏହାସହ ଗୀତ, ନୃତ୍ୟ, ଫେସନ ସୋ, ମ୍ୟୁଜିକ ଚେୟାର ପରି ବିଭିନ୍ନ ପ୍ରତିଯୋଗିତା ମହିଳାମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଛି । ଏହି ଅବସରରେ ବେଲପାହାଡ ଏବଂ ଆଖପାଖ ଅଞ୍ଚଳର ମହିଳାମାନେ ଉପସ୍ଥିତ ରହି ନୂଆଁଖାଇ ପାଳନ କରିବା ସହ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ଏହାସହ ଛୋଟମାନେ ବଡ଼ ମାନଙ୍କୁ ମୁଣ୍ଡିଆ ମାରିବା ପରେ ବଡ଼ମାନେ ଛୋଟ ମାନଙ୍କୁ ଆଶୀର୍ବାଦ ଦେଇଥାନ୍ତି। ଏହି ପରି ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ କୁ ଧୁମଧାମ ରେ ପାଳନ କରାଯାଇଛି।

# ସଇଁତଲା ସମବାୟ ସମିତିରେ ଏକ୍ସପାରି ଇଫ୍‌କୋ ନାନୋ କୀଟନାଶକ

## ସମ୍ପାଦକ ଚୁପ, ଅଧିକାରୀଙ୍କ ପାଖରେ ଖବର ନାହିଁ, ଚିନ୍ତାରେ ଚାଷୀ

ସଇଁତଳା (ଭାସ୍କର ନ୍ୟୁଜ୍): ରାଜ୍ୟ ରେ ବର୍ତ୍ତମାନ ଚାଷ କାର୍ଯ୍ୟ ଆରମ୍ଭ ହେଇଥିବାବେଳେ ରାଜ୍ୟ ରେ ସାର ର ଅଭାବ ଦେଖାଦେଉଥିବା ନେଇ ଚାଷୀମାନେ ସାର ପାଇଁ କେତେ ଦିନ ରାତି ସମବାୟ ସମିତି ଆଗରେ ଲମ୍ବାଲାଇନରେ ଛିଡା ହେଇଛନ୍ତି । ଏଭଳି ସମୟରେ ସମବାୟ ସମିତିରେ ଏକ୍ସପରି ଇଫକୋ ନାନୋ ଔଷଧ ବିକ୍ରି ହେଉଥିବା ଅଭିଯୋଗ ହେଇଛି। ଚାଷୀଙ୍କ ଅଭିଯୋଗରୁ ଜଣାପଡେଯେ ସଇଁତଲା ସମବାୟ ସମିତିରେ ଆଜି ୟୁରିଆ ସାର ୩୩୦ ଟଙ୍କା ଓ ଇଫ୍‌କୋ ନାନୋ ଔଷଧ ୨୦୦ ଟଙ୍କା ରେ ବିକ୍ରି ହେଉଥିଲା। କିନ୍ତୁ ସମବାୟ ସମିତିରେ ବିକ୍ରି ହେଉ ଥିବା ନାନୋ ଔଷଧ ଏକ୍ସପେରି ହେଇଥିବାବେଳେ ସମବାୟ ସମ୍ପାଦକ ଖୁଲମଖୁଲା ବିକ୍ରି କରୁ ଥିଲେ। କିଛି ଚାଷୀ ଅଭିଯୋଗ କରିବା ସହ ଏକ୍ସପାରି ଇଫ୍‌କୋ ନାନୋ ଔଷଧ କାମରେ ଆସିବ ନାହିଁ ବୋଲି ଅଭିଯୋଗ କରିଛନ୍ତି। ତେବେ ସମବାୟ ସମ୍ପାଦକ ନିଜ ମନମୁଖୀ କାର୍ଯ୍ୟ କରିବା ସହ ଜୋର ଜବରଦସ୍ତ ଚାଷୀଙ୍କୁ ନାନୋ ଔଷଧ ବିକ୍ରି କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟ ପଟେ ୟୁରିଆ ସାର ସରକାରୀ ମୂଲ୍ୟ ୨୯୦ଟଙ୍କା ଥିବା ବେଳେ ସମ୍ପାଦକ ନିଜ ମନମୁଖୀ କାର୍ଯ୍ୟ କରି ୩୩୦ ଟଙ୍କା ବିକ୍ରି କରୁଛନ୍ତି । ଏ ସମ୍ପର୍କ ରେ ସମବାୟ ସମିତି ସମ୍ପାଦକ ରୋହିତ ସାହୁଙ୍କୁ ପଚାରିବାରୁ ଇଫକୋ ଔଷଧ ଏକ୍ସପାରି ଥିବା ମାନିଛନ୍ତି । ଅନ୍ୟ ପଟେ ନାଫେଡ଼ ମାର୍କେଟିଙ୍ଗ ମେନେଜରଙ୍କୁ ପଚାରିବାରୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ସୁଦ୍ଧା ଫୋନ ସୁଇଚ୍‌ଅଫ ଥିଲା। ଅନ୍ୟ ପଟେ ଏ ସଂପର୍କରେ ବିଭାଗୀୟ ଅଧିକାରୀଙ୍କୁ ଫୋନ କରିବାରୁ ଫୋନ ରିସିଭ କରି ନଥିଲେ। ତେବେ ଚାଷୀଙ୍କୁ ଏକ୍ସପାରି ସାର ଯୋଗାଣ ଘଟଣା ର ତଦନ୍ତ କରିବା ସହ ସମବାୟ ସମିତି ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଚାଷୀ ନେତା ଦାବି କରିଛନ୍ତି ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

କାଲିମେଳା/ ମାଲକାନାଗିର(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମୋଟୁ ଥାନା ପୁଶୁଗୁଡ଼ା ପଞ୍ଚାୟତର ମୁରଲୀଗୁଡ଼ା ଗ୍ରାମର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଲେ ଜିତୁ ପଡ଼ିଆମୀ(୧୮)। ଗଛରୁ ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ଅନ୍ୟ ପକ୍ଷରେ ପରିବାର ଲୋକେ ଜିତୁ କୁ ହତ୍ୟା କରାଯାଇଥିବା ଏତଲା ଦେଇଛନ୍ତି। ଅଭିଯୋଗକୁ ଭିତ୍ତି କରି ସାଇଣ୍ଟିଫିକ୍ ଟିମ୍ ଓ ପୁଲିସ ପକ୍ଷରୁ ତନାଘନା ଆରମ୍ଭ କରିଛି। ଶବ ଜବତ ପରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ସମ୍ପର୍କରେ ଥାନାରେ ଏକ ମାମଲା ରୁଜୁ ମଧ ହୋଇଛି। ତଦନ୍ତ ଚାଲୁ ରହିଥିବା ଥାନାଧିକାରୀ ଅର୍ଜୁନ କଅଁର ସୂଚନା ଦେଇଛନ୍ତି। ପୁଲିସ୍ ସୂଚନା ଅନୁଯାୟୀ, ବୁଧବାର ଦିନ ଜିତୁ କୌଣସି କାମରେ ବାହାରକୁ ଯାଇଥିଲେ। ରାତିରେ ସେ ଆଉ ଘରକୁ ଫେରିନଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ବି ତାଙ୍କର କୌଣସି ପତ୍ତା ପାଇନଥିଲେ। ତା ପରଦିନ ସକାଳେ ଗାଁ ନିକଟରେ ଥିବା ଏକ ଜଙ୍ଗଲ ଜମିରେ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପରିବାର ଓ ପୋଲିସକୁ ଖବର ଦେଇଥିଲେ। ବେକରେ ରଶିବନ୍ଧା ହୋଇ ମୃତଦେହ ଝୁଲୁଥିଲା। ତାଙ୍କ ଦୁଇଟିଯାକ ଗୋଡ଼ ମାଟିରେ ଲାଗିଥିଲା। ପରିବାର ଲୋକେ ଜିତୁଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରି ଥାନାରେ ଏତଲା ଦେଇଛନ୍ତି। ପରେ ପୁଲିସ୍ ସାଇଣ୍ଟିଫିକ୍ ଟିମର ସହାୟତା ଲୋଡ଼ିଥିଲା। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ପୋଲିସ୍ ମୃତଦେହ ଜବତ କରି କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଥାନାଧିକାରୀ ଶ୍ରୀ କଅଁର କହିଛନ୍ତି, ମୃତ୍ୟୁର କାରଣ ଜଣାପଡ଼ିନାହିଁ । ଏହା ଏକ ପ୍ରେମଜନିତ ଆତ୍ମହତ୍ୟା ବୋଲି ପ୍ରାଥମିକ ତଦନ୍ତରୁ ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପ୍ରକାଶ କରିଛନ୍ତି।

# ୬କୋଟି ୧୩ଲକ୍ଷ ଟଙ୍କାର ନୂତନ ବସ୍ ଟର୍ମିନାଲ

# ତିନି ବର୍ଷହେଲା ନିର୍ମାଣ କାର୍ଯ୍ୟ ସରୁନି

◆ ରାସ୍ତାରେ ଅଟକୁଛି ବସ୍, ଯାତାୟାତରେ ଅସୁବିଧା
◆ ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ପାଲଟିଛି ମରଣଯନ୍ତା



ମାଲକାନଗିରି(ଭାସ୍କର ନ୍ୟୁଜ୍): ଦୀର୍ଘ ତିନି ବର୍ଷ ହେବ ନିର୍ମାଣ ସରୁନି ୬କୋଟି ୧୩ ଲକ୍ଷ ଟଙ୍କାର ନୂତନ ବସଷ୍ଟାଣ୍ଡ ଟର୍ମିନାଲ । ବସଷ୍ଟାଣ୍ଡ ଭିତରକୁ ଆସୁଥିବା ଓ ଯାଉଥିବା ବସଗୁଡିକ ରସ୍ତା ରେ ଠିଆ ହେବା ଦ୍ୱାରା ଯାତାୟତରେ ବାଧା ସୃଷ୍ଟି ହେଉଛି। ଏହା ବ୍ୟତିତ ନିର୍ମାଣ ପାଇଁ ଇଟା ବାଲି ଗଦା ହୋଇ ରହିବା ଦ୍ୱାରା ଅପରିଷ୍କାର ଅପରିବେଶ ସହ ମରଣଯନ୍ତା ପାଲଟିଛି । ମାଲକାନଗିରି ଠାରେ ଥିବା ଆନ୍ତରାଜ୍ୟ ବସଷ୍ଟାଣ୍ଡ ଓ ମାଲକାନଗିରି ଆନ୍ତ ରାଜ୍ୟ ବସଷ୍ଟାଣ୍ଡ ନୂତନ ଅଫିସ ଓ ବସଷ୍ଟାଣ୍ଡ ଟର୍ମୀନାଲ ନିର୍ମାଣପାଇଁ ଗତ ୨୦୨୨ ମସିହାରୁ ୬କୋଟି ୧୩ଲକ୍ଷ ଟଙ୍କା ଟେଣ୍ଡର ହୋଇ ୨୦୨୩ ମସିହା ରୁ କାମ ଆରମ୍ଭ ହୋଇଥିଲେ ମଧ ତିନି ବର୍ଷ ହେଲା ସରୁନି କାମ। ମାଲକାନଗିରି ଜିଲ୍ଲାରେ ଥିବା ଆନ୍ତରାଜ୍ୟ ବସଷ୍ଟାଣ୍ଡ ଏବେ ମରଣଯନ୍ତା ପାଲଟିଛି । ଏହି ଆନ୍ତରାଜ୍ୟ ବସଷ୍ଟାଣ୍ଡ ଉପରେ ଓଡିଶା, ଆନ୍ଧ୍ରପ୍ରଦେଶ ଛତିଶଗଡ, ତେଲାଙ୍ଗାନା ଚାରି ରାଜ୍ୟର ଯାତ୍ରୀମାନେ ନିର୍ଭର କରିଥାନ୍ତି। ବସଷ୍ଟାଣ୍ଡରେ ଲଗା ଯାଇଥିବା ଫ୍ୟାନଗୁଡିକ ଅଚଳ ହୋଇ ଯାଇଥିବାରୁ ଯାତ୍ରୀ ମାନେ ଅସହ୍ୟ ଗରମରେ ସମସ୍ୟା ଭୋଗୁଛନ୍ତି । ଯାତ୍ରୀଙ୍କ ବସିବା ପାଇଁ ଥିବା ଚେୟାର ଗୁଡିକ ମଧ ଭାଙ୍ଗିଗଲାଣି, ଏହି ବସଷ୍ଟାଣ୍ଡରେ ପ୍ରତିଦିନ ସରକାରୀ ଓ ଘରୋଇ ବସ ଶତାଧିକ ଦୈନିକ ବିଭିନ୍ନ ଅଚଂଳକୁ ଯାତାୟତ କରିଥାଏ। ବସଷ୍ଟାଣ୍ଡଟିର ଆୟତନ କମଥିବାରୁ ବସଗୁଡିକ ଲଗାଲଗି ହୋଇ ରହୁ ଥିବାରୁ ବସ ଗୁଡ଼ିକ ଭିତରକୁ ପ୍ରବେଶ ଓ ପ୍ରସ୍ଥାନ କଲାବେଳକୁ ଅନ୍ୟବସ ରେ ଧକା ଲାଗି ଅନେକ ଥର ଛୋଟମୋଟ ଦୁର୍ଘଟଣା ଘଟିଥାଏ ।ଗତ ୧୯୯୪ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁପଟ୍ଟନାୟକ ମାଲକାନଗିରି ବିଜ୍ଞାପିତ ଅଚଂଳ ପରିଷଦ ବସଷ୍ଟାଣ୍ଡ ଉଦଘାଟନ କରିଥିଲେ । ପରବର୍ତ୍ତୀ ସମୟରେ ୨୦୧୨ ମସିହାରେ ପ୍ରାୟ ଦୁଇକୋଟି ଟଙ୍କାରୁ ଉର୍ଦ୍ଧ୍ୱ ଖର୍ଚ୍ଚ ହୋଇ ଏହି ଜିଲ୍ଲାସ୍ତରୀୟ ବସଷ୍ଟାଣ୍ଡ ଟି ନିର୍ମାଣ ହୋଇଥିଲା । ଏହା ୪ଟି ରାଜ୍ୟର ସୀମାନ୍ତରେ ଥିବାରୁ ମାଲକାନଗିରି ଜିଲ୍ଲା ବସଷ୍ଟାଣ୍ଡକୁ ଆନ୍ତରାଜ୍ୟ ବସଷ୍ଟାଣ୍ଡ ମାନ୍ୟତା ଦିଆଯିବାର ଅବଶ୍ୟକତା ରହିଛି। ଏହା ଆନ୍ତଃରାଜ୍ୟ ବସଷ୍ଟାଣ୍ଡ ହୋଇ ଥିଲେ ମଧ ବସଷ୍ଟାଣ୍ଡର ନାମ ଫଳକ ଟିଏ ଲଗାଯାଉନଥିବାରୁ ବାହାରୁ ଆସୁଥିବା ଲୋକେ କେଉଁଠି ବସଷ୍ଟାଣ୍ଡ ଅଛି ତାହା ଠିକ ସେ ଜାଣିପାରୁ ନାହାନ୍ତି। ଏଠାରୁ ଓଡିଶାର ରାଜଧାନୀ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ଆସିକା, ଭବାନିପାଟଣା, ନୟାଗଡ, ସମ୍ବଲପୁର, କଳାହାଣ୍ଡି, କୋରାପୁଟ, ନବରଙ୍ଗପରୁ ରାୟଗଡା, ସହିତ ଆନ୍ଧ୍ରପ୍ରଦେଶର ବିଜୟନଗରମ, ବିଶାଖାପାଟଣା, ଖମାମ, ଭଦ୍ରାଚଳମ, ହାଇଦ୍ରାବାଦ, ଛତିଶଗଡ ରାଜ୍ୟର ସୁକୁମା, ଜଗଦଳପୁର, ରାୟପୁର, ଆଦି ୩୧ଟି ସ୍ଥାନକୁ ଦୂରଗାମି ଓ ଆଚଂଳିକ ବସ ଯାତାୟତ କରିଥାଏ। ଏହି ବସଷ୍ଟାଣ୍ଡଟି ଏବେ ନର୍କପୁରୀ ସହ ମରଣଯନ୍ତା ପାଲଟିଛି। ବସଷ୍ଟାଣ୍ଡ ଭିତରେ ବଡ ବଡ ଖାଲ ଖମା ହୋଇ ବର୍ଷା ପାଣି ଜମି ରହୁଛି। ବସଷ୍ଟାଣ୍ଡ ଭିତରେ ଯାତ୍ରୀଙ୍କ ବିଶ୍ରାମ ସ୍ଥଳ ନଥିବା ଓ ଡଷ୍ଟବିନ ନଥିବା, ପାନୀୟ ଜଳ ବ୍ୟବସ୍ଥା ନାହିଁ, ଯାତ୍ରୀମାନଙ୍କ ପାଇଁ ବ୍ୟବସ୍ଥା କରାଯାଇଥିବା ଶୌଚାଳୟ ଅବ୍ୟସ୍ଥା କଥା ନକହିଲେ ଭଲ । ବସଷ୍ଟାଣ୍ଡ ମଧ୍ୟରେ ଗୋଟିଏ ମାତ୍ର ଦେୟ ଯୁକ୍ତ ଶୌଚାଳୟ ଥିବାରୁ ଅନେକ ସମୟରେ ଭିଡ ହୋଇଥାଏ , ମହିଳା ଯାତ୍ରୀମାନେ ବହୁତ ହଇରାଣ ହୋଇଥାନ୍ତି ଓ ମାଲକାନଗିରି ଜିଲ୍ଲାର ଏକ ମାତ୍ର ଆନ୍ତଃରାଜ୍ୟ ବସଷ୍ଟାଣ୍ଡ ଏବେ ନର୍କପୁରୀ ସହିତ ମରଣ ଯନ୍ତା ପାଲଟିଛି । ଏହି ବସଷ୍ଟାଣ୍ଡକୁ ପ୍ରତି ପ୍ରତିଦିନ ନିୟମିତ ଭାବେ ଘରୋଇ ବସ ୪୦ ଟି, ସରକାରୀ ବସ ୧୦ ଟି ଓ ଟି ଓ ମୁଖ୍ୟମନ୍ତ୍ରୀ ବସ ସେବା ଯୋଜନାରେ ୨୦ ଟି ବସ ଚଳାଚଳ କରିଥାଏ। ବସଷ୍ଟାଣ୍ଡରେ ବସ ରହିବା ପାଇଁ ସ୍ଥାନ ନଥିବା ବେଳେ ଭଙ୍ଗା ଅଚଳ ସରକାରୀ ବସଗୁଡିକ ରଖାଯାଇଛି। ବସଗୁଡିକ ମରାମତ ପାଇଁ ଏକ ଗ୍ୟାରେଜର ଆବଶ୍ୟକ ରହିଛି। ତୁରନ୍ତ ମାଲକାନଗିରି ଜିଲ୍ଲା ସଦର ମହକୁମା ଆନ୍ତରାଜ୍ୟ ବସଷ୍ଟାଣ୍ଡ ଟିର ନବୀକରଣ କରାଯାଇ ଯାତ୍ରୀମାନଙ୍କ ସୁବିଧା କରିବା ପାଇଁ ଜିଲ୍ଲାବାସୀ ଦାବିକରିଛନ୍ତି।

# 'ଏକ୍ ପେଡ୍ ମା' କେ ନାମ' କାର୍ଯ୍ୟକ୍ରମ ପ୍ରସ୍ତୁତିର ସମୀକ୍ଷା କଲେ ଜିଲ୍ଲାପାଳ



ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭା ଗୃହ ଠାରେ ଏକ ପେଡ୍ ମା' କେ ନାମ କାର୍ଯ୍ୟକ୍ରମ ପ୍ରସ୍ତୁତିର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୁତି ଭୁଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ପରିଷଦ ଚାର୍ଲ ସ ନାଏକ, ସମସ୍ତ ବ୍ଲକର ବିଡ଼ିଓ, ତହସିଲଦାର, ସିଡ଼ିପିଓ ଓ ଅନ୍ୟ ଜିଲ୍ଲାସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଆସନ୍ତା ୧୭ ତାରିଖ ଦିନ ଏକା ସାଙ୍ଗରେ ଏକ ପେଡ ମା କେ ନାମ କାର୍ଯ୍ୟକ୍ରମ ଅନ୍ତର୍ଗତ ୧ ଲକ୍ଷ ୮୩ ହଜାର ବୃକ୍ଷ ରୋପଣ ପାଇଁ ଜିଲ୍ଲାରେ ଧାର୍ଯ୍ୟ କରାଯାଇଥିବା ବେଳେ ହୋଇଥିବା ପ୍ରସ୍ତୁତିର ଜିଲ୍ଲାପାଳ ସମୀକ୍ଷା କରିଥିଲେ । ଆସନ୍ତାକାଲି ତା. ୧୪.୯.୨୦୨୫ ରିଖ ଦିନ ଠାରୁ ୩ ଦିନ ପର୍ଯ୍ୟନ୍ତ ସମସ୍ତ ୨୫ ଜଣ ନୋଡାଲ ଅଫିସର ପ୍ରତ୍ୟେକ ପଂଚାୟତ(ସମସ୍ତ ୬୯ ପଂଚାୟତ) କୁ ଗସ୍ତ କରି ଏହି କାମ ର ତଦାରଖ କରି ଜିଲ୍ଲାସ୍ତରୀୟ ନୋଡାଲ ଅଫିସର ଙ୍କୁ ଜଣାଇବେ। ତା.୧୬.୯.୨୦୨୫ ରିଖ ଦିନ ରାଜ୍ୟ ସ୍ତରୀୟ ଅଧିକାରୀ ଏହି କାର୍ଯ୍ୟକ୍ରମ ର ତଦାରଖ କରିବେ । ସେପ୍ଟେମ୍ବର ୧୭ ତାରିଖ ଦିନ ଦିନ ସମସ୍ତ ସ୍ଥାନରେ ଏକ ସାଙ୍ଗରେ ବୃକ୍ଷରୋପଣ କରାଯିବ। ଏଥି ପାଇଁ ଜିଲ୍ଲାସ୍ତରୀୟ ନୋଡାଲ ଅଫିସର ଭାବରେ ସିଡ଼ିଇଓ ଏବଂ ସମସ୍ତ କାର୍ଯ୍ୟ ର ତଦାରଖ ପାଇଁ ଅତିରିକ୍ତ ଜିଲ୍ଲାପାଳ ଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଜିଲ୍ଲା ର ସମସ୍ତ ସ୍ଥାନରେ ଏହି ଉପଲକ୍ଷେ ସଚେତନତା ରାଲି, ପ୍ଲା କାର୍ଡ ସହ ସ୍ଲୋଗାନ, ସଂକୀର୍ତ୍ତନ, ସଚେତନତା ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ,ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଆସନ୍ତା ତା. ୧୬.୯.୨୦୨୫ ରିଖ ଦିନ ଏକ ସଚେତନତା ରାଲି ଜିଲ୍ଲା ଷ୍ଟାଡିୟମ ପଡିଆ ରୁ ବାହାରି ୱାରଲେସ ଛକ, ପୋଷ୍ଟ ଅଫିସ ଛକ, ଗାନ୍ଧି ଛକ, ବାଘ ଗୁଡା ଛକ ଦେଇ ଜିଲ୍ଲା ସଂଗ୍ରହାଳୟ ରେ ପହଂଚିବ । ଏହି ରାଲି ର ସଫଳତା ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବୌଦ୍ଧ, ଜିଲ୍ଲା ଶିକ୍ଷା ଅଧିକାରୀ, ନିର୍ବାହୀ ଅଧିକାରୀ ଏ ନ. ଏ. ସି. ବୌଦ୍ଧଗଡ଼, ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ଜିଲ୍ଲାପାଳ ଦାୟିତ୍ୱ ନ୍ୟସ୍ତ କରିଥିଲେ। ସମସ୍ତ ସ୍ଥାନରେ ରାଲି ଏବଂ ବୃକ୍ଷ ରୋପଣ ସମୟରେ ମଧ ବରିଷ୍ଠ ନାଗରିକ, ଯୁବକ, ବୁଦ୍ଧିଜୀବୀ କଳାକାର, ସ୍ଥାନୀୟ ବାସିନ୍ଦା, ଜନ ପ୍ରତିନିଧି, ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଅନ୍ୟମାନଙ୍କୁ ମଧ ସାମିଲ କରାଯିବ । ଏହି ସମୀକ୍ଷା ବୈଠକ କୁ ସି ଡ଼ି ଓ ଶ୍ରୀଯୁକ୍ତ ଦଣ୍ଡସେନା ପରିଚାଳନା କରିଥିଲେ। ଏ ସି ଏଫ ମିନାକ୍ଷୀ କୁମୁରା ମେରୀ ଲାଇଫ ପୋର୍ଟାଲ ବିଷୟରେ ପାୱାର ପଏଣ୍ଟ ମାଧ୍ୟମରେ ଉପସ୍ଥାପନ କରିଥିଲେ।ଏହି କାର୍ଯ୍ୟକ୍ରମ ର ପ୍ରଚାର, ପ୍ରସାର ପାଇଁ ଜିଲ୍ଲାପାଳ ଶ୍ରୀଯୁକ୍ତ ନାୟକ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହଙ୍କୁ ନିର୍ଦ୍ଦେଶ ଦେବା ସହ ଗଣମାଧ୍ୟମ ପ୍ରତିନିଧି ଙ୍କୁ ମଧ ସାମିଲ କରି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅନୁରୋଧ କରିଥିଲେ । ଜିଲ୍ଲାପାଳ ଶ୍ରୀଯୁକ୍ତ ନାୟକ କାମରେ କୌଣସି ଭୁଲକୁ ବରଦାସ୍ତ କରାଯିବ ନାହିଁ ଏବଂ ଭୁଲ କଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶ ଦେବା ସହ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ କେହି ମଧ ଛୁଟି ରେ ନଯିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

## ହାତୀ ଆକ୍ରମଣରେ ମୃତକ ପରିବାରକୁ ସରକାରୀ ସହାୟତା ଦାବି

ବାମରା (ଭାସ୍କର ନ୍ୟୁଜ): ସମ୍ବଲପୁର ଜିଲ୍ଲା ବାମରା ବନ୍ୟପ୍ରାଣୀ ବନଖଣ୍ଡ ଗୋବିନ୍ଦପୁର ରେଞ୍ଜ ଗଡପୋଷ ବିଟ୍ ଅନ୍ତର୍ଗତ ବନ୍ଧାବାର ସଂରକ୍ଷିତ ଜଙ୍ଗଲ କୁ ମସନିକାନି ଗାଁ ର ହେରମାନ ଡାଙ୍ଗ (୫୫) ଉକ୍ତ ଜଙ୍ଗଲକୁ ଛତୁ ସଂଗ୍ରହ କରିବା ପାଇଁ ଗତକାଲି ଭୋର ୫ ଟା ସମୟରେ ଯାଇଥିଲେ। ସେହି ସମୟରେ ସେ ବଣୁଆ ହାତୀ ଆକ୍ରମଣରେ ପ୍ରାଣ ହରାଇଥିବା ଜଣାପଡ଼ିଛି। ଗତକାଲି ହେରମାନ ବହୁ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଆଜି ବନବିଭାଗ କର୍ମଚାରୀମାନେ ହେରମାନଙ୍କର ମୃତ ଦେହକୁ ଜଙ୍ଗଲରୁ ଉଦ୍ଧାର କରିଥିଲେ। ମୃତଦେହକୁ ଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇ ଶବ ବ୍ୟବଚ୍ଛେଦ କରାଯାଇଥିଲା। ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ସେ ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରାଯାଇଛି।




ପୁରୀ (ଭାସ୍କର ନ୍ୟୁଜ) : ପୁରୀ ଜିଲ୍ଲା ସିପକଟାକ୍ରୋ ଆସୋସିଏସନ ତରଫରୁ ଅନ୍ତଃ ଜିଲ୍ଲା ପୁରୁଷ ଓ ମହିଳା ସିପକଟାକ୍ରୋ ଚାମ୍ପିୟନସିପ ୨୦୨୪ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ତାଳବଣିଆ ଇଣ୍ଡୋର ଷ୍ଟାଡିୟମ ଠାରେ ୨୪ତମ ସିନିଅର ଅନ୍ତ ଜିଲ୍ଲା ସିପକଟାକ୍ରୋ ଚାମ୍ପିୟନସିପ ଓ ୨୩ତମ ସବ-ଜୁନିଅର ୨୦୨୪ ଅନୁଷ୍ଠିତ ହୋଇଛି। ୨୪ତମ ସିନିଅର ଅନ୍ତ ଜିଲ୍ଲା ସିପକଟାକ୍ରୋ ଚାମ୍ପିୟନସିପ ରେ ଓଡିଶା ର ବିଭିନ୍ନ ଜିଲ୍ଲା ରୁ ପୁରୁଷ ୨୦ଟି ଓ ମହିଳା ୧୨ଟି ଟିମ ଅଂଶଗ୍ରହଣ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ, ସଂମ୍ମାନୀତ ଅତିଥି ଭାବେ ସମୁଦ୍ରକୁଳ ଥାନା ଅଧିକାରୀ ମାନସ ରଞ୍ଜନ ଚକ୍ର ଓ ଦୂରଦର୍ଶୀ ସମ୍ପାଦକ ଦୁର୍ଗା ସାମନ୍ତରାୟ ଉପସ୍ଥିତ ଥିଲେ। ଏହା ପରେ ମହାପ୍ରଭୁ ଜଗନ୍ନାଥ ଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଖେଳ ଆରମ୍ଭ କରାଯାଇଥିଲା। ପୁରୁଷ ବିଭାଗ ରେ ୪ଟି ମ୍ୟାଚ ଓ ମହିଳା ବିଭାଗ ରେ ୨ଟି ମ୍ୟାଚ ଖେଳା ଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ରେ ଓଡିଶା ସିପକଟାକ୍ରୋ ଆସୋସିଏସନ ସମ୍ପାଦକ ପୃଥ୍ୱୀରାଜ ସାହୁ, ଓଡିଶା ସିପକଟାକ୍ରୋ ଆସୋସିଏସନ ଉପ ସଭାପତି ପ୍ରଭାସ ପ୍ରିୟଦର୍ଶନ ମହାନ୍ତି, ଅଲମ୍ପିକ ଆସୋସିଏସନ କୋଷାଧକ୍ଷ ରବିଶଙ୍କର ପ୍ରତିହାରୀ, ପୁରୀ ଜିଲ୍ଲା ସିପକଟାକ୍ରୋ ଆସୋସିଏସନ ଉପ ସଭାପତି ସୁଦର୍ଶନ ସାହୁ, ସାଧାରଣ ସମ୍ପାଦକ ରାମ ଚନ୍ଦ୍ର ବାରିକ ଓ ଯୁଗ୍ମ ସାଧାରଣ ସମ୍ପାଦକ ଅଶ୍ୱିନ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ସମ୍ବଲପୁରରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମର ଶୁଭାରମ୍ଭ

# ସ୍ୱଚ୍ଛତାକୁ ପର୍ବ ଭଳି ପାଳିବା: ଧର୍ମେନ୍ଦ୍ର



ସମ୍ବଲପୁର (ଭାସ୍କର ନ୍ୟୁଜ): ସ୍ୱଚ୍ଛତାକୁ ନିଜ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବା ଏବଂ ଆଗାମୀ ପାର୍ବଣ ଋତୁରେ ସ୍ୱଚ୍ଛତାକୁ ଅଧିକ ଦୃଷ୍ଟି ଦେବା । ପର୍ବପର୍ବାଣୀ ଭଳି ଆନନ୍ଦ ଓ ଉତ୍ସାହର ସହ ସ୍ୱଚ୍ଛତା ପର୍ବ ପାଳିବା ସହ ଆମ ସହରକୁ ସ୍ୱଚ୍ଛ ସହରରେ ପରିଣତ କରିବାର ସଂକଳ୍ପ ନେବାକୁ ସମ୍ବଲପୁରବାସୀଙ୍କୁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ରବିବାର ସମ୍ବଲପୁର କ୍ଷେତ୍ରରାଜପୁରରେ 'ସମ୍ବଲପୁର ମହାନଗର ନିଗମ' ପକ୍ଷରୁ ଆୟୋଜିତ "ସ୍ୱଚ୍ଛତା ହିଁ ସେବା- ୨୦୨୫" କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ସ୍ଥାନୀୟ ସ୍ୱଚ୍ଛ ସାଥୀମାନଙ୍କୁ ସମ୍ମାନିତ କରିଥିଲେ ଶ୍ରୀ ପ୍ରଧାନ । ସ୍ୱଚ୍ଛ, ସୁନ୍ଦର ଓ ସବୁଜ ସମ୍ବଲପୁର ଗଢ଼ିବାର ଉଦ୍ୟମକୁ ପ୍ରଶଂସା କରିବା ସହ ସେ କହିଛନ୍ତି ଯେ ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ 'ସେବା ପକ୍ଷ' ପାଳନର ପ୍ରସ୍ତୁତି ପୂର୍ବରୁ ଆଜି ସମ୍ବଲପୁରରେ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଛି । ସ୍ୱଚ୍ଛ ସର୍ବେକ୍ଷଣରେ ସମ୍ବଲପୁର ପୂର୍ବବର୍ଷ ଅପେକ୍ଷା ଅପେକ୍ଷାକୃତ ଭଲ ପ୍ରଦର୍ଶନ କରିଛି । କେବଳ ଦାୟିତ୍ୱରେ ଥିବା ଲୋକମାନେ ସ୍ୱଚ୍ଛତା ରଖିଲେ ହେବ ନାହିଁ ବରଂ ସମ୍ବଲପୁର ଲୋକଙ୍କୁ ସ୍ୱଚ୍ଛତାରେ ସଂସ୍କାର ଆଣିବାକୁ ପଡ଼ିବ । ସବୁ ପର୍ବପର୍ବାଣୀକୁ ଯେପରି ଭାବରେ ଆମେ ଆନନ୍ଦ ଉଲ୍ଲାସରେ ପାଳନ କରୁଛନ୍ତି ସେଇ ଭଳି ଭାବେ ଆମକୁ ସହରକୁ ସ୍ୱଚ୍ଛ କରିବାକୁ ପଡ଼ିବ। ସମାଜକୁ ସ୍ୱଚ୍ଛ ଓ ସୁନ୍ଦର ରଖିଲେ ହିଁ ସମାଜ ସୁସ୍ଥ ହେବ । ମ୍ବଲପୁରରେ ସ୍ୱଚ୍ଛତା ଦାୟିତ୍ୱରେ ଥିବା କର୍ମଚାରୀ ଭାଇ ଭଉଣୀମାନେ, ଜନସାଧାରଣ, ସ୍ୱେଚ୍ଛାସେବୀ ସଂଗଠନ ଓ ବ୍ୟବସାୟିକ ସଂଗଠନକୁ ସାଧୁବାଦ ଜଣାଇଛନ୍ତି ଶ୍ରୀ ପ୍ରଧାନ । ସ୍ୱଚ୍ଛ ରଖୁଥିବା ସାଥୀମାନଙ୍କୁ ଉତ୍ସାହିତ କରିବା ସହ ନିରୋଗ ଜୀବନ ପାଇଁ ସ୍ୱଚ୍ଛତାକୁ ଆପଣାଇବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଆହ୍ୱାନ କରିଛନ୍ତି। ଏହି ଅବସରରେ ସମ୍ବଲପୁରକୁ ଆବର୍ଜନା ମୁକ୍ତ କରିବା ସହ ସ୍ୱଚ୍ଛ ରଖିବା ପାଇଁ ସମବେତ ଜନସାଧାରଣ ଶପଥ ପାଠ କରିଥିଲେ । ସ୍ୱଚ୍ଛ ସମ୍ବଲପୁର ପାଇଁ ଏକ ଦସ୍ତଖତ ଅଭିଯାନ ମଧ୍ୟ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

## ଆଇଆଇଏମ୍ ଛାତ୍ରଛାତ୍ରୀ ପଢ଼ିବେ ଶ୍ରୀଶ୍ରୀ ରବିଶଙ୍କରଙ୍କ ଜୀବନୀ ସମ୍ପର୍କିତ କେସ୍ ଷ୍ଟଡି



କଟକ (ଭାସ୍କର ନ୍ୟୁଜ): ଏଣିକି ଭାରତୀୟ ପରିଚାଳନା ସଂସ୍ଥାନ (ଆଇଆଇଏମ୍)ର ବିଦ୍ୟାର୍ଥୀମାନେ ଆଧ୍ୟାତ୍ମିକ ଗୁରୁ, ମାନବତାବାଦୀ ତଥା ଆର୍ଟ ଅଫ୍ ଲିଭିଂର ପ୍ରତିଷ୍ଠାତା ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଜୀବନ, ନେତୃତ୍ୱ ଦକ୍ଷତା ଓ ସାମାଜିକ ପରିବର୍ତ୍ତନରେ ଥିବା ତାଙ୍କ ବହୁମୂଲ୍ୟ ଅବଦାନ ଉପରେ ଆଧାରିତ ବିଭିନ୍ନ କେସ୍ ଷ୍ଟଡି ଅଧ୍ୟୟନ କରିବେ । ଏଥିସହ ଯୁଗାନ୍ତକାରୀ ପରିବର୍ତ୍ତନ ଓ ବଳିଷ୍ଠ ନେତୃତ୍ୱକୁ ଆଧ୍ୟାତ୍ମିକତା ସହ ଯୋଡ଼ି ଏକ 'ଏକ୍ଜିକ୍ୟୁଟିଭ୍ ଏଡୁକେସନ ପ୍ରୋଗ୍ରାମ୍'ପ୍ରସ୍ତୁତ କରାଯିବ। ଏହି ପୃଷ୍ଠଭୂମି ଆଧାରରେ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଏବଂ ଆଇଆଇଏମ୍, ନାଗପୁର ମଧ୍ୟରେ ଏକ ଐତିହାସିକ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଛି । ତଦନୁଯାୟୀ, ପରିଚାଳନା ପାଠ୍ୟକ୍ରମରେ ଏଣିକି ଭାରତର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଐତିହ୍ୟକୁ ମିଶାଇ, ଶିକ୍ଷା ଓ ଗବେଷଣାରେ ନୂତନ ଅଧ୍ୟାୟ ଆରମ୍ଭ ହେବ। ଏହାଦ୍ୱାରା ଭାରତୀୟ ଜ୍ଞାନ ପ୍ରଣାଳୀ (ଆଇକେଏସ୍)କୁ ପ୍ରୋତ୍ସାହନ ମିଳିବ ଏବଂ ଏହାଫଳରେ ପ୍ରାଚୀନ ଜ୍ଞାନ ଓ ସମକାଳୀନ ପରିଚାଳନା ପ୍ରଣାଳୀର ସୁନ୍ଦର ସମ୍ମିଶ୍ରଣ ସମ୍ଭବ ହୋଇପାରିବ । ଗୁରୁଦେବ ଶ୍ରୀଶ୍ରୀ ରବିଶଙ୍କରଙ୍କ ଉପସ୍ଥିତିରେ ଆଇଆଇଏମ୍, ନାଗପୁରର ନିର୍ଦ୍ଦେଶକ ଡ. ଭୀମରାୟ ମେତ୍ରି ଓ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରେସିଡେଣ୍ଟ ପ୍ରୋ. ରଜିତା କୁଲକର୍ଣ୍ଣୀଏମ୍ଓୟୁ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ଡ. ମେତ୍ରି କହିଲେ, 'ଏହା କୌଶଳୀ ଓ ମୂଲ୍ୟବୋଧଭିତ୍ତିକ ତଥା ସାମାଜିକ ସଚେତନ ନାଗରିକ ନିର୍ମାଣ ଦିଗରେ ସହାୟକ ହେବ ।' ଅପରପକ୍ଷେ ପ୍ରୋ. କୁଲକର୍ଣ୍ଣୀ କହିଲେ,ଏହାଦ୍ୱାରା ଆଧ୍ୟାତ୍ମିକତା, ଭାରତୀୟ ଜ୍ଞାନ ପ୍ରଣାଳୀ ଓ ପରିଚାଳନା ପାଠ୍ୟକ୍ରମର ଅଭୂତପୂର୍ବ ସମନ୍ୱୟ ଘଟିବ। ଏମଓୟୁ ସ୍ୱାକ୍ଷର ଅବସରରେ ପ୍ରାଧ୍ୟାପକ ପ୍ରଶାନ୍ତ ଗୁପ୍ତା, ପ୍ରୋ. ଆଲୋକ ସିଂହ ଓ ପ୍ରୋ. ସୁଜିତ ଶର୍ମା ଉପସ୍ଥିତ ଥିଲେ। ଏଥିସହ, ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରୋ. ତେଜପ୍ରତାପ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଓ କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରୋ. ଅନିଲ କୁମାର ଶର୍ମା ମଧ୍ୟ ଏହି ଐତିହାସିକ ଏମଓୟୁ ସ୍ୱାକ୍ଷର ନିମନ୍ତେସନ୍ତୋଷ ବ୍ୟକ୍ତ କରିଥିଲେ ।

## ରାମକୃଷ୍ଣ କୁଟୀରରେ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କଟକ(ଭାସ୍କର ନ୍ୟୁଜ୍): ବଙ୍ଗାଳୀସାହିସ୍ଥିତ ରାମକୃଷ୍ଣ କୁଟୀରରେ ନବାଗତ ଅନ୍ତେବାସୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରମାନେ ନବାଗତ ଅନ୍ତେବାସୀଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ପ୍ରଫେସର ଡ଼ଃ ସତ୍ୟକାମ ମିଶ୍ର, ମୁଖ୍ୟବକ୍ତା ରାଜ୍ୟ ସୂଚନା କମିଶନର ସୁଶାନ୍ତ କୁମାର ମହାନ୍ତି ଓ ସମ୍ମାନୀତ ଅତିଥି ଡ଼ଃ ସତ୍ୟ ରାୟ ଯୋଗ ଦେଇଥିଲେ। ପ୍ରଫେସର ଡାକ୍ତର ସୁଦର୍ଶନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ପାଦକ ଗୋକୁଳାନନ୍ଦ ପଟ୍ଟନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସହ ସଂପାଦକ ଭୁବନାନନ୍ଦ ମହାନ୍ତି ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ ଓ ତତ୍ତ୍ୱାବଧାରକ ସୁଭାଷ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ ଲକ୍ଷ୍ମୀ ନାରାୟଣ ଦାଶ, ଅଭୟ ରାଉତ, ପ୍ରଶାନ୍ତ କୁମାର ଜେନା, ଚିତ୍ତରଞ୍ଜନ ଦାଶ, ମିଳନ୍ କୁମାର ବଡୁ, ଡ଼ଃ ଓଁକାର ରାଉତ, ବିଦ୍ୟୁତ୍ ଲାଲା ପ୍ରମୁଖ ଯୋଗ ଦେଇଥିଲେ।

## ସଂଶୋଧିତ ଜିଏସ୍‌ଟି ନେଇ ଯୋଗାଣମନ୍ତ୍ରୀଙ୍କ ସୂଚନା

# ସାମଗ୍ରୀରେ ସଂଶୋଧିତ ମୂଲ୍ୟ ବାଧ୍ୟତାମୂଳକ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): କେନ୍ଦ୍ର ସରକାର ଜିଏସ୍‌ଟିରେ ହ୍ରାସ ଘଟାଇବା ପରେ ସାମଗ୍ରୀରେ ସଂଶୋଧିତ ମୂଲ୍ୟ ଉଲ୍ଲେଖ କରିବା ବାଧ୍ୟତାମୂଳକ। ଜିଏସ୍‌ଟି ହ୍ରାସ ପରେ ସଂଶୋଧିତ ମୂଲ୍ୟ ଉଲ୍ଲେଖ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ରାଜ୍ୟ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଜିଏସ୍‌ଟି ସ୍ଲାବରେ ପରିବର୍ତ୍ତନ କରିବା ପରେ ପୂର୍ବରୁ କ୍ରୟ କିମ୍ବା ପ୍ୟାକିଂ ହୋଇ ସାରିଥିବା ସାମଗ୍ରୀ ଉପରେ ସଂଶୋଧିତ ମୂଲ୍ୟ ଲେଖିବା ବାଧ୍ୟତାମୂଳକ କରାଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଖାଉଟିବ୍ୟାପାର, ଖାଦ୍ୟ ଓ ଜନବିତରଣ ବିଭାଗ ପକ୍ଷରୁ ଓଡ଼ିଶା ସମେତ ସମସ୍ତ ରାଜ୍ୟ ସରକାରଙ୍କୁ ପତ୍ରଲେଖାଯାଇ ଉତ୍ପାଦକ, ପ୍ୟାକର ଓ ଆମଦାନିକାରୀଙ୍କୁ ଉକ୍ତ ନିର୍ଦ୍ଦେଶ ଜାରି କରିବା ପାଇଁ କୁହାଯାଇଛି। ପତ୍ରରେ ଉଲ୍ଲେଖ କରାଯାଇଛି ଯେ ଜିଏସ୍‌ଟି ସଂଶୋଧନ ହେବା ପୂର୍ବରୁ ଗଚ୍ଛିତ ଥିବା ସାମଗ୍ରୀ ଉପରେ ନୂଆ ଦର ବା ଏମ୍ଆରପି ଉଲ୍ଲେଖ ରହିବା ଜରୁରି। ହ୍ରାସ ପାଇଥିବା ଜିଏସ୍‌ଟି ଅନୁସାରେ ନୂଆ ଏମ୍ଆରପି ଲାଗୁହେବା ଆବଶ୍ୟକ। ଚଳିତବର୍ଷ ଡିସେମ୍ବର ଶେଷ ସୁଦ୍ଧା କିମ୍ବା ଷ୍ଟକ୍ ଶେଷ ହେବାଯାଏ ଉକ୍ତ ନିର୍ଦ୍ଦେଶନାମା ଜାରି ହେବ। ତେବେ ପୁରୁଣା ମୂଲ୍ୟକୁ ନ ଲିଭାଇ ତାହା ନିକଟରେ ନୂଆ ମୂଲ୍ୟ ସ୍ପଷ୍ଟଭାବେ ଉଲ୍ଲେଖ କରାଯିବ। ମୂଲ୍ୟ ସଂଶୋଧନ ସଂପର୍କରେ ଉତ୍ପାଦକ, ପ୍ୟାକର ଓ ଆମଦାନିକାରୀ ଖବରକାଗଜରେ ବିଜ୍ଞାପନ ମାଧ୍ୟମରେ ଜଣାଇବା ସହ ନିଜର ଡିଲର ଏବଂ ସ୍ଥାନୀୟ ମାପ-ଓଜନ ବିଭାଗକୁ ନୋଟିସ ମାଧ୍ୟମରେ ଜଣାଇବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ ଜିଏସ୍‌ଟି ହ୍ରାସ ପରେ ଗୋଟିଏ ସାମଗ୍ରୀର ଦର ଯଦି ୧୦୦ଟଙ୍କା ହୋଇଥିବ, ଏହା ୧୨ ପ୍ରତିଶତର ଜିଏସ୍‌ଟି କମି ୫ ପ୍ରତିଶତ ସ୍ଲାବକୁ ଆସିଥିଲେ ନୂଆଦର ୯୪ ଟଙ୍କାରୁ କମ୍ ହେବ।

## ଅଭିଳାଷ ଲେଡିଜ୍ କ୍ଲବ୍ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟରେ ୧୫ ଦିନିଆ ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ଆରମ୍ଭ




ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ୨୦୨୫ ସେପ୍ଟେମ୍ବର ୧୨ ତାରିଖରେ, ଏନ୍‌ଟିପିସି ଦାର୍ଲିପାଲିର ଅଭିଳାଷ ଲେଡିଜ୍ କ୍ଲବ୍ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ପାଇଁ ଏକ ୧୫ ଦିନିଆ ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରିଥିଲା। କ୍ଲବ୍ ସଭାପତି ତାଜିନ୍ ଜାଭେଦ୍ ଏବଂ ଅନ୍ୟାନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଝିଅମାନଙ୍କୁ ଆବଶ୍ୟକୀୟ ଆତ୍ମରକ୍ଷା କୌଶଳ ପ୍ରଦାନ କରିବା, ଯାହା ଦ୍ୱାରା ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ସୁରକ୍ଷା ଏବଂ ସଶକ୍ତିକରଣର ଭାବନା ସୃଷ୍ଟି ହେବ। ଏହି ତାଲିମ ଏନ୍‌ଟିପିସି ଦାର୍ଲିପାଲି ଦ୍ୱାରା ଚାଲିଥିବା ସମ୍ପ୍ରଦାୟ ବିକାଶ ପଦକ୍ଷେପର ଏକ ଅଂଶ, ଯାହା ଝିଅମାନଙ୍କ ଶିକ୍ଷା, ସୁରକ୍ଷା ଏବଂ ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ। କାର୍ଯ୍ୟକ୍ରମର ଉଦଘାଟନ ସମୟରେ, କ୍ଲବ୍ ସଭାପତି ଏବଂ ସଦସ୍ୟମାନେ ଛାତ୍ରୀମାନଙ୍କୁ ତାଲିମ ଅଧିବେଶନରେ ସକ୍ରିୟ ଅଂଶଗ୍ରହଣ ପାଇଁ ଉତ୍ସାହିତ କରିଥିଲେ ଏବଂ ଆଶ୍ୱାସନା ଦେଇଥିଲେ ଯେ କ୍ଲବ୍ ଭବିଷ୍ୟତରେ ମଧ୍ୟ ଏପରି ପଦକ୍ଷେପଗୁଡ଼ିକୁ ପୂର୍ଣ୍ଣ ସମର୍ଥନ ପ୍ରଦାନ କରିବ, ଯାହା ଦ୍ୱାରା ସମ୍ପ୍ରଦାୟର ଝିଅମାନଙ୍କୁ ଏକ ସୁରକ୍ଷିତ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ଆଡ଼କୁ ନେଇଯିବ।

## ଜିଏସଟି ନମ୍ବର ଥିଲେ କେନ୍ଦ୍ର ଇନପୁଟ କ୍ରେଡିଟ ଦେବ: ସୁଧାକର ପଣ୍ଡା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜିଏସଟି ପରିବର୍ତ୍ତନ ନେଇ ପ୍ରତିକ୍ରିୟା ରଖିଛନ୍ତି ଓଡ଼ିଶା ବ୍ୟବସାୟୀ ମହାସଂଘ ମହାସଚିବ ସୁଧାକର ପଣ୍ଡା। ସେ କହିଛନ୍ତି ୨୨ ତାରିଖ ପରେ ଯେଉଁ ଦର କମିବ, ସେଥିରେ କେନ୍ଦ୍ର ସରକାର ଇନପୁଟ କ୍ରେଡିଟ ଦେବେ। ହେଲେ ଛୋଟ ବ୍ୟବସାୟୀ ଯାହାର ଜିଏସଟି ନମ୍ବର ନାହିଁ, ସେମାନେ ଏହା ପାଇବେ ନାହିଁ। ସେମାନେ ବାଧ୍ୟ ହୋଇ ପୁରୁଣା ଦରରେ ବିକିବେ। ଯଦି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ, ତାହାଲେ ବ୍ୟବସାୟ ଆଗକୁ ଯାଇ ପାରିବ ନାହିଁ। ଛୋଟ ବ୍ୟବସାୟୀ ଅଳ୍ପ ସାମଗ୍ରୀ କିଣିଥାନ୍ତି। ଜିଏସଟି ନମ୍ବର ନଥିବାରୁ, ସେମାନେ ଦୈନିକ କମ ପରିମାଣର କିଣନ୍ତି। ଦିନେ ଦୁଇ ଦିନ ପାଇଁ ସେମାନେ ଏପରି କରି ପାରନ୍ତି। ହେଲେ ତା ପରେ ସ୍ୱାଭାବିକ ହୋଇଯିବ। କେନ୍ଦ୍ର ସରକାର ଏମଆରପି ଉପରେ ଏକ ନିୟମ ଆଣନ୍ତୁ। ଯେଉଁଥି ପାଇଁ କେହି ମନଇଚ୍ଛା ଏମଆରପି ଲେଖି ପାରିବେ ନାହିଁ।

## ଯୁବ ସମାଜ ପାଇଁ ଐତିହାସିକ ଘୋଷଣା କରିବେ ପ୍ରଧାନମନ୍ତ୍ରୀ: ମନମୋହନ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଆସନ୍ତା ୨୭ ତାରିଖରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଓଡ଼ିଶା ଗସ୍ତ ସମୟରେ ଯୁବ ସମାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମୋଦିଜୀ ଯୁବ ସମାଜ ପାଇଁ ଐତିହାସିକ ଘୋଷଣା କରିବେ। ଆଗାମୀ ୫୦ବର୍ଷ କିମ୍ବା ୧୦୦ବର୍ଷ ପାଇଁ ଏହି ଘୋଷଣା କରାଯିବ ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରୁ ଗାନ୍ଧୀଜୟନ୍ତୀ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା ସେବାପକ୍ଷ ଅବସରରେ ମୋଦୀ ଗଞ୍ଜାମ ଗସ୍ତରେ ଯିବେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କେଉଁ ଦଳରୁ କିଏ...

ଏକାଧିକ ଦାବିଦାର ଥିବା ମଧ୍ୟ ଦେଖିବାକୁ ମିଳିଲାଣି। ବିଜେଡି ଯଦି ଅନୁକମ୍ପାମୂଳକ ଭୋଟକୁ ଆଖି ଆଗରେ ରଖି ସ୍ୱର୍ଗତଃ ଢୋଲକିଆ ପରିବାରର କୌଣସି ସଦସ୍ୟଙ୍କୁ ପ୍ରାର୍ଥୀ କରେ ତେବେ ସେହି ଜଣକ କିଏ ତାହା ମଧ୍ୟ ଅସ୍ପଷ୍ଟ ରହିଛି। ବିଜେଡି ଯଦି ତାଙ୍କ ପରିବାରରୁ କାହାକୁ ପ୍ରାର୍ଥୀ ନ କରି ଅନ୍ୟ କାହାକୁ ପ୍ରାର୍ଥୀ କରେ ତେବେ ତାଙ୍କ ପରିବାର ଲୋକଙ୍କ ରୋଷର ଶିକାର ହେବା ନିଶ୍ଚିତ। ଏଣୁ ବିଜେଡି ଏବେ କାହାକୁ ପ୍ରାର୍ଥୀ କରିବ ସେ ନେଇ ମାନସମନ୍ଥନ ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ଶାସକଦଳ ବିଜେପି ଗତ ବିଧାନସଭା ନିର୍ବାଚନରେ ପୂର୍ବତନ ସାଂସଦ ବସନ୍ତ ପଣ୍ଡାଙ୍କ ପୁତ୍ର ଅଭିନନ୍ଦନ ପଣ୍ଡାଙ୍କୁ ପ୍ରାର୍ଥୀ କରିଥିଲା, ଆଉ ସେ ତୃତୀୟ ସ୍ଥାନରେ ରହିଥିଲେ। ତେଣୁ ଚର୍ଚ୍ଚା ହେଉଛି ସେ ଦଳ ଉଭୟ ବସନ୍ତ କିମ୍ବା ତାଙ୍କ ପୁଅ ଅଭିନନ୍ଦନଙ୍କ ମଧ୍ୟରୁ ଜଣକୁ କାହାକୁ ପ୍ରାର୍ଥୀ କରିବାର ସମ୍ଭାବନା ରହିଛି। ୨୦୨୪ ସାଧାରଣ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ତଥା ପୂର୍ବତନ ସାଂସଦ ଶରତ ପଟ୍ଟନାୟକ ଚତୁର୍ଥ ସ୍ଥାନରେ ରହିଥିଲେ। ତେଣୁ ଦଳ ତାଙ୍କ ଉପରେ ଭରସା କରିବାର ସମ୍ଭାବନା କମ୍ । ତେଣୁ ତାଙ୍କ ବଦଳରେ ଦଳ ଦ୍ୱିତୀୟ ସ୍ଥାନରେ ଥିବା ସ୍ୱାଧୀନ ପ୍ରାର୍ଥୀ ଘାସିରାମ ମାଝୀଙ୍କୁ ପ୍ରାର୍ଥୀ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ତେବେ ଏ ନେଇ ହାଇକମାଣ୍ଡ ନିଷ୍ପତ୍ତି ନେବେ ବୋଲି କଂଗ୍ରେସର ଜଣେ ନେତା ସୂଚନା ଦେଇଛନ୍ତି। ଏବେ ସମସ୍ତଙ୍କ ନଜର ନୂଆପଡ଼ା ଉପନିର୍ବାଚନ ଉପରେ କେନ୍ଦ୍ରୀଭୂତ ହୋଇଛି। ଏହି ଉପନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କ ବିଜୟ ସୁନିଶ୍ଚିତ ବୋଲି ପୂର୍ବରୁ ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର ସୂଚନା ଦେଇଛନ୍ତି।

### ଏବେ ବାତ୍ୟା ଆଶଙ୍କା...

ବଙ୍ଗୋପସାଗର, ଉତ୍ତର ଆନ୍ଧ୍ର ଉପକୂଳ ଏବଂ ଦକ୍ଷିଣ ଓଡ଼ିଶା ଉପକୂଳରେ ସୃଷ୍ଟ ଲଘୁଚାପ ସକ୍ରିୟ ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ତୁହାକୁ ତୁହା ବର୍ଷା ହୋଇଛି। ଲଘୁଚାପ ପ୍ରଭାବରେ ଭୁବନେଶ୍ୱର, କଟକ, ପୁରୀ, ତାଳଚେର, ମାଲକାନଗିରି, ରାୟଗଡ଼ା, ଭଦ୍ରକ ଆଦି ଜିଲ୍ଲାଗୁଡ଼ିକରେ ବିଜୁଳି ଓ ଘଡ଼ଘଡ଼ି ସହ ବର୍ଷା ହୋଇଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ସୂଚନା ଦେଇଛି ଯେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଜିଲ୍ଲାର କିଛି ଅଞ୍ଚଳରେ ବିଜୁଳି, ଘଡ଼ଘଡ଼ି ସହ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କନ୍ଧମାଳ, କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାକୁ ବଜ୍ରପାତ ପାଇଁ ସତର୍କତା ଜାରି କରାଯାଇଛି। ସୂଚନାଯୋଗ୍ୟ ଯେ ପୂର୍ବରୁ ଆଇଏମ୍‌ଡି ଡିଜି କହିଥିଲେ ଯେ ଅକ୍ଟୋବରରୁ ଡିସେମ୍ବର ଭିତରେ ବଙ୍ଗୋପସାଗରରେ ଅଧିକ ବାତ୍ୟା ସୃଷ୍ଟି ହୋଇଥାଏ। ଏହିସବୁ ସମୟରେ ପ୍ରତିବର୍ଷ। ସାଧାରଣତଃ ବଙ୍ଗୋପସାଗରରେ ଓ ଆରବ ସାଗରରେ ୫ଟି ବାତ୍ୟା ସୃଷ୍ଟି ହୋଇଥାଏ। ତା ଭିତରୁ ୩ଟି ବାତ୍ୟା ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ହୋଇଥାଏ। ତେବେ ଚଳିତବର୍ଷ କୌଣସି ବାତ୍ୟା ବଙ୍ଗୋପସାଗର କିମ୍ବା ଆରମ୍ଭ ସାଗରରେ ସୃଷ୍ଟି ହୋଇନାହିଁ। ବାତ୍ୟା ପାଇଁ ଲା-ନିନା ପ୍ରଭାବ ପକାଇଥାଏ। ତେବେ ଏଯାଏ କିଛି ସୃଷ୍ଟି ହୋଇନି। ଯଦି ଏପରି ହୁଏ ଏହାର ଅନୁକୂଳ ପ୍ରଭାବ ବଙ୍ଗୋପସାଗର ଉପରେ ପଡ଼ିବ ବୋଲି ସେ କହିଥିଲେ।

### ମୁଁ ଶିବ ଭକ୍ତ...

ସେ କହିଛନ୍ତି, ମୁଁ ଭଗବାନ ଶିବଙ୍କ ଭକ୍ତ ଏବଂ ଶତ୍ରୁମାନଙ୍କ ଦ୍ୱାରା ଦିଆଯାଇଥିବା ସମସ୍ତ ବିଷକୁ ଢେକି ଦେଉଛି। ସେ କହିଥିଲେ, ଅପରେସନ ସିନ୍ଦୂର ପରେ ଏହା ମୋର ପ୍ରଥମ ଆସାମ ଗସ୍ତ। ମା କାମାକ୍ଷାଙ୍କ ଆଶୀର୍ବାଦରେ ଅପରେସନ ସିନ୍ଦୂର ଏକ ବଡ଼ ସଫଳତା ହାସଲ କରିଥିଲା। ତେଣୁ ମୁଁ ଆଜି କାମାକ୍ଷାଙ୍କ ଭୂମିକୁ ଆସି ଏକ ଭିନ୍ନ ପବିତ୍ର ଅନୁଭୂତି ଉପଲବ୍ଧି କରୁଛି। ମା'ଙ୍କ ଅପମାନ ବିଷୟରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, ମୋତେ ଯେତେ ଗାଳି ଦିଆଗଲେ ମଧ୍ୟ ମୁଁ ଏହାକୁ ସହ୍ୟ କରିଥାଏ। କିନ୍ତୁ ଯେତେବେଳେ ଅନ୍ୟ କାହାକୁ ଅପମାନ କରାଯାଏ ମୁଁ ତାକୁ ସହିପାରେ ନାହିଁ । ଏହି ଅବସରରେ ସେ ଭୂପେନଦାଙ୍କୁ ଭାରତ ରତ୍ନରେ ସମ୍ମାନିତ କରିବା ପ୍ରସଙ୍ଗ ଉଠାଇ କହିଥିଲେ, କଂଗ୍ରେସ ଦଳ ଦ୍ୱାରା ତାଙ୍କୁ ଭାରତ ରତ୍ନରେ ସମ୍ମାନିତ କରିବା ପାଇଁ କରାଯାଇଥିବା ଅପମାନ ଠିକ୍ ନା ଭୁଲ। ବିଜେପିର ଡବଲ ଇଞ୍ଜିନ ସରକାର ଆସାମର ମହାନ ସନ୍ତାନ ଏବଂ ଆମର ପୂର୍ବ ପୁରୁଷମାନେ ଆସାମ ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ପୂରଣ କରିବାରେ ପୂର୍ଣ୍ଣ ନିଷ୍ଠାର ସହ ନିୟୋଜିତ ରହିଛନ୍ତି। ଇତିମଧ୍ୟରେ ଆମେ ଭାରତ ରତ୍ନ ଭୂପେନ ହଜାରିକାଙ୍କ ଜନ୍ମଦିନ ପାଳନ କରିସାରିଛୁ। ଭାରତ ସରକାର ଦେଶର ଏହି ମହାନ ପୁତ୍ର ତଥା ଆସାମର ଗର୍ବ ଭୂପେନଦାଙ୍କୁ ଭାରତ ରତ୍ନ ପ୍ରଦାନ କରିଥିଲେ। କିନ୍ତୁ କଂଗ୍ରେସ ଦଳର ସଭାପତି କହିଥିଲେ, ମୋଦୀ ନୃତ୍ୟଶିଳ୍ପୀ ଏବଂ ଗାୟକମାନଙ୍କୁ ଭାରତ ରତ୍ନ ଦେଉଛନ୍ତି। ୧୯୬୨ ମସିହାରେ ଚୀନ୍ ସହିତ ଯୁଦ୍ଧ ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ ଯାହା କହିଥିଲେ ସେଥିରେ ଉତ୍ତର-ପୂର୍ବାଞ୍ଚଳ ଲୋକଙ୍କ କ୍ଷତ ଏପର୍ଯ୍ୟନ୍ତ ଶୁଖିନାହିଁ। ଅନ୍ୟପକ୍ଷରେ ଆସାମର ବିକାଶ ଉପରେ ମତଦେଇ ମୋଦୀ କହିଥିଲେ, ଭାରତ ବର୍ତ୍ତମାନ ବିଶ୍ୱର ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ଦେଶ ଏବଂ ଆସାମ ଏହାର ଦ୍ରୁତ ଅଭିବୃଦ୍ଧିଶୀଳ ରାଜ୍ୟ ମଧ୍ୟରୁ ଗୋଟିଏ। ବିକାଶ ସହିତ ତାଳଦେଇ ଚାଲିବା ପାଇଁ ସଂଘର୍ଷ କରୁଥିବା ଆସାମ ନିଜକୁ ପରିବର୍ତ୍ତନ କରିଛି ଏବଂ ବର୍ତ୍ତମାନ ୧୩ ପ୍ରତିଶତ ଅଭିବୃଦ୍ଧି ହାର ସହିତ ଉଲ୍ଲେଖନୀୟ ଅଗ୍ରଗତି କରୁଛି। ଏହା ଆସାମବାସୀଙ୍କ କଠିନ ପରିଶ୍ରମ ଏବଂ ବିଜେପିର ଡବଲ ଇଞ୍ଜିନ ସରକାରଙ୍କ ଅବଦାନଦ୍ୱାରା ପରିଚାଳିତ ମିଳିତ ପ୍ରୟାସର ଏକ ପରିଣାମ ବୋଲି ସେ କହିଥିଲେ।

## ଭିନ୍ନକ୍ଷମମାନଙ୍କ ଅଧିକାର ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଜେବି କଲେଜଠାରେ ଭିନ୍ନକ୍ଷମମାନଙ୍କ ଅଧିକାର ସମ୍ପର୍କରେ ସଚେତନତା ଓ କୁଇଜ ପ୍ରତିଯୋଗିତା କାର୍ଯ୍ୟକ୍ରମ ଭିନ୍ନକ୍ଷମ ଆୟୁକ୍ତଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଉଦଘାଟନ ଅଭିଭାଷଣରେ ଭିନ୍ନକ୍ଷମ ଆୟୁକ୍ତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଯୁବସମାଜ ନିମନ୍ତେ ରହିଥିବା ଆହ୍ୱାନ ବିଷୟରେ ଧାରଣ ଦେଇ କହିଥିଲେ ଯେ, ଆଇନ ଭିନ୍ନକ୍ଷମ ମାନଙ୍କୁ ମଧ୍ୟ ସମାଜରେ ସମ୍ମାନର ସହ ବଞ୍ଚିବାର ଅଧିକାର ପ୍ରଦାନ କରିଛନ୍ତି ଓ ଆଇନକୁ ସମାନ ଦେଇ ଛାତ୍ର ସମାଜ, ଯେଉଁମାନେ ଭବିଷ୍ୟତର ନାଗରିକ, ସେମାନଙ୍କ ଦାୟିତ୍ୱ ତଥା ଭାଗୀଦାରୀ ରହିଛି । ଶିକ୍ଷା, ନିଯୁକ୍ତି ତଥା ନୂତନ ଶିକ୍ଷା ନୀତି ଅନୁସାରେ କଲେଜ ଗୁଡିକ ଆଗେଇ ଆସିବା ଆବଶ୍ୟକ । ଏହି କ୍ରମରେ ସମ୍ବଲପୁରର ସରକାରୀ ମହାବିଦ୍ୟାଳୟ, କୋରାପୁଟର ଡିଏଭି କଲେଜ, ଶଶୀ ଭୂଷଣ ମହିଳା ମହାବିଦ୍ୟାଳୟ, ବ୍ରହ୍ମପୁର, କୁନ୍ତଳା କୁମାରୀ ସାବତ ସରକାରୀ ମହିଳା ମହାବିଦ୍ୟାଳୟ, ବାଲେଶ୍ୱର ଓ ପରିଶେଷରେ ବିଜେବି କଲେଜ, ଭୁବନେଶ୍ୱରଠାରେ ୫ଗୋଟି ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କର ଉତ୍ସାହ ତଥା ଯୋଗଦାନ ବେଶ ଆକର୍ଷଣୀୟ ଥିଲା । ୫ଟି ବିଜୟୀ ଦଳ ମଧ୍ୟରେ ରାଜ୍ୟ ସ୍ତରରେ ପ୍ରତିଯୋଗୀତା ହେବାର କାର୍ଯ୍ୟକ୍ରମ ରହିଛି । ଭୁବନେଶ୍ୱର ସ୍ଥିତ ବିଜେବି କଲେଜଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଉଚ୍ଚ ଶିକ୍ଷା ବିଭାଗ, କାଳି ପ୍ରସାଦ ମହାପାତ୍ର, ଭାପ୍ରସେ, ଉଚ୍ଚ ଶିକ୍ଷା ବିଭାଗ ଅଧକ୍ଷା, ଝୁମକି ରଥ, ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ । ଆଇନର ପ୍ରାବଧାନ ବାବଦରେ ଆର କେ ଶର୍ମା ବିଷୟବସ୍ତୁ ଉପରେ ବିସ୍ତୃତ ଭାବେ ଉପସ୍ଥାପନା କରିଥିଲେ । ଶେଷରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଡ଼ିଶା ପୋଲିସ ହାଇସ୍କୁଲରେ ଚାରାରୋପଣ କାର୍ଯ୍ୟକ୍ରମ

କଟକ(ଭାସ୍କର ନ୍ୟୁଜ): ମର୍କତନଗର ବରିଷ୍ଠ ନାଗରିକ ମହାସଂଘ ପକ୍ଷରୁ କଟକ ସହରସ୍ଥ ବକ୍ସିବଜାରରେ ଅବସ୍ଥିତ ଓଡ଼ିଶା ପୁଲିସ ହାଇସ୍କୁଲ (ରିଜର୍ଭ ପୋଲିସ ଲାଇନ)ରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ 'ସିବନାମ'ର ମହାସଚିବ ବିଶିଷ୍ଟ ରେଳ ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ ଅଧକ୍ଷତା କରିଥିଲେ। ସଂଘର ମୁଖ୍ୟ ଉପଦେଷ୍ଟା ଆଡ଼ଭୋକେଟ ଧରଣୀ ପଟ୍ଟନାୟକ, ଅଧକ୍ଷ ନିତ୍ୟାନନ୍ଦ ମିଶ୍ର, ଉପ-ସଭାପତି ନକୁଳ ଚନ୍ଦ୍ର ମହାରଣା, ଖାନନଗର ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶିକ୍ଷବିତ ଅକ୍ଷୟ କୁମାର ଷଡ଼ଙ୍ଗୀ, ଗୀତାଳି ମିଶ୍ର,ଅମିତା ପ୍ରଜ୍ଞା ପଣ୍ଡା, ଶିକ୍ଷକ ଶେଖ ଜହୁରୁଦ୍ଦିନ, ଦିଲ୍ଲୀପ କୁମାର ପରିଡା, ଶେଷଦେବ ନାୟକ ଓ ଦୁର୍ଯ୍ୟୋଧନ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**AFFIDAVIT**

By virtue of an affidavit sworn before the Executive Magistrate, Tihidi, dated: 26.08.2025, I Minatilata Nayak, Address: At- Baro, Po- Baro, Ps- Tihidi, Dist- Bhadrak, Odisha, PIN- 756130 declare that I have changed my name from Minati Nayak to Minalata Nayak. Henceforth, I shall be known as Minatilata Nayak for all purposes.

**Sd/-Minatilata Nayak**

**AFFIDAVIT**

By virtue of an affidavit sworn before the Executive Magistrate, Tangi- Choudwar, dated: 10.09.2025, I Lili Sahoo, Address: At- Mania, Po- Uchapada, Ps- Tangi, Dist- Cuttack, Odisha, PIN-754022, declare that I have changed my name from Lilibala Barik to Lili Sahoo. Henceforth, I shall be known as Lili Sahoo for all purposes.

**Sd/- Lili Sahoo**

## ୨୦ରେ ପ୍ରାଥମିକ ଶିକ୍ଷକଙ୍କ ବିଧାନସଭା ଘେରାଉ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଭିନ୍ନ ଦାବି ନେଇ ପ୍ରାଥମିକ ଶିକ୍ଷକମାନେ ଆସନ୍ତା ସେପ୍ଟେମ୍ବର ୨୦ ତାରିଖରେ ବିଧାନସଭା ଅଧିବେଶନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଖାରବେଳ ନଗରସ୍ଥିତ ଶ୍ରମିକ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା ଓ ସାଧାରଣ ସମ୍ପାଦକ ବିଭୁପ୍ରସାଦ ସାହୁ କହିଛନ୍ତି। ଶିକ୍ଷା ବ୍ୟବସ୍ଥାରେ ଉପୁଜିବା ପରିସ୍ଥିତି ପାଇଁ ସରକାର ଦାୟୀ ରହିବେ ବୋଲି ସଂଘର ନେତୃତ୍ୱମାନେ ଚେତାବନୀ ଦେଇଛନ୍ତି। ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ, ବିଷୟଭିତ୍ତିକ ଲେବୁଲ-୪ ପ୍ରଧାନଶିକ୍ଷକ ଓ ଲେବୁଲ୍-ଭି(ବି) ପଦବୀ ଖାଲି ପଡ଼ିଥିବା ବେଳେ ପଦଗୁଡ଼ିକୁ ପୂରଣ କରାଯାଉ ନାହିଁ। ୨୦୧୯ ମସିହାରେ ପ୍ରାଥମିକ ଶିକ୍ଷକମାନଙ୍କ କ୍ୟାଡର ରୁଲ୍ ସଂଶୋଧନରେ ୨୦୧୧ ମସିହା ପରେ ଶିକ୍ଷକ ନିଯୁକ୍ତି ପାଇଁ ଓଟିଇଟି ଆବଶ୍ୟକ ବୋଲି କୁହାଯାଇଥିଲା। କିନ୍ତୁ ଟିଇଟି ଲାଗୁ ହେବାର ୧୫ ବର୍ଷ ପରେ ପଦୋନ୍ନତିରେ ୨୦୧୧ ମସିହା ପୂର୍ବ ନିଯୁକ୍ତି ଶିକ୍ଷକମାନଙ୍କ ପଦୋନ୍ନତି ପାଇଁ ଟିଇଟି ବାଧ୍ୟତାମୂଳକ କରାଯାଉଛି ଏବଂ ଟିଇଟି ପରୀକ୍ଷା ଆଳ ଦେଖାଇ ପ୍ରାଥମିକ ଶିକ୍ଷକମାନଙ୍କ ପଦୋନ୍ନତିକୁ ୪ ବର୍ଷ ହେବ ବନ୍ଦ କରାଯାଇଛି। ପୁନଶ୍ଚ ଏସ୍‌ସି, ଏସ୍‌ଟି, ଏସଇବିସି ଓ ପିଏଚ୍ ମାଧ୍ୟମିକ ଶିକ୍ଷକ ଯୋଗ୍ୟତା ନିମନ୍ତେ ୩୫ ପ୍ରତିଶତ ନମ୍ବର ଓ ସାଧରଣବର୍ଗ ନିମନ୍ତେ ୪୫ ପ୍ରତିଶତ ନମ୍ବର ଥିବାବେଳେ ଏସ୍‌ସି, ଏସ୍‌ଟି, ଏସଇବିସି ଓ ପିଏଚ୍ ପ୍ରାଥମିକ ଶିକ୍ଷକ ଯୋଗ୍ୟତା ନିମନ୍ତେ ୫୦ ପ୍ରତିଶତ ନମ୍ବର ଓ ସାଧରଣବର୍ଗ ପ୍ରାଥମିକ ଶିକ୍ଷକ ଯୋଗ୍ୟତା ନିମନ୍ତେ ୬୦ ପ୍ରତିଶତ ନମ୍ବର ରଖାଯାଇଛି। ଯାହାକି ପ୍ରାଥମିକ ଶିକ୍ଷକମାନଙ୍କୁ ପାତର ଅନ୍ତ ହେଉଛି ବୋଲି ସଂଘ ଅଭିଯୋଗ କରିଛି।

**ODISHA HYDRO POWER CORPORATION LTD**
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB H.E.PROJECT: AT/PO: BARINIPUT
DISTRICT: KORAPUT, PIN- 764 006.
PHONE: 06854 242001 FAX: 06854 242038
REGD OFFICE: ODISHA HYDRO POWER CORPORATION LTD
JANPATH, BHOINAGAR, BHUBANESWAR- 751022
TELEPHONE: 0674 – 2542802, 3542826, 2545536, FAX: 0674 2542102
CIN: U40101OR1995SGC003963

CAD-1723

**NOTICE INVITING TENDER NO. 26 /2025-26 Date:09/09/25**

Sealed Tenders are invited in TWO PART i.e. (i) Techno Commercial Bid & (ii) Price Bid in separate sealed envelopes from the Reputed Registered Firms /Agencies having executed two such similar type of work during last 3 years in Power House.

| Sl. No. | Description of Work | Cost of Tender Specification (Non-Refundable) | EMD in shape of BC /DD |
|---|---|---|---|
| 1 | Painting of Various Equipment like Bus Duct, Generator, Pipe lines. etc. of UKHEP, Bariniput | Rs. 7080/- (Rs.6000/- + 18%GST) | Rs.15,300/- |

Sale of tender paper : From 17/09/25 to 11:00 Hrs. of 09/10/25
Last date of submission of tender : 12:00 Hrs. of 09/10/25
Date & Time of opening of tender : 12:30 Hrs. of 09/10/25

For details of the tender documents, terms and conditions, corrigendum etc. please visit our website www.ohpcltd.com.

If the last date of sale, receipt &opening of tender happens to be holiday, the next working day will be treated as the effective date.

Sd/-Unit Head
UKHEP, Bariniput.

OIPR 04002/11/0122/2526

# ଜାତୀୟ ଓ ଅନ୍ତର୍ଜାତୀୟ



ଜୟପୁର: ରାଜସ୍ଥାନର ରାଜଧାନୀ ଜୟପୁରର ଶିବଦାସପୁରା ଥାନା ଅଞ୍ଚଳରେ ଏକ ବଡ଼ ସଡ଼କ ଦୁର୍ଘଟଣା ସାମ୍ନାକୁ ଆସିଛି, ଯେଉଁଠାରେ ହରିଦ୍ୱାରରୁ ଫେରୁଥିବା ଏକ ପରିବାରର ସାତ ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଏହି ଦୁର୍ଘଟଣାରେ କାରରେ ଥିବା ସମସ୍ତ ସାତ ଜଣଙ୍କର ମୃତ୍ୟୁ ହୋଇଥିଲା। ସୂଚନା ଅନୁଯାୟୀ, ଜୟପୁରର ଶିବଦାସପୁରା ପୋଲିସ ଷ୍ଟେସନ ଅଞ୍ଚଳରୁ ଏହି ମାମଲା ସାମ୍ନାକୁ ଆସିଛି, ଯେଉଁଠାରେ ଜୟପୁର ଏବଂ ଭିଲୱାଡାର ଏକ ପରିବାର ହରିଦ୍ୱାରରୁ ଅସ୍ଥି ବିସର୍ଜନ କରି ଫେରୁଥିଲେ। ଏହି ସମୟରେ, ରିଙ୍ଗ ରୋଡରେ ଏହି ଦୁର୍ଘଟଣା ଘଟିଥିଲା ଯେଉଁଠାରେ କାରଟି ନିୟନ୍ତ୍ରଣ ହରାଇ ରିଙ୍ଗ ରୋଡ ତଳେ ଥିବା ଡ୍ରେନ୍‌ରେ ପଡ଼ିଯାଇଥିଲା। ସ୍ଥାନୀୟ ଲୋକମାନେ ଡ୍ରେନ୍‌ରେ କାର ବୁଡ଼ି ରହିଥିବା ଦେଖି ପୋଲିସକୁ ସୂଚନା ଦେଇଥିଲେ। ଏହା ପରେ ପୋଲିସ କ୍ରେନ୍ ସାହାଯ୍ୟରେ ଡ୍ରେନ୍‌ରୁ କାରଟିକୁ ବାହାର କରିଥିଲା । ତେବେ କାରଟିକୁ ବାହାର କରିବା ମାତ୍ରେ ସମସ୍ତେ ଭୟଭୀତ ହୋଇପଡିଥିଲେ।

## ହିନ୍ଦୀ ଦିବସର ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ହିନ୍ଦୀ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇ, ହିନ୍ଦୀକୁ ଭାରତର ପରିଚୟ ଏବଂ ମୂଲ୍ୟବୋଧର ଜୀବନ୍ତ ପ୍ରତୀକ ଭାବେ ବର୍ଣ୍ଣନା କରିଛନ୍ତି। ସେ ଏହାର ସାଂସ୍କୃତିକ ଏବଂ ଭାବପ୍ରବଣ ମହତ୍ତ୍ୱକୁ ଉଲ୍ଲେଖ କରି, ଏକତାର ସୂତ୍ର ଭାବେ ହିନ୍ଦୀର ଭୂମିକାକୁ ଗୁରୁତ୍ୱାରୋପ କରିଛନ୍ତି। ସେ ନାଗରିକମାନଙ୍କୁ ସମସ୍ତ ଭାରତୀୟ ଭାଷାକୁ ସମୃଦ୍ଧ କରିବା ଏବଂ ସେଗୁଡ଼ିକୁ ଗର୍ବର ସହିତ ଭବିଷ୍ୟତ ପିଢ଼ିକୁ ହସ୍ତାନ୍ତର କରିବା ପାଇଁ ସାମୂହିକ ଭାବରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି। ଏକ୍ସରେ ଏକ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି "ଆପଣମାନଙ୍କୁ ହିନ୍ଦୀ ଦିବସର ଶୁଭକାମନା। ହିନ୍ଦୀ କେବଳ ଯୋଗାଯୋଗର ମାଧ୍ୟମ ନୁହେଁ, ବରଂ ଆମର ପରିଚୟ ଏବଂ ମୂଲ୍ୟବୋଧର ଏକ ଜୀବନ୍ତ ଐତିହ୍ୟ। ଏହି ଅବସରରେ ଆସନ୍ତୁ, ଆମେ ସମସ୍ତେ ଏକଜୁଟ ହିନ୍ଦୀ ସହିତ ସମସ୍ତ ଭାରତୀୟ ଭାଷାକୁ ସମୃଦ୍ଧ କରିବା ଏବଂ ସେଗୁଡ଼ିକୁ ଆଗାମୀ ପିଢ଼ିକୁ ଗର୍ବର ସହିତ ହସ୍ତାନ୍ତର କରିବା ପାଇଁ ସଂକଳ୍ପ ନେବା। ବିଶ୍ୱ ଦରବାରରେ ହିନ୍ଦୀର ବୃଦ୍ଧି ପାଉଥିବା ସମ୍ମାନ ଆମ ସମସ୍ତଙ୍କ ପାଇଁ ଗର୍ବ ଏବଂ ପ୍ରେରଣାର ବିଷୟ ।

## ଋଷ ତୈଳ ବିଶୋଧନଗାରକୁ ୟୁକ୍ରେନ୍‌ର ଡ୍ରୋନ୍ ମାଡ଼



ମସ୍କୋ: ଶନିବାର ରାତିରେ ୟୁକ୍ରେନ ପକ୍ଷରୁ ଋଷିଆର ପ୍ରମୁଖ ତୈଳ ବିଶୋଧନାଗାର ଉପରେ ଏକ ବଡ଼ ଧରଣର ଡ୍ରୋନ୍ ଆକ୍ରମଣ କରାଯାଇଛି। ଆକ୍ରମଣ ପରେ ଆକାଶରେ କଳା ଧୂଆଁ ଏବଂ ଉଚ୍ଚ ଅଗ୍ନିଶିଖା ଉଠୁଥିବା ଦେଖାଯାଇଥିଲା। ୟୁକ୍ରେନ ଟାର୍ଗେଟ କରିଥିବା ରିଫାଇନାରୀଟି ଋଷିଆର ସବୁଠାରୁ ବଡ଼ ତୈଳ ବିଶୋଧନାଗାର ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ। ଆକ୍ରମଣ ପରେ, ରିଫାଇନାରୀରେ ଏକ ବଡ଼ ଅଗ୍ନିକାଣ୍ଡ ଘଟିଥିଲା। ଋଷ ଏବଂ ୟୁକ୍ରେନୀୟ ଅଧିକାରୀମାନେ ଏହି ଆକ୍ରମଣକୁ ନିଶ୍ଚିତ କରିଛନ୍ତି। ଋଷିଆର ଏହି ତୈଳ ବିଶୋଧନାଗାର ୟୁକ୍ରେନରୁ ପ୍ରାୟ ୧୭୦୦ କିଲୋମିଟର ଦୂରରେ ଅବସ୍ଥିତ। ୟୁକ୍ରେନ ଦ୍ୱାରା ଟାର୍ଗେଟ କରାଯାଇଥିବା ରିଫାଇନାରୀଟି ଋଷର ଉତ୍ତର-ପଶ୍ଚିମ ଲେନିନଗ୍ରାଡ ଅଞ୍ଚଳରେ ଅବସ୍ଥିତ। ଏହାକୁ କିରିଶି ରିଫାଇନାରୀ ଭାବରେ ଜଣାଶୁଣା। ୟୁକ୍ରେନ ଶନିବାର ରାତିରେ ଡ୍ରୋନ ସାହାଯ୍ୟରେ ଏହାକୁ ଟାର୍ଗେଟ କରିଥିଲା। ୟୁକ୍ରେନ ଦ୍ୱାରା ଟାର୍ଗେଟ କରାଯାଇଥିବା ରିଫାଇନାରୀଟି ଋଷର ଉତ୍ତର-ପଶ୍ଚିମ ଲେନିନଗ୍ରାଡ ଅଞ୍ଚଳରେ ଅବସ୍ଥିତ। ଏହାକୁ କିରିଶି ରିଫାଇନାରୀ ଭାବରେ ଜଣାଶୁଣା। ୟୁକ୍ରେନ ଶନିବାର ରାତିରେ ଡ୍ରୋନ ସାହାଯ୍ୟରେ ଏହାକୁ ଟାର୍ଗେଟ କରିଥିଲା। ଏହାର ସପ୍ତାହ ପୂର୍ବରୁ ୟୁକ୍ରେନ ମଧ୍ୟ ଋଷର ତୈଳ ଭିତ୍ତିଭୂମିକୁ ଟାର୍ଗେଟ କରିଥିଲା। ଏହି ରିଫାଇନାରୀ ପ୍ରତିବର୍ଷ ପ୍ରାୟ ୧୭.୭ ନିୟୁତ ମେଟ୍ରିକ୍ ଟନ୍ ଅଶୋଧିତ ତୈଳ ଉତ୍ପାଦନ କରେ କିମ୍ବା ପ୍ରତିଦିନ ୩,୫୫,୦୦୦ ବ୍ୟାରେଲ। ୟୁକ୍ରେନର ଜେନେରାଲ ଷ୍ଟାଫଙ୍କ ଅନୁଯାୟୀ, ଏହି ସ୍ଥାନରେ ବିସ୍ଫୋରଣ ଏବଂ ଅଗ୍ନିକାଣ୍ଡ ଘଟିଥିବା ରିପୋର୍ଟ କରାଯାଇଛି। ସେମାନେ ଏକ ଫଟୋ ମଧ୍ୟ ପୋଷ୍ଟ କରିଛନ୍ତି, ଯେଉଁଥିରେ ରାତି ଆକାଶରେ ଉଚ୍ଚ ଅଗ୍ନିଶିଖା ଏବଂ ଧୂଆଁର ମେଘ ଦେଖାଯାଉଛି।

ଉଡ଼ାଣ ସମୟରେ ବଡ ଅଘଟଣ

## ବର୍ତ୍ତିଲେ ଏମ୍‌ପିଙ୍କ ସହ ୧୫୧ ଯାତ୍ରୀ

ଲକ୍ଷ୍ନୌ: ରବିବାର ଉତ୍ତରପ୍ରଦେଶର ଲକ୍ଷ୍ନୌ ବିମାନବନ୍ଦରରେ ଏକ ବଡ଼ ଅଘଟଣ ଟଳିଯାଇଛି। ଦିଲ୍ଲୀ ଯାଉଥିବା ଏକ ଇଣ୍ଡିଗୋ ବିମାନ ଉଡ଼ାଣ ସମୟରେ ରନୱେରେ ଅଟକି ଯାଇଥିଲା। କ୍ୟାପଟେନ୍ ସଠିକ୍ ସମୟରେ ବିମାନକୁ ଅଟକାଇ ଦେଇଥିଲେ। ଫଳରେ ୧୫୧ ଜଣ ଯାତ୍ରୀଙ୍କ ଜୀବନ ବଞ୍ଚାଇଥିଲେ। ସମାଜବାଦୀ ପାର୍ଟି ଏମ୍‌ପି ଏବଂ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ସ୍ତ୍ରୀ ଡିମ୍ପଲ ଯାଦବ ମଧ୍ୟ ଏହି ବିମାନରେ ଥିଲେ। ସୂଚନା ଅନୁଯାୟୀ, ବିମାନଟି ରନୱେରେ ଗତି ବଢ଼ାଇଥିଲା ମଧ୍ୟ ଉପରକୁ ଉଠିପାରିଲା ନାହିଁ। ବିମାନର କ୍ୟାପଟେନ ରନୱେ ଶେଷ ହେବା ପୂର୍ବରୁ ଚତୁରତାର ସହିତ ବିମାନକୁ ଅଟକାଇ ଦେଇଥିଲେ। ଏହି ଘଟଣା ଯୋଗୁ ବିମାନରେ ଥିବା ଯାତ୍ରୀମାନେ ଭୟଭୀତ ହୋଇଯାଇଥିଲେ। ତେବେ ସମସ୍ତ ଯାତ୍ରୀ ସୁରକ୍ଷିତ ଥିଲେ। ପରେ ବିମାନ କମ୍ପାନୀ ସମସ୍ତ ଯାତ୍ରୀଙ୍କୁ ଅନ୍ୟ ଏକ ବିମାନରେ ଦିଲ୍ଲୀ ପଠାଇଥିଲା। ପୂର୍ବରୁ ଉଡ଼ାଣ ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ସୁରଟରୁ ଦୁବାଇ ଯାଉଥିବା ଏକ ଇଣ୍ଡିଗୋ ବିମାନକୁ ଅହମ୍ମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଡାଇଭର୍ଟ କରିବାକୁ ପଡ଼ିଥିଲା। ଏହି ବିମାନରେ ମୋଟ୍ ? ୧୭୦ରୁ ଅଧିକ ଯାତ୍ରୀ ଥିଲେ। ବିମାନ ଅଧିକାରୀମାନେ କହିଛନ୍ତି ଯେ, ଏହା ଏକ ଜରୁରୀକାଳୀନ ଅବତରଣ ନୁହେଁ, କିନ୍ତୁ ଯାନ୍ତ୍ରିକ ସମସ୍ୟା ଯୋଗୁ ସୁରକ୍ଷିତ ପରିଚାଳନା ସୁନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି।

## ନୂଆ ଉଦ୍ୟୋଗୀନୀତି ବସ୍ତରର ବିକାଶ କରିବ : ବିଷ୍ଣୁଦେବ




ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ରବିବାର କାଙ୍କେର ଜିଲ୍ଲାର ନରହରପୁରଠାରେ ଆଦିବାସୀ ସମାଜ ଦ୍ୱାରା ଆୟୋଜିତ ଠାକୁର ଜୋହାରନୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ତାଙ୍କ ସହ ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଅର୍ଜ୍ଜୁନ ମୁଣ୍ଡା ମଧ୍ୟ ଉପସ୍ଥିତ ରହିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଠାକୁର ଜେହାରନୀ କାର୍ଯ୍ୟକ୍ରମରେ ଆଦିବାସୀ ସମାଜର ଇଷ୍ଟ ଆରାଧ୍ୟ ଦେବୀଦେବତାଙ୍କୁ ପୂଜାର୍ଚ୍ଚନା କରିବା ସହ ।ଛତିଶଗଡ ବାସୀଙ୍କ ସୁଖ, ସମୃଦ୍ଧି କାମନା କରିଥିଲେ। ଏହି ଅବସରରେ ଶ୍ରୀ ସାଏ କହିଥିଲେ ଛତିଶଗଡ ସରକାରଙ୍କ ନୂଆ ଉଦ୍ୟୋଗ୍ୟନୀତି ଆଦିବାସୀ ବିକାଶ କ୍ଷେତ୍ରରେ ସହାୟକ ହେବ। ବିଶେଷ କରି ବସ୍ତର ସମ୍ଭାର ସହିତ ସରଗୁଜା ଉପରେ ଏହି ନୂଆ ଉଦ୍ୟୋଗନୀତିକୁ ଲାଗୁ କରାଯିବ। ନରହରପୁର ରେଳ ମୈଦାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଦିବାସୀ ସମାଜର ବହୁ ଲୋକ ଉପସ୍ଥିତ ଥିଲେ। ଶ୍ରୀ ସାଏ କହିଥିଲେ ଛତିଶଗଡର ଯୁବବର୍ଗ ଆଗକୁ ବଢୁଛନ୍ତି। ସେମାନଙ୍କୁ ଶିକ୍ଷିତ କରିବା ପାଇଁ ନୂଆ ଶିକ୍ଷାନୀତି ଲାଗୁ କରାଯାଇଛି। ଆଇଆଇଟି, ଆଇଆଇଏମ୍, ଟ୍ରିପୁଲ ଆଇଆଇଟି ଏବଂ ଅନ୍ୟ ଉଚ୍ଚ ଶିକ୍ଷଣ ସଂସ୍ଥାରେ ଗୁଣବତ୍ତାପୂର୍ଣ୍ଣ ନିଯୁକ୍ତି ଭିତ୍ତିକ ଶିକ୍ଷା ଲାଭ ଉପଲବ୍ଧ କରାଯାଉଛି। ସେ ଆହୁରି କହିଥିଲେ ଛତିଶଗଡରୁ ମାଓବାଦର ବିଲୋପ ପାଇଁ ସୁରକ୍ଷାବଳ ପ୍ରତିବଦ୍ଧ ହୋଇ କାର୍ଯ୍ୟ କରୁଛନ୍ତି। ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ରାଜ୍ୟରୁ ମାଓବାଦର ମୂଳଉତ୍ପାଟନ କରାଯିବ ବୋଲି ସେ ଦୋହରାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକାଶମୂଖୀ କାର୍ଯ୍ୟକୁ ଛତିଶଶଗଡରେ କାର୍ଯ୍ୟକାରୀ କରାଯାଉଛି। ଲୋକଙ୍କୁ ଆର୍ଥିକ କ୍ଷେତ୍ରରେ ସଶକ୍ତ କରିବା ପାଇଁ ପଶୁପାଳନ, କୁକୁଡାପାଳନ ତଥା ରୋଜଗାରମୂଳକ ବ୍ୟବସ୍ଥା ଲାଗୁ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଶେଷ ଅତିଥିଭାବେ ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଅର୍ଜ୍ଜୁନ ମୁଣ୍ଡା ଯୋଗଦେଇ ଜଳ, ଜଙ୍ଗଲ, ଜମି ଏବଂ ଆଦିବାସୀ ପରମ୍ପରା ଲୋକନୃତ୍ୟ, ଗୀତ, ମୃଦଙ୍ଗ, ମାଦଳ ଇତ୍ୟାଦି କାର୍ଯ୍ୟକ୍ରମକୁ ଶୀର୍ଷରେ ପହଞ୍ଚାଇବା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହ ସ୍ୱାସ୍ଥ୍ୟ, ଶିକ୍ଷା, ଯୋଗଯୋଗ କ୍ଷେତ୍ରରେ ବ୍ୟାପକ ବିକାଶ ପାଇଁ ଛତିଶଗଡର ସରକାର ପ୍ରତିବଦ୍ଧ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଛତିଶଗଡର ଜଙ୍ଗଲ ମନ୍ତ୍ରୀ କେଦାର କାଶ୍ୟପ, କାଙ୍କର ଏମ୍‌ପି ଭୋଜରାଜ ନାଗ, କାଙ୍କେର ବିଧାୟକ ଆଶାରାମ ନେତାମ୍ ଏବଂ ବିଧାୟକ ବିକ୍ରମ ଉଷେଣ୍ଡି, ନୀଳକଣ୍ଠ ଟେକାମ୍ ପ୍ରମୁଖ ଯୋଗ ଦେଇଥିଲେ।

## ଅଭିନେତ୍ରୀଙ୍କ ଘର ଉପରକୁ ପୁଣି ବୋମାମାଡ଼, ଚଢ଼ଉ ଜାରି



ମୁମ୍ବାଇ: ବରେଲିରେ ଅଭିନେତ୍ରୀ ଦିଶା ପଟାନୀଙ୍କ ଘର ଉପରକୁ ବୋମାମାଡ଼ ହୋଇଛି। ତେବେ ୨୪ ଘଣ୍ଟା ଭିତରେ ତାଙ୍କ ଘର ଉପରକୁ ଦ୍ୱିତୀୟଥର ବୋମାମାଡ଼ ହୋଇଛି। ଇତିମଧ୍ୟରେ ଗୁଳିମାଡ଼ କରିଥିବା ସୁଟରଙ୍କ ସ୍କେଚ୍ ସାମ୍ନାକୁ ଆସିଛି। ସୁଟରକୁ ଧରିବା ପାଇଁ ନୋଏଡା ଓ ମିରଟ୍‌ରେ ଏସ୍‌ଟିଏଫ୍ ପକ୍ଷରୁ ଚଢ଼ାଉ ଚାଲିଛି। ଏହି ଘଟଣା ପରେ ଦିଶା ପ୍ରଥମ ଥର ପାଇଁ ସାମ୍ନାକୁ ଆସିଛନ୍ତି। ସେ ନ୍ୟୁୟର୍କରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଦିଶା ଏହି କାର୍ଯ୍ୟକ୍ରମର ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ବରେଲିରେ ଦିଶାଙ୍କ ଘର ବାହାରେ ଦୁଇଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ଗୁଳିମାଡ଼ କରିଥିଲେ। ଗ୍ୟାଙ୍ଗଷ୍ଟର ଗୋଲ୍ଡି ବ୍ରାର ଏବଂ ରୋହିତ ଗୋଦାରା ଏହି ଆକ୍ରମଣର ଦାୟିତ୍ୱ ନେଇଛନ୍ତି। ସେମାନେ କହିଛନ୍ତି ଯେ, ଏହା ସନାତନ ଧର୍ମ ଏବଂ ସନ୍ଥମାନଙ୍କ ଅପମାନର ପ୍ରତିଶୋଧ। କିଛି ସମୟ ପୂର୍ବରୁ କାହାଣୀକାର ଅନିରୁଦ୍ଧାଚାର୍ଯ୍ୟ ମହିଳାଙ୍କ ଉପରେ ଏକ ମନ୍ତବ୍ୟ ଦେଇଥିଲେ। ଏହା ପରେ ଦିଶାଙ୍କ ଭଉଣୀ ଖୁସ୍‌ବୁ ପଟାନୀ ତାଙ୍କ ବୟାନକୁ ବିରୋଧ କରିଥିଲେ। ଏହି କାରଣରୁ ଖୁସ୍‌ବୁଙ୍କ ଘର ବାହାରେ ଆକ୍ରମଣ ହୋଇଥିଲା।

## ଶୁଳ୍କ ବୃଦ୍ଧି ନେଇ ଚୀନ୍‌କୁ ଟ୍ରମ୍ପଙ୍କ ଧମକ



ନୂଆଦିଲ୍ଲୀ: ଋଷଠାରୁ ତୈଳ ଆମଦାନୀ ପ୍ରସଙ୍ଗରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ବିରୋଧରେ ଟାରିଫ ବୃଦ୍ଧି କରି ସଫଳ ନ ହେବାରୁ ଏବେ ଚୀନ ପଛରେ ପଡ଼ିଯାଇଛନ୍ତି। ଚୀନ ଉପରେ ୧୦୦% ଟାରିଫ ଲାଗୁ କରିବାକୁ ଟ୍ରମ୍ପ ନାଟୋ ଦେଶଗୁଡ଼ିକୁ କହିଛନ୍ତି, ଯାହାର ଜବାବ ଦେଇଛି ଚୀନ। ଚୀନ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟୀ କହିଛନ୍ତି, ଆମେ କୌଣସି ଯୁଦ୍ଧରେ ଭାଗ ନେଉନାହୁଁ କିମ୍ବା ଯୁଦ୍ଧର ଯୋଜନା କରୁନାହୁଁ। ଆମେ କେବଳ ଶାନ୍ତି ଆଲୋଚନାକୁ ପ୍ରୋତ୍ସାହିତ କରୁ। ଯୁଦ୍ଧ କୌଣସି ସମସ୍ୟାର ସମାଧାନ ନୁହେଁ ଏବଂ କଟକଣା ଲାଗୁ କରାଗଲେ ସମସ୍ୟାକୁ ଅଧିକ ଜଟିଳ କରିବ। ୱାଙ୍ଗ ୟୀ ସ୍ଲୋଭେନିଆର ଉପ ପ୍ରଧାନମନ୍ତ୍ରୀଙ୍କ ସହିତ ସାକ୍ଷାତ ସମୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଟ୍ରମ୍ପଙ୍କ ଧମକର ପ୍ରତିକ୍ରିୟା ରଖି ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ସେ ଆହୁରି କହିଥିଲେ ଯେ, ଯୁଦ୍ଧ ବନ୍ଦ ପାଇଁ ବହୁପକ୍ଷୀୟ ଆଲୋଚନାର ବ୍ୟବସ୍ଥାକୁ ସୁଦୃଢ଼ କରାଯାଉ। ଜାତିସଂଘ ଚାର୍ଟରର ଉଦ୍ଦେଶ୍ୟ ଏବଂ ନୀତିଗୁନିକର ସୁରକ୍ଷା ପାଇଁ ମିଳିତ ଉଦ୍ୟମ କରାଯାଉ। ଚୀନ ଏବଂ ୟୁରୋପ ଶତ୍ରୁ ନ ହୋଇ ବନ୍ଧୁ ହେବା ଉଚିତ। ପରସ୍ପରକୁ ବିରୋଧ ନ କରି ସହଯୋଗ କରିବା ଦରକାର। ସୂଚନାଯୋଗ୍ୟ, ଋଷ-ୟୁକ୍ରେନ ଯୁଦ୍ଧ ରୋକିବାରେ ବିଫଳ ହୋଇଥିବା ଟ୍ରମ୍ପ ଭାରତ ଉପରେ ଚାପ ପକାଇ ଋଷଠାରୁ ତୈଳ ଆମଦାନୀ ବନ୍ଦ କରିବା ଲାଗି ୫୦ ପ୍ରତିଶତ ଶୁଳ୍କ ଲାଗୁ କରିଥିଲେ। କିନ୍ତୁ ଟ୍ରମ୍ପ ତାଙ୍କ ଉଦ୍ଦେଶ୍ୟରେ ସଫଳ ନ ହେବାରୁ ପୁନର୍ବାର ୟୁରୋପୀୟ ଦେଶଗୁଡ଼ିକୁ ଭାରତ ଉପରେ ଶୁଳ୍କ ବୃଦ୍ଧି ପାଇଁ ପ୍ରସ୍ତାବ ଦେଇଥିଲେ। ମାତ୍ର ସାମ୍ପ୍ରତିକ ସ୍ଥିତିରେ ତାହା ବି ସଫଳ ହେବା ସମ୍ଭବ ନୁହେଁ। ତେଣୁ ଭାରତଠାରୁ ଧ୍ୟାନ ହଟାଇ ଟ୍ରମ୍ପ ଋଷର ଅନ୍ୟତମ ସହଯୋଗୀ ରାଷ୍ଟ୍ର ଚୀନକୁ ଟାର୍ଗେଟ କରିବା ଆରମ୍ଭ କରିଛନ୍ତି।

## ସୁରକ୍ଷା ବାହିନୀକୁ ବଡ ସଫଳତା : ୩ ଆତଙ୍କବାଦୀ ସମର୍ଥକ ଗିରଫ




ଶ୍ରୀନଗର:ରବିବାର ଜମ୍ମୁ-କାଶ୍ମୀରରେ ସୁରକ୍ଷା ବାହିନୀକୁ ଏକ ବଡ ସଫଳତା ମିଳିଛି । ଜମ୍ମୁ ଓ କାଶ୍ମୀର ପୋଲିସ ପୁଞ୍ଛ ଜିଲ୍ଲାରେ ତିନି ଜଣ ଆତଙ୍କବାଦୀ ସମର୍ଥକଙ୍କୁ ଗିରଫ କରିବା ସହିତ ସାତଟି ଏକେ-୪୭ ରାଇଫଲ ସମେତ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ଗୋଳା ବାରୁଦ ଜବତ କରିଛି। ଜମ୍ମୁର ଆଇଜିପି ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏହି କାର୍ଯ୍ୟାନୁଷ୍ଠାନ ବିଷୟରେ ସୂଚନା ସେୟାର କରିଛନ୍ତି ଏବଂ ଏହାକୁ ପୋଲିସର ଏକ ଶାନଦାର ତଦନ୍ତ ବୋଲି କହିଛନ୍ତି। ସେ କହିଥିଲେ ଯେ ଦଳର ଦୃଢ଼ ନିଷ୍ଠା ଏବଂ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ଏହି ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ ହୋଇପାରିଛି। ନିଷ୍ଠାପର ଏବଂ ନିରନ୍ତର ତଦନ୍ତ ଯୋଗୁଁ, ତିନି ଜଣ ଆତଙ୍କବାଦୀ ସମର୍ଥକଙ୍କୁ ଗିରଫ କରାଯାଇଛି। ଏପର୍ଯ୍ୟନ୍ତ, ମୋଟ ସାତଟି ଇକ ରାଇଫଲ୍ (ଯାହା ମଧ୍ୟରୁ ଚାରିଟି ପୂର୍ବରୁ ଉଦ୍ଧାର କରାଯାଇଥିଲା) ଏବଂ ବହୁ ପରିମାଣର ଯୁଦ୍ଧ ସାମଗ୍ରୀ ଜବତ କରାଯାଇଛି।

# ବାଣିଜ୍ୟ



ନୂଆଦିଲ୍ଲୀ: ପୁଣିଥରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ସାମାନ୍ୟ ବୃଦ୍ଧି ପାଇଛି। ଏହାର ଅର୍ଥ ଲୋକଙ୍କୁ ପୁଣି ମହଙ୍ଗା ମାଡ଼ର ସାମ୍ନା କରିବାକୁ ପଡ଼ିପାରେ। ସରକାର ଜିଏସ୍‌ଟି ହ୍ରାସ କରିଥିବାରୁ ସେପ୍ଟେମ୍ବର ୨୨ରୁ ଏହା କାର୍ଯ୍ୟକାରୀ ହେବ। ଏହାପରେ ସମ୍ଭବତଃ ଲୋକମାନେ ଅଗଷ୍ଟରେ ସାମ୍ନା କରିଥିବା ଦରବୃଦ୍ଧିରୁ ସାମାନ୍ୟ ଆଶ୍ୱସ୍ତି ପାଇବାର ସମ୍ଭାବନା ରହିଛି। କିନ୍ତୁ ଅଗଷ୍ଟ ମାସରେ ଖୁଚୁରା ମୁଦ୍ରାସ୍ଫୀତି ୨.୦୭%ରେ ପହଞ୍ଚିଛି। ଜୁଲାଇ ମାସର ଖୁଚୁରା ମୁଦ୍ରାସ୍ଫୀତି ରେକର୍ଡ ୧.୫୫%କୁ ଖସି ଥିଲା। ଅଗଷ୍ଟରେ ଏହା ବୃଦ୍ଧି ପାଇବାର ଅର୍ଥ ଜୁଲାଇ ତୁଳନାରେ ବିଭିନ୍ନ ସାମଗ୍ରୀର ଦାମ ବଢ଼ିଛି। ଖୁଚୁରା ମୁଦ୍ରାସ୍ଫୀତି ବଢ଼ିଥିଲେ ହେଁ ଏହା ଆରବିଆଇ ଦ୍ୱାରା ଧାର୍ଯ୍ୟ ସୀମା ରେଖା ମଧ୍ୟରେ ରହିଛି। ସିପିଆଇ (ଗ୍ରାହକ ଦର ସୂଚକାଙ୍କ) ମୁଦ୍ରାସ୍ଫୀତି ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ସବୁବେଳେ ୨ରୁ ୬% ରଖିବା ଉପରେ ଗୁରୁତ୍ୱ ଦେଇଥାଏ। ଏହାଦ୍ୱାରା ଅର୍ଥନୀତି ଉପରେ ଦରମଦାର ବୃଦ୍ଧିର ପ୍ରଭାବ କମ ହୁଏ। ଅଗଷ୍ଟରେ ଖୁଚୁରା ମୁଦ୍ରାସ୍ଫୀତି ବଢ଼ିଥିଲେ ହେଁ ଏହା ୬% ସୀମା ଠାରୁ ଯଥେଷ୍ଟ ଦୂରରେ ରହିଛି। ବିଭିନ୍ନ ପନିପରିବା, ମାଂସ, ମାଛ, ତେଲ, ବ୍ୟକ୍ତିଗତ ସାମଗ୍ରୀ ଓ ଅଣ୍ଡାର ଦାମ ବଢ଼ିବାରୁ ଖୁଚୁରା ମୁଦ୍ରାସ୍ଫୀତିରେ ବୃଦ୍ଧି ହୋଇଛି। ଗ୍ରାମାଞ୍ଚର ମୋଟ ମୁଦ୍ରାସ୍ଫୀତି ୧.୧୮%ରୁ ୧.୬୯%କୁ ବୃଦ୍ଧି ପାଇଛି। ଦେଶର ଖାଦ୍ୟ ମୁଦ୍ରାସ୍ଫୀତିରେ ସୁଧାର ଆସିଛି। ଖାଦ୍ୟ ମୁଦ୍ରାସ୍ଫୀତି ବିଯୁକ୍ତ ୧.୭୪%ରୁ ବିଯୁକ୍ତ ୦.୭୦%ରେ ପହଞ୍ଚିଛି।

## ବ୍ଲେଣ୍ଡର୍ସ ପ୍ରାଇଡକୁ ଫିଲ୍ମଫେୟାର ଗ୍ଲାମର ଏବଂ ଷ୍ଟାଇଲ୍ ପୁରସ୍କାର




ନୂଆଦିଲ୍ଲୀ: ବ୍ଲେଣ୍ଡର୍ସ ପ୍ରାଇଡ୍ (ପ୍ୟାକେଜଡ଼ ପାନୀୟ ଜଳ) ଫିଲ୍ମଫେୟାର ଗ୍ଲାମର ଏବଂ ଷ୍ଟାଇଲ୍ ପୁରସ୍କାର ୨୦୨୫ ସହିତ ଏହାର ମୁଖ୍ୟ ସହଭାଗୀତା ଘୋଷଣା କରିଛି। ଦୁଇଟି ଆଇକନିକ୍ ଶକ୍ତିର ଏହା ଏକ ଉଲ୍ଲେଖନୀୟ ମଂଚ ସ୍ଥାପନ କରୁଛି ଯାହା ଫ୍ୟାଶନ୍, ଷ୍ଟାଇଲ୍ ଏବଂ ମନୋରନରେ ସର୍ବୋତମ ଉପରେ ଆଲୋକପାତ କରୁଛି। ଦଶନ୍ଧି ଧରି, ବ୍ଲେଣ୍ଡର୍ସ ପ୍ରାଇଡ୍ ପ୍ୟାକେଜ୍‌ଠ ପାନୀୟ ଜଳ ବ୍ଲେଣ୍ଡର୍ସ ପ୍ରାଇଡ୍ ଫ୍ୟାଶନ୍ ଟୁର୍ ସହିତ ଫ୍ୟାଶନ୍ ଏବଂ ଲାଇଫଷ୍ଟାଇଲ ରେ ଏକ ଅତୁଳନୀୟ ଶକ୍ତି ହୋଇ ରହିଛି। ଫିଲ୍ମଫେୟାର ଷ୍ଟାଇଲ୍ ଏବଂ ମନୋରଞ୍ଜନରେ ଭାରତର ଦୀର୍ଘକାଳୀନ ସ୍ୱର ହୋଇ ରହିଛି, ଯାହା ପିଢ଼ି ପରେ ପିଢ଼ି ଷ୍ଟାରଡମ୍‌ର ପ୍ରତୀକକୁ ପରିଭାଷିତ କରିଛି। ଷ୍ଟାଇଲ୍ ଏବଂ ଗ୍ଲାମର ଦୁନିଆରେ ନିଜର ଦୃଢ଼ ଉପସ୍ଥିତିକୁ ପୁନଃସ୍ଥାପିତ କରି, ବ୍ରାଣ୍ଡ ଉଦୀୟମାନ ଆଇକନମାନଙ୍କୁ ସ୍ୱତନ୍ତ୍ର ସମ୍ମାନ ସହିତ ସ୍ୱୀକୃତି ମଧ୍ୟ ଦେଇଛି। ଈଶାନ ଖଟ୍ଟରଙ୍କୁ ଫେସ୍ ଅଫ୍ ଫ୍ୟାଶନ୍, ଲିମିଟଲେସ୍ ଟ୍ୟାଲେଂଟ, ତମନ୍ନା ଭାଟିଆଙ୍କୁ ମୋଷ୍ଟ ଡିଜାରେବଲ୍ (ମହିଳା) ଏବଂ ଅନନ୍ୟା ପାଣ୍ଡେଙ୍କୁ ବେଷ୍ଟ ୟୁଥ୍ ଆଇକନ୍ (ମହିଳା) - ସମସ୍ତ ବ୍ଲେଣ୍ଡର୍ସ ପ୍ରାଇଡ୍ ପ୍ୟାକେଜଡ଼ ଡ୍ରିଙ୍କିଂ ୱାଟର ଦ୍ୱାରା ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ପର୍ନୋଡ ରିକାର୍ଡ ଇଣ୍ଡିଆର ମାର୍କେଟିଂର ଜେନେରାଲ ମ୍ୟାନେଜର ଈଶ୍ୱିନ୍ଦର ସିଂହ ପ୍ରକାଶ କରିଛନ୍ତି, 'ବ୍ଲେଣ୍ଡର୍ସ ପ୍ରାଇଡ୍ (ପ୍ୟାକେଜ୍‌ଡ଼ ପାନୀୟ ଜଳ) ସର୍ବଦା ଫ୍ୟାଶନ୍, ଷ୍ଟାଇଲ୍ ଏବଂ ଗ୍ଲାମରର ଅଗ୍ରଣୀ ଧାରରେ ରହିଛି। ଫିଲ୍ମଫେୟାର ଗ୍ଲାମର ଏବଂ ଷ୍ଟାଇଲ୍ ପୁରସ୍କାର ସହିତ ଆମର ସହଭାଗୀତା ସେମାନଙ୍କୁ ସମ୍ମାନିତ କରେ ଯେଉଁମାନେ ସଂସ୍କୃତିରେ ନୂତନ ଧାରା ସ୍ଥାପନ କରନ୍ତି, ଯାହା ନୂତନ ଅଟେ ତାହା ପରିଭାଷିତ କରନ୍ତି ଏବଂ ଏକମାତ୍ର ତଥା ସ୍ୱତନ୍ତ୍ର ହେବାର ମାନ୍ୟତାକୁ ପ୍ରମାଣିତ କରନ୍ତି।'

## କ୍ରୋମାରୁ ନୂଆ ଆଇଫୋନ୍-୧୭ ବଜାରରେ ଉପଲବ୍ଧ

croma
A TATA Enterprise

ନୂଆଦିଲ୍ଲୀ: କ୍ରୋମା ଗ୍ରାହକମାନଙ୍କ ନିକଟରେ ଆପଲର ସମ୍ପୂର୍ଣ୍ଣ ନୂଆ ଆଇଫୋନ ୧୭ର ବିଭିନ୍ନ ମଡେଲ ଯଥା ଆଇଫୋନ ୧୭, ଅଲଟ୍ରା-ଥିନ୍ ଆଇଫୋନ ଏୟାର, ଆଇଫୋନ ୧୭ ପ୍ରୋ' ଓ ଆଇଫୋନ ୧୭ ପ୍ରୋ ମ୍ୟାକ୍ସ ପହଂଚାଇବାକୁ ବେଶ ଉତ୍ସାହିତ ରହିଛି। ଏହି ମଡେ୍‌ଲ୍‌ଡ଼ିକରେ ବଡ଼ ଡିସ୍‌ପ୍ଲେ', ଏ୧୯-ସିରିଜ୍ ଚିପସ୍, ଏ୧୯ ଓ ଏ୧୯ ପ୍ରୋ', ସାମ୍ନା କ୍ୟାମେରା ରହିଛି। ଆଇଫୋନ୍ ୧୭ର ଦାମ୍ ୮୨,୯୦୦ ଟଙ୍କା, ଆଇଫୋନ୍ ଏୟାର ଦାମ୍ ୧,୧୯,୯୦୦ ଟଙ୍କା, ଆଇଫୋନ୍ ୧୭ ପ୍ରୋ' ଦାମ୍ ୧,୩୪,୯୦୦ ଟଙ୍କା ଏବଂ ଆଇଫୋନ୍ ୧୭ ପ୍ରୋ ମ୍ୟାକ୍ସ ଦାମ୍ ୧,୪୯,୯୦୦ ଟଙ୍କା ରହିଛି। ଆଇଫୋନ ୧୭ରେ ୬.୩ ଇଂଚର ସୁପର ରେଟିନା ଏକ୍ସଡିଆର ଡିସପ୍ଲେ ସହିତ ପ୍ରଥମ ଥର ପାଇଁ ଏକ ଅଣ ପ୍ରୋ' ମଡେଲେର ପ୍ରୋମୋସନ ବ୍ୟବହାର କରାଯାଇଛି। ଏଥି ସହିତ ୨୫୬ ଜିବିରୁ ଷ୍ଟୋରେଜ ଆରମ୍ଭ, ୧୦ ମିନିଟ ଚାର୍ଜ କଲେ ୮ ଘଂଟା ଫୋନ ଚାଲିବ, ନୂଆ ସେଂଟର-ଷ୍ଟେଜ ସାମ୍ନା କ୍ୟାମେରା, ୪୮ ଏମପି ପଛ କ୍ୟାମେରା ଭଳି ସୁବିଧା ଏଥିରେ ରହିଛି। ଆଇଫୋନର ପ୍ରାକ ବରାଦ ସେପ୍ଟେମ୍ବର ୧୨ ଅପରାହ୍ନ ୫ଟା ୩୦ ମିନିଟରୁ ଆରମ୍ଭ ହେବ ଏବଂ ସେପ୍ଟେମ୍ବର ୧୯ ସକାଳ ୮ଟାରୁ ଗ୍ରାହକଙ୍କୁ ଉପଲବ୍ଧ କରାଯିବ। ସେହିପରି ୱାଚ୍ ପ୍ରାକ ବୁକିଂ ସେପ୍ଟେମ୍ବର ୧୦ ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହେବ ଏବଂ ତାହା ସେପ୍ଟେମ୍ବର ୧୯ ସକାଳ ୮ଟାରୁ ଗ୍ରାହକଙ୍କୁ ଉପଲବ୍ଧ ହେବ। ଗ୍ରାହକମାନେ ୨୦୦୦ ଟଙ୍କା ଦେଇ ଆଇଫୋନ ୧୭, ୨୦୦୦ ଟଙ୍କାରେ ଆଇଫୋନ ଏୟାର, ୧୭,୦୦୦ ଟଙ୍କାରେ ଆଇଫୋନ ୧୭ ପ୍ରୋ', ୧୭,୦୦୦ ଟଙ୍କାରେ ଆଇଫୋନ ୧୭ ପ୍ରୋ' ମ୍ୟାକ୍ସ, ୨,୦୦୦ ଟଙ୍କାରେ ଆପଲ ୱାଚ ସିରିଜ ୧୧, ୨୦୦୦ ଟଙ୍କାରେ ଆପଲ ୱାଚ ଅଲଟ୍ରା ୩, ୨୦୦୦ ଟଙ୍କାରେ ଆପଲ ୱାଚ ଏସଇ ୩ ଓ ୨୦୦୦ ଟଙ୍କା ଦେଇ ଏୟାରପଡସ ପ୍ରୋ' ୩ର ପ୍ରାକ ବୁକିଂ କରିପାରିବେ।

## ଅଗସ୍ତି ହୋଣ୍ଡା ପକ୍ଷରୁ ନୂତନ ମଡେଲ ବାଇକ୍ ଲୋକାର୍ପିତ



ଯାଜପୁର (ଭାସ୍କର ନ୍ୟୁଜ): ସର୍ବାଧିକ ବିକ୍ରୀ ଏବଂ ଉତ୍ତମ ସେବା ଯୋଗାଇ ଦେଇ ବାଇକ୍ ଓ ସ୍କୁଟର ଗ୍ରାହକମାନଙ୍କ ପ୍ରିୟଭାଜନ ହୋଇପାରିଥିବା ଯାଜପୁର ଟାଉନ୍‌ର ଅଗସ୍ତି ହୋଣ୍ଡା ସୋରୁମରେ ପ୍ରଥମ କରି ଦୁଇଟି ନୂତନ ମଡେଲ ବାଇକ୍ ଲୋକାର୍ପିତ ହୋଇଛି।ସାଇନ୍ ୧୦୦ ଡିଏକ୍ସ ଏବଂ ସିବି ହରନେଟ ୧୨୫ ର ଏହି ନୂତନ ମଡେଲ ବେଶ୍ ଆକର୍ଷଣୀୟ ଲୁକ ସହିତ ବିଶେଷ ମାଇଲେଜ ପାଇଁ ସ୍ୱତନ୍ତ୍ରତା ରଖୁଛି। ଜିଲ୍ଲାରେ ସର୍ବାଧିକ ବିକ୍ରୀ କରି ରେକର୍ଡ ସୃଷ୍ଟି କରିଥିବା ଅଗସ୍ତି ହୋଣ୍ଡା, ଯାଜପୁର ଟାଉନ୍‌ରେ ପ୍ରଥମ କରି ଏହି ଦୁଇଟି ମଡେଲକୁ ଓଡ଼ିଶା ହୋଣ୍ଡା ର ଆଂଚଳିକ (ମୁଖ୍ୟ ଜୋନାଲ ହେଡ) ରାଜେଶ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉନ୍ମୋଚନ କରିଥିଲେ। ଅନ୍ୟତମ ଅତିଥି ଭାବେ ଆଂଚଳିକ ସେଲସ ମ୍ୟାନେଜର ଜୟଦୀପ ଶାହା ଯୋଗ ଦେଇଥିଲେ। ହୋଣ୍ଡାର ଏହି ଉଭୟ ଅଧିକାରୀ ଅଗସ୍ତି ହୋଣ୍ଡାର ଉତ୍ତମ ଗ୍ରାହକ ସେବା ଏବଂ ଆଶାନୁରୂପ କାରାବାର ଉପରେ ସନ୍ତୋଷ ପ୍ରକାଶ କରିବା ସହ ଏହାର ସ୍ୱତ୍ୱାଧିକାରୀ ଜିତେନ ମହାନ୍ତିଙ୍କୁ ଧନ୍ୟବାଦ ଦେଇଥିଲେ। ଶ୍ରୀ ମହାନ୍ତି ଅତିଥି ଦ୍ୱୟଙ୍କୁ ସ୍ୱାଗତ କରିଥିବାବେଳେ ସୋରୁମର ସାଧାରଣ ପରିଚାଳକ ରିଆଜୁଲ ଆଲାମ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ସ୍ୱତ୍ୱାଧିକାରୀ ଶ୍ରୀ ମହାନ୍ତି ସାମ୍ବାଦିକ ମାନଙ୍କୁ ସୂଚନା ଦେଇ ଆଗାମୀ ଦୁର୍ଗା ପୂଜା ସମୟରେ ଗାଡ଼ି କ୍ରୟ କଲେ ଗ୍ରାହକ ମାନଙ୍କୁ ସୋରୁମ ପକ୍ଷରୁ ବିଭିନ୍ନ ଆକର୍ଷଣୀୟ ଉପହାର ପ୍ରଦାନ ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଥିଲେ।

## ଆମାଜନ ପକ୍ଷରୁ 'ୟର୍ଲି ଡେଜ୍' ଅଫର

ନୂଆଦିଲ୍ଲୀ: ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ ୨୦୨୫ ପୂର୍ବରୁ ଆମାଜନ ଡଟ୍ ଇନ ପକ୍ଷରୁ 'ୟର୍ଲି ଡିଲସ୍'ର ଉନ୍ମୋଚନ କରାଯାଇଛି ଯାହା ଗ୍ରାହକଙ୍କୁ ଆସନ୍ତା ସେପ୍ଟେମ୍ବର ୧୩ ତାରିଖରୁ ଉତ୍ସାହଜନକ ପ୍ରି-ଫେଷ୍ଟିଭାଲ ଅଫର୍ ପ୍ରଦାନ କରୁଛି। ତେବେ ମୁଖ୍ୟ ଉତ୍ସବ ବା ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ ଆସନ୍ତା ସେପ୍ଟେମ୍ବର ୨୩ ତାରିଖରେ ଆରମ୍ଭ ହେବ ଏବଂ ପ୍ରାଇମ ମେମ୍ବରମାନେ ସ୍ୱତନ୍ତ୍ର ଭାବେ ୨୪ ଘଂଟା ପୂର୍ବରୁ ୟର୍ଲି ଆକ୍‌ସେସକୁ ଉପଭୋଗ କରିପାରିବେ। ଚଳିତ ବର୍ଷର ଏହି ସପିଙ୍ଗ ଫେଷ୍ଟିଭାଲ ପାର୍ବଣ ଉତ୍ସବକୁ ପରିପୂର୍ଣ୍ଣ କରିବା ପାଇଁ ବିସ୍ତୃତ ଡେଲିଭରି ନେଟୱର୍କ, ଏଆଇ-ପରିଚାଳିତ ସପିଙ୍ଗ ଟୁଲ ଓ ସ୍ୱତନ୍ତ୍ର ଏଂଟରଟେନ୍‌ମେଂଟ ବିକଳ୍ପ ମାଧ୍ୟମରେ ଉନ୍ନତ ସପିଙ୍ଗ ଅନୁଭୂତି ଆଣିଛି। ଏହି ସପିଂ ଇଭେଂଟ ସମୟରେ ପ୍ରାଇମ ସଦସ୍ୟମାନେ ଚମତ୍କାର ମୂଲ୍ୟ ପାଇପାରିବେ। ୨୪ ଘଂଟା ପୂର୍ବରୁ ୟର୍ଲି ଆକ୍‌ସେସ ବ୍ୟତୀତ ପ୍ରାଇମ ମେମ୍ବରମାନେ ସ୍ୱତନ୍ତ୍ର 'ପ୍ରାଇମ ଧମାକା ଅଫର'କୁ ଉନ୍ମୋଚନ କରିପାରିବେ ଯେଉଁଥିରେ ପାର୍ବଣ ଅବଧି ସମୟରେ ଆକର୍ଷଣୀୟ ଡିଲ ଓ ପ୍ରାଇମ-ଓନ୍‌ଲି ଅଫର ଉପଲବ୍ଧ ରହିବ। ଆମାଜନ ପକ୍ଷରୁ ଏହି ସପିଂ ଇଭେଂଟ ସମୟରେ ଆମାଜନ ଇନ୍‌ଫ୍ଲୁଏନ୍ସର ପ୍ରୋଗ୍ରାମ ମାଧ୍ୟମରେ ସପେବୁଲ କଂଟେଂଟ ଦ୍ୱାରା ଡିଲଗୁଡ଼ିକୁ ପ୍ରଦର୍ଶିତ କରିବା ପାଇଁ ସମୀରା ରେଡ଼ି, ରାଜୀବ ମଖ୍‌ନି ଓ ରଣବୀର ବ୍ରାରଙ୍କ ସମେତ ୧ ଲକ୍ଷରୁ ଅଧିକ କ୍ରିଏଟରଙ୍କୁ ନିୟୋଜିତ କରାଯିବ। ଏହି ପଦକ୍ଷେପ ୩୦୦୦ରୁ ଅଧିକ କ୍ରିଏଟରଙ୍କ ସହିତ ଏଲିଭେଟ, ଫ୍ୟାଶନ, ହୋମ୍ ଓ ନୂଆ ଟେକ୍ ଇନ୍‌ଫ୍ଲୁଏନ୍ସର ପ୍ରୋଗ୍ରାମ ଭଳି ସ୍ୱତନ୍ତ୍ର ପ୍ରୋଗ୍ରାମଗୁଡ଼ିକୁ ବ୍ୟାପ୍ତ ରହିଛି। ସପିଙ୍ଗକୁ ଆହୁରି ରିୱାର୍ଡିଙ୍ଗ କରିବା ପାଇଁ ଆମାଜନ ପେ' ଲାଟର ପକ୍ଷରୁ ଫ୍ୟାଶନ, ଫର୍ଣ୍ଣିଚର, କିଚେନ ଆପ୍ଲାଏନ୍ସ ଆଦି ବର୍ଗରେ ପରବର୍ତ୍ତୀ ୩ ମାସ ପାଇଁ ସ୍ୱତନ୍ତ୍ର ନୋ-କଷ୍ଟ ଇଏମଆଇ ପ୍ଲାନ ପ୍ରଦାନ କରାଯାଉଛି। ଯୋଗ୍ୟ ଗ୍ରାହକମାନେ ସପିଂ, ରିଚାର୍ଜ, ବିଲ୍ ପେମେଂଟ ଓ ଆମାଜନ ଡଟ୍ ଇନରେ ଟ୍ରାଭେଲ ବୁକିଂ ଉପରେ ୬୦,୦୦୦ ଟଙ୍କା ପର୍ଯ୍ୟନ୍ତ ତତ୍କାଳ ଋଣ ପାଇପାରିବେ। ରିୱାର୍ଡସ ଗୋଲ୍ଡ ପ୍ରୋଗ୍ରାମ ମାଧ୍ୟମରେ ଗତ ୩ ମାସରେ ୨୫ଟି ଟ୍ରାନ୍ସକ୍ସନ ସମ୍ପୂର୍ଣ୍ଣ କରିଥିବା ପ୍ରାଇମ ମେମ୍ବରମାନେ ନିର୍ଦ୍ଦିଷ୍ଟ ବର୍ଗରେ ୫%ର ନିଶ୍ଚିତ କ୍ୟାଶବ୍ୟାକ (ଅଣ ପ୍ରାଇମ ସଦସ୍ୟଙ୍କ ପାଇଁ ୩%) ପାଇବେ। ଆମାଜନର ଏହି ସପିଂ ଇଭେଂଟ ସମୟରେ ଗ୍ରାହକମାନେ ଆମାଜନ ଡଟ୍ ଇନରେ ୧ ଲକ୍ଷରୁ ଅଧିକ ଉତ୍ପାଦ ଉପରେ ସର୍ବନିମ୍ନ ମୂଲ୍ୟ, ଉତ୍ସାହଜନକ ଡିଲ ଓ ଅଫର, ପ୍ରମୁଖ ବ୍ରାଣ୍ଡଗୁଡିକରୁ ୩୦,୦୦୦ରୁ ଅଧିକ ନୂଆ ଲଂଚ ଆଦି ଅନ୍ୱେଷଣ କରିପାରିବେ।

## ସୁପର୍ ଡଟ ମନି ପକ୍ଷରୁ ନୂଆ ଡିଜିଟାଲ ଆଡ୍ ଫିଲ୍ମର ଶୁଭାରମ୍ଭ

super.
money

ନୂଆଦିଲ୍ଲୀ: ଏକ ଫ୍ଲିପକାର୍ଟ-ସମର୍ଥିତ ଅଗ୍ରଣୀ ୟୁପିଆଇ ପ୍ଲାଟଫର୍ମ, ସୁପର୍ ଡଟ ମନି ପକ୍ଷରୁ ଏକ ନୂଆ ଡିଜିଟାଲ ଆଡ୍ ଫିଲ୍ମର ଶୁଭାରମ୍ଭ କରାଯାଇଛି । ଯେଉଁଥିରେ ଏହାର 'କ୍ୟାଶବ୍ୟାକ କ୍ୟାଚର' ଭାବେ କିମ୍ବଦନ୍ତୀ କ୍ରିକେଟର ଜଂଟି ରୋଡ୍‌ସ ଅଭିନୟ କରିଛନ୍ତି। ଏହାର ନୂଆ ଡିଜିଟାଲ ଫିଲ୍ମରେ ସପୁର ଡଟ୍ ମନି ଜଂଟି ରୋଡ୍‌ସଙ୍କୁ ପିଚ୍‌ରୁ ବାହାରକୁ ଆଣିଛନ୍ତି ଏବଂ ଦୈନନ୍ଦିନ ଜୀବନରେ ସାମିଲ କରିଛନ୍ତି ଯିଏ ନିଜର ଟ୍ରେଡମାର୍କ ଶୈଳୀ ସହ କ୍ୟାଶବ୍ୟାକ ପାଇଁ ଡାଇଭ୍ କରୁଛନ୍ତି। ଏହି ବିଜ୍ଞାପନ ଫିଲ୍ମ ଏକ ସରଳ ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ, ଯାହାକି ଆଜିର ଉପଭୋକ୍ତାମାନେ ପ୍ରତ୍ୟେକ ଟ୍ରାନ୍ସକ୍ସନ ପାଇଁ ଏକ ରିୱାର୍ଡ ଆଶା କରୁଛନ୍ତି। ଏକ ସଦ୍ୟତମ ଅଧ୍ୟୟନ ଅନୁସାରେ, ୯୫% ଭାରତୀୟ ଡିଜିଟାଲ ଗ୍ରାହକ କ୍ୟାଶବ୍ୟାକ ଅଫରଗୁଡିକୁ ଆକର୍ଷଣୀୟ ବୋଲି କହିଛନ୍ତି। ଏ ସମ୍ପର୍କରେ ସୁପର ଡଟ ମନିର ସହ-ପ୍ରତିଷ୍ଠାତା ପ୍ରେମାଂଶୁ ସିଂହ କହିଛନ୍ତି, 'ସୁପର ଡଟ ମନିରେ ଆମେ ବିଶ୍ୱାସ କରୁ ଯେ, ରିୱାର୍ଡଗୁଡିକ ଜଟିଳ କିମ୍ବା ସର୍ତମୂଳକ ନୁହେଁ ବରଂ ସରଳ, ନିରନ୍ତର ଓ ପ୍ରକୃତରେ ମୂଲ୍ୟବାନ ହେବା ଉଚିତ। ଉପଭୋକ୍ତାମାନେ ଯେପରି ପ୍ରତିଥର ଅର୍ଥ ବ୍ୟୟ କରିବା ସମୟରେ ଫ୍ଲାଟ ଓ ନିର୍ଭରଯୋଗ୍ୟ କ୍ୟାଶବ୍ୟାକ ମାଧ୍ୟମରେ କିଛି ରିୱାର୍ଡ ଫେରି ପାଇବାର ଆନନ୍ଦକୁ ଅନୁଭବ କରିବେ ତାହା ନିଶ୍ଚିତ କରିବା ହେଉଛି ଆମର ଲକ୍ଷ୍ୟ । ଏହି କ୍ୟାମ୍ପେନରେ ଜଂଟି ରୋଡ୍‌ସ ସେହି ସମାନ ଉତ୍ସାହକୁ ଜୀବନ୍ତ କରିଛନ୍ତି, ଯିଏ ସବୁବେଳେ ଗତିଶୀଳ ଓ ସତର୍କ ରହିଥାନ୍ତି ଏବଂ ଯାହା ବାସ୍ତବତରେ ପୁରସ୍କୃତ ତାହା ପାଇଁ ଡାଇଭ୍ କରିଥାନ୍ତି। ଏହି ଫିଲ୍ମ ସହିତ ଆମେ କେବଳ ଏକ ମଜାଦାର କାହାଣୀ କହୁନାହୁଁ ବରଂ ଆମେ ଉପଭୋକ୍ତା ଆକାଂକ୍ଷାକୁ ରୂପାନ୍ତର କରିବା ଏବଂ ଲୋଭନୀୟ ରିୱାର୍ଡକୁ ଏକ ଷ୍ଟାଣ୍ଡାର୍ଡରେ ପରିଣତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛୁ।' ସେହିପରି ବ୍ରେନଡାଡର କ୍ରିଏଟିଭ ଡାଇରେକ୍ଟର (ଫିଲ୍ମ ପାଇଁ) ଓ ପ୍ରତିଷ୍ଠାତା ବିଶାଲ ଦୟାମା କହିଛନ୍ତି, 'କ୍ୟାଶବ୍ୟାକ ନହରାଇବା ପାଇଁ ଆମର ନାୟକ ଯେଉଁ ପରିଶ୍ରମ କରିଛନ୍ତି ତାହା ଏହି ବିଜ୍ଞାପନ ଫିଲ୍ମକୁ ଉଭୟ ମଜାଦାର ଓ ତଥ୍ୟପୂର୍ଣ୍ଣ କରିଛି। ଜଂଟି ରୋଡ୍‌ସ ଏକ ଶାରିରୀକତା ଓ ପସନ୍ଦ ଆଣିଛନ୍ତି ଯାହା ହାସ୍ୟରସ ବାହାରେ ବିଚାରଧାରାକୁ ଉନ୍ନତ କରିଛି; ଏହା ଆଚରଣ, ଅଭ୍ୟାସ ଏବଂ କିଛି ଫେରି ପାଇବାର ରୋମାଂଚ ସମ୍ପର୍କିତ ଅଟେ।' ଏହି ଫିଲ୍ମ ଚତୁରତାର ସହ ପଡିଆରେ ଜଂଟିଙ୍କ ନିରନ୍ତର ପ୍ରୟାସକୁ କ୍ୟାଶବ୍ୟାକ ପାଇଁ ଆଧୁନିକ ଉପଭୋକ୍ତାଙ୍କ ନିରନ୍ତର ସନ୍ଧାନ ସହ ସଂଯୋଗ କରିଛି, ଏକ ସନ୍ଧାନ ଯାହା ଶେଷରେ ଅଗ୍ରଣୀ ବ୍ୟାଙ୍କଗୁଡିକ ସହ ସହଭାଗିତାରେ ସୁପର ଡଟ ମନିର ୟୁପିଆଇ-ଲିଙ୍କଡ କ୍ରୋ-ବ୍ରାଣ୍ଡେଡ କ୍ରେଡିଟ କାର୍ଡ ସହ ଶେଷ ହୋଇଛି, ଯାହା ପ୍ରତ୍ୟେକ ଟ୍ରାନ୍ସକ୍ସନ ସହ ୩% ପର୍ଯ୍ୟନ୍ତ କ୍ୟାଶବ୍ୟାକ ପ୍ରଦାନ କରୁଛି। ଏହା ବଡ କିମ୍ବା ଛୋଟ, ସମସ୍ତ ପ୍ରକାରର ଟ୍ରାନ୍ସକ୍ସନରେ ତତ୍କାଳ ରିୱାର୍ଡ ପାଇବାର ସାର୍ବଜନିନ ରୋମାଂଚକୁ ଉନ୍ମୋଚନ କରିଛି। ଏହି ଫିଲ୍ମ ଅଗ୍ରଣୀ ବ୍ୟାଙ୍କଗୁଡିକ ସହ ସୁପର ଡଟ ମନିର କୋ-ବ୍ରାଣ୍ଡେଡ କ୍ରେଡିଟ କାର୍ଡ ଓ ସେମାନଙ୍କର ସ୍ୱଚ୍ଛ ମୂଲ୍ୟର ଅଟଳ ପ୍ରତିଶ୍ରୁତି ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ପହଂଚ ଓ ଉପଭୋକ୍ତାଙ୍କ ସମ୍ପୃକ୍ତି ବୃଦ୍ଧି କରିବା ପାଇଁ ଏହି ବିଜ୍ଞାପନ ଫିଲ୍ମକୁ ବର୍ତମାନ' ଭଳି କ୍ରୀଡା (କ୍ରିକେଟ) ଦୁନିଆର ପ୍ରତିଷ୍ଠିତ ଖେଳାଳିଙ୍କ ସହ ସହଭାଗିତାରେ ଡିଜିଟାଲ ଓ ସୋସିଆଲ ପ୍ଲାଟ୍‌ଫର୍ମଗୁଡିକରେ ଲଂଚ କରାଯାଇଛି।



ନୂଆଦିଲ୍ଲୀ: ଏସିଆ କପ୍ ୨୦୨୫ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ହାଇ-ଭୋଲଟେଜ୍ ମ୍ୟାଚ୍ ପୂର୍ବରୁ ଦୁବାଇ ପୋଲିସ ଦର୍ଶକଙ୍କ ପାଇଁ କଡ଼ା ନିର୍ଦ୍ଦେଶାବଳୀ ଜାରି କରିଛି। ଏହି ମ୍ୟାଚ୍ ଦୁବାଇ ଇଣ୍ଟରନ୍ୟାସନାଲ୍ ଷ୍ଟାଡିୟମରେ ଖେଳାଯିବ । ସୁରକ୍ଷା ବ୍ୟବସ୍ଥାକୁ ନେଇ ପୋଲିସ କହିଛି ଯେ ନିୟମ ଭଙ୍ଗ କରୁଥିବା ବ୍ୟକ୍ତିଙ୍କୁ ଭାରୀ ଜରିମାନା ଏବଂ ଜେଲ୍ ଦଣ୍ଡ ମଧ୍ୟ ହୋଇପାରେ। ଦୁବାଇ ପୋଲିସ ଏବଂ ଇଭେଣ୍ଟସ୍ ସୁରକ୍ଷା କମିଟି (ଋଙଉ) ଅନୁଯାୟୀ, ମ୍ୟାଚ୍ ଆରମ୍ଭ ହେବାର ତିନି ଘଣ୍ଟା ପୂର୍ବରୁ ସାଧାରଣ ଦର୍ଶକଙ୍କ ପାଇଁ ଷ୍ଟାଡିୟମର ଫାଟକ ଖୋଲାଯିବ। ପ୍ରବେଶ ପାଇଁ ବୈଧ ଟିକେଟ୍ ଆବଶ୍ୟକ ହେବ। ଟିକେଟ୍ ନଥିବା କିମ୍ବା ନିୟମ ଭଙ୍ଗ କରିବାକୁ ଚେଷ୍ଟା କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କୌଣସି ଦର୍ଶକ ଷ୍ଟାଡିୟମରେ ପୋଷା ପ୍ରାଣୀ, ରିମୋଟ୍ କଣ୍ଟ୍ରୋଲ୍ ଡିଭାଇସ୍, ପାୱାର ବ୍ୟାଙ୍କ, ଫୋଟକା, ଲେଜର ପଏଣ୍ଟର, କାଚ ଜିନିଷ, ସେଲ୍ଫି ଷ୍ଟିକ୍, ଛତା, ଧୂମପାନ ସାମଗ୍ରୀ, ପତାକା କିମ୍ବା ବ୍ୟାନର ବହନ କରିପାରିବେ ନାହିଁ। ଯଦି ଏହି ଜିନିଷଗୁଡ଼ିକ ମଧ୍ୟରୁ କୌଣସିଟି ଧରାପଡ଼େ ତେବେ ସିଧାସଳଖ ଜରିମାନା ଏବଂ ଜେଲ୍ ମଧ୍ୟ ହୋଇପାରେ। ରିପୋର୍ଟ ଅନୁଯାୟୀ, ଯଦି କେହି ନିଷିଦ୍ଧ ଜିନିଷ ସହିତ ଧରାପଡ଼ନ୍ତି ତେବେ ତାଙ୍କୁ ଅତି କମରେ ୫,୦୦୦ ଦିରହମ୍ (ପ୍ରାୟ ୧ ୨ ଲକ୍ଷ) ଜରିମାନା କରାଯିବ। ଏହା ବ୍ୟତୀତ ୧ ରୁ ୩ ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ ମଧ୍ୟ ହୋଇପାରେ। ସେହିପରି ଯଦି ଜଣେ ଦର୍ଶକ ହିଂସାତ୍ମକ ଆଚରଣ କରନ୍ତି, ଜାତିଭେଦ କିମ୍ବା ଅପମାନଜନକ ଭାଷା ବ୍ୟବହାର କରନ୍ତି। ତେବେ ତାଙ୍କୁ ୧୦,୦୦୦ ଦିରହମ (୨,୪୦,୩୭୪)ରୁ ୩୦,୦୦୦ ଦିରହମ (୭,୨୧,୧୨୩) ପର୍ଯ୍ୟନ୍ତ ଜରିମାନା ହୋଇପାରେ।

■ ମହିଳା ଏସିଆ କପ୍ ହକି ■

# ଭାରତକୁ ରୌପ୍ୟ



ହାଙ୍ଗଜୋ : ଭାରତୀୟ ମହିଳା ହକି ଦଳ ହାଙ୍ଗଜୋରେ ଅନୁଷ୍ଠିତ ମହିଳା ଏସିଆ କପ୍ ୨୦୨୫ରେ ଫାଇନାଲରେ ଆୟୋଜକ ଚୀନ୍ ବିପକ୍ଷରେ ୧-୪ ଗୋଲରେ ପରାସ୍ତ ହେବା ପରେ ରୌପ୍ୟ ପଦକ ଜିତିଛି। ଭାରତ ପାଇଁ ନବନୀତ କୌର (୧) ଗୋଲ ଦେଇଥିଲେ ଯେତେବେଳେ ଘରୋଇ ଦଳ ପାଇଁ ଅଧିନାୟକ ଜୋହାଙ୍ଗ ଜିକ୍ୱିଆ (୨୧), ଲି ହଙ୍ଗ୍ (୪୦), ଜୋଉ ମେରଙ୍ଗ (୫୧) ଏବଂ ଝୋଙ୍ଗ୍ ଜିଆକି (୫୩) ଗୋଲ ସ୍କୋରର ଥିଲେ। ଭାରତ ଫାଇନାଲରେ ଏକ ଦୃଢ଼ ଆରମ୍ଭ କରିଥିଲା ଏବଂ ପ୍ରଥମ ମିନିଟରେ ପେନାଲ୍ଟି କର୍ଣ୍ଣର ମାଧ୍ୟମରେ ଆଗୁଆ ହୋଇଥିଲା ଯାହାକୁ ଅଭିଜ୍ଞ ଫରୱାର୍ଡ ନବନୀତ କୌର (୧) ଏକ ଶକ୍ତିଶାଳୀ ଷ୍ଟ୍ରାଇକ୍ ସହିତ ଗୋଲରେ ପରିଣତ କରିଥିଲେ। ଏକ ଗୋଲ ପଛରେ ଥିବା ଚୀନ୍ ଖେଳର ଗତି ବୃଦ୍ଧି କରିଥିଲା ଏବଂ ପ୍ରଥମାର୍ଦ୍ଧ ସାରା ଲକ୍ଷ୍ୟର ସହିତ ଆକ୍ରମଣ କରିଥିଲା। ଚତୁର୍ଥ ମିନିଟରେ, ସେମାନେ ସେମାନଙ୍କର ପ୍ରଥମ ପେନାଲ୍ଟି କର୍ଣ୍ଣର ପାଇଥିଲେ ଯାହା ସୁନେଲିତା ଟପ୍ପୋଙ୍କ ଦ୍ୱାରା ଗୋଲଲାଇନ୍ ବ୍ଲକ ପାଇଥିଲା ଏବଂ ଗୋଲକିପର ବିଚୁ ଦେବୀଙ୍କ ଦ୍ୱାରା ଆଉ ଏକ ସେଭ୍ କରାଯାଇଥିଲା। ୧୫ତମ ମିନିଟରେ ଚୀନ୍ ଆଉ ଏକ ପେନାଲ୍ଟି କର୍ଣ୍ଣର ପାଇଲା କିନ୍ତୁ ଏଥର ସେମାନେ ଭାରତର ପ୍ରଥମ କ୍ରସରକୁ ଅତିକ୍ରମ କରିପାରିଲେ ନାହିଁ। ଦ୍ୱିତୀୟ କ୍ୱାର୍ଟରରେ ୧୭ତମ ମିନିଟରେ ଚୀନ୍ ଆଉ ଏକ ପେନାଲ୍ଟି କର୍ଣ୍ଣର ଜିତିଲା ଯାହାକୁ ବିଚୁ ଦେବୀ ସେଭ୍ କରିଥିଲେ ଯିଏ ପୁଣି ୨୦ତମ ମିନିଟରେ ଓପନ୍ ପ୍ଲେରେ ଏକ ଚମତ୍କାର ବ୍ଲକ କରିଥିଲେ। ଚୀନ୍ ୨୧ତମ ମିନିଟରେ ଏକ ପେନାଲ୍ଟି କର୍ଣ୍ଣର ପାଇଲା କିନ୍ତୁ ଏଥର ଅଧିନାୟକ ଓଉ ଜିକ୍ୱିଆ (୨୧) ଏହାକୁ ସଫଳତାର ସହ ପରିବର୍ତ୍ତିତ କରି ସମାନତା ହାସଲ କଲେ। ଉଭୟ ଦଳ ସ୍କୋର ବରାବର ସହିତ ବିରତି ଆଡ଼କୁ ଅଗ୍ରସର ହେଲେ ଏବଂ ଦ୍ୱିତୀୟାର୍ଦ୍ଧରେ ସମସ୍ତ ପାଇଁ ଖେଳିବାକୁ ଥିଲା। ଭାରତ ତୃତୀୟ କ୍ୱାର୍ଟରର ଦୃଢ଼ ଆରମ୍ଭ କରିଥିଲା କାରଣ ସେମାନେ ଚୀନ୍‌କୁ ନିଜ ଅର୍ଦ୍ଧରେ ସୀମିତ ରଖିଥିଲେ ଏବଂ ପୁଣି ଅଗ୍ରଣୀ ସନ୍ଧାନରେ ସର୍କଲରେ ଲଗାତାର ପ୍ରବେଶ କରିଥିଲେ, ତଥାପି, ଚୀନ୍ ହିଁ ଗତିରୋଧ ଭାଙ୍ଗିଥିଲା। ୪୦ତମ ମିନିଟରେ ଭାରତ ଏକ ପେନାଲ୍ଟି କର୍ଣ୍ଣର ପାଇଲା କିନ୍ତୁ ସେମାନେ ଏହାକୁ ପରିବର୍ତ୍ତନ କରିପାରିଲେ ନାହିଁ, ଚୀନ୍‌କୁ ବଲ୍ ଦେଇ ଦ୍ରୁତ ପ୍ରତିଆକ୍ରମଣ ଆରମ୍ଭ କଲେ ଏବଂ ଭାରତକୁ ଅଧାରୁ ଧରି ନେଲେ। ଲି ହଙ୍ଗ (୪୦) ଏକ ଦୃଢ଼ ଏକାକୀ ଦୌଡ଼ କରିଥିଲେ ଏବଂ ପଛ ହାତରୁ ସଟ୍ ମାରିଥିଲେ ଯାହା ଗୋଲକିପରଙ୍କୁ ପରାସ୍ତ କରିଥିଲା ଏବଂ ନେଟର ତଳ ଡାହାଣ କୋଣକୁ ପାଇଥିଲା। ଚତୁର୍ଥ କ୍ୱାର୍ଟରରେ ଚୀନ୍ ଯଥାକ୍ରମେ ୫୧ତମ ଏବଂ ୫୩ତମ ମିନିଟରେ ଦୁଇଟି ଦ୍ରୁତ ଗୋଲ ଦେଇ ବ୍ୟବଧାନ ବୃଦ୍ଧି କରିଥିଲା। ଯିଙ୍ଗ୍ ଝାଙ୍ଗ୍ ଜୋଉ ମିରଙ୍ଗ (୫୧)ଙ୍କୁ ସର୍କଲ୍ ଭିତରେ ଏକ ଗୁରୁତ୍ୱପୂର୍ଣ୍ଣ ପାସ୍ ଦେଇଥିଲେ ଯିଏ ପୋଷ୍ଟ ସମ୍ମୁଖରେ ପ୍ରଥମ ସ୍ପର୍ଶ ଫିନିଶ୍ କରିଥିଲେ ଏବଂ ତୃତୀୟ ଗୋଲ ସ୍କୋର କରିଥିଲେ। ଏହା ପରେ ଝୋଙ୍ଗ୍ ଜିଆକି (୫୩) ଡାହାଣ ପାର୍ଶ୍ୱରୁ ଏକ ଭଲ ରନ କରିଥିଲେ ଯେତେବେଳେ ସେ ସର୍କଲ୍ ଭିତରକୁ କାଟି ଗୋଲକିପରଙ୍କୁ ଅତିକ୍ରମ କରି ସନ୍ଧ୍ୟାର ଚୀନ୍‌ର ଚତୁର୍ଥ ଏବଂ ଶେଷ ଗୋଲ ସ୍କୋର କରିଥିଲେ।

## ରାଜ୍ୟ ପୋଲିସ ହ୍ୟାଣ୍ଡବଲ ଓ କବାଡି ପ୍ରତିଯୋଗିତା

# ହ୍ୟାଣ୍ଡବଲ୍‌ରେ ଢେଙ୍କାନାଳ ଏବଂ କବାଡିରେ କଟକ ଚାମ୍ପିଅନ୍

## କେନ୍ଦୁଝରରେ ଶହେ ଶଯ୍ୟା ବିଶିଷ୍ଟ ହ୍ୟାଣ୍ଡବଲ୍ କ୍ରୀଡା ଛାତ୍ରାବାସ ହେବ: ମୁଖ୍ୟମନ୍ତ୍ରୀ


କେନ୍ଦୁଝର (ଭାସ୍କର ନ୍ୟୁଜ) : ଶନିବାର କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡିୟମ ଠାରେ ଫ୍ଲଡ୍ ଲାଇଟ ଏବଂ ସିନ୍ଥେଟିକ ଗ୍ରାଉଣ୍ଡରେ ଏକ ବର୍ଣ୍ଣାଢ୍ୟ ପରିବେଶ ଏବଂ ରଙ୍ଗକ୍ଷରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ କେନ୍ଦୁଝର ପୁଲିସ ଆନୁକୂଲ୍ୟରେ ଅନୁଷ୍ଠିତ ୭୮ତମ ରାଜ୍ୟ ପୁଲିସ କବାଡି ଓ ଦଶମ ହ୍ୟାଣ୍ଡବଲ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ହ୍ୟାଣ୍ଡବଲ ଷ୍ଟାଡିୟମର ୨ ନମ୍ବର କୋର୍ଟରେ ସିନ୍ଥେଟିକ ମ୍ୟାଟରେ ଶୁକ୍ରବାର ରାତିରେ ଅନୁଷ୍ଠିତ ନକ ଆଉଟ ରାଉଣ୍ଡ କବାଡିର ପ୍ରଥମ ସେମିରେ ଗତବର୍ଷର ଚମ୍ପିୟାନ ଓଏସଏପି ଷଷ୍ଠ ବାଟାଲିୟନ କଟକ ସୁନ୍ଦରଗଡ଼କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଦ୍ୱିତୀୟ ସେମିରେ ଓଏସଏପି ଚତୁର୍ଥ ବାଟାଲିୟନ, ରାଉରକେଲା ଗଜପତିକୁ ପରାସ୍ତ କରି ଫାଇନାଲ ଫାଇନାଲରେ ପ୍ରବେଶ କରିଥିଲା। ଗତକାଲି ପୂର୍ବାହ୍ନରେ ଅନୁଷ୍ଠିତ ହାର୍ଡ ଲାଇନ ମ୍ୟାଚରେ ସୁନ୍ଦରଗଡ଼ ୬୦ ପଏଣ୍ଟ ହାସଲ କରିଥିବା ବେଳେ ଗଜପତି ୩୧ ପଏଣ୍ଟ ହାସଲ କରିଥିଲା ଏବଂ ସୁନ୍ଦରଗଡ଼ ୨୯ ପଏଣ୍ଟରେ ବିଜୟୀ ହୋଇ ଚଳିତ ବର୍ଷ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରିଥିଲା। ଏହାପରେ ୭୮ତମ କବାଡି ପ୍ରତିଯୋଗିତାର ଫାଇନାଲ ମୁକାବିଲାରେ ଓଏସଏପି ଷଷ୍ଠ ବାଟାଲିୟନ କଟକ ୩୪ ପଏଣ୍ଟ ହାସଲ କରିଥିବା ବେଳେ ଓଏସଏପି ଚତୁର୍ଥ ବାଟାଲିୟନ, ରାଉରକେଲା ୧୫ ପଏଣ୍ଟ ହାସଲ କରିଥିଲା ଏବଂ ଷଷ୍ଠ ବାଟାଲିୟନ, କଟକ ୧୯ ପଏଣ୍ଟରେ ବିଜୟୀ ହୋଇ ପୁନର୍ବାର ଚମ୍ପିୟାନ ଆଖ୍ୟା ବଜାୟ ରଖିଥିବା ବେଳେ ଚତୁର୍ଥ ବାଟାଲିୟନ, ରାଉରକେଲା ରନର୍ସ ଅପ ହୋଇଛି।



ହ୍ୟାଣ୍ଡବଲ ଷ୍ଟାଡିୟମର ୧ ନମ୍ବର କୋର୍ଟରେ ଶନିବାର ପୂର୍ବାହ୍ନରେ ସିନ୍ଥେଟିକ ଗ୍ରାଉଣ୍ଡରେ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ହ୍ୟାଣ୍ଡବଲ ପ୍ରତିଯୋଗିତାର ହାର୍ଡ ଲାଇନ ମ୍ୟାଚରେ ଗତବର୍ଷର ରନର୍ସ ଅପ ଓଏସଏପି ଷଷ୍ଠ ବାଟାଲିୟନ କଟକ ଓଏସଏପି ତୃତୀୟ ବାଟାଲିୟନ କୋରାପୁଟ ବିପକ୍ଷରେ ୨୪-୬ ଗୋଲରେ ବିଜୟୀ ହୋଇ ତୃତୀୟ ସ୍ଥାନ ଅଧିକାର କରିଛି। ସନ୍ଧ୍ୟାରେ ଫ୍ଲଡ ଲାଇଟରେ ଅନୁଷ୍ଠିତ ଗ୍ରାଣ୍ଡ ଫାଇନାଲ ମୁକାବିଲାରେ ଏକ ତୀବ୍ର ପ୍ରତିଦ୍ୱନ୍ଦିତା ମୁଳକ ଖେଳରେ କେନ୍ଦୁଝର ବିପକ୍ଷରେ ଓଏସଏପି ପ୍ରଥମ ବାଟାଲିୟନ ଢେଙ୍କାନାଳ ୨୩-୨୨ ଗୋଲରେ ବିଜୟୀ ହୋଇ ପୁନର୍ବାର ଚମ୍ପିୟାନ ମୁକୁଟ ପିନ୍ଧିଛି। କେନ୍ଦୁଝରକୁ ରନର୍ସ ଅପରେ ସନ୍ତୁଷ୍ଟ ହେବାକୁ ପଡିଛି। ଖେଳ ଶେଷରେ ଏକ ସ୍ୱତନ୍ତ୍ର ଉତ୍ସବରେ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଖେଳାଳି ଓ ଦର୍ଶକ ମାନଙ୍କୁ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଖେଳରେ ହାରିବା ଜିତିବା ବଡ଼ କଥା ନୁହେଁ, ପ୍ରତିଯୋଗିତାରେ ଖେଳୁଆଡ଼ ମନୋଭବ ରଖି ଅଂଶ ଗ୍ରହଣ କରିବା ସହ ରାଜ୍ୟ ପାଇଁ ଗୌରବ ଆଣିବା ମୁଖ୍ୟ ଉଦ୍ଦେଶ୍ୟ ହେବା ଦରକାର। ଆଗାମୀ ଦିନରେ କେନ୍ଦୁଝର, କୋରାପୁଟ, ବ୍ରହ୍ମପୁର ଓ ସମ୍ବଲପୁର ଜିଲା କ୍ରୀଡାର ଏକ ହବ ହେବ ବୋଲି ସେ ପ୍ରକାଶ କରିଥିଲେ। ଦେଶର ବିଶିଷ୍ଟ କ୍ରୀଡ଼ାବିତ ନୀରୋଜ ଚୋପ୍ରା କିପରି ନିଜର ଅଧ୍ୟବସାୟ ବଳରେ ଅଲିମ୍ପିକ ମେଡାଲ ଜିତିବାରେ ସଫଳ ହେଲେ ସେ ତାହା ଉଲ୍ଲେଖ କରିଥିଲେ। ଆଗାମୀ ଦିନରେ କେନ୍ଦୁଝରରେ ଏକ ଶହ ଶଯ୍ୟା ବିଶିଷ୍ଟ ହ୍ୟାଣ୍ଡବଲ କ୍ରୀଡା ଛତ୍ରବାସ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଉତ୍ସବ ଶେଷରେ ଅତିରିକ୍ତ ଏସପି ପ୍ରତ୍ୟୁଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଫାଇନାଲ ହ୍ୟାଣ୍ଡବଲ ଖେଳରେ ରେଫରୀ ଭାବେ ଶ୍ରୀକାନ୍ତ ନାୟକ ଏବଂ ଡାନିଏଲ ନାୟକ ମ୍ୟାଚ ପରିଚାଳନା କରିଥିବା ବେଳେ କବାଡି ଖେଳରେ ଶୁଭେନ୍ଦୁ ପ୍ରସାଦ ଧୀର ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଉଦଯାପନୀ ଉତ୍ସବରେ ଅନ୍ୟ ମାନଙ୍କ ମଧ୍ୟରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ତେଲକୋଇ ବିଧାୟକ ଫକୀର ମୋହନ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ଏବଂ ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବହାଦୁର ଖୁରାନିଆ, ଡ଼ିଆଇଜି ବ୍ରିଜେଶ ରାଏ, ଜିଲାପାଳ ବିଶାଳ ସିଂ, ଏସପି ନୀତିନ କୁଶଳକର ଏବଂ କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚ ଡି ଧନରାଜ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ।

## ବିଶ୍ୱ ବକ୍ସିଂ ଚାମ୍ପିଅନସିପ୍

### ଜସ୍ମିନ ଲମ୍ବୋରିଆଙ୍କୁ ସ୍ୱର୍ଣ୍ଣ



ନୂଆଦିଲ୍ଲୀ: ଭାରତୀୟ ମହିଳା ବକ୍ସର ଜସ୍ମିନ ଲମ୍ବୋରିଆ ବିଶ୍ୱ ବକ୍ସିଂ ଚାମ୍ପିୟନସିପରେ ଏକ ଐତିହାସିକ ସଫଳତା ହାସଲ କରିଛନ୍ତି। ୫୭ କେଜି ଓଜନ ବର୍ଗରେ ସେ ପୋଲାଣ୍ଡର ଜୁଲିଆ ସେରେମେଟାଙ୍କୁ ୪-୧ ସ୍କୋରରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହା ପୂର୍ବରୁ ଭାରତୀୟ ମହିଳା ବକ୍ସର ପୂଜା ରାଣୀ ବ୍ରୋଞ୍ଜ ପଦକ ଏବଂ ନୁପୁର ରୌପ୍ୟ ପଦକ ଜିତି ଦେଶ ପାଇଁ ଗୌରବ ଆଣିଥିଲେ। ଜସ୍ମିନଙ୍କର ଏହି ସ୍ୱର୍ଣ୍ଣ ବିଜୟ ଭାରତୀୟ ବକ୍ସିଂ ଜଗତରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି।

# ଡେଭିସ୍ କପ୍ : ୩-୧ରେ ସ୍ୱିଜରଲ୍ୟାଣ୍ଡକୁ ହରାଇଲା ଭାରତ



ନୂଆଦିଲ୍ଲୀ: ସ୍ୱିଜରଲାଣ୍ଡ ବିପକ୍ଷ ଡେଭିସ୍ କପ୍ ବିଶ୍ୱ ଗ୍ରୁପ୍-୧ ଯୋଗ୍ୟତା ପର୍ଯ୍ୟାୟ ଟେନିସ୍ ପ୍ରତିଯୋଗିତାରେ ଭାରତ ଜବରଦସ୍ତ ବିଜୟ ପାଇଛି। ସ୍ୱିଜରଲ୍ୟାଣ୍ଡର ବିଏଲ୍ ସହରରେ ଭାରତୀୟ ପୁରୁଷ ଟେନିସ୍ ଦଳ ଇତିହାସ ରଚିଛି। ଭାରତୀୟ ଦଳ ସ୍ୱିଜରଲ୍ୟାଣ୍ଡକୁ ୩-୧ ଗୋଲରେ ପରାସ୍ତ କରି ଡେଭିସ୍ କପ୍ ୨୦୨୫ ବିଶ୍ୱ ଗ୍ରୁପ୍ ଆଇ ଟାଇ ଜିତିଛି ଏବଂ ୨୦୨୬ କ୍ୱାଲିଫାୟରରେ ସ୍ଥାନ ସୁରକ୍ଷିତ କରିଛି। ତେବେ ୩୨ ବର୍ଷ ମଧ୍ୟରେ ଏକ ୟୁରୋପୀୟ ଦଳ ବିପକ୍ଷରେ ଭାରତର ପ୍ରଥମ ବିଦେଶ ବିଜୟ। ଶେଷ ଥର ପାଇଁ ଏହି ସଫଳତା ୧୯୯୩ ମସିହାରେ ଫ୍ରାନ୍ସ ବିପକ୍ଷରେ ହାସଲ କରିଥିଲା। ସୁମିତ ନାଗଲ ଚତୁର୍ଥ ମ୍ୟାଚରେ ୧୮ ବର୍ଷୀୟ ହେନରୀ ବର୍ନାଟଙ୍କୁ ୬-୧, ୬-୩ରେ ପରାସ୍ତ କରି ଭାରତକୁ ଏକ ନିର୍ଣ୍ଣାୟକ ଅଗ୍ରଣୀ ଦେଇଥିଲେ। ପୂର୍ବରୁ, ନାଗଲ ତାଙ୍କର ପ୍ରାରମ୍ଭିକ ସିଙ୍ଗଲ୍ସ ମଧ୍ୟ ଜିତି ଭାରତକୁ ୨-୦ରେ ଅଗ୍ରଣୀ ଦେଇଥିଲେ। ଡେବ୍ୟୁଟାଣ୍ଟ ଦକ୍ଷିଣେଶ୍ୱର ସୁରେଶ ସ୍ୱିସ୍ ନମ୍ବର ୧ ଜେରୋମିନ୍ କିମ୍‌ଙ୍କୁ ପରାସ୍ତ କରି ଏକ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ସ୍ୱିଜରଲ୍ୟାଣ୍ଡ ଡବଲ୍ସ ଜିତି ମ୍ୟାଚ୍‌ରେ ପୁନରାଗମନ କରିବାକୁ ଚେଷ୍ଟା କରିଥିଲେ, ଯେତେବେଳେ ଯାକୁବ୍ ପଲ୍ ଏବଂ ଡୋମିନିକ୍ ଷ୍ଟ୍ରିକର ଏନ୍. ଶ୍ରୀରାମ ବାଲାଜୀ ଏବଂ ରିତ୍ୱିକ୍ ବୋଲିପଲ୍ଲିଙ୍କୁ ୬-୭ (୩), ୬-୪, ୭-୫ରେ ପରାସ୍ତ କରିଥିଲେ। ଭାରତୀୟ ଯୋଡ଼ିଙ୍କ ପାଖରେ ସୁଯୋଗ ଥିଲା କିନ୍ତୁ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ହାତଛଡ଼ା ହୋଇଗଲା। ରିଭର୍ସ ସିଙ୍ଗଲ୍ସରେ, ନାଗଲ କୌଣସି ଭୁଲ କରିନଥିଲେ ଏବଂ ସିଧାସଳଖ ସେଟ୍‌ରେ ଜୁନିଅର ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିଅନ୍ ବର୍ନାଟଙ୍କୁ ପରାସ୍ତ କରିଥିଲେ। ମ୍ୟାଚ୍ ପରେ, ନାଗଲ୍ କହିଥିଲେ, ‘ଆମେ ୟୁରୋପରେ ଜିତିବା ପରେ ବହୁତ ଦିନ ହୋଇଗଲା। ଦଳ ନିରନ୍ତର ପରସ୍ପରକୁ ଠେଲି ଦେଉଥିଲା। ଡବଲ୍ସ କଷ୍ଟକର ଥିଲା ଏବଂ ସ୍ତର ଉଚ୍ଚ ଥିଲା। ମୁଁ ସାଇଡ ଲାଇନରେ ବସି ବହୁତ ଝାଳ ବୁହାଉଥିଲି। ଯେତେବେଳେ ମୋତେ ଏହି ଯୁବ ଖେଳାଳିଙ୍କ ବିପକ୍ଷରେ ଖେଳିବାକୁ ପଡିଲା, ମୁଁ ଜାଣିଥିଲି ଏହା କଷ୍ଟକର ହେବ, କାରଣ ଯୁବ ଖେଳାଳିଙ୍କ ପୂର୍ବାନୁମାନ କରିବା କଷ୍ଟକର। କିନ୍ତୁ ମୁଁ ଭଲ ଖେଳିଥିବାରୁ ମୁଁ ଖୁସି।’ ଏହି ବିଜୟ ସହିତ, ଭାରତ (୩୭ତମ ସ୍ଥାନରେ) ସ୍ୱିଜରଲ୍ୟାଣ୍ଡ (୨୪ତମ ସ୍ଥାନରେ) ଭଳି ନବମ ସ୍ଥାନରେ ଥିବା ଦଳକୁ ପରାସ୍ତ କରି ୨୦୨୬ ବିଶ୍ୱ ଗ୍ରୁପ୍ କ୍ୱାଲିଫାୟର୍ସରେ ସ୍ଥାନ ପାଇଛି। ସ୍ୱିଜରଲ୍ୟାଣ୍ଡ ଏବେ ବିଶ୍ୱ ଗ୍ରୁପ୍ ଆଇ ପ୍ଲେ-ଅଫ୍ ଖେଳିବ। ତିନିଥର (୧୯୬୬, ୧୯୭୪, ୧୯୮୭) ଫାଇନାଲରେ ପହଞ୍ଚିଥିବା ଭାରତୀୟ ଦଳ ଏବେ ଶୀର୍ଷ ସ୍ତରକୁ ଫେରିବା ଆଡ଼କୁ ଅଗ୍ରସର ହେବାକୁ ଚାହିଁବ।

# ସିନିଅର ଅନ୍ତଃ ଜିଲ୍ଲା ସିପକଟାକ୍ରୋ ଚାମ୍ପିଅନ୍‌ସିପ୍ ଉଦ୍‌ଘାଟିତ



ପୁରୀ (ଭାସ୍କର ନ୍ୟୁଜ) : : ପୁରୀ ଜିଲ୍ଲା ସିପକଟାକ୍ରୋ ଆସୋସିଏସନ ତରଫରୁ ଅନ୍ତଃ ଜିଲ୍ଲା ପୁରୁଷ ଓ ମହିଳା ସିପକଟାକ୍ରୋ ଚାମ୍ପିୟନସିପ ୨୦୨୪ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ତାଳବଣିଆ ଇଣ୍ଡୋର ଷ୍ଟାଡିୟମ ଠାରେ ୨୪ତମ ସିନିଅର ଅନ୍ତ ଜିଲ୍ଲା ସିପକଟାକ୍ରୋ ଚାମ୍ପିୟନସିପ ଓ ୨୩ତମ ସବ-ଜୁନିଅର ୨୦୨୪ ଅନୁଷ୍ଠିତ ହୋଇଛି। ୨୪ତମ ସିନିଅର ଅନ୍ତ ଜିଲ୍ଲା ସିପକଟାକ୍ରୋ ଚାମ୍ପିୟନସିପ ରେ ଓଡିଶା ର ବିଭିନ୍ନ ଜିଲ୍ଲା ରୁ ପୁରୁଷ ୨୦ଟି ଓ ମହିଳା ୧୨ଟି ଟିମ ଅଂଶଗ୍ରହଣ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ, ସଂମ୍ମାନୀତ ଅତିଥି ଭାବେ ସମୁଦ୍ରକୂଳ ଥାନା ଅଧିକାରୀ ମାନସ ରଞ୍ଜନ ଚକ୍ର ଓ ଦୂରଦର୍ଶୀ ସମ୍ପାଦକ ଦୁର୍ଗା ସାମନ୍ତରାୟ ଉପସ୍ଥିତ ଥିଲେ। ଏହା ପରେ ମହାପ୍ରଭୁ ଜଗନ୍ନାଥ ଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଖେଳ ଆରମ୍ଭ କରାଯାଇଥିଲା। ପୁରୁଷ ବିଭାଗ ରେ ୪ଟି ମ୍ୟାଚ ଓ ମହିଳା ବିଭାଗ ରେ ୨ଟି ମ୍ୟାଚ ଖେଳା ଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ରେ ଓଡିଶା ସିପକଟାକ୍ରୋ ଆସୋସିଏସନ ସମ୍ପାଦକ ପୃଥିବୀରାଜ ସାହୁ, ଓଡିଶା ସିପକଟାକ୍ରୋ ଆସୋସିଏସନ ଉପ ସଭାପତି ପ୍ରଭାସ ପ୍ରିୟଦର୍ଶିନ ମହାନ୍ତି, ଅଲମ୍ପିକ ଆସୋସିଏସନ କୋଷାଧକ୍ଷ ରବିଶଙ୍କର ପ୍ରତିହାରୀ, ପୁରୀ ଜିଲ୍ଲା ସିପକଟାକ୍ରୋ ଆସୋସିଏସନ ଉପ ସଭାପତି ସୁଦର୍ଶନ ସାହୁ, ସାଧାରଣ ସମ୍ପାଦକ ରାମ ଚନ୍ଦ୍ର ବାରିକ ଓ ଯୁଗ୍ମ ସାଧାରଣ ସମ୍ପାଦକ ଅଶ୍ୱିନ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ତିନିଥର ଆତ୍ମହତ୍ୟା କରିବାକୁ ଚିନ୍ତା କରିଥିଲି: ଶାମି



ନୂଆଦିଲ୍ଲୀ: ଭାରତର ଷ୍ଟାର ପେସର ମହମ୍ମଦ ଶାମି ପ୍ରଥମ ଥର ପାଇଁ ପ୍ରକାଶ କରିଛନ୍ତି ଯେ ସେ ଅତି କମରେ ତିନିଥର ଆତ୍ମହତ୍ୟା କରିବାକୁ ଚିନ୍ତା କରିଥିଲେ। କିନ୍ତୁ ଲକ୍ଷ ଲକ୍ଷ ପ୍ରଶଂସକଙ୍କ ‘ପ୍ରେମ ଏବଂ ସ୍ନେହ’ ଯୋଗୁଁ ସେ ଏହି ପଦକ୍ଷେପ ନେଇ ନଥିଲେ। ଶୋ’ ‘ଆପ କି ଅଦାଲତ’ରେ ପ୍ରଶ୍ନର ଉତ୍ତର ଦେଇ, ଶାମି ଅନେକ ଖୁଲାସା କରିଛନ୍ତି ଯେଉଁଥିରେ ବିଶ୍ୱକପ୍ ସମୟରେ ତାଙ୍କ ସାଥୀ ଖେଳାଳିମାନେ ବସ୍ ଯୋଗେ ହୋଟେଲକୁ ଫେରୁଥିବା ସମୟରେ ସେ କିପରି ଇଞ୍ଜେକ୍ସନ ନେବାକୁ ହସ୍ପିଟାଲ ଯାଇଥିଲେ। ସେ ଏମ୍.ଏସ୍. ଧୋନି, ବିରାଟ କୋହଲି, ରୋହିତ ଶର୍ମା, ଇଶାନ୍ତ ଶର୍ମା ଏବଂ ଅନ୍ୟାନ୍ୟ ଖେଳାଳିଙ୍କ ସହ ତାଙ୍କର ସମ୍ପର୍କ ବିଷୟରେ ମଧ୍ୟ କହିଥିଲେ।

## ବ୍ଲକ୍‌ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ

# ପୁରସ୍କୃତ ହେଲେ ୬ ଛାତ୍ରଛାତ୍ରୀ



କୋରୁକୋଣ୍ଡା,(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଗତ ଶନିବାର ଦିନ କୋରୁକୋଣ୍ଡା ବ୍ଲକ ଅଧିନସ୍ତ ତାର୍ଲାକୋଟା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଥିବା ବ୍ଲକ ସ୍ତରୀୟ ଦୁଇ ଦିନିଆ କ୍ରୀଡା ପ୍ରତିଯୋଗିତା ଆଜି ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ଏହି ଉଦଯାପନୀ ଉତ୍ସବରେ ତାର୍ଲାକୋଟା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସସ୍ମିତା ମଞ୍ଜରୀ କୁରୁଙ୍କ ଅଧକ୍ଷତାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ କୋରୁକୋଣ୍ଡା ଗୋଷ୍ଠୀ ଶିକ୍ଷାଅଧିକାରୀ ଅରୁଣ କୁମାର ରାୟ, ମୁଖ୍ୟ ବକ୍ତା ଭାବେ ଏମଭି -୨୭ ସରକାରୀ ଉନ୍ନତି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ତାର୍ଲାକୋଟା ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ କରୁଣାକର ମଲ୍ଲିକଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୋମନାଥ ବାର୍ସେ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ଶେଷଦେବ ପ୍ରଧାନ ଅତିଥି ମାନଙ୍କ ପରିଚୟ କରାଇବା ସହିତ ମଞ୍ଚ ପରିଚାଳନା କରିଥିଲେ। ପ୍ରଥମେ ପିଲାମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ଏହାପରେ ମଞ୍ଚାସୀନ ଅତିଥି ମାନେ ପ୍ରଭୁ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରି ସଭାର ଶୁଭାରମ୍ଭ କରିଥିଲେ।ସୂଚନା ଥାଉକି ଅନୁଷ୍ଠିତ ହୋଇଥିବା ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ କୋରୁକୋଣ୍ଡା ବ୍ଲକ ଅଧିନସ୍ତ ୪ ଟି ଜୋନ ଅଧୀନରେ ଥିବା ଉଚ୍ଚ ବିଦ୍ୟାଳୟ ମାନଙ୍କରୁ ମୋଟ ୧୬୦ ଜଣ ଛାତ୍ର ଛାତ୍ରୀ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡାରେ କୃତିତ୍ୱ ହାସଲ କରି ପ୍ରଥମ ସ୍ଥାନ ହାସଲ କରିଥିବା ଛାତ୍ର ଛାତ୍ରୀ ତଥା ପ୍ରତିଯୋଗୀ ମାନେ ଆସନ୍ତା ୧୬/୧୭ ତାରିଖରେ ବାଲିମେଲା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ବାର୍ଷିକ କ୍ରୀଡାରେ ଅଂଶଗ୍ରହଣ କରିବେ ବୋଲି ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଏହି କ୍ରୀଡା ଉତ୍ସବରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଚମ୍ପିୟାନ ହୋଇଥିବା ୧୪ ବର୍ଷରୁ କମ ସୁଧା ଖିଲ ଏବଂ ତୁଳା ପଡିୟାମୀ ନାମକ ଛାତ୍ରୀଙ୍କୁ ଏବଂ ୧୭ ବର୍ଷରୁ କମ ବିଭିନ୍ନ କ୍ରୀଡାରେ ଭାଗ ନେଇ ଚମ୍ପିୟାନ ହୋଇଥିବା ମୋସେ ଖରା,ଦେବେନ୍ଦ୍ର ପଡିୟାମୀ,ରାଧା ପଡିୟାମୀ ଓ ରୋଜି ଟାକ୍ରୀ ନାମକ ମୋଟ ୬ ଜଣ ଛାତ୍ର ଛାତ୍ରୀଙ୍କୁ ମଞ୍ଚାସିନ ଅତିଥି ମାନେ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ, ଦ୍ୱତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଥିବା ଛାତ୍ର ଛତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅନୁଷ୍ଠିତ ହୋଇଥିବା ଏହି କ୍ରୀଡା ଉତ୍ସବରେ ବରିଷ୍ଠ ଶିକ୍ଷକ କଳ୍ପତରୁ ନାୟକ, ସତ୍ୟ ନାରାୟଣ ଦେ, ପ୍ରଶାନ୍ତ କୁମାର ବେହେରା, ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ, ଟୁକୁନା ପରିଡାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପ୍ରମୁଖ ଉପସ୍ଥିତ ରହି ଏହି କ୍ରୀଡା ଉତ୍ସବକୁ ସୁଚାରୁରୂପେ ପରିଚାଳନା କରିଥିଲେ।

# ଭାରତ ‘ଏ’ ଦଳ ଘୋଷିତ: ରୋହିତ, କୋହଲିଙ୍କୁ ମିଳିଲାନି ସୁଯୋଗ

ନୂଆଦିଲ୍ଲୀ: ଅଷ୍ଟ୍ରେଲିଆ ଏ ବିପକ୍ଷ ଦିନିକିଆ କ୍ରିକେଟ ସିରିଜ ପାଇଁ ଭାରତ ଏ ଦଳ ଘୋଷଣା କରାଯାଇଛି । ରୋହିତ ଶର୍ମା ଓ ବିରାଟ କୋହଲି ଏହି ସିରିଜରେ ଖେଳିବେ ବୋଲି ଅନୁମାନ କରାଯାଉଥିଲା । ତେବେ ପ୍ରଶଂସକଙ୍କୁ ନିରାଶ ହେବାକୁ ପଡିଛି । କୋହଲି, ରୋହିତ ଏବଂ ଶ୍ରେୟାଶ ଆୟାରଙ୍କୁ ଦଳରେ ସ୍ଥାନ ମିଳିନି। ଏହି ସିରିଜ ମାଧ୍ୟମରେ ଦୁଇ ସିନିୟର ଖେଳାଳି ଫର୍ମକୁ ଫେରିବା ଯୋଜନାରେ ଥିଲେ ବୋଲି ରିପୋର୍ଟ ପ୍ରକାଶ ପାଇଥିଲା। ଶ୍ରେୟାଶଙ୍କୁ ଅଷ୍ଟ୍ରେଲିଆ ଏ ବିପକ୍ଷ ଟେଷ୍ଟ ମ୍ୟାଚ ପାଇଁ ଦଳରେ ସୁଯୋଗ ଦିଆ ଯାଇଥିବା ବେଳ ଦିନିକିଆରୁ ବାଦ ଦିଆଯାଇଛି । ପ୍ରଥମ ମ୍ୟାଚ ପାଇଁ ରଜତ ପାଟୀଦାରଙ୍କୁ ଅଧିନାୟକ କରାଯାଇଥିବା ବେଳେ ଦ୍ୱିତୀୟ ମୁକାବିଲାରେ ତିଳକ ବର୍ମା ଦଳର ନେତୃତ୍ୱ ନେବେ। ପ୍ରଥମ ମ୍ୟାଚ ପାଇଁ ଦଳ: ରଜତ ପାଟୀଦାର (ଅଧିନାୟକ), ପ୍ରଭସିମ୍ରନ ସିଂ, ରିୟାନ ପରାଗ, ଆୟୁଷ ବଡାନୀ, ସୂର୍ଯ୍ୟାଂଶ ଶେଡଗେ, ବିପ୍ରଜ ନିଗମ, ନିଶାନ୍ତ ସିନ୍ଧୁ, ଗୁରୁଜାପନୀତ ସିଂ, ଯୁଦ୍ଧବୀର ସିଂ, ରବି ବିଶ୍ନୋଇ, ଅଭିଷେକ ପାରୋଲ, ପ୍ରିୟାଂଶ ଆର୍ଯ୍ୟ ଓ ସିମ୍ରନଜିତ ସିଂ। ଦ୍ୱିତୀୟ ମ୍ୟାଚ ପାଇଁ ଦଳ: ତିଳକ ବର୍ମା (ଅଧିନାୟକ), ରଜତ ପାଟୀଦାର, ଅଭିଷେକ ଶର୍ମା, ପ୍ରଭସିମ୍ରନ ସିଂ, ରିୟାନ ପରାଗ, ଆୟୁଷ ବଡାନୀ,ସୂର୍ଯ୍ୟାଶ ଶେଡଗେ, ବିପ୍ରଜ ନିଗମ, ନିଶାନ୍ତ ସିନ୍ଧୁ, ଗୁରୁଜାପନୀତ ସିଂ, ଯୁଦ୍ଧବୀର ସିଂ, ରବି ବିଶ୍ନୋଇ, ଅଭିଷେକ ପାରୋଲ, ହର୍ଷିତ ରାଣା ଓ ଅର୍ଶଦୀପ ସିଂ ।

## ପ୍ରଥମ ଯୁବ ଏସିଆନ୍ ହ୍ୟାଣ୍ଡବଲ୍ ଚାମ୍ପିଅନସିପ୍

# ଜାତୀୟ ଦଳରେ ସ୍ଥାନ ପାଇଲେ ସୁପ୍ରଜୀତ, ସ୍ୱସ୍ତିକ ଓ କୋଚ୍ ଗୌରୀଶଙ୍କର



କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଜୋଡାନର ରାଜଧାନୀ ଅମାନ ସହରରେ ଚଳିତ ମାସ ୧୫ରୁ ୨୫ ତାରିଖ ପର୍ଯ୍ୟନ୍ତ ପ୍ରଥମ ୧୭ ବର୍ଷରୁ କମ୍ ବାଳକ ଏସିଆନ୍ ହ୍ୟାଣ୍ଡବଲ ପ୍ରତିଯୋଗିତା ଆୟୋଜନ ହେବାକୁ ଯାଉଛି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ଅଂଶଗ୍ରହଣ କରିବେ ୩ଜଣ। କୋଚ ଭାବେ ଗୌରୀ ଶଙ୍କର ମିଶ୍ର ତଥା ଖେଳାଳି ଭାବେ ସୁପ୍ରଜିତ ବେହେରା ଓ ସ୍ୱସ୍ତିକ ମହାପ୍ରସାଦ ପତି ଜାତୀୟ ଦଳ ଲାଗି ମନୋନୀତ ହୋଇ ଇତିହାସ ରଚିଛନ୍ତି। ଓଡିଶା ହ୍ୟାଣ୍ଡବଲରେ ଆଉ ଏକ ଫର୍ଦ୍ଦ ଯୋଡ଼ି ହୋଇଛି। ଗତ ମେ ମାସରେ ଲକ୍ଷ୍ନୌ ଠାରେ ଅନୁଷ୍ଠିତ ଭାରତ ହ୍ୟାଣ୍ଡବଲ ଦଳର ଚୂଡାନ୍ତ ଚୟନ ଶିବିରରେ ସୁପ୍ରଜିତ ଓ ସ୍ୱସ୍ତିକ ନିଜର ପାରଦର୍ଶିତା ପ୍ରଦର୍ଶନ କରି ଭାରତୀୟ ଦଳ ପାଇଁ ମନୋନୀତ ହୋଇ ଥିଲେ। ସୁପ୍ରଜିତ ଓ ସ୍ୱସ୍ତିକ କୋଚ ଗୌରୀ ଶଙ୍କରଙ୍କ ଠାରୁ ଗତ ଦୁଇ ବର୍ଷ ହେବ ହ୍ୟାଣ୍ଡବଲର କଳାକୌଶଳ ଶିଖୁଛନ୍ତି। ଗୌରୀ ଶଙ୍କର କହିଛନ୍ତି ଆର୍ଯ୍ୟନ ପରେ ତାଙ୍କର ଦୁଇଜଣ ଛାତ୍ର ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ସେ ବହୁତ ଖୁସି ଏବଂ ଗର୍ବିତ। ଏଠାରେ ସୂଚନା ଯୋଗ୍ୟ ଯେ ଆର୍ଯ୍ୟନ ବ୍ରାହ୍ମୀନ ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ଖେଳାଳି ହୋଇଥିବା ବେଳେ ତାଙ୍କ ବାପା ଗୌରୀଶଙ୍କର ପ୍ରଥମ କୋଚ ଭାବେ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଗୌରୀ ଶଙ୍କର, ସୁପ୍ରଜିତ ଓ ସ୍ୱସ୍ତିକଙ୍କୁ ଓଡିଶା ହ୍ୟାଣ୍ଡବଲ ସଂଘର ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ଓ ଭୁବନେଶ୍ୱର ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି। ରାଜ୍ୟରେ ହ୍ୟାଣ୍ଡବଲ କ୍ରୀଡାର ବିକାଶ ଲାଗି ସଦା ତତ୍ପର କୋଚ୍ ଗୌରୀ ଶଙ୍କର ମିଶ୍ର ନିଜ ପ୍ରଶିକ୍ଷକ ଜୀବନରେ ଆଉ ଏକ ଉପଲବ୍ଧି ହାସଲ କରିବାକୁ ଯାଉଛନ୍ତି।



ସୁସ୍ଥ ଶରୀର ପାଇଁ ସକାଳର ଜଳଖିଆ, ଦିନ ଓ ରାତି ଭୋଜନ ଖୁବ ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା ଶରୀରକୁ ଉପଯୁକ୍ତ ପୋଷଣ ମିଳିଥାଏ। ମାତ୍ର ଅନେକ ସମୟରେ ଦେଖାଯାଏ,କେତେକ ଲୋକେ ରାତି ଖାଦ୍ୟ ଖାଇ ନଥାଆନ୍ତି। କିଛି ଲୋକେ କର୍ମବ୍ୟସ୍ତତା ମଧ୍ୟରେ ଘରକୁ ଆସି ଥକ୍କାପଣ କାରଣରୁ ଖାଲି ପେଟରେ ଶୋଇ ପଡିଥାଆନ୍ତି। ସେହିପରି ଓଜନ ବୃଦ୍ଧି ପାଇଁ କେତେକ ଲୋକେ ରାତ୍ରି ଭୋଜନ କରିନଥାଆନ୍ତି। ମାତ୍ର ଏପରି କରିବା ଦ୍ୱାରା ସ୍ୱାସ୍ଥ୍ୟ ପାଇଁ ବେଶ କ୍ଷତିକାରକ ହୋଇଥାଏ। ଜାଣନ୍ତୁ ରାତ୍ରି ଭୋଜନ ନକଲେ ସ୍ୱାସ୍ଥ୍ୟ ଉପରେ କି ପ୍ରଭାବ ପକାଏ..। ରାତିରେ ଖାଦ୍ୟ ନଖାଇଲେ ଓଜନ ହ୍ରାସ ହେବ ବୋଲି ଚିନ୍ତା କରୁଥିଲେ, ଏହା ଭୁଲ ଧାରଣା। ରାତ୍ରି ଭୋଜନ ନକରିବା ଦ୍ୱାରା ଶରୀରକୁ ଆବଶ୍ୟକ ପରିମାଣରେ ପୋଷକ ତତ୍ତ୍ୱ ମିଳି ପାରିନଥାଏ। ଫଳରେ କୁପୋଷଣର ଶିକାର ହେବା ସହ ଅଧିକ ହାଲିଆ ଅନୁଭବ ହୋଇଥାଏ। ଦୈନନ୍ଦିନ କାମ ପାଇଁ ଆବଶ୍ୟକ ପରିମାଣରେ ଶକ୍ତି ମିଳିପାରି ନଥାଏ। ଶରୀରରେ ରକ୍ତର ଅଭାବ ହୋଇଥାଏ। ରାତିରେ ଖାଦ୍ୟ ନଖାଇବା ଦ୍ୱାରା ବାରମ୍ବାର ନିଦ ଭାଙ୍ଗିଥାଏ। ରାତି ଅଧରେ ଭୋକ ମଧ୍ୟ ଲାଗିଥାଏ। ଖାଲି ପେଟରେ ଶୋଇବା ଦ୍ୱାରା ପେଟ ଜନିତ ଅନେକ ସମସ୍ୟା ଦେଖାଦିଏ।



# ଏହି ଭିଟାମିନ ଅଭାବରୁ ହୁଏ ମୁଣ୍ଡ ବିନ୍ଧା

*ବାରମ୍ବାର ମୁଣ୍ଡବିନ୍ଧା କିମ୍ବା ମାଇଗ୍ରେନ୍ ସମସ୍ୟା ବେଳେ ବେଳେ ଭିଟାମିନ୍ ଅଭାବ ସହିତ ମଧ୍ୟ ଜଡିତ ହୋଇପାରେ । ବିଶେଷକରି, ଭିଟାମିନ୍ ଡି ଅଭାବ ଏହି ସମସ୍ୟାର ଏକ ପ୍ରମୁଖ କାରଣ ହୋଇପାରେ । ଏହି ଭିଟାମିନ୍ ଆମ ମସ୍ତିଷ୍କର କାର୍ଯ୍ୟ, ରୋଗ ପ୍ରତିରୋଧକ ଶକ୍ତି ଏବଂ ନ୍ୟୁରୋଟ୍ରାନ୍ସମିଟର ମେଟାବୋଲିଜିମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଯେତେବେଳେ ଏହାର ସ୍ତର କମ୍ ଥାଏ, ଏହା ଅନେକ ପ୍ରକାରେ ମୁଣ୍ଡବିନ୍ଧା ସୃଷ୍ଟି କରିପାରେ ...*

## ଭିଟାମିନ୍ ଡି ଅଭାବ ଏବଂ ମୁଣ୍ଡବିନ୍ଧା ମଧ୍ୟରେ ସମ୍ପର୍କ

■ ଭିଟାମିନ୍ ଡି ରେ ପ୍ରଦାହ-ବିରୋଧୀ ଗୁଣ ଅଛି । ଏହାର ଅଭାବ ମସ୍ତିଷ୍କରେ ପ୍ରଦାହ ବୃଦ୍ଧି କରିପାରେ, ଯାହା ମାଇଗ୍ରେନ୍ ଯନ୍ତ୍ରଣାକୁ ବୃଦ୍ଧି କରେ । ମସ୍ତିଷ୍କରେ ଅନେକ ଭିଟାମିନ୍ ଡି ରିସେପ୍ଟର ଅଛି । ଭିଟାମିନ୍ ଡି ଅଭାବ ନ୍ୟୁରୋଟ୍ରାନ୍ସମିଟରର ସନ୍ତୁଳନକୁ ବିଚଳିତ କରିପାରେ, ଯାହା ମୁଣ୍ଡବିନ୍ଧାର ସମ୍ଭାବନାକୁ ବୃଦ୍ଧି କରିଦେଇଥାଏ ।

■ ଶରୀରକୁ ମ୍ୟାଗ୍ନେସିୟମ୍ ଶୋଷଣ କରିବା ପାଇଁ ଭିଟାମିନ୍ ଡି ଆବଶ୍ୟକ ହୋଇଥାଏ । ମ୍ୟାଗ୍ନେସିୟମ୍ ଅଭାବ ମଧ୍ୟ ମାଇଗ୍ରେନ୍ ସହିତ ଜଡିତ । ତେଣୁ, ଭିଟାମିନ୍ ଡି ଅଭାବ ପରୋକ୍ଷ ଭାବରେ ମ୍ୟାଗ୍ନେସିୟମ୍ ଶୋଷଣରେ ବାଧା ସୃଷ୍ଟି କରି ମୁଣ୍ଡବିନ୍ଧାର ଆଶଙ୍କାକୁ ଆହୁରି ବୃଦ୍ଧି କରିପାରେ ।

## ଭିଟାମିନ୍ ଡି ର ଅଭାବ ହେଲେ କ'ଣ କରିବେ ?

ଯଦି ଆପଣଙ୍କର ବାରମ୍ବାର ମୁଣ୍ଡବିନ୍ଧା କିମ୍ବା ମାଇଗ୍ରେନ୍ ହେଉଛି, ତେବେ ଏହା ଭିଟାମିନ୍ ଡି ଅଭାବର ଲକ୍ଷଣ ହୋଇପାରେ । ଏପରି ପରିସ୍ଥିତିରେ, ଆପଣ ଆପଣଙ୍କ ଡାକ୍ତରଙ୍କୁ ଭେଟି ଆପଣଙ୍କର ଭିଟାମିନ୍ ଡି ପରୀକ୍ଷା କରାଇବା ଉଚିତ । ଡାକ୍ତରଙ୍କ ପରାମର୍ଶରେ ଆପଣ ସପ୍ଲିମେଣ୍ଟ ମଧ୍ୟ ନେଇପାରିବେ । ଭିଟାମିନ୍ ଡିର ସର୍ବୋତ୍ତମ ଏବଂ ପ୍ରାକୃତିକ ଉତ୍ସ ହେଉଛି ସୂର୍ଯ୍ୟକିରଣ । ସକାଳେ ହାଲୁକା ସୂର୍ଯ୍ୟକିରଣରେ କିଛି ସମୟ ବସିବା ଆପଣଙ୍କ ମୁଣ୍ଡବିନ୍ଧା କିମ୍ବା ମାଇଗ୍ରେନ୍ ସମସ୍ୟା ପାଇଁ ବହୁତ ଲାଭଦାୟକ ହୋଇପାରେ ।

## ଆପଣଙ୍କ ଖାଦ୍ୟରେ ଏହି ଜିନିଷଗୁଡ଼ିକୁ ସାମିଲ କରନ୍ତୁ



ଆପଣଙ୍କ ଖାଦ୍ୟରେ ଭିଟାମିନ୍ ଡି ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ଯେପରିକି ଚୁନା ମାଛ, କ୍ଷୀର ଏବଂ ପନିର, ଅଣ୍ଡା, ଛତୁ, ସୋୟାବିନ ଏବଂ କମଳା ରସ । ଏହି ଉପାୟଗୁଡ଼ିକ ଗ୍ରହଣ କରି ଆପଣ ଭିଟାମିନ୍ ଡି' ର ଅଭାବକୁ ଦୂର କରିପାରିବେ ଏବଂ ମୁଣ୍ଡବିନ୍ଧା ଏବଂ ମାଇଗ୍ରେନ୍ ସମସ୍ୟାରୁ ମୁକ୍ତି ପାଇପାରିବେ ।

# ମୁହଁରୁ ବ୍ରଣ, ଦାଗ କିପରି ଲିଭାଇବେ ଜାଣନ୍ତୁ...



**ଶୁଷ୍କ ତ୍ୱଚାରେ କେତେଜଣଙ୍କଠାରେ ବ୍ରଣ, ଦାଗ ସମସ୍ୟା ଦେଖାଯାଏ। ହେଲେ ଏଥିରେ ବ୍ୟତିବ୍ୟସ୍ତ ନ ହୋଇ ସରଳ ଘରୋଇ ଉପଚାର କଲେ ବ୍ରଣ କମ୍ ହୁଏ...**

-କ୍ଲିନଜିଂ ମିଲ୍କ ନଚେତ୍ କଂଚା ଖିରରେ ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ତ୍ୱଚାକୁ ଭଲରେ ପୋଛି ମଏଶ୍ଚରାଇଜର ଲଗାଇନେବେ। ତ୍ୱଚା ଶୁଷ୍କ ହେଲେ ବ୍ରଣ ଏଇ ଦିନେ ବଢ଼ିବାର ସମସ୍ୟା ଉପୁଜେ।

-ଘି-କୁଆଁରୀ ରସରେ ମହୁ ଅଳ୍ପ ମିଶାଇ ତ୍ୱଚାରେ ଲଗାଇ କିଛି ସମୟ ପରେ ଧୋଇନେବେ। ସକାଳବେଳା ଏହି ପ୍ୟାକ୍ ଲଗାଇବେ ନଚେତ୍ ଥଣ୍ଡା, ସର୍ଦ୍ଦି ହେବାର ଭୟ ରହିଛି।

-ଏସବୁ ସହ ବେସନରେ ମହୁ ଓ ଖିର ସର ମିଶାଇ ତ୍ୱଚାରେ ପ୍ୟାକ୍ ଭଳି ଲଗାନ୍ତୁ। ଶୁଖିବା ପରେ ଧୋଇନେବେ, ବ୍ରଣ ସମସ୍ୟାରୁ ରକ୍ଷା ପାଇବା ନିମନ୍ତେ ଏହା ଏକ ଭଲ ପ୍ୟାକ୍।

ଶୀତରେ ସପ୍ତାହକୁ ଥରେ ତ୍ୱଚା ସ୍କ୍ରବ୍ କରନ୍ତୁ, ଅଧିକ ଥର ସ୍କ୍ରବ୍ କଲେ ବ୍ରଣ ସମସ୍ୟା ବଢ଼ିବାରେ ବୋଲି ବିଉଟିସିଆନ୍‌ଙ୍କ ମତ। ବାହାରୁ ଆସିବା ପରେ ତ୍ୱଚାକୁ ଭଲରେ ଧୋଇ ମଏଶ୍ଚରାଇଜର, ଟୋନ୍‌ର ଲଗାଇବାକୁ ଯେପରି ନ ଭୁଲିବେ। ଏହି ଋତୁରେ ତ୍ୱଚାକୁ ଏଭଳି ଉପାୟରେ ପୋଷଣ ହେବା ଜରୁରି।

# ପୁଣି ଦିଶାଙ୍କ ଘର ଉପରକୁ ବୋମା ମାଡ଼

ବରେଲିରେ ଅଭିନେତ୍ରୀ ଦିଶା ପଟାନୀଙ୍କ ଘର ଉପରକୁ ବୋମାମାଡ଼ ହୋଇଛି। ତେବେ ୨୪ ଘଣ୍ଟା ଭିତରେ ତାଙ୍କ ଘର ଉପରକୁ ଦ୍ୱିତୀୟଥର ବୋମାମାଡ଼ ହୋଇଛି। ଇତିମଧ୍ୟରେ ଗୁଳିମାଡ଼ କରିଥିବା ସୁଟରଙ୍କ ସ୍କେଚ୍ ସାମ୍ନାକୁ ଆସିଛି। ସୁଟରକୁ ଧରିବା ପାଇଁ ନୋଏଡା ଓ ମିରଟ୍‌ରେ ଏସ୍‌ଟିଏଫ୍ ପକ୍ଷରୁ ଚଢ଼ାଉ ଚାଲିଛି। ଏହି ଘଟଣା ପରେ ଦିଶା ପ୍ରଥମ ଥର ପାଇଁ ସାମ୍ନାକୁ ଆସିଛନ୍ତି। ସେ ନ୍ୟୁୟର୍କରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଦିଶା ଏହି କାର୍ଯ୍ୟକ୍ରମର ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ବରେଲିରେ ଦିଶାଙ୍କ ଘର ବାହାରେ ଦୁଇଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ଗୁଳିମାଡ଼ କରିଥିଲେ। ଗ୍ୟାଙ୍ଗଷ୍ଟର ଗୋଲ୍ଡି ବ୍ରାର ଏବଂ ରୋହିତ ଗୋଦାରା ଏହି ଆକ୍ରମଣର ଦାୟିତ୍ୱ ନେଇଛନ୍ତି। ସେମାନେ କହିଛନ୍ତି ଯେ, ଏହା ସନାତନ ଧର୍ମ ଏବଂ ସନ୍ଥମାନଙ୍କ ଅପମାନର ପ୍ରତିଶୋଧ। କିଛି ସମୟ ପୂର୍ବରୁ କାହାଣୀକାର ଅନିରୁଦ୍ଧାଚାର୍ଯ୍ୟ ମହିଳାଙ୍କ ଉପରେ ଏକ ମନ୍ତବ୍ୟ ଦେଇଥିଲେ। ଏହା ପରେ ଦିଶାଙ୍କ ଭଉଣୀ ଖୁସ୍‌ବୁ ପଟାନୀ ତାଙ୍କ ବୟାନକୁ ବିରୋଧ କରିଥିଲେ। ଏହି କାରଣରୁ ଖୁସ୍‌ବୁଙ୍କ ଘର ବାହାରେ ଆକ୍ରମଣ ହୋଇଥିଲା। ଦିଶା ନ୍ୟୁୟର୍କରେ ଏକ ପୋଷାକ ବ୍ରାଣ୍ଡ କାର୍ଯ୍ୟକ୍ରମରେ ପହଞ୍ଚିଥିଲେ। ପୋଷାକ ବ୍ରାଣ୍ଡର ନୂଆ କଲେକ୍ସନ ସମ୍ପର୍କରେ ଏଠାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭିଡିଓରେ ଦିଶାଙ୍କୁ କଳା ବ୍ୟାକଲେସ୍ ଡ୍ରେସ୍‌ରେ ଦେଖିବାକୁ ମିଳିଥିଲା। ଦିଶା ଏକ ଡିପ୍‌ନେକ୍ କଳା ଡ୍ରେସ ପିନ୍ଧିଥିଲେ। ହାଇ ହିଲ ମଧ୍ୟ ପିନ୍ଧିଥିଲେ। ସେ ରାସ୍ତାରେ ହସି ହସି ପୋଜ ଦେଇଥିଲେ। ଦିଶା ଏହି ଲୁକକୁ ନୋ ମେକଅପ ଲୁକ୍ ସହ ଶେଷ କରିଥିଲେ।



# ଟପ୍-୧୦ ତାଲିକାରେ ରହିବାକୁ ଇଚ୍ଛୁକ ନାହାନ୍ତି ସାମନ୍ଥା

ସାଉଥ୍ ଇଣ୍ଡଷ୍ଟ୍ରିର ଅଭିନେତ୍ରୀ ସମନ୍ଥା ରୁଥ୍ ପ୍ରଭୁଙ୍କୁ ସମସ୍ତେ ଜାଣନ୍ତି। ସେ ଅଟୋଇମ୍ୟୁନ ରୋଗ ମାୟୋସାଇଟିସ୍‌ରେ ପୀଡ଼ିତ ଅଛନ୍ତି । ଧୀରେ ଧୀରେ ସେ ସୁସ୍ଥ ହେଉଛନ୍ତି। ବ୍ୟାୟାମ ଓ ଖାଦ୍ୟପେୟ ଉପରେ ଧ୍ୟାନ ଦେଉଛନ୍ତି। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ସେ ଦିଲ୍ଲୀ ଆସିଥିଲେ । ଏ ଅବସରରେ କ୍ୟାରିୟର ଓ ଜୀବନ ପ୍ରତି ନିଜର ପରିବର୍ତ୍ତିତ ଦୃଷ୍ଟିକୋଣ ବିଷୟରେ ସେ ଆଲୋଚନା କଲେ । କହିଲେ, ଫିଲ୍ମ ଇଣ୍ଡଷ୍ଟ୍ରି ସହ ଜଡ଼ିତ ଥିଲେ ହେଁ, କୌଣସି ମୂଷା ଦୌଡ଼ରେ ସେ ସାମିଲ ନାହାନ୍ତି । ଭଲ ଫିଲ୍ମ ଯେତେ କଲେକ୍ସନ୍ କଲେ ମଧ୍ୟ ସେଥିରେ ତାଙ୍କୁ କୌଣସି ଫରକ ପଡୁନାହିଁ । କୌଣସି ପ୍ରକାର ଚାପ ମଧ୍ୟ ସେ ଅନୁଭବ କରୁନାହାନ୍ତି । ଗତ ୨ ବର୍ଷରେ ତାଙ୍କର ଗୋଟିଏ ବି ଫିଲ୍ମ ରିଲିଜ୍ ହୋଇନାହିଁ। ଟପ୍-୧୦ କଳାକାରଙ୍କ ତାଲିକାରେ ରହିବାକୁ ସେ ଆଦୌ ଇଚ୍ଛୁକ ନୁହନ୍ତି । ତାଙ୍କ ପାଖରେ ୧୦୦୦ କୋଟି ବ୍ୟବସାୟ କରିବା ଭଳି ଫିଲ୍ମ ବି ନାହିଁ । ଏ ସବୁ ସତ୍ତ୍ୱେ ସେ ଖୁସି ଅଛନ୍ତି । ଏହା ପୂର୍ବରୁ ଏତେ ଖୁସି ସେ କେବେ ବି ଅନୁଭବ କରିନଥିଲେ ବୋଲି କହିଛନ୍ତି । ଏବେ ପୁରୁଣା ସମନ୍ଥା କଥା ଭାବିଲେ ତାଙ୍କୁ ଭୟ ଲାଗେ । ସେ ଖୁବ୍ ସମ୍ବେଦନଶୀଳ ଥିଲେ ।



# 'ମେରେ ରହୋ' ରେ ଜୁନୈଦ-ସାଇ ଯୋଡ଼ି



ଆମୀର ଖାନ୍ ପ୍ରଡକ୍ସନ୍‌ସର ଅପ୍‌କମିଙ୍ଗ ରୋମାଣ୍ଟିକ୍ ଡ୍ରାମାକୁ ମିଳିଛି ଟାଇଟଲ। ଫିଲ୍ମର ନାଁ 'ମେରେ ରହୋ' । ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଜୁନୈଦ ଖାନ୍ ଓ ସାଉଥ୍ ନାୟିକା ସାଇ ପଲ୍ଲବୀ । ଆସନ୍ତା ଡିସେମ୍ବର ୧୨ ତାରିଖରେ ଫିଲ୍ମଟି ମୁକ୍ତିଲାଭ କରିବ । ଏହି ଘୋଷଣା ସହିତ ଫିଲ୍ମକୁ ନେଇ ରହିଥିବା ସମସ୍ତ ଗୁଜବର ଅନ୍ତ ଘଟିଛି । ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ସୁନୀଲ ପାଣ୍ଡେ । ଆମିରଙ୍କ ସମେତ ମନସୁର ଖାନ୍ ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି । ଏହା ପୂର୍ବରୁ ଫିଲ୍ମର ନାଁ 'ଏକ୍ ଦିନ' ରଖାଯାଇଥିଲା ଏବଂ ଆସନ୍ତା ନଭେମ୍ବର ୭ରେ ମୁକ୍ତିଲାଭ ହେବାର ଥିଲା। ତାହା ହୋଇଥିଲେ, ଅଗସ୍ତ୍ୟ ନନ୍ଦାଙ୍କ 'ଇକ୍କିଶ୍' ସହିତ ଫିଲ୍ମର ଟକ୍କର ହୋଇଥାନ୍ତା। ଏବେ କିନ୍ତୁ ନୂଆ ଘୋଷଣା ଅନୁସାରେ, 'ମେରେ ରହୋ' ଡିସେମ୍ବରରେ ମୁକ୍ତିଲାଭ କରିବ ଏବଂ କାହା ସହିତ ତା'ର ଟକ୍କର ହେବ ନାହିଁ । ଜାପାନର ସୁନ୍ଦର ଶୀତଦିନିଆ ପରିବେଶରେ ଫିଲ୍ମଟି ପ୍ରସ୍ତୁତ ହୋଇଛି ଏବଂ ପ୍ରସିଦ୍ଧ ସାପୋରୋ ତୁଷାର ପର୍ବକୁ ଏହା ସ୍ଥାନ ଦେଇଛି । ୨୦୨୪ ଆରମ୍ଭରେ ସେଠାରେ ଫିଲ୍ମର ଅଧିକାଂଶ ସୁଟିଂ ହୋଇଥିଲା । ତୁଷାରପାତ ଯୋଗୁ ସୁଟିଂରେ ଟିକିଏ ବିଳମ୍ବ ବି ହୋଇଥିଲା । 'ମେରେ ରହୋ' ଜୁନୈଦଙ୍କର ୩ୟ ପ୍ରୋଜେକ୍ଟ ଏବଂ ଥିଏଟରରେ ମୁକ୍ତିଲାଭ କରିବାକୁ ଯାଉଥିବା ୨ୟ ଫିଲ୍ମ । ଯଶରାଜ ଫିଲ୍ମସର 'ମହାରାଜ' ଜରିଆରେ ସେ ଓଟିଟିରେ ପ୍ରଥମେ ପରଦାକୁ ଆସିଥିଲେ । ତାଙ୍କର ପ୍ରଥମ ଫିଲ୍ମ ଥିଲା 'ଲଭ୍‌ୟାପା'।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



ପାପଡାହାଣ୍ଡି, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ଡାକ ବଙ୍ଗଳା ଠାରେ ଜିଲ୍ଲା ସ୍ତରୀୟ ଏକ୍ସକେଡର ଶିକ୍ଷକ ସଙ୍ଘ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏକ୍ସ କେଡର ଶିକ୍ଷକ ସଂଘ ଜିଲ୍ଲା ସଭାପତି ସୁଜିତ କୁମାର ପାଢ଼ୀ ଅଧକ୍ଷତା ଆୟୋଜିତ ଏହି ବୈଠକରେ ରାଜ୍ୟ ଏକ୍ସକେଡର ମହାସଂଘର ସଭାପତି ଜୟନ୍ତଲାଲ ସାହୁ, ରାଜ୍ୟ ସଂଘ କାର୍ଯ୍ୟକାରୀ ସଭାପତି ଅଲେଖ ସାହୁ ଓ ରାଜ୍ୟ ସଂଘ ସାଧାରଣ ସମ୍ପାଧକ ହନେସ ପାତ୍ର ଯୋଗ ଦେଇଥିଲେ। ଏହି ବୈଠକରେ ମହାସଂଘକୁ କିପରି ସୁଦୃଢ଼ କରାଯାଇପାରିବ ସେ ବିଷୟ ରେ ଆଲୋଚନା କରାଯାଇଥିଲା। ଦୀର୍ଘ ୨୫ ବର୍ଷ ଧରି ଏକ୍ସ କେଡର ଶିକ୍ଷକମାନେ ଶିକ୍ଷା ବିଭାଗରେ ଶିକ୍ଷକର ସମସ୍ତ ଦାୟିତ୍ୱ ତୁଲାଇ ଥିବା ବେଳେ ସରକାର ସେମାନଙ୍କୁ କେଡରର ଭୁକ୍ତ କରୁନଥିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ରାଜ୍ୟ ସଂଘ ସଭାପତି ସାହୁ ମତ ବ୍ୟକ୍ତ କରିଥିଲେ। ଆଗାମୀ ଦିନ ରାଜ୍ୟରେ କାର୍ଯ୍ୟରତ ସମସ୍ତ ଏକ୍ସ କେଡର ଶିକ୍ଷକ କିପରି କେଡର ଭୁକ୍ତ ହୋଇପାରିବେ ଏଥିପାଇ ରାଜ୍ୟ ସଂଘ ସରକାର ନିକଟରେ ଦୃଢ ଦାବି ଉପସ୍ଥାପନା କରିଥିବା କଥା ରାଜ୍ୟ ସଂଘର କର୍ମକର୍ତ୍ତା ମାନେ ବୈଠକରେ ସୂଚନା ପ୍ରଦାନ କରିଥିଲେ। ଏହି ବୈଠକରେ ଜିଲ୍ଲା ସଂଘର ସମସ୍ତ କର୍ମକର୍ତ୍ତା ମାନେ ଉପସ୍ଥିତ ଥିବାବେଳେ ୧୦ଗୋଟି ବ୍ଲକ ସଭାପତି ଓ ସମ୍ପାଧକ ଏକ୍ସ କେଡର ଶିକ୍ଷକମାନେ ଉପସ୍ଥିତ ଥିଲେ। ଏହି ବୈଠକକୁ ଶିକ୍ଷକ ଦିଲ୍ଲିପ ସ୍ୱାଇଁ ପରିଚାଳନା କରିଥିଲେ।

### ମାନସିକ ଯନ୍ତ୍ରଣା ଦେଉଛନ୍ତି ପ୍ରଧାନଶିକ୍ଷକ

## ବିଇଓଙ୍କ ନିକଟରେ ଅଭିଯୋଗ କଲେ ଶିକ୍ଷୟିତ୍ରୀ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ ଗାଜିପୁରପାଟଣା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ସ୍କୁଲର ଶିକ୍ଷୟିତ୍ରୀ କଳ୍ପଲତା ଦାସ ମହାପାତ୍ରଙ୍କୁ ସେହି ସ୍କୁଲର ପ୍ରଧାନଶିକ୍ଷକ ମାନସିକ ଯନ୍ତ୍ରଣା ଦେଉଥିବା ଅଭିଯୋଗ ହୋଇଛି। ଶିକ୍ଷୟିତ୍ରୀ ଦାସ ମହାପାତ୍ର ଶନିବାର ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ସୂର୍ଯ୍ୟଶିଖା ମହାନ୍ତିଙ୍କ ନିକଟରେ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ନେବାକୁ ନିବେଦନ କରିଛନ୍ତି। ପ୍ରଧାନଶିକ୍ଷକଙ୍କ ନିର୍ଯ୍ୟାତନା ପାଇ ସେ ମାନସିକ ଭାରସାମ୍ୟ ହରାଇ ଜୀବନ ହାରିଦେବେ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି। ଶିକ୍ଷୟିତ୍ରୀ ଅଭିଯୋଗରେ ଦର୍ଶାଇଛନ୍ତି ଯେ ସ୍କୁଲରେ ପ୍ରଧାନଶିକ୍ଷକ ଭାବେ ଗିରିଧାରୀ ଚାନ୍ଦ ଯୋଗଦେବା ପରେ ସ୍କୁଲରେ ଅଡୁଆ ପରିସ୍ଥିତି ସୃଷ୍ଟି ହେବାରେ ଲାଗିଛି। ଗତ କିଛିଦିନ ପୂର୍ବେ ସ୍କୁଲର ଜଣେ ଶିକ୍ଷକଙ୍କୁ ମିଥ୍ୟାରେ ବଦନାମ କରି ସେ ସ୍କୁଲରୁ ହଟାଇବାରେ ସକ୍ଷମ ହୋଇଥିଲେ। କିଛିଦିନ ପୂର୍ବେ ସେ ନେଇଥିବା ମାତୃତ୍ୱ ଜନିତ ଛୁଟି ପରେ ସ୍କୁଲରେ ଯୋଗଦାନ କରିବାକୁ ପ୍ରଧାନଶିକ୍ଷକଙ୍କୁ ଦରଖାସ୍ତ ଦେଇଥିଲେ। ମାତ୍ର ପ୍ରଧାନଶିକ୍ଷକ ଚାନ୍ଦ ଦରଖାସ୍ତରେ ବିଭିନ୍ନ ତ୍ରୁଟି ଥିବା ଦର୍ଶାଇ ତୁମକୁ କିଏ ଚାକିରୀ ଦେଲା, ମୋ ପାଖକୁ ଆସ ଲେଖିବା ଶିଖାଇଦେବି ବୋଲି କହିଥିବା ଅଭିଯୋଗରେ ଦର୍ଶାଯାଇଛି। ସ୍କୁଲ କଥା ସିଆରସିସିଙ୍କୁ କାହିଁକି ଜଣାଉଛ ବୋଲି କହି ତାଙ୍କ ଠାରୁ ବଳପୂର୍ବକ ମୋବାଇଲ ଛଡାଇନେବା, ପ୍ରାର୍ଥନା ସମୟରେ ତାଙ୍କୁ ଦୁର୍ବ୍ୟବହାର କରିବା ସହ ସ୍କୁଲରେ ରହିବାକୁ ହେଲେ ସେ ଯାହା କହିବେ ତାଙ୍କ କଥା ମାନି ଚଳିବାକୁ ହେବ ନହେଲେ ସ୍କୁଲରୁ ବିଦା କରିଦେବେ ବୋଲି ପ୍ରଧାନଶିକ୍ଷକ ଧମକ ଦେଇଥିବା ଶିକ୍ଷୟିତ୍ରୀ ଦାସ ମହାପାତ୍ର ଦର୍ଶାଇଛନ୍ତି। ତେବେ ପ୍ରଧାନଶିକ୍ଷକଙ୍କ ଏତାଦୃଶ ଅଶାଳୀନ ବ୍ୟବହାରରେ ସେ ଗଭୀର ଆଘାତ ପ୍ରାପ୍ତ ହେବା ସହ ମାନସିକ ଭାବେ ଭାଙ୍ଗି ପଡ଼ିଛନ୍ତି। ଏପରିକି ସେ ଠିକରୂପେ ଶିକ୍ଷାଦାନ କରିପାରୁ ନଥିବା ବେଳେ ନିଜ ଶିଶୁପୁତ୍ରର ଯତ୍ନ ନେଇ ପାରୁନଥିବା ଦର୍ଶାଇଛନ୍ତି। ଏହି ପରିପ୍ରେକ୍ଷୀରେ ସେ ନ୍ୟାୟ ପାଇଁ ବିଇଓଙ୍କ ଦୃଷ୍ଟି ଆକର୍ଷଣ କରି କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛନ୍ତି। ଏହା କରାନଗଲେ ତାଙ୍କୁ ଅନ୍ୟ ସ୍କୁଲକୁ ବଦଳି କରିଦେବାକୁ ସେ ନିବେଦନ କରିଛନ୍ତି। ତେବେ ଏ ସମ୍ପର୍କରେ ପ୍ରଧାନଶିକ୍ଷକ ଚାନ୍ଦଙ୍କୁ ପଚାରିବାରୁ ଶିକ୍ଷୟିତ୍ରୀଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ମନଗଢା ଏବଂ ଏଥିରେ କୌଣସି ସତ୍ୟତା ନଥିବା ସେ କହିଛନ୍ତି।

## ୨ ମଇଁଷି ବୋଝେଇ ପିକଅପ୍ ଜବତ





କରଞ୍ଜିଆ, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ପୋଲିସ୍ ପୁଣି ଥରେ ୨ଟି ମଇଁଷି ବୋଝେଇ ପିକଅପ ଜବତ କରିଛି। ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶକ୍ରମେ ଠାକୁରମୁଣ୍ଡା ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଶନିବାର ରାତି ୪ଟା ସମୟରେ ଠାକୁରମୁଣ୍ଡା-କରଞ୍ଜିଆ ୫୩ ରାଜ୍ୟ ରାଜପଥ କେନ୍ଦୁଜିଆଣୀର ଶିଶୁ ବିଦ୍ୟାମନ୍ଦିର ବାଙ୍କରେ ଚଢ଼ାଉ କରି ୧୫ ଟି ମଇଁଷି ବୋଝେଇ କରି ଚାଲାଣ ହେଉଥିବା ୨ଟି ପିକଅପ୍‌କୁ ଜବଦ କରିଛି। ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ, ଥାନାର ପୋଲିସ୍ କର୍ମଚାରୀ ୨ଟି ପିକଅପ ନଂ ଓଡି଼୦୪ୟୁ ୪୪୯୮, ଓଡି଼୦୪ଏସ ୮୮୧୭ ଓ ୧୫ଟି ମଇଁଷିକୁ ଜବତ କରି ଠାକୁରମୁଣ୍ଡା ଥାନାକୁ ଆଣିଛନ୍ତି। ଠାକୁରମୁଣ୍ଡା ଥାନା କେଶ ନଂ୧୦୮/୨୦୨୫, ୧୦୯/୨୦୨୫ ଦଫା ୩୦୩(୨) ବିଏନଏସ ୧୧(ସ)(ର)(ୟ) ଆକଟରେ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି। ଜବତ ହୋଇଥିବା ୧୫ ମଇଁଷି କେନ୍ଦୁଝର ଜିଲ୍ଲା ରାଜନଗର ସ୍ଥିତ ନନ୍ଦିନୀ ଗୋଶାଳାକୁ ପଠାଇ ଦିଆଯାଇଛି। ୨ଟି ପିକଅପ୍ ଗାଡ଼ିର ଡ୍ରାଇଭର ମାନଙ୍କ ନାମ ଆନନ୍ଦ ବେହେରା (୨୪) କଳ୍ପତରୁ ଦାସ (୩୬) ଦୁଇ ଯୁବକଙ୍କୁ ଅଟକ ରଖି ତଦନ୍ତ ଜାରୀ ରଖିଛନ୍ତି ଠାକୁରମୁଣ୍ଡା ଥାନା ଅଧିକାରୀଣୀ ସାବିତ୍ରୀ ଦଳେଇ। ମଇଁଷି ବୋଝେଇ କରି ୨ପିକ୍‌ଅପ୍ ଜାରକାରୁ ଝାଡ଼ଖଣ୍ଡ ରାଜ୍ୟର ରାଞ୍ଚିକୁ ଚାଲାଣ ହେଉଥିବା କହିଛନ୍ତି ୨ ଡ୍ରାଇଭର।

## ମହିଳା ସଂଘର ଅର୍ଥ ହେରଫେର ଅଭିଯୋଗ




ରେଢ଼ାଖୋଲ, (ଭାସ୍କର ନ୍ୟୁଜ୍): ସରକାରଙ୍କ ପକ୍ଷରୁ ଛୋଟଛୋଟ ଗାଁରେ ସାଧାରଣ ଜନତାଙ୍କ ବ୍ୟାଙ୍କିଙ୍ଗ ସେବା ପାଇଁ ଜନସେବାକେନ୍ଦ୍ର ମାନ ଖୋଲା ଯାଇଛି। ହେଲେ ସମ୍ବଲପୁର ଜିଲ୍ଲା ରେଢାଖୋଲ ତ୍ରିବଣପୁର ରେ ଖୋଲିଥିବା ରୋହିତ କୁମାର ପ୍ରଧାନ ଜନସେବା କେନ୍ଦ୍ର ରେ ଖଣ୍ଡାମ ଗ୍ରାମର ମା'ସମଲେଇ ଏସ୍‌ଏସ୍‌ଜି ଗ୍ରୁପ ତାଙ୍କ ଉପାର୍ଜିତ ଅର୍ଥ ପ୍ରତ୍ୟେକ ମାସ ଏହି କେନ୍ଦ୍ରରେ ଟଙ୍କା ଜମାକରିବା ଓ ଉଠେଇବା କରୁଥିଲେ। ହେଲେ ନେଟୱର୍କ ଅସୁବିଧାରୁ ରସିଦ ବାହାରୁ ନାହିଁ ବୋଲି କହି ଟଙ୍କା ଉଠାଣ ରସିଦ ଦେଉ ନ ଥିଲେ। ହେଲେ ଯେତେବେଳେ ଗ୍ରୁପର ସମସ୍ତ ଜମା ଟଙ୍କା କେତେ ଅଛି ସମସ୍ତ ସଦସ୍ୟ ଜାଣିବାକୁ ଦେଖିବା ବେଳେ ଏକ ଲକ୍ଷ ବାଷଠି ହଜାର ହେରଫେର କରି ଠକିଥିବା ଜାଣିବାକୁ ପାଇଥିଲେ ଏହାକୁ ନେଇ ଜନସେବା କେନ୍ଦ୍ର ମାଲିକ ରୋହିତ କୁମାର ପ୍ରଧାନଙ୍କୁ କହିବାରୁ ମୋର ବ୍ୟକ୍ତିଗତ ଖର୍ଚ୍ଚ କରିଦେଇଛି। ଏବେ ତାହା ଦେଇ ପାରିବିନାହି ବୋଲି ଅସଭ୍ୟ ଭାସାରେ ଗାଳି ଗୁଲଜ କରିବାରୁ ଶେଷରେ ତ୍ରିବନପୁର ମା'ସମଲେଇ ଏସ୍‌ଏସ୍‌ଜି ଗ୍ରୁପ ରେଢ଼ାଖୋଲ ଥାନାରେ ଅଭିଯୋଗ କରିଛନ୍ତି।

## ପାଣିରେ ବୁଡି ଯୁବକଙ୍କ ମୃତ୍ୟୁ

ବେତନଟୀ, (ଭାସ୍କର ନ୍ୟୁଜ): ବେତନଟୀ ସ୍ଥିତ ଶଗଡଭଙ୍ଗା ଗ୍ରାମରେ ଜନୈକ ଯୁବକ ଗାଁପାଖ କ୍ଷେତକୁ ମାଛ ଧରିବାକୁ ଯାଇଥିବା ବେଳେ ପାଣିରେ ବୁଡି ମୃତ୍ୟୁବରଣ କରିଛନ୍ତି। ମୃତକ ଜଣକ ହେଉଛନ୍ତି ଶଗଡଭଙ୍ଗା ଗ୍ରାମର ରବୀନ୍ଦ୍ର ହାଁସଦା(୩୨)। ସୂଚନା ମୁତାବକ ରବୀନ୍ଦ୍ର ଗାଁ ପାଖ କ୍ଷେତକୁ ମାଛ ଧରିବାକୁ ଆଜି ଅପରାହ୍ନରେ ଯାଇଥିଲା। ତେବେ କୌଣସି କାରଣରୁ ପାଣିରେ ବୁଡି ରହିଥିବା ବେଳେ ଦୀର୍ଘସମୟ ପରେ ସ୍ଥାନୀୟ ଲୋକେ ଦେଖି ପୁଲିସ ଏବଂ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଖବରପାଇ ବେତନଟୀ ଥାନା ଆଇଆଇସି ସସ୍ମିତା ମହାନ୍ତ, ଏସଆଇ ମଦନ ମୋହନ ପରିଡା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଅଗ୍ନିଶମ ବାହିନୀ ସହାୟତାରେ ମୃତଦେହ ପାଣିରୁ ଉଦ୍ଧାରକରି ବେତନଟୀ ଡାକ୍ତରଖାନା ଶବଗୃହରେ ରଖାଯାଇଥିବା ବେଳେ ସୋମବାର ଶବବ୍ୟବଚ୍ଛେଦ ହେବାନେଇ ବେତନଟୀ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଶାରଦୀୟ ଦୁର୍ଗା ପୂଜାର ଆଦ୍ୟପର୍ବ ମାଟି ଅନୁକୂଳ। ଧରାପୃଷ୍ଠକୁ ଆସୁଛନ୍ତି ଜଗତଜନନୀ ମା'ଦୁର୍ଗା। ମା' ଙ୍କ ଆବାହନ ପାଇଁ ପବିତ୍ର ସହର୍ଷ କୁମ୍ଭାଭିଷେକ ପୂଜା ଦିନ ଆରମ୍ଭ ହୋଇଛି ମାଟି ଅନୁକୂଳ। ସେଥିପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଦେବୀ ନଦୀ ଶାଖା ଭଉଁରିଆ ନଦୀରେ ଥିବା ତୁଠ ଚଳଚଞ୍ଚଳ ହୋଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଦୁର୍ଗା ପୂଜା କମିଟି ପକ୍ଷରୁ ବାଜା, ମୃଦଙ୍ଗ, ରୋଷଣୀ କରି ମା'ଙ୍କ ପ୍ରତି ମୂର୍ତ୍ତି ତିଆରି ପାଇଁ ନଦୀକୂଳରେ ମାଟି ଅନୁକୂଳ କରାଯାଇଛି। ହୋମ, ମନ୍ତ୍ରପାଠରେ ମା' ଙ୍କ ଆବାହନ କରାଯାଇଛି। ଷୋଡଶଉପଚାର ପୂଜା ଠାରୁ ହିଁ ମା' ଙ୍କୁ ଆବାହନ କରିଥାନ୍ତି ଶ୍ରଦ୍ଧାଳୁ। ଅନ୍ୟାୟ, ଅନୀତି, ଦୂରାଚାରିଙ୍କ ଠାରୁ ଧରାପୃଷ୍ଠକୁ ରକ୍ଷା କରିବା ପାଇଁ ମହାମାୟାଙ୍କ ଆଭିର ଭାବ ହୋଇଥିଲା। ତେଣୁ ଦଶଭୁଜା ମା'ଙ୍କୁ ଆବାହନ କରିବା ପାଇଁ ମଧ୍ୟ ବେଶ ନିଷ୍ଠା ସହ ବ୍ରତପାଳନ କରିଥାନ୍ତି ମଣ୍ଡପ କର୍ମକର୍ତ୍ତା ମାନେ। ଷଷ୍ଠୀ ଠାରୁ ସୁଦ୍ଧ ନିରାମିଷ ଭୋଜନ କରିବା ସହ ସାତ୍ୱିକ ଆହାର ଗ୍ରହଣ କରିଥାନ୍ତି କର୍ତ୍ତା। କାରଣ ମା'ଙ୍କ ପୂଜାବିଧି ବିଧାନ ଅନୁସାରେ କରିବାକୁ ପଡିଥାଏ। ମାଟି ଅନୁକୂଳ ସରିବା ପରେ ମା'ଙ୍କ ପ୍ରତିମା କାର୍ଯ୍ୟ ଆରମ୍ଭ କରାଯାଇ ମା'ଙ୍କ ମୃନ୍ମୟୀ ମୂର୍ତ୍ତିରେ ଚିତା ଲାଗିବା ସହ ରଙ୍ଗ ଲାଗି ହୋଇଥାଏ। ତେବେ ଆଶ୍ୱିନ ମାସ ଶୁକ୍ଳପକ୍ଷ ଷଷ୍ଠୀରେ ବେଲ ବରଣ ପର ଠାରୁ ମୃନ୍ମୟୀ ମା'ମଣ୍ଡପରେ ପୂଜା ପାଇଥାନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ଦୁର୍ଗା ପୂଜା ଚଳିତ ବର୍ଷ ୫୭ବର୍ଷରେ ପଦାର୍ପଣ କରିଥିବା ବେଳେ ମା 'ଙ୍କ ପୂଜା ପାଇଁ ବାଜା, ବାଣ, ରୋଷଣୀ ମେଳା ମହୋତ୍ସବ ଆନନ୍ଦିତ ପରିବେଶ ସୃଷ୍ଟି ହୋଇଥାଏ। ମା 'ଙ୍କ ମାଟି ଅନୁକୂଳ କାର୍ଯ୍ୟରେ ପୂଜକ ମଙ୍ଗରାଜ କର, ଆଶୁତୋଷ ମିଶ୍ର, କ୍ଷେତ୍ରବାସି ପଣ୍ଡା ଥିବା ବେଳେ କର୍ତ୍ତା ଭାବେ ପବିତ୍ର ମହାନ୍ତି ରହିଛନ୍ତି। ଏହି ମାଟିଅନୁକୂଳ କାର୍ଯ୍ୟରେ ଶୋଭାଯାତ୍ରାରେ ମା ଦୁର୍ଗାକ୍ଲବ ଉପଦେଷ୍ଟା ଦୁଷ୍ମନ୍ତ ପରିଡା, ଯୁଗଳ କିଶୋର ମହାନ୍ତି, ସଭାପତି ଦିବ୍ୟଦର୍ଶୀ ବିଶ୍ୱାଳ, ପ୍ରକାଶ ଚନ୍ଦ୍ର ବେହେରା, ରବୀନ୍ଦ୍ର ପରିଡା, ରାକେଶ ମହାନ୍ତି, ମାନସ ବେହେରାଙ୍କ ସହ ଅନ୍ୟ ସଦସ୍ୟ ମାନେ ସ୍ୱତନ୍ତ୍ର ଶୋଭାଯାତ୍ରା ଯାଇ ମା'ଙ୍କ ପ୍ରତିମା ପାଇଁ ମାଟି ଅନୁକୂଳ କାର୍ଯ୍ୟରେ ସାମିଲ ହୋଇଥିଲେ।

## ମାଙ୍କୁ ତଣ୍ଟି ଚିପି ହତ୍ୟା, ପୁଅ ଗିରଫ

ରେଢ଼ାଖୋଲ, (ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା କଦଳୀଗଡ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତନ୍ତଗାଡ ଗ୍ରାମରେ ସଂଧ୍ୟାରେ ଜଣେ ଜନ୍ମ କଲା ପୁଅ ତାର ମାଁକୁ ଜମି ମୁଣ୍ଡରେ ତଣ୍ଟି ଚିପି ହତ୍ୟା କରି ଥିବା ଜଣା ଯାଇଛି। ମୃତ ମାଁ ଜଣଙ୍କ ହେଲେ ଇନ୍ଦୁ ମତି ସାହୁ (୫୦)। ଏହି ଘଟଣା ଜଣା ପଡ଼ିବା ପରେ ଘଟଣା ସ୍ଥଳକୁ ରେଢ଼ାଖୋଲ ପୋଲିସ ପହଞ୍ଚି ମୃତ ଦେହକୁ ଉଦ୍ଧାର କରି ଅଧିକ ତଦନ୍ତ କରୁ ଥିବା ଜଣାଯାଇଛି। ସୂଚନା ଯୋଗ୍ୟ ଯେ ମା ପୁଅ ଉଭୟେ ଚାଷ ଜମିକୁ ଘାସ ବାଛି ଯାଇଥିବା ବେଳେ କୌଣସି କାରଣରୁ ସେଠାରେ ମାଁ ଓ ପୁଅ ମଧ୍ୟରେ ପାରିବାରିକ କଥାକୁ ନେଇ ଝଗଡ଼ା ହୋଇଥିଲା



ଯାହା ଫଳରେ ବିଲରେ ପୁଅ ମା କୁ ତଣ୍ଟିଚିପି ହତ୍ୟା କରିଥିବା ଜଣାପଡିଛି। ଏନେଇ ରବିବାର ହତ୍ୟାକାଣ୍ଡ ଘଟଣାରେ ପୋଲିସ ପୁଅ ଲିପୁନ ସାହୁ (୨୫)ଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏ ସଂକ୍ରାନ୍ତରେ ରେଢ଼ାଖୋଲ ଏସଡିପିଓ ପ୍ରଶାନ୍ତ କୁମାର ମେହେର ସୂଚନା ଦେଇଛନ୍ତି।

## ପ୍ରତାପଙ୍କ ପାଇଁ ହରିଶ୍ଚନ୍ଦ୍ର ଯୋଜନା ସାତସପନ

କାକଟପୁର, (ଭାସ୍କର ନ୍ୟୁଜ୍): କାକଟପୁର ପଞ୍ଚାୟତ ଅନ୍ତର୍ଗତ ହାଟସାହି ଗ୍ରାମର ଉପେନ୍ଦ୍ର ଚାନ୍ଦଙ୍କ ପୁଅ ପ୍ରତାପ ଚାନ୍ଦ ୭ମାସ ଭିତରେ ବାପା ଏବଂ ବୋଉଙ୍କୁ ହରାଇ ଅନାଥ ହୋଇ ପଡିଛନ୍ତି। ପ୍ରତାପ କାକଟପୁର ବଜାରରେ ଜରିପାଲ ପକାଇ ଏକ ପାନ ଦୋକାନ କରି ନିଜର ପରିବାର ପ୍ରତିପୋଷଣ କରୁଥିବାବେଳେ ପଞ୍ଚାୟତ ପକ୍ଷରୁ ଅଦ୍ୟାବଧି ବିଜୁ କୁଡ଼ିଆ କିମ୍ବା ପ୍ରଧାନ ମନ୍ତ୍ରୀ ଆବାସ ପାଇବା ପାଇଁ ଯୋଗ୍ୟ ହୋଇ ନାହାନ୍ତି। ନିର୍ବାଚନ ଆସିଲେ ସ୍ଥାନୀୟ ନେତାମାନେ ପ୍ରତାପଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରିବା ପାଇଁ ପ୍ରତିଶୃତି ପରେ ପ୍ରତିଶୃତି ଦେଇ ଚାଲିଥିବା ବେଳେ ସେ ଆଜିପର୍ଯ୍ୟନ୍ତ ସରକାରଙ୍କ ହରିଶ୍ଚନ୍ଦ୍ର ଯୋଜନା ପାଇନାହାନ୍ତି ବୋଲି ଗଣ ମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ତୁରନ୍ତ ବ୍ଲକ ପ୍ରଶାସନ ଓ କାକଟପୁର ଗ୍ରାମ ପଞ୍ଚାୟତ ଅଧିକାରୀ ପ୍ରତାପକୁ ସହଯୋଗ କରିବା ପାଇଁ କାକଟପୁର ଦୁର୍ନୀତି ସଂଘର୍ଷ ମଞ୍ଚ ଓ ସ୍ଥାନୀୟ ବୃଦ୍ଧିଜୀବୀ ମହଲରେ ଦୃଢ଼ ଦାବି ହୋଇଛି।

## ମଦଭାଟିରେ ଚଢ଼ାଉ, ଜଣେ ଗିରଫ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଧୀନ ତାଳପଦା ପଞ୍ଚାୟତର ବିଭିନ୍ନ ସ୍ଥାନରେ ଦେଶୀମଦ ପ୍ରସ୍ତୁତ କରାଯାଇ ବିକ୍ରି କରାଯାଉଛି। ପୋଲିସ ପକ୍ଷରୁ ବିଭିନ୍ନ ସମୟରେ ଚଢ଼ାଉ କରାଯାଉଥିଲେ ମଧ୍ୟ ଏହି କାରବାର ବନ୍ଦ ହେଉନାହିଁ। ତେବେ ପଞ୍ଚାୟତ ଅଧୀନ ଗୋପ ଗ୍ରାମରେ ଥିବା ଦେଶୀମଦ ଭାଟି ଉପରେ ଶନିବାର ପୁଣିଥରେ ପୋଲିସ ଚଢ଼ାଉ କରିଛି। ଦେଶୀମଦ ପ୍ରସ୍ତୁତ ପାଇଁ ଥିବା ବିପୁଳ ସରଞ୍ଜାମକୁ ପୋଲିସ ନଷ୍ଟ କରିଥିବା ବେଳେ ୩୦ଲିଟର ଦେଶୀମଦ ଜବତ କରିଛି। ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ଦେଶୀମଦ ପ୍ରସ୍ତୁତକାରୀ ଗୋପ ଗ୍ରାମର ଚନ୍ଦା ମାଝୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଆଇଆଇସି ସତ୍ୟବ୍ରତ ଗୁହାଚାର୍ଯ୍ୟଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା। ତେବେ ଅଧିକ ସଂଖ୍ୟାର ଦେଶୀମଦ ପ୍ରସ୍ତୁତକାରୀଙ୍କୁ ଗିରଫ କରାଯାଇ ପାରିଲେ ଏହି କାରବାର ବନ୍ଦ ହୋଇପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## 'ଏକ ପେଡ୍ ମାଆ କେ ନାମ' ଅଭିଯାନ ପାଇଁ ପ୍ରସ୍ତୁତି ବୈଠକ

ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ବାଲେଶ୍ୱର ଜିଲ୍ଲାର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜଳେଶ୍ୱର ବ୍ଲକର ୩୫ଟି ଗ୍ରାମ ପଞ୍ଚାୟତର ସମସ୍ତ ଜୁନିୟର ଇଞ୍ଜିନିୟର, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ହିସାବ ରକ୍ଷକ ତଥା ତଥ୍ୟ ନିକ୍ଷେପଣ ପରିଚାଳକ (ଏଡିଇଓ), ସରପଞ୍ଚ ଓ ସଦସ୍ୟମାନଙ୍କୁ ନେଇ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ରବିବାର ଦିନ ୧୦ ଘଟିକା ସମୟରେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କ ଅଧକ୍ଷତାରେ 'ଏକ ପେଡ୍ ମାଆ କେ ନାମ' ଅଭିଯାନରେ ସ୍ୱତନ୍ତ୍ର ବୃକ୍ଷ ରୋପଣ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାର ସେପ୍ଟେମ୍ବର ମାସ ୧୭ ତାରିଖ ଦିନ ୭୫ ଲକ୍ଷ ଗଛ ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଅଭିଯାନ ଅଧୀନରେ, ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ସରକାରୀ ଅନୁଷ୍ଠାନର ପରିସର (ସ୍କୁଲ୍/ କଲେଜ୍/ ଜିପିଅଫିସ/ ଅଙ୍ଗନବାଡ଼ି/ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଇତ୍ୟାଦି) ବିଭିନ୍ନ ସ୍ଥାନରେ ଅତି କମରେ ୫ ଶହ ଗଛ ଲଗାଇବେ। ଗ୍ରାମୀଣ ବଜାର ସ୍ଥାନ, ବ୍ୟକ୍ତିଗତ ହିତାଧିକାରୀଙ୍କ ବ୍ୟକ୍ତିଗତ ଜମିରେ ମଧ୍ୟ ଗଛ ଲଗାଯାଇ ପାରିବ। ଉପଯୁକ୍ତ ଜମି ଉପଲବ୍ଧ ହେଲେ ଅଧିକ ସଂଖ୍ୟକ ଗଛ ଲଗାଯାଇ ପାରିବ। ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ମାଗଣାରେ ଚାରା ଯୋଗାଇବେ। ଏହି ଅଭିଯାନ ପାଇଁ ଅଗଷ୍ଟ ୧୫ ତାରିଖରେ ସ୍ୱତନ୍ତ୍ର ଗ୍ରାମ ସଭା ଅନୁଷ୍ଠିତ ହୋଇଯାଇଛି। ବୃକ୍ଷ ରୋପଣ ଅଭିଯାନକୁ ସଫଳତାର ସହ ପରିଚାଳନା କରିବା ପାଇଁ ପିଇଓ, ଏଡିଓ, ଏମବିକେଙ୍କୁ ପଞ୍ଚାୟତ ସ୍ତରରେ ନୋଡାଲ ଅଫିସର ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଲୋକ ପ୍ରତିନିଧି, ମହିଳା-ସ୍ୱୟଂ ସହାୟକ ଗୋଷ୍ଠୀ, ଯୁବକ ସଂଘ, ଗ୍ରାମ କମିଟି, ଏନଜିଓ, ସ୍ୱେଚ୍ଛାସେବୀ, ସ୍କୁଲ, ଅଙ୍ଗନୱାଡି କର୍ମୀ, ବିଶିଷ୍ଟ ନାଗରିକ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରି ରୋପଣ ଅଭିଯାନକୁ ଉତ୍ସବମୁଖୀ ଉତ୍ସାହ ସହିତ ଗ୍ରହଣ କରାଯିବ ବୋଲି କାର୍ଯ୍ୟକ୍ରମରେ ତହସିଲଦାର ସତ୍ୟଜିତ ମହାନ୍ତି, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସୌମ୍ୟରଞ୍ଜନ ସାହୁ, ଅତିରିକ୍ତ ପ୍ରୋଗ୍ରାମ ଅଫିସର ପାୟଲ ସାହୁ ଓ ଏବିଇଓ ଜ୍ୟୋତ୍ସ୍ନାରାଣୀ ପ୍ରଧାନ ଉପସ୍ଥିତ ରହି ପ୍ରସ୍ତୁତି ବୈଠକରେ ଅଂଶଗ୍ରହଣ କରିଥିଲେ।

## ମା' ମଙ୍ଗଳାଙ୍କ ଷୋଡଶ ଉପଚାର ପୂଜା ଆରମ୍ଭ



କାକଟପୁର, (ଭାସ୍କର ନ୍ୟୁଜ୍): ରବିବାର ପବିତ୍ର ମୂଳାଷ୍ଟମୀ ତିଥିରୁ ମା'ଙ୍କର ଷୋଡଶ ଉପଚାର ପୂଜନୀତି ଆରମ୍ଭ ହୋଇଥିବା ବେଳେ ମା'ମଙ୍ଗଳାଙ୍କୁ ୧୨.୫୭ମିନିଟରୁ ସହସ୍ରା କୁମ୍ଭାଭିଷେକ ନୀତି ଅନୁଷ୍ଠିତ ହୋଇଥିଲା। ପାଳିଆ ସେବକ ଓ ପୂଜାପଣ୍ଡା ସେବକ ମାନଙ୍କ ଦ୍ୱାରା ୧୦୮ ଗରା ଜଳରେ ଅଗରୁ, ଚନ୍ଦନ, କର୍ପୁର, ମହୁ, କ୍ଷୀର, ଲହୁଣୀ ଓ ଘିଅ ଆଦି ମିଶ୍ରଣ କରାଯାଇ ସୁବାସିତ ଜଳ ପ୍ରସ୍ତୁତ କରାଯାଇ ବେଦମନ୍ତ୍ର ଧ୍ୱନୀରେ ମା'ମଙ୍ଗଳାଙ୍କୁ ସ୍ନାନ କରାଯାଇ ଥିଲା। ଏହି ଦିନରେ ମା'ଙ୍କର ସ୍ନାନ ନୀତି ଦର୍ଶନ କରିବା ପାଇଁ ଅନୁମତି ଥାଏ। ଦେବୀ ଉତ୍ଥାପନ, ଘଟ ସ୍ଥାପନ, ଅଖଣ୍ଡଳ ସ୍ଥାପନ ପରେ ମା'ଙ୍କ ନୀତି ଆରମ୍ଭ କରାଯାଇଥିଲା। ରବିବାର ଠାରୁ ପ୍ରତ୍ୟେହ ଚଣ୍ଡୀପୂଜା, ହୋମଯଜ୍ଞ, ଦ୍ୱାରପାଳ ପୂଜା, ସିଂହପୂଜା ନିଷ୍ଠାର ସହ ଆରମ୍ଭ କରାଯାଇଛି। ନବପତ୍ରିକା ଦିନ ଠାରୁ ସମସ୍ତ ନୀତି ସମାପନ ପରେ ମା'ଙ୍କ ଚଳନ୍ତି ପ୍ରତିମା ବନଦୁର୍ଗାଙ୍କୁ ଏକ ସୁସଜ୍ଜିତ ମଣି ବିମନରେ ମହିଷାସୁରଙ୍କୁ ଠାବ କରିବା ପାଇଁ ମନ୍ଦରଗିରି ବିଜେ କରିଥାନ୍ତି ଏବଂ ସେଠାରେ ଜଗତିପୂଜା ଅନୁଷ୍ଠିତ ହୋଇଥାଏ। ରବିବାରର ଷୋଡଶ ଉପଚାର ପୂଜାପଣ୍ଡା ଭାବେ ତପନ କୁମାର ଦୀକ୍ଷିତ ଓ ପାଳିଆ ସେବକ ଭାବେ ଅଭିରାମ ଦୀକ୍ଷିତ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ପାର୍ବଣ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ନିଜସ୍ୱ ଅର୍ଥରେ ରାସ୍ତା ମରାମତି କଲେ ଗ୍ରାମବାସୀ





ଜଳେଶ୍ୱର, (ଭାସ୍କର ନ୍ୟୁଜ): ରାସ୍ତା ମରାମତି ପାଇଁ ବିଧାୟକ, ପ୍ରଶାସନ ଓ ଗ୍ରାମ ପଞ୍ଚାୟତ ପ୍ରତିନିଧିଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ରାସ୍ତା ମରାମତି କିମ୍ବା ସ୍ଥାୟୀ କଂକ୍ରିଟ ରାସ୍ତା ହୋଇପାରିଲା ନାହିଁ। ଯାହାଫଳରେ ଗ୍ରାମବାସୀ ଚାନ୍ଦା ଭେଦା କରି ରାସ୍ତା ମରାମତି କରିଥିବା ଜଣା ପଡ଼ିଛି। ସୂଚନା ଅନୁସାରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବର୍ଡନା ଗ୍ରାମ ପଞ୍ଚାୟତର ବର୍ଡନା ଗ୍ରାମର କାଠ ସ-ମିଲ ଛକ ଠାରୁ ନାହିଳିଆ ହରିଜନସାହି ପର୍ଯ୍ୟନ୍ତ ରାସ୍ତା ମରାମତି କଲେ ଗ୍ରାମବାସୀ। ନିଜସ୍ୱ ଅର୍ଥରେ ୫୦୦/୧୦୦୦ ଟଙ୍କା ଲେଖାଏଁ ଚାନ୍ଦାରେ ଭଙ୍ଗା ଇଟା କିଣି ରାସ୍ତାରେ ପକେଇ ମରାମତି କରିଛନ୍ତି ଗ୍ରାମର ଅଭିଳାଷ ଜେନା, ପ୍ରଶାନ୍ତ ମହାଳିକ, ରାଧାନାଥ ଜେନା, ଅମୁଲ୍ୟ ଜେନା, ଗୋପୀନାଥ ଜେନା, ରବୀନ୍ଦ୍ର ଜେନା, ବାସୁ ଜେନା, ଚନ୍ଦନ ଜେନା, ହରିଶଙ୍କର ଜେନା, ଜୟନ୍ତ ଜେନା, ସୂର୍ଯ୍ୟକାନ୍ତ ଜେନା, ବିଶୁ ମୁର୍ମୁ, ପଦୁ ଜେନା, ତପନ ଦଳାଇ, ବିଜନ ଦଳାଇ, ହେମନ୍ତ ମହାଳିକ, ମିଟୁ ମହାଳିକ, କାର୍ତ୍ତିକ ମହାଳିକ, ବାୟା ଜେନା, ଟୁନା ଦାସ, କୁନା ଦାସ, ଟୁଟୁ ଦାସ, କାହ୍ନକ୍ଷ ଦାସ, ରାଜୁ ଦାସ, ଲକ୍ଷ୍ମୀଧର ଦାସ, ପପୁ ଦାସ, ରାମଶଙ୍କର ଦାସ, ସଞ୍ଜୟ ଦାସ, ଶ୍ରୀପତି ଜେନା, ହରିଶ୍ଚନ୍ଦ୍ର ଦାସ, ଦିପୁ ଦାସ ଏବଂ ଗ୍ରାମର ବହୁତ ବ୍ୟକ୍ତି ଆର୍ଥିକ ସାହାଯ୍ୟ କରି ରାସ୍ତା ମରାମତି କରିଥିଲେ। ପ୍ରଶାସନ ଯଥାଶୀଘ୍ର ଉକ୍ତ ରାସ୍ତାକୁ ତଦନ୍ତ କରି ସ୍ଥାୟୀ କଂକ୍ରିଟ ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## ଟାଙ୍ଗୀରେ ବିଧାୟକ ଓ ସାଂସଦଙ୍କୁ ସ୍ୱାଗତ



ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଅଞ୍ଚଳକୁ ଏନ୍‌ଏସି ଘୋଷଣା କରାଯିବା ପରେ ଟାଙ୍ଗୀ ଅଞ୍ଚଳବାସୀଙ୍କ ପକ୍ଷରୁ ଖୋର୍ଦ୍ଧା ବିଧାୟକ ଓ ସାଂସଦଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ବିରାଟ ଶୋଭାଯାତ୍ରାରେ ଟାଙ୍ଗୀ ଅଞ୍ଚଳ ପରିକ୍ରମା କରିବା ପରେ ଟାଙ୍ଗୀ ଚିଲିକା କ୍ଲବ ପରିସରରେ ଟାଙ୍ଗୀ ସରପଞ୍ଚ କିଶୋର କୁମାର ବେହେରାଙ୍କ ପକ୍ଷରୁ ଆୟୋଜିତ ହୋଇଥିଲା ସମ୍ବର୍ଦ୍ଧନା ସଭା। ଏହି ସଭାରେ ଟାଙ୍ଗୀ ଅଞ୍ଚଳବାସୀଙ୍କ ପକ୍ଷରୁ ଖୋର୍ଦ୍ଧା ବିଧାୟକ ଓ ଭୁବନେଶ୍ୱର ସାଂସଦଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା, ପରେ ବିଧାୟକ ଓ ସାଂସଦ ଦୁହେଁ ଟାଙ୍ଗୀ ଅଞ୍ଚଳବାସୀଙ୍କୁ ସମ୍ବୋଧିତ କରିଥିଲେ। ଦୀର୍ଘ ଦିନର ଦାବି ପରେ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଅଞ୍ଚଳକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ମିଳିଥିବାରୁ ଟାଙ୍ଗୀ ଅଞ୍ଚଳର ବିଭିନ୍ନ ସଂଗଠନ ପକ୍ଷରୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଓ ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ରଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଉପଲକ୍ଷେ ଭୁବନେଶ୍ୱର ସାଂସଦଙ୍କ ପକ୍ଷରୁ ଟାଙ୍ଗୀ ସହରବାସୀଙ୍କୁ ପ୍ରଥମ ଭେଟି ଭାବେ ଟାଙ୍ଗୀରେ ଏକ ନୂତନ ଟାଉନ ହଲ୍ ନିର୍ମାଣର ପ୍ରତିଶ୍ରୁତି ଦେଇଥିଲେ। ପରେ ପରେ ଟାଙ୍ଗୀ ଅଞ୍ଚଳରେ ଏକ ଗୋଶାଳା ର ବ୍ୟବସ୍ଥା କରାଯିବ ବୋଲି ବିଧାୟକ ଘୋଷଣା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଟାଙ୍ଗୀ ଓ ଆଖପାଖ ପଞ୍ଚାୟତର ଜନ ପ୍ରତିନିଧି, ସମାଜସେବୀ, ବୁଦ୍ଧିଜୀବୀ, ଆଇନଜୀବୀ, ଯୁବଗୋଷ୍ଠୀ, ବିଭିନ୍ନ ମହିଳା ସଂଗଠନ, ଟାଙ୍ଗୀ ବିକାଶ ମଞ୍ଚ ଓ ସାଧାରଣ ଜନତା ସାମିଲ ହୋଇଥିଲେ।

## ବେତନଟୀ ଜେଏମ୍‌ଏଫ୍‌ସି କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ

ବେତନଟୀ, (ଭାସ୍କର ନ୍ୟୁଜ): ବେତନଟୀ ଜେଏମଏଫସି କୋର୍ଟରେ ଶନିବାର ଆୟୋଜିତ ରାଷ୍ଟ୍ରୀୟ ଲୋକଅଦାଲତରେ ବିଭିନ୍ନ କିସମର ସର୍ବମୋଟ ୧୦୮ ଗୋଟି ମାମଲାର ଫଇସଲା କରାଯାଇଛି। ବେତନଟୀ ଜେଏମଏଫସି କୋର୍ଟର ମାନ୍ୟବର ବିଚଦାରପତି ରଶ୍ମୀ ନାରାୟଣୀ ମିଶ୍ର ଏହି ରାଷ୍ଟ୍ରୀୟ ଲୋକଅଦାଲତରେ ଏଫାରଟି କିସମର ୧୦୨ଗୋଟି ମାମଲା, ଜମିଜମା ସଂକ୍ରାନ୍ତୀୟ ୩ଗୋଟି, ୨ଗୋଟି ଚେକବାଉନ୍ସ ମାମଲା ସମେତ ଗୋଟିଏ ଯୌତୁକ ନିର୍ଯ୍ୟାତନା ସମ୍ପର୍କୀତ ପାରିବାରିକ ହିଂସାଜନିତ ମାମଲା ଏହିପରି ମୋଟ ୧୦୮ ଗୋଟି ମାମଲାର ଫଇସଲା କରିଛନ୍ତି ରାଷ୍ଟ୍ରୀୟ ଲୋକଅଦାଲତ ପରିଚାଳନାରେ ବେତନଟୀ ଜେଏମଏଫସି କୋର୍ଟର କର୍ମଚାରୀ ପ୍ରମୁଖ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରିଥିଲେ।



ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖୁଦିଆମାଝୀସାହି ପଞ୍ଚାୟତର ବେହେରାସାହି ଗାଁରେ ଦୀର୍ଘଦିନ ଧରି ଡେଙ୍ଗୁ ଆତଙ୍କ ଦେଖା ଦେଇଛି। ଧୀରେ ଧୀରେ ଜଣ ଜଣଙ୍କ କରି ୨୦ରୁ ଅଧିକ ଲୋକଙ୍କୁ ଆକ୍ରାନ୍ତ କରି ସାରିଲାଣି। ଏହି ଡେଙ୍ଗୁ ଆତଙ୍କକୁ କିପରି କମ କରା ଯାଇ ପାରିବ। ସେଥିପାଇଁ ଜଳେଶ୍ୱର ଅଞ୍ଚଳର ଅଗ୍ରଣୀ ସାମାଜିକ ସଂଗଠନ 'ମେ ଆଇ ହେଲ୍ପ ୟୁ ମୋ ପରିବାର' ତରଫରୁ ବେହେରାସାହି ଗ୍ରାମରେ ପହଂଚି ସେଠାରେ ଘରେ ଘରେ ସଚେତନତା ପୋଷ୍ଟର ଲଗାଇବା ସହିତ, ନାଳ ନର୍ଦ୍ଦମାରେ ବ୍ଲିଚିଙ୍ଗ ପାଉଡର ପକାଇବା, ଲୋକଙ୍କୁ ନାଳ ନର୍ଦ୍ଦମା ଘର ଆଗରେ ବିଷାକ୍ତ ସ୍ପ୍ରେ କରିବା ଆଦି କାର୍ଯ୍ୟକ୍ରମ କରିବା ସହିତ ଲୋକଙ୍କୁ ମଶାରୀ ଟାଙ୍ଗୀ ଶୋଇବା, ସଫାସୁତୁରା ରହିବା ପାଇଁ ଲୋକଙ୍କୁ ବୁଝାଇ ଥିଲେ। ଏହି କାର୍ଯ୍ୟକ୍ରମରେ ସଂଗଠନର ପ୍ରତିଷ୍ଠାତା ଜଗନ୍ନାଥ ପରିଡା, ବିପ୍ଲବ କୁମାର ପ୍ରଧାନ, ହରେକୃଷ୍ଣ ଜେନା, ଏମ ଡ଼ି ରାଜୁ, ରାଜୀବ ବେହେରା, ସଂଜୀବ ପ୍ରଧାନ, ଉତ୍ତମ ପାଇକରାୟ, ବସନ୍ତ ମହାନ୍ତି, ଅଜୟ ଘୋଷ, ରତିକାନ୍ତ ଘୋଷ, ରଂଜିତ ବେହେରା, ସପନ ବେହେରା ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

# ବ୍ଲକ୍‌ସ୍ତରୀୟ ଗୁର୍କା ମହୋତ୍ସବ ଅନୁଷ୍ଠିତ



ରାୟଗଡ଼ା, (ଭାସ୍କର ନ୍ୟୁଜ୍): ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା କଲ୍ୟାଣ ମଣ୍ଡପ ଠାରେ ବ୍ଲକ୍ ସ୍ତରୀୟ ଗୁର୍କା ମହୋତ୍ସବ ୨୦୨୫ (ଲୋକକଳା ମହୋତ୍ସବ ରାମନାଗୁଡ଼ା) ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ପ୍ରଥମେ ବ୍ଲକ କାର୍ଯ୍ୟାଳୟ ଠାରୁ କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ଏକ ସାଂସ୍କୃତିକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା ଏହା ପରେ କଲ୍ୟାଣ ମଣ୍ଡପ ଠାରେ ଦୀପ ପ୍ରଜ୍ୱଳନ ହୋଇ ସଭା ଆରମ୍ଭ ହୋଇଥଲା। ଏଥିରେ ନିମନ୍ତ୍ରିତ ଅତିଥି ମାନେ ଲୋକକଳାକୁ ନେଇ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥଲେ ତାପରେ ବିଶିଷ୍ଟ ଲୋକକଳା କଳାକାରଙ୍କୁ ମାନପତ୍ର ପ୍ରଦାନ କରା ଯାଇଥିଲା। ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ସ୍ଥାନୀୟ କଳାକାର ମାନେ ଗୁର୍କା ନୃତ୍ୟ, ଦେଶିଆ ନୃତ୍ୟ, ବିଭିନ୍ନ ପାରମ୍ପାରିକ ନୃତ୍ୟ, ସଂକୀର୍ତ୍ତନ ଲୋକ ନାଟ୍ୟ ପରିବେଷଣ ହୋଇ ଥିଲା। ସୁଦୂର କେନ୍ଦ୍ରାପଡ଼ା ଠାରୁ ଆସିଥିବା କଳାକାର ମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଆଞ୍ଚଳିକ ଭାଷା ଲୋକକଳା ସଂସ୍କୃତିର ପ୍ରଚାର୍ ପ୍ରସାର ସହ ସ୍ଥାନୀୟ ଲୋକକଳା କଳାକାରଙ୍କୁ ଉତ୍ସାହିତ କରିବା ସହ ମଞ୍ଚ ପ୍ରଦାନ କରିବା ଏବଂ ବିଶିଷ୍ଟ ବରିଷ୍ଠ କଳାକାର ଙ୍କୁ ସମ୍ବର୍ଦ୍ଧନା କରିବା ଉଦ୍ଦେଶ୍ୟରେ ଏହି ମହୋତ୍ସବ ରାୟଗଡ଼ା ଜିଲ୍ଲାର ପ୍ରତ୍ୟେକ ବ୍ଲକ ଓ ପଞ୍ଚାୟତ ପରେ ଜିଲ୍ଲା ସ୍ତରୀୟରେ ମହା ଆଡ଼ମ୍ବରରେ ପାଳନ କରାଯିବ ବୋଲି ଆୟୋଜକ ଙ୍କ ପକ୍ଷରୁ ସୁଚନା ମିଳିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପୂର୍ବତନ ବିଧାୟକ ଗୁଣପୁର ନିର୍ବାଚନ ମଣ୍ଡଳୀ ରଘୁନାଥ ଗମାଙ୍ଗ, ମୁଖ୍ୟ ବକ୍ତା ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ ଓ ସମ୍ମାନୀତ ଅତିଥି ଭାବେ ରାମନାଗୁଡ଼ା ଜିଲ୍ଲା ପରିଷଦ କୋ ଜୋନ ଶ୍ରୀଧର ତାଙ୍ଗୁଡୁ, ପୂର୍ବତନ ରାମନାଗୁଡ଼ା ମଣ୍ଡଳ ସଭାପତି ଚିନା କଣ୍ଡାଗରି, ବର୍ତ୍ତମାନର ଦୁଇ ମଣ୍ଡଳ ସଭାପତି ଶ୍ରୀନିବାସ ପଣ୍ଡା ଓ ଧନଞ୍ଜୟ ବେହେରା, ସମିତି ସଭ୍ୟା ଜି ଗୁଲୁମୁଣ୍ଡାର ଗୁମସା ଗୁରୁ, ସରପଞ୍ଚ ସୁଣ୍ଡିଧାମୁଣି ଭାସ୍କର ମାଣ୍ଡାଙ୍ଗି, ରାୟଗଡ଼ା ଜିଲ୍ଲା କଳାକାର ମହାସଂଘ ଜିଲ୍ଲା ସଭାପତି ସୁପ୍ରିତ ସନ୍ତୋଷ ବଛା, କୁଜେନ୍ଦ୍ରୀ ସରପଞ୍ଚ ତଥା ରାମନାଗୁଡ଼ା ବ୍ଲକ୍ କଳା ସଂସ୍କୃତି ସଂଘ ଉପ ସଭାପତି ରମେଶ ଶବର, ସମ୍ପାଦିକା ପ୍ରିୟଦର୍ଶିନୀ ହୁଇକା, ସାଧାରଣ ସମ୍ପାଦକ ଇ ଗୌରୀ ଶଙ୍କର, ଉପ ସଭାପତି ଗୁପ୍ତେଶ୍ୱର ସିକା, କୋଷାଧ୍ୟକ୍ଷ ମାନସୀ ମେଲାକା, ମ୍ୟାନେଜର ସିଦ୍ଧାର୍ଥ ମଲ୍ଲିକ, ରାୟଗଡ଼ା ଜିଲ୍ଲା କଳାକାର ମହାସଂଘର ରାମନାଗୁଡ଼ା ବ୍ଲକ୍ ସଭାପତି କୃଷ୍ଣ ଶବର, ସମ୍ପାଦକ ଧର୍ମା ରାଓ ମୁଟିକା ଉପସ୍ଥିତ ରହି କଳାକାରଙ୍କୁ ଉତ୍ସାହିତ କରିଥଲେ ଏଥିରେ ପାଞ୍ଚରୁ ଉର୍ଦ୍ଧ୍ୱ କଳାକାର ଯୋଗ ଦେଇଥିଲେ।

# ସଂଶୋଧିତ ନୂତନ ସାର୍ଟିଫିକେଟ ମିଳିବାରେ ବିଳମ୍ବ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ହରସିଂହପୁର ପଞ୍ଚାୟତ ଅଧୀନ ବାରବାଟିଆ ଗ୍ରାମର କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ପୁଅ ଜନ୍ମେଜୟଙ୍କୁ ବୋର୍ଡ ପକ୍ଷରୁ ସଂଶୋଧିତ ନୂତନ ସାର୍ଟିଫିକେଟ ମିଳିବାରେ ଅହେତୁକ ବିଳମ୍ବ ଘଟିଛି। ଯାହାଫଳରେ ଜଣେ ମେଧାବୀ ଛାତ୍ର ହୋଇ ମଧ ସେ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହୋଇଥିବାରୁ ତାଙ୍କ ପରିବାର ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଛାତ୍ରଙ୍କ ବାପା ଅଦାଲତର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଥିବା ଜଣାଯାଇଛି। ପ୍ରକାଶ ଯେ ଜନ୍ମେଜୟ ଚଳିତ ବର୍ଷ ସମନ୍ତରାୟପୁର ପରୀକ୍ଷା କେନ୍ଦ୍ରରେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଇଥିଲେ। ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ସେ ମୋଟ ୫୩୫ ନମ୍ବର ରଖି ଏ -୨ରେ ପାସ କରିଥିବା ଜଣାଯାଇଥିଲା। ତେବେ ତାଙ୍କ ପରୀକ୍ଷା ଫଳରେ ଅସନ୍ତୁଷ୍ଟ ହୋଇ ତାଙ୍କ ବାପା ପରୀକ୍ଷା ଖାତାର ପୁନଃ ମୂଲ୍ୟାୟନ ପାଇଁ ବୋର୍ଡ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଥିଲେ। ତେବେ ପରୀକ୍ଷା ଖାତା ପୁନଃ ମୂଲ୍ୟାୟନ କରାନଯିବାରୁ ତାଙ୍କ ବାପା ଅସନ୍ତୋଷ ପ୍ରକାଶ କରି ବୋର୍ଡରୁ ତାଙ୍କ ପୁଅର ଖାତା ମଗାଇଥିଲେ। ଏଥିପାଇଁ ସେ ବୋର୍ଡରେ ଆବଶ୍ୟକ ଥିବା ନିୟମକୁ ମଧ ପୂରଣ କରିଥିଲେ। ତାଙ୍କ ଖାତା ଦେଖିବା ପରେ ସେ ଆଉ ୫ ନମ୍ବର ଅଧିକ ପାଇ ଏ -୧ ପାଇବାକୁ ଯୋଗ୍ୟ ବୋଲି ଜାଣିବାକୁ ପାଇଥିଲେ। ସେ ଏ ସମ୍ପର୍କରେ ବୋର୍ଡ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ଛାତ୍ରଙ୍କ ନମ୍ବର ସଂଶୋଧନ କରାଯାଇ ନୂତନ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ମାତ୍ର ଅଦ୍ୟାବଧି ଜନ୍ମେଜୟଙ୍କୁ ସଂଶୋଧିତ ସାର୍ଟିଫିକେଟ ମିଳିନପାରିବା ପରିତାପର ବିଷୟ ହୋଇଛି। ତାଙ୍କ ବାପା ଏନେଇ ବିଭିନ୍ନ ସମୟରେ ବୋର୍ଡ କର୍ତ୍ତୃପକ୍ଷଙ୍କୁ ଅବଗତ କରି ମଧ କୌଣସି ସୁଫଳ ପାଇ ନାହାନ୍ତି। ପ୍ରମାଣପତ୍ର ନଥିବାରୁ ଉଚ୍ଚ ଶିକ୍ଷା ପାଇଁ କଲେଜରେ ଆଡ଼ମିସନ ନିମନ୍ତେ ଆବେଦନ କରି ନ ପାରି ଛାତ୍ର ଜଣକ ମାନସିକ ଭାବେ ଭାଙ୍ଗି ପଡ଼ିଥିବା ଜଣାଯାଇଛି।

# ୨ ଦିନିଆ ଛତୁ ପ୍ରଶିକ୍ଷଣ ଶିବିର




ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଆଦିତ୍ୟ ବିର୍ଲା ଗ୍ରୁପ ଅନ୍ତର୍ଗତ ହିଣ୍ଡାଲକୋ ମିନାକ୍ଷୀ କୋଇଲା ଖଣି ପକ୍ଷରୁ ଦୁଇ ଦିନିଆ ଛତୁ ଚାଷ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ସ୍ଥାନୀୟ କିରିପସିରା ଗ୍ରାମରେ ହିଣ୍ଡାଲକୋ କୋଇଲା ଓ ବକ୍ସାଇଟ ଖଣି ଅଧ୍ୟକ୍ଷ ବିଜେଶ ଝା ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ମିନାକ୍ଷୀ କୋଇଲା ଖଣି ସିଏସଆର୍ ବିଭାଗ ତରଫରୁ ଅବ୍ୟାହତ ଭାବେ ସ୍ଥାନୀୟ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ, ସ୍ୱଚ୍ଛତା ଓ ଜୀବିକା ଭିତ୍ତିକ କୌଶଳ ପ୍ରଦାନ କରି ଯୁବପିଢୀ ତଥା ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିଛି। ସମ୍ପ୍ରତି ଅଭିଯାନ ଅନ୍ତର୍ଗତ ଛତୁ ଚାଷ ଜରିଆରେ ଯୁବବର୍ଗ ତଥା ମହିଳାଙ୍କୁ କୌଶଳ ପ୍ରଦାନ କରାଯାଇ ଆତ୍ମ-ନିର୍ଭରଶୀଳ କରାଯିବ। ଉକ୍ତ ଶିବିର ସ୍ଥାନୀୟ ଏନଜିଓ ଆଶା ସହଯୋଗରେ ପରିଚାଳିତ ହେବା ସହ ପ୍ରଥମ ପର୍ଯ୍ୟାୟରେ ୩୦ଜଣ ପ୍ରାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବା ନେଇ ଧାର୍ଯ୍ୟ ହୋଇଛି। ବିଜିଆର୍ ମୁଖ୍ୟ ଝା ହିଣ୍ଡାଲକୋ ସିଏସଆର ଅଭିଯାନକୁ ଭୂୟସୀ ପ୍ରଶଂସା କରିବା ସହିତ ସମ୍ପ୍ରତି ଅନୁରୂପ ଭାବେ ଆଗାମୀ ଦିନରେ ମଧ ସ୍ଥାନୀୟ ମହିଳାଙ୍କ ପାଇଁ କୌଶଳ ଭିତ୍ତିକ ଜୀବିକା ପ୍ରଦାନ କରାଯିବା ନେଇ ଗୁରୁତ୍ୱାରପ କରାଯିବା ପାଇଁ କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ, କିରିପ୍ସିରା ସରପଞ୍ଚ, ଓଏଲ୍ଏମ ବ୍ଲକ ସ୍ତରୀୟ ଅଧିକାରୀଙ୍କ ସମେତ ଖଣି ମୁଖ୍ୟ ମୁକେଶ ଝା, ସିଏସଆର୍ ଜିଏମ୍ ନିହାରିକା ସାହୁ ଏବଂ କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମାଗଣା ଚକ୍ଷୁ ପରୀକ୍ଷା ଶିବିର



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ପୂର୍ବତନ ସାମରିକ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ରୋଟାରୀକ୍ଲବ ପୁରୀ ସାଗର, ବେଳାଭୂମି ରୋଟାରୀ କମ୍ୟୁନିଟ କୋର ଓ ଅସ୍ତରଙ୍ଗ ପୂର୍ବତନ ସାମରିକ କର୍ମଚାରୀଙ୍କ ପକ୍ଷରୁ ଚକ୍ଷୁ ଶିବିର ଆୟୋଜିତ ହୋଇଥିଲା। ଏଥିରେ କଟକ ସ୍ଥିତ ଜେପିଏମ ହସ୍ପିଟାଲ ତରଫରୁ ଚକ୍ଷୁ କଲର ଭିଜନ, ମୋତିଆବିନ୍ଦୁ, ରେଟିନା ଓ ଚଷମା କରାଯାଇଥିଲା। ଶିବିରରେ ଡ଼ଃ ନରେନ୍ଦ୍ର କୁମାର ଶର୍ମା ଙ୍କ ସହ ଅନ୍ୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ଅସ୍ତରଙ୍ଗ, କାକଟପୁର ଅଂଚଳର ୧୦୩ରୁ ଊର୍ଦ୍ଧ୍ୱ ଚକ୍ଷୁ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏହି ଚକ୍ଷୁ ଶିବିର ରେ ଆୟୋଜକ ରୋଟାରୀ କ୍ଲବ ସଭାପତି କୃଷ୍ଣଚନ୍ଦ୍ର ସାହୁ, ଧବଳେଶ ମହାପାତ୍ର, ସହ ଆୟୋଜକ ବେଳାଭୂମି ରୋଟାରୀ କମ୍ୟୁନିଟ କୋର ଅସ୍ତରଙ୍ଗ ସଭାପତି ଦ୍ୱାରିକା ନନ୍ଦ ନାୟକ, ସେକ୍ରେଟାରୀ ସତ୍ୟବ୍ରତ ଲେଙ୍କା, ସହଯୋଗ ଅସ୍ତରଙ୍ଗ ପୂର୍ବତନ ସାମରିକ କର୍ମଚାରୀ ସଂଘ ସଭାପତି ସୁରେଶ ଚନ୍ଦ୍ର ସ୍ୱାଇଁ, ନରେନ୍ଦ୍ର ସ୍ୱାଇଁ, ରୋହିତ ନାୟକ ଓ ଅନ୍ୟ ମାନେ ପ୍ରମୁଖ ସାମିଲ ହୋଇଥିଲେ।

## ସହିଦସ୍ତମ୍ଭକୁ ଧ୍ୱଂସ କଲେ ଯବାନ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ସୀମାନ୍ତ ଛତିଶଗଡ଼ର କାଂକେର ଜିଲ୍ଲାରେ ମୃତ ନକ୍ସଲ କମାଣ୍ଡରଙ୍କ ସ୍ମୃତି ଉଦେଶ୍ୟରେ ନିର୍ମାଣ ହୋଇଥିବା ୧୪ ଫୁଟିଆ ସହିଦସ୍ତମ୍ଭ କୁ ବିଏସଏଫ ଏଫ ଯବାନ ଧ୍ୱଂସ କରିଛନ୍ତି ଓ ଲଗାତାର ଅପରେସନ ଜାରି ରହିଥିବା ବେଳେ ଜଂଗଲରେ ନକ୍ସଲଙ୍କ ଡମ୍ପ ଉଦ୍ଧାର କରିବା ସହ ସେମାନଙ୍କ ଦ୍ୱାରା ନିର୍ମାଣ ହୋଇଥିବା ସମସ୍ତ ସହିଦସ୍ତମ୍ଭ କୁ ଧ୍ୱଂସ କରି ଚାଲିଛନ୍ତି। କାଂକେର ଜିଲ୍ଲାର ପରତାପୁର ଥାନା ଅନ୍ତର୍ଗତ ପଟ୍ଟାକାଲ ଜଂଗଲରେ ବିଏସଏଫ ଯବାନ ସର୍ଚ୍ଚ ଅପରେସନ କରୁଥିଲେ ଓ ତେବେ ଜଂଗଲରେ ମାଓ କମାଣ୍ଡର ନାଗେଶର ୧୪ ଫୁଟିଆ ସହିଦସ୍ତମ୍ଭ ଦେଖୁଥିଲେ ଓ ତୁରନ୍ତ ଯବାନ ଏହାକୁ ନଷ୍ଟ କରିଦେଇ ଥିଲେ। ଉତ୍ତର ବସ୍ତର ସ୍ତରରେ ନକ୍ସଲଙ୍କଚ ପାଦୁର୍ଭାବ ଧୂରେ ଧୂରେ କମିବାରେ ଲାଗିଛି ଓ ନକ୍ସଲ ନିଜର ଉପସ୍ଥିତି ଜାହିର କରିବା ପାଇଁ ଏଭଳି ଗାଁ ଗୁଡିକରେ ସହିଦ କମ୍ରେଡ ମାନଙ୍କର ସହିଦସ୍ତମ୍ଭ ନିର୍ମାଣ କରି ଭୟଭିତ କରାଇଥାନ୍ତି। କିନ୍ତୁ ଲଗାତାର ଯବାନ ଏନକାଉ-ଣ୍ଟରରେ ନକ୍ସଲଙ୍କୁ ମାରି ଚାଲିଛନ୍ତି। ଯାହାଫଳରେ ସଂଗଠନ ଏବେ ଦୁର୍ବଳ ହେବାରେ ଲାଗିଛି ଓ ଏହି ପରତାପୁର ଥାନା ଅଂଚଳରେ ଦୁଇ ତିନିଦିନ ତଳେ ପୋଲିସ ଏବଂ ନକ୍ସଲ ମଧ୍ୟରେ ଗୁଳି ବିନିମୟ ଘଟିଥିଲା ଓ ଯେଉଁଥିରେ ୮ଲକ୍ଷ ପୁରସ୍କାର ଘୋଷିତ ମାଓ ନେତା ମାସାର ମୃତ୍ୟୁ ହୋଇଥିଲା। ତେବେ ୨୦୨୬ ମାର୍ଚ୍ଚ ସୁଦ୍ଧା ନକ୍ସଲଙ୍କୁ ମୂଳପୋଛ କରିବା ନେଇ ଯେଉଁ ଟାର୍ଗେଟ ରହିଛି ତାହା ଧିରେ ଧିରେ ସଫଳ ହେବାକୁ ଲାଗିଛି ବୋଲି ପୁଲିସ କହିଛି। ଦେଶ ତଥା ରାଜ୍ୟରେ ନକ୍ସଲଙ୍କ ଦୁର୍ଗ ଭୁଶୁଡୁଥିବା ବେଳେ ସୁରକ୍ଷାବାହିନୀ ସେମାନଙ୍କ ଅଭିଯାନକୁ ଆହୁରି ତୀବ୍ରତର କରିବାହେର ଲାଗିଛନ୍ତି। ଫଳରେ ଆଗକୁ ନକ୍ସଲ ମୂଳପୋଛ ହେବାର ସମ୍ଭାବନା ଦୃଢ଼ ହେଉଛି।

## ବିଡାନାସୀରେ ରକ୍ତଦାନ ଶିବିର

କଟକ, (ଭାସ୍କର ନ୍ୟୁଜ୍): ବିଡାନାସୀ-ରାମମନ୍ଦିର ନିକଟସ୍ଥ ରଶ୍ମି ପ୍ୟାଲେସ୍ ପରିସରରେ ଆଜିଅଟଳ ସ୍ମୃତି କମିଟି ତରଫରୁ ଏକ ବିଶାଳ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। କମିଟିର ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସମାଜସେବୀ, ଯୁବକଯୁବତୀ ଓ ନାଗରିକମାନେ ଉତ୍ସାହିତ ହୋଇ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ବିଜେପି ନେତା ଡ଼. ଯତୀନ ମହାନ୍ତି ଯୋଗ ଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଡ଼. ପ୍ରଦୀପ ମହାନ୍ତି, ସୁରଥ ବିଶ୍ୱାଳ, କଟକ ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳ ଯୋଗ ଦେଇଥିଲେ।

# ମାଟ୍ରିକ ମେଧା ସମ୍ବର୍ଦ୍ଧନା ସମାରୋହ



ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ସଦର ମହକୁମା ସ୍ଥିତ ଶ୍ରୀ ଶ୍ରୀ ତୃତୀୟାଦେବ ସ୍ମୃତି ପରିଷଦ ଆନୁକୂଲ୍ୟରେ ଓ ଏହାର ପ୍ରତିଷ୍ଠାତା ହରିହର ସାହୁଙ୍କର ଆବାହକତ୍ୱରେ ଏବଂ ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ପରିଷଦର ଉପସଭାପତି ପଦ୍ମଚରଣ ବେହେରାଙ୍କ ସହଯୋଗରେ ଗତ ବର୍ଷ ମାଟ୍ରିକ ପରୀକ୍ଷାରେ ବୋଲଗଡ଼ ବ୍ଲକ ଅନ୍ତର୍ଗତ ୨୮ଟି ଉଚ୍ଚ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଏବଂ ଏ-୧ ଗ୍ରେଡ଼ ପାଇଥିବା ଛାତ୍ର ଛାତ୍ରୀ ମାନଙ୍କର ସମ୍ବର୍ଦ୍ଧନା ଉତ୍ସବ ବୋଲଗଡ଼ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାରଦିନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଖିଳ ଭାରତୀୟ ଶୈକ୍ଷିକ ମହାସଂଘ, ଓଡ଼ିଶାର ସଙ୍ଗଠନ ସମ୍ପାଦକ ଡ଼ଃ ନିରଞ୍ଜନ ମହାନ୍ତି, ମୁଖ୍ୟବକ୍ତା ରୂପେ ଖୋର୍ଦ୍ଧା ଜିଲ୍ଲା ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଯାଜ୍ଞସେନୀ ସାହୁ, ସମ୍ମାନିତ ଅତିଥିଭାବେ ଖୋର୍ଦ୍ଧା ଜିଲ୍ଲା ଓଷ୍ଟାର ସଭାପତି ଯୋଗେଶ ଚନ୍ଦ୍ର ସାମନ୍ତ ସିଂହାର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ନାଥ ସ୍ୱାଇଁ, ଅବସର ପ୍ରାପ୍ତ ବ୍ୟାଙ୍କ ଶାଖା ପରିଚାଳକ ଲଲାଟେନ୍ଦୁ କେଶରୀ ସିଂହ, ବାମନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୀତବାସ ଲେଙ୍କା, ମାଣିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମର କୁମାର ବେହେରା, ଅରଖପଲ୍ଲୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଧ୍ରୁବଚରଣ ତ୍ରିପାଠୀ, ସାଗରଗୁଆଁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବିନ୍ଦ୍ର କୁମାର ବେହେରା ପ୍ରମୁଖ ଯୋଗଦାନ କରିଥିଲେ। ଗତବର୍ଷ ମାଟ୍ରିକ ପରୀକ୍ଷାରେ ବୋଲଗଡ଼ ବ୍ଲକ ଅନ୍ତର୍ଗତ ୨୮ଟି ଉଚ୍ଚ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଛାତ୍ରୀ ଏବଂ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ମୋଟ ୩୧ଜଣ ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟଅତିଥି ଡ଼ଃ ମହାନ୍ତି କେବଳ ପରୀକ୍ଷାରେ ଅଧିକ ନମ୍ବରପ୍ରତି ଦୃଷ୍ଟି ନଦେଇ ପ୍ରକୃତ ମାନବୀୟ ସହୃଦୟତାର ଗୁଣ ହାସଲ କରିବା ପାଇଁ କୃତୀ ବିଦ୍ୟାର୍ଥୀମାନଙ୍କୁ ଉପଦେଶ ପ୍ରଦାନ କରିଥିଲେ। ସୁଶ୍ରୀ ସାହୁ ପିତା ମାତାଙ୍କ ସେବା କରିବା ସହ ଯେତେ ବଡ଼ ପଦ ପଦବୀରେ ଥିଲେ ମଧ ନିଜର ଅତୀତର ପାରିବାରିକ ପୃଷ୍ଠଭୂମିକୁ ନ ଭୁଲିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷକ ରବିନ୍ଦ୍ର କୁମାର ବେହେରା ପିଲାମାନେ ଏହି ଆଦ୍ୟ ଯୌବନ ସମୟରେ ସତର୍କତା ଅବଲମ୍ବନ କରିବା ସହିତ ଯୋଗାଭ୍ୟାସ କରି ସଫଳ ଭାବେ ଅଧ୍ୟୟନ କରି ପିତାମାତାଙ୍କ ସ୍ୱପ୍ନ ସଫଳ କରିବା ପାଇଁ ଉପଦେଶ ଦେଇଥିଲେ। ମୁଖ୍ୟବକ୍ତା ଯୋଗେଶ ଚନ୍ଦ୍ର ସାମନ୍ତ ସିଂହାର ପିଲାମାନେ ନିଜ ମଧ୍ୟରେ ଆଧ୍ୟାତ୍ମିକ ଭାବନା, ମୁନିଋଷି ମାନଙ୍କ ବାଣୀକୁ ଜୀବନରେ ପରିଣତ କରି ସକାରାତ୍ମକ ଭାବନା ମନରେ ପୋଷଣ କଲେ ଏକ ଦିବ୍ୟ ଭାରତ ବର୍ଷ ସୃଷ୍ଟି ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଉକ୍ତ ମଞ୍ଚରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ବୋଲଗଡ଼ ବ୍ଲକର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ ଶିକ୍ଷକ ସୁକାନ୍ତକୁମାର ଜେନା,ମାନସ ରଞ୍ଜନ ବେହେରା, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣ ପ୍ରଭା ସେଠୀଙ୍କୁ ଉତ୍ତରୀୟ ଓ ପଗଡ଼ି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ନିରପେକ୍ଷ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମ୍ବାଦିକ ପ୍ରଫୁଲ୍ଲ କୁମାର ସିଂହ, କାଶୀନାଥ ହୋତା, ଦେବବ୍ରତ ହୋତା, ପାଣ୍ଡବ ସାହୁ ଓ ନିରଞ୍ଜନ ନାୟକଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ଉତ୍ସବରେ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟିତ୍ରୀ ଓ ଛାତ୍ର ଛାତ୍ରୀ ମାନଙ୍କ ପିତାମାତା, ସମସ୍ତ ସାଧନ କେନ୍ଦ୍ରର ସଂଯୋଜକ ଏବଂ ନିମନ୍ତ୍ରିତ ଭଦ୍ରବ୍ୟକ୍ତି ମାନେ ଉପସ୍ଥିତ ରହିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ମନମୋହନ କହଲ ସିଂହ ସଂଯୋଜନା କରିଥିଲେ। ପରିଶେଷରେ ପ୍ରଧାନ ଶିକ୍ଷକ ଭିକାରି ପୃଷ୍ଟି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦଶ ଦିନ ବ୍ୟାପି ସଂସ୍କୃତ ସଂଗୋଷ୍ଠୀ ସମ୍ମିଳନୀର ଉଦଯାପିତ

ଜଳେଶ୍ୱର, (ଭାସ୍କର ନ୍ୟୁଜ): ବିଶ୍ୱ ଦରବାରରେ ଭାରତୀୟ କଳା ସାହିତ୍ୟ, ସଂସ୍କୃତି ଐତିହ୍ୟ ପରମ୍ପରା ଓ ସଂସ୍କୃତ ଭାଷା, ଆମକୁ ସ୍ୱତନ୍ତ୍ର ପରିଚୟ ଦେଇଥାଏ। ପାଶ୍ଚାତ୍ୟ ଭାଷା, ଚାଲି ଚଳନ ପ୍ରଭାବରେ ଭାରତୀୟ ସଂସ୍କୃତି ଧରେ ଧିରେ ବିଲୋପ ହେବାକୁ ଯାଉଛି। ତେଣୁ ଭାରତୀୟ ସଂସ୍କୃତିର ମୂଳ ଆଧାର ସଂସ୍କୃତ ଭାଷା ଓ ସଂସ୍କୃତିର ପୁନଃ ଉଦ୍ଧାର ଲାଗି ଜଳେଶ୍ୱର ସଂସ୍କୃତ ସଂଗୋଷ୍ଠୀ ନିରନ୍ତର ପ୍ରଚେଷ୍ଟା କରି ଆସୁଛି। ଜଳେଶ୍ୱର ସ୍ୱରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଦଶ ଦିବସ ବ୍ୟାପୀ ସଂଗୋଷ୍ଠୀର ଉଦଯାପନୀ ଉତ୍ସବ ରବିବାର ବାଗିଶ୍ୱରୀ ସଂସ୍କୃତ ମହା ବିଦ୍ୟାଳୟର ଅଧକ୍ଷ ଡ଼ଃ ବିବେକାନନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟ-କ୍ରମରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇ ସଂସ୍କୃତ ଭାଷାକୁ ଆପଣେଇଲେ ଭାଷାର ଉନ୍ନତି ସହ ସଭ୍ୟତା ସଂସ୍କୃତି ସମ୍ପନ୍ନ ହେବ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ବାଲେଶ୍ୱର ଅମୃତବାଣୀ ପ୍ରତିଷ୍ଠାନର ସଭାପତି ଡ଼ଃ କୁମାର ଚନ୍ଦ୍ର ମୀଶ୍ର, ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ପ୍ରାଧ୍ୟାପକ ବିପିନି ବିହାରୀ ବିଶ୍ୱାଳ, ସମ୍ମାନୀତ ବକ୍ତା ଭାବେ ପ୍ରାକ୍ତନ ଅଧ୍ୟାପିକା ଇନ୍ଦୁମତି ଗିରି, ଉପଦେଷ୍ଟା ପଣ୍ଡିତ ସଞ୍ଜୟ କୁମାର ପଣ୍ଡା, ପଣ୍ଡିତ ଗିରିଶ ଚନ୍ଦ୍ର ପାଣିଗ୍ରାହୀ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଧାରଞ୍ଜନ ବାଗ ପ୍ରମୁଖ ମଞ୍ଚାସୀନ ହୋଇ ସାମାଜିକ କ୍ଷେତ୍ରରେ ସଂସ୍କୃତ ଭାଷାର ବ୍ୟାପକ ବ୍ୟବହାର ହେଲେ ଉନ୍ନତି ସମ୍ଭବ ବୋଲି ବ୍ୟକ୍ତବ୍ୟ ରଖିଥିଲେ। ପଣ୍ଡିତ ରବିନାରାୟଣ ମିଶ୍ର ମଞ୍ଚ ଆହ୍ୱାନ କରିଥିବା ବେଳେ ପଣ୍ଡିତ ଜନାର୍ଦ୍ଦନ ମିଶ୍ର ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଆଶୋତଷ ରଥ ବେଦ ଧ୍ୱନି ଉଚ୍ଚାରଣ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ବିଶିଷ୍ଟ ଦୁଇ ସଂସ୍କୃତ ପ୍ରଚାରକ ଆଚାର୍ଯ୍ୟ ଜୟ ପ୍ରକାଶ ଶାସ୍ତ୍ରୀ, ଦୁଲାଲ ଚନ୍ଦ୍ର ପଣ୍ଡା, ସଂସ୍କୃତ ବିଶାରଦ ମୀନା କୁମାରୀ ପଣ୍ଡା, ସୁମତୀ ରାଣୀ ପ୍ରଧାନ, ଅଜୟ ପଣ୍ଡା ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ଅତିଥି ମାନଙ୍କ ହସ୍ତରେ ଅନୁଷ୍ଠାନର ମୁଖପତ୍ର 'ଶୁଶ୍ରୀ', ଡ଼ଃ ବିବେକାନନ୍ଦ ସାହୁଙ୍କ ରଚିତ ସଂସ୍କୃତ ନାଟକ 'ଶର ସନ୍ଧାନୀ' ଓ ଗିରିଶ ପାଣିଗ୍ରାହୀଙ୍କ ରଚିତ 'ଶିବ ସଂଘିତା' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଗୀତା ଶାସ୍ତ, ସଂସ୍କୃତ ସାଧାରଣ ଜ୍ଞାନ, ଶାସ୍ତ୍ରୀୟ ସଙ୍ଗୀତ, ସଂସ୍କୃତ ଭାଷା ପ୍ରତିଯୋଗିତା ରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରା ଯାଇଥିଲା। ସମଗ୍ର ବ୍ଲକରେ ସଂସ୍କୃତ ବିଷୟରେ ମାଧ୍ୟମିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ୬ ଜଣ ଶିକ୍ଷାର୍ଥୀଙ୍କୁ ମଧ ପୁରସ୍କାର ଦିଆ ଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଉତ୍ସବ ଉଦଯାପିତ ହୋଇଥିଲା।

# ବାତ୍ୟା ଆଶ୍ରୟସ୍ଥଳୀର ରଙ୍ଗ ଘସା କାର୍ଯ୍ୟକୁ ବିରୋଧ, ଥାନାରେ ମାମଲା



ରାଜନଗର, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକରେ ଚାଲିଛି ବହୁମୁଖି ବାତ୍ୟା ଆଶ୍ରୟସ୍ଥଳୀର ୬ ଲକ୍ଷ୍ୟ ଟଙ୍କାର ରଙ୍ଗ ଘସା କାର୍ଯ୍ୟ। ଏଥିପାଇଁ ବିଜେଡିରେ ଥିବା ଠିକାଦାର ସରକାର ଆସିବା ପରେ ରଙ୍ଗ ବଦଳାଇ କୁଆଡ଼େ ଗେରୁଆ ହୋଇଛନ୍ତି। ସେହି ମାନେ ବିଜେପି କର୍ମୀଙ୍କୁ ପଛରେ ପକାଇ ଆଗଭରା ହୋଇ ତାଙ୍କ ବିଜେଡି ସମୟରେ ବନ୍ଧୁତା ଥିବା ଜେଇ ପ୍ରଭାତ କୁମାର ମାଝିଙ୍କ ନାମରେ କାର୍ଯ୍ୟାଦେଶ ଥାଇ ବିଜେଡିରୁ ଆସିଥିବା ଠିକାଦାର ପ୍ରାୟ ୨ଲକ୍ଷ ଟଙ୍କାର ନିମ୍ନମାନର କାର୍ଯ୍ୟ କରି ଜେଇ ମାଝିଙ୍କ ଦ୍ୱାରା ୬ଲକ୍ଷ ଉଠାଇବା ପ୍ରୟାସ ଜାରି ରହିଛି। ରାଜନଗର ସଦରମହକୁମା ଓ କଣ୍ଡିରାରେ ପୁରୁଣା ବିଜେଡି ର ନୂଆ ବିଜେପି ଠିକାଦାର ଏବଂ ବିଜେଡି ଠିକାଦାରଙ୍କ ମିଳିତ ଉଦ୍ୟମରେ ଜେଇ ମାଝି ବାବୁ ଆଖି ବୁଜି ବିଜେଡି ଢାଞ୍ଚାରେ ବିଲ କରୁଛନ୍ତି, ଏମିତି ନିମ୍ନମାନର କାର୍ଯ୍ୟକୁ କଣ୍ଡିରାର ଗ୍ରାମବାସୀ ବିରୋଧ କରିବାରୁ କାର୍ଯ୍ୟ ବନ୍ଦ ଥିବା ସୂଚନା ମିଳିଛି। ସେହିପରି ଇଶ୍ୱରପୁରୁ ପଞ୍ଚାୟତର ନୂଆଖୁଣ୍ଟା ଗ୍ରାମରେ ବହୁମୁଖି ବାତ୍ୟା ଆଶ୍ରୟ ସ୍ଥଳିରେ ଚୁନ ଘସା କାର୍ଯ୍ୟ କରିବାକୁ ଅତିତରେ ଯିଏ ବିଜେପି ପୋଷ୍ଟର ମାରି ଦେଉନଥିଲା, ସେହି ବ୍ୟକ୍ତି ନିରଞ୍ଜନ ମହାନ୍ତି ଓ ଭଜବର ସ୍ୱାଇଁ, ଗ୍ରାମ ଇଶ୍ୱରପୁରୁ ଏବେ ମାଝି ଜେଇଙ୍କ ପରାମର୍ଶରେ ଏନ୍ ଶିଳପୋଖରୀ ବାତ୍ୟା ଆଶ୍ରୟ ସ୍ଥଳିରେ ନିମ୍ନମାନର ଚୁନ ମରା କାର୍ଯ୍ୟ କରୁଛନ୍ତି, କେଉଁଠି ଚୁନ ଲାଗିଛି ତ କେଉଁଠି ଶିଉଳି କଢା ଯାଇନୀ, ଏବଂ ଛାତରେ ହାଲକା ପାଇପ୍ ମଧ ଦିଆଯାଇଛି। ଏହି କାର୍ଯ୍ୟ କରିବାକୁ ବାତ୍ୟା ଆଶ୍ରୟ ସ୍ଥଳୀର କମିଟି ସଦସ୍ୟଙ୍କ ଅଗୋଚରରେ ଜେଇ ମାଝି ବାବୁଙ୍କ ପରାମର୍ଶରେ ଇଶ୍ୱରପୁରୁ ଲୋକଙ୍କୁ ଠିକାକରିବାକୁ ଦେଇ ନିମ୍ନ ଧରଣର କାର୍ଯ୍ୟ କରୁଥିବା ଦେଖି ତାର ସ୍ଥାୟିତ୍ୱ ନେଇ କମିଟି ସଦସ୍ୟମାନେ ବିରୋଧ କରିଥିଲେ। ଜେଇ ମାଝିଙ୍କ ଦ୍ୱାରା ନିଯୁକ୍ତି ଠିକାଦାର ମହାନ୍ତି ଓ ସ୍ୱାଇଁ କମିଟି ସଦସ୍ୟ ସୋମନାଥ ବାରିକଙ୍କୁ ଗାଳିଗୁଲଜ କରି ଜୀବନରେ ମାରି ଦେବା ଧମକ ଅଡିଓ ମୋବାଇଲକୁ ମୋବାଇଲ ଘୁରିବୁଲୁଛି। ଏନେଇ କମିଟି ସଦସ୍ୟ ବିଡିଓ ଏବଂ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ସହ ତା ୮.୯.୦୨୫ରେ ସୋମନାଥ ବାରିକ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ଅଭିଯୋଗ ପାଇ ପୋଲିସ୍ ଚୁପ୍ ହୋଇ ବସି ପଡିଥିବା ବେଳେ ଜୀବନ ବଞ୍ଚାଇବା ଭୟରେ ସୋମନାଥ ଘୁରି ବୁଲୁଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବିଡ଼ିଓ ମଧ କମିଟିର ଅଭିଯୋଗ ପାଇ କ୍ଷେତ୍ର ଉପରେ ତଦନ୍ତ କରିନଥିବା ଜଣାପଡିଛି। ହେଲେ ଅଭିଯୁକ୍ତ ଦ୍ୱୟ ଖୁଲମ ଖୋଲା ବୁଲୁଥିବା ବେଳେ ପୋଲିସର ନିର୍ବିତା ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଇତି ମଧ୍ୟରେ ଜେଇଙ୍କ ଅନୁପସ୍ଥିତରେ ଆଶ୍ରୟସ୍ଥଳୀ କାର୍ଯ୍ୟ ସମାପ୍ତ ହେବାଭଳି, ଯାହାକି ୨ ଲକ୍ଷ ବ୍ୟୟରେ ୫ଲକ୍ଷ ୮୦ ହଜାର ବିଲ୍ କରିବାର ମସୁଧା ଚାଲିଛି। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ କ୍ୱାଲିଟ କଣ୍ଟ୍ରୋଲ ଦ୍ୱାରା ତଦନ୍ତ କରାଯିବାକୁ ଦାବି ହେଉଛି।

# ରାମ୍ପରେ ଓଡ଼ିଶାର ହସ୍ତତନ୍ତ ଐତିହ୍ୟର ବଳିଷ୍ଠ ପ୍ରଦର୍ଶନ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଏଫ୍ଏଲ୍ଓ ବଜାର ୨୦୨୫ର ଦ୍ୱିତୀୟ ଦିବସରେ ଫିକି ଏଫ୍ଏଲ୍ଓ ଭୁବନେଶ୍ୱରର ମହିଳା ଉଦ୍ୟୋଗୀ ମାନେ ରାମ୍ପରେ ଓଡ଼ିଶାର ହସ୍ତତନ୍ତ ଐତିହ୍ୟର ବଳିଷ୍ଠ ପ୍ରଦର୍ଶନ କରିଥିଲେ। ବରହମପୁରି ପାଟ ଠାରୁ, ନୂଆପାଟଣା ଖଣ୍ଡୁଆ, ଗୋପାଳପୁର, କୋଟପାଡ଼, ସୋନପୁର, ବଲାଙ୍ଗୀର, ଏବଂ ଆହୁରି ଅନେକ ଆକର୍ଷଣୀୟ ଭାବରେ ବୁଣା ଯାଇଥିବା ପୋଷାକ ପରିଧାନ କରି ଅଂଶଗ୍ରହଣକାରୀ ମାନେ ଓଡ଼ିଶା ବୁଣାକାରମାନଙ୍କ ଉତ୍କର୍ଷ କଳା ଓ ବିବିଧତାକୁ ପାଳନ କରିଥିଲେ। ରାମ୍ପ ୱାକରେ ଶାଢ଼ୀ, ଜ୍ୟାକେଟ ଏବଂ ହସ୍ତତନ୍ତ ଦ୍ୱାରା ଅନୁପ୍ରେରିତ ପାଶ୍ଚାତ୍ୟ ଓ ସ୍ୱଦେଶୀ ପୋଷାକ ଗୁଡିକ ସ୍ଥାନ ପାଇଥିଲା, ଯାହା ଓଡ଼ିଶାର ସମୃଦ୍ଧ ବୟନ ପରମ୍ପରା ଏବଂ ରେଶମ ଓ କାର୍ପାସ କପଡ଼ାର ଚିରନ୍ତନ ସୌନ୍ଦର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲା। କାର୍ଯ୍ୟକ୍ରମକୁ ନେଇ ବିପୁଳ ଆଗ୍ରହ ପରିଲକ୍ଷିତ ହୋଇଥିଲା ଏବଂ ବଜାରର କ୍ରମାଗତ ଦ୍ୱିତୀୟ ଦିବସରେ ବିପୁଳ ଜନ ସମାଗମ ହୋଇଥିଲା। ସ୍ଥାନୀୟ କାରିଗରମାନେ ମଧ ଏହାକୁ ନେଇ ସେମାନଙ୍କର ଆନନ୍ଦ ପ୍ରକାଶ କରିଥିଲେ। ବଲାଙ୍ଗୀରର ଜଣେ ବୁଣାକାର ସୁରମା ପଟେଲ ସୂତା ହସ୍ତତନ୍ତ ଶାଢୀ ପ୍ରଦର୍ଶିତ କରିଥିବା ବେଳେ ବିପୁଳ ଅଂଶଗ୍ରହଣକୁ ନେଇ ନିଜର ଉଲ୍ଲାସ ବ୍ୟକ୍ତ କରିଥିଲେ। ଅନୁରୂପ ଭାବରେ ଓଲାସିଂହ, ଖୋର୍ଦ୍ଧାର ବୁଣାକାରମାନେ ରେଶମ ସୂତା ଶାଢ଼ୀ ପ୍ରଦର୍ଶନ କରିଥିଲେ। ସେମାନଙ୍କର ବିପୁଳ ବିକ୍ରି ହେବାସହିତ ସେଠାରେ ଦର୍ଶକମାନଙ୍କର ଭିଡ଼ ଲାଗିଥିଲା। ବୁଣାକାରମାନଙ୍କ ସହିତ ମହିଳା ଉଦ୍ୟୋଗୀ ମାନେ ଡିଜାଇନର ହସ୍ତତନ୍ତ ଶାଢୀ, କପଡା, ପିଲାଙ୍କ ପୋଷାକ, ଜୋତା, ଅଳଙ୍କାର, ହସ୍ତନିର୍ମିତ ସାମଗ୍ରୀ ବିକ୍ରୀ କରୁଛନ୍ତି। ତାହାସହିତ ଓଡ଼ିଶାସ୍ଥିତ ସୌନ୍ଦର୍ଯ୍ୟ ଓ ୱେଲନେଶ୍ ବ୍ରାଣ୍ଡଗୁଡିକ ବହୁବିଧ ଉତ୍ପାଦ ପ୍ରଦର୍ଶନ କରି ପାର୍ବଣ ସପିଙ୍ଗ ଉଦ୍ଦୀପନାକୁ ବହୁଗୁଣିତ କରୁଛନ୍ତି। ଗ୍ରାହକମାନେ ପୂଜା ଶପିଂ କରୁଥିବା ବେଳେ ମେ ଫେୟାର କନଭେନ୍ସନ୍ ସ୍ଥଳ ଉତ୍ସାହରେ ଭରି ଉଠୁଛି, ଯାହା ଉତ୍ସବ ପାଳନ, ସଶକ୍ତିକରଣ ଏବଂ ସାଂସ୍କୃତିକ ଗୌରବର ଏକ ବାତାବରଣ ସୃଷ୍ଟି କରୁଛି। ଏହି ଅବସରରେ ପ୍ରକାଶ କରି ଏଫ୍ଏଲ୍ଓ ଭୁବନେଶ୍ୱର (୨୦୨୫-୨୬) ଚେୟାର ପର୍ସନ ଡ଼ ପ୍ରଜ୍ଞା ପାରମିତା ମିଶ୍ର କହିଥିଲେ, 'ଓଡ଼ିଶାର ହସ୍ତତନ୍ତ କେବଳ କପଡା ନୁହେଁ, ଏହା ଐତିହ୍ୟ, ଜୀବିକା, ଏବଂ ପରିଚୟ। ବୁଣାକାର ଓ ମହିଳା ଉଦ୍ୟୋଗିଙ୍କୁ ଏଫ୍ଏଲଓ ବଜାର ଜରିଆରେ ଗୋଟିଏ ମଞ୍ଚରେ ଏକତ୍ର କରି ଆମେ ଆମ ରାଜ୍ୟର ମହାନ୍ କଳାକୁ କେବଳ ପାଳନ କରୁନାହୁଁ, ବରଂ ସ୍ଥାନୀୟ ସମୁଦାୟଙ୍କ ପାଇଁ ଦୀର୍ଘସ୍ଥାୟୀ ଅର୍ଥନୈତିକ ସୁଯୋଗ ଯୋଗାଇ ଦେଉଛୁ। ଆମେ ଏହିଭଳି ଉପାୟରେ ମହିଳାମାନଙ୍କୁ ସଶକ୍ତ କରୁଛୁ ଏବଂ ପରମ୍ପରାର ସଂରକ୍ଷଣ କରୁଛୁ ଏବଂ ସେହି ସମୟରେ ଆଧୁନିକତାକୁ ମଧ ଆପଣାଉଛୁ।

## ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଫଇସଲା ହେଲା ୧୮୪୧ ମାମଲା




ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ଗୁଡିକରେ ଚଳିତ ବର୍ଷ ୨୦୨୫ର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ୧୩ ତାରିଖ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଲୋକ ଅଦାଲତରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ, ଅନୁପ ରଞ୍ଜନ ପଟ୍ଟନାୟକ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସ୍ନିଗଧା ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ଅଦାଲତରେ ୨୦ଟି ମୋଟର ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୧,୨୨,୬୫,୮୩୮ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ୨୧ଟି ଦେୱାନୀ ମକଦ୍ଦମା ଫଇସଲା କରାଯାଇଥିଲାବେଳେ ବିଚାର ଯୋଗ୍ୟ ୨୧୭ଟି ଫୌଜଦାରୀ ମକଦ୍ଦମା ଫଇସଲା କରାଯାଇଥିଲା ଏବଂ ଏଏନ୍ଆଇ ଆକ୍ଟ କେଶ (ଦଫା-୧୩୮) ୧୫ଟି ଫଇସଲା କରାଯାଇ ୩୮,୯୫,୧୮୧ଟଙ୍କା ଆଦାୟ କରାଯାଇଥିଲା। ବିବାହ ଜନିତ ମକଦ୍ଦମା ୭ଗୋଟି ଫଇସଲା କରାଯାଇଥିଲା। ରାଜସ୍ୱ ମକଦ୍ଦମା ୯୯୯ଟି ଫଇସଲା କରାଯାଇ ୮,୫୦, ୭୦୭ଟଙ୍କା ଆଦାୟ କରାଯାଇଥିଲା। ୫୨୨ଟି ପ୍ରାକ ମୋକଦ୍ଦମା ସମ୍ବନ୍ଧୀୟ ମାମଲାର ଫଇସଲା କରାଯାଇ ୧,୪୯,୩୭,୮୮୭ଟଙ୍କା ଆଦାୟ କରାଯାଇଥିଲା। ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦ ୨୫ ଗୋଟି ଫଇସଲା କରାଯାଇ ୬୪୦୦ଟଙ୍କା ଆଦାୟ କରାଯାଇଥିଲା। ୧୩ ଗୋଟି ମନି ରିକଭରି କେଶ ଫଇସଲା କରାଯାଇ ୧୩୨୯୮୬୦ଟଙ୍କା ସମାଧାନ କରାଯାଇଥିଲା। କଞ୍ଜୁମର ବିବାଦ ୨ ଗୋଟି ମାମଲା ଫଇସଲା କରାଯାଇ ୩୧୬୩୪୧ଟଙ୍କାରେ ସମାଧାନ କରାଯାଇଥିଲା। ଏହି ଲୋକ ଅଦାଲତରେ ଭିଜିଲାନ୍ସ ଜଜ୍ ବଦ୍ରି ନାରାୟଣ ନନ୍ଦ, ପରିବାର ଅଦାଲତ ଜଜ୍, ରାଜଶ୍ରୀ ମହାପାତ୍ର, ସିନିୟର ସିଭିଲ ଜଜ୍, ସୁଦୀପ୍ତା ଦେହୁରୀ, ସିନିୟର ସିଭିଲ ଜଜ୍ ମହିଳା କୋର୍ଟ,ମନସ୍ୱିନୀ ରଥ, ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କଳାହାଣ୍ଡି, ସ୍ନିଗଧା ପଣ୍ଡା, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅନୁରାଧା ଶର୍ମା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପୂଜା ପ୍ରିୟଦର୍ଶିନୀ ପତି ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ଅଦାଲତ ପରିଚାଳନା କରିଥିଲେ। ଏହି ଲୋକ ଅଦାଲତରେ ଅତିରିକ୍ତ ଜିଲ୍ଲା ଜଜ୍(ଏଫଟିଏସ୍‌ସି) ଯଦୁମଣି ମିଶ୍ର, ପ୍ରମୁଖ ଉପସ୍ଥିତ ଥିଲେ। ବୀମା କମ୍ପାନୀ ଓକିଲ ଦିବ୍ୟରଞ୍ଜନ ବହିଦାର, ପରମାନନ୍ଦ, ସୁରେଶ କୁମାର ପାତ୍ର ଓ ଓକିଲସଂଘ ସଭାପତି ସୁଧାଂଶୁ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## 'ମଣିଷର ଚାରିତ୍ରିକ ଶୁଦ୍ଧତା ପାଇଁ ଉଦବୋଧନ ଏକାନ୍ତ ଜରୁରୀ'




ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଓ ଆଇ କ୍ୟୁ ଏସି ସେଲର ମିଳିତ ଉଦ୍ୟମରେ ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥଙ୍କ ସଭାପତିତ୍ୱରେ 'ଉଦ୍‌ବୋଧନୀ' ଶୀର୍ଷକରେ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ମଣିଷର ଚାରିତ୍ରିକ ଶୁଦ୍ଧତା ପାଇଁ ଉଦ୍‌ବୋଧନ ଏକାନ୍ତ ଜରୁରୀ ବୋଲି କହିଥିଲେ। ଇଞ୍ଜିନିୟର ନିରଞ୍ଜନ ପଧାନ (ସଂପାଦକ, ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, କଳାହାଣ୍ଡି) ସ୍ୱାଗତ ଅଭିଭାଷଣ ପ୍ରଦାନ କରି ବକ୍ତାଙ୍କ ପରିଚୟ ପ୍ରଦାନ କରିଥିଲେ। ଡକ୍ଟର ଛାୟାକାନ୍ତ ଷଡଙ୍ଗୀ ବକ୍ତା ରୂପେ ଉପସ୍ଥିତ ହୋଇ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଭିତ୍ତି ମାଧ୍ୟମରେ ଉଦ୍‌ବୋଧନୀର ଗୁରୁତ୍ୱ ବୁଝାଇଥିଲେ। ମାନବିକତାର ମୂଲ୍ୟବୋଧ ଓ ଆଦର୍ଶବାଦ ଉପରେ ତାତ୍ତ୍ୱିକ ବ୍ୟାଖ୍ୟା କରିଥିଲେ। ବୈଦିକ ମନ୍ତ୍ର ଓ ବନ୍ଦେ ମାତରଂ କମ୍ପ୍ୟୁଟର ବିଜ୍ଞାନ ବିଭାଗର ଅଧ୍ୟାପିକା ସୁଶ୍ରୀ ଲିପସା ମହାରଣା ଆବୃତ୍ତି କରିଥିବାବେଳେ ଛାତ୍ରୀ ଦିପ୍ତିସୁଧା ଦଣ୍ଡସେନା ସ୍ୱଦେଶ ମନ୍ତ୍ର ଉଚ୍ଚାରଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡକ୍ଟର କୈଳାସଚନ୍ଦ୍ର ଦାସ ପରାଚାଳନା କରିଥିବାବେଳେ ଅର୍ଥନୀତି ବିଭାଗର ପ୍ରାଧ୍ୟାପକ ସିମାଞ୍ଚଳ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ବକ୍ତା ଛାତ୍ରଛାତ୍ରୀଙ୍କ ପ୍ରଶ୍ନର ଉତ୍ତର ଦେଇ ସଂଶୟ ମୋଚନ କରିଥିଲେ। ଉକ୍ତ ବକ୍ତୃତାମାଳାରେ ସୁଧାଂଶୁ ଶେଖର ନେଗୀ, ଡକ୍ଟର ହଳଧର ସାହୁ ତଥା ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ-ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

## ମନରେଗା କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ, ତଦନ୍ତ ଦାବି କଲେ ଗ୍ରାମବାସୀ

ନର୍ଲା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ପଲମ ଗ୍ରାମ ପଞ୍ଚାୟତ କେନ୍ଦୁବାହାଲି ଗ୍ରାମରେ ମାଟିକାମରେ ମହା ଦୁର୍ନୀତିର ଅଭିଯୋଗ ହେଉଛି। କେନ୍ଦୁବାହାଲିରେ ମନରେଗା କାର୍ଯ୍ୟରେ ଟ୍ରେଞ୍ଚ କମ ବୋଣ୍ଡି ମାଟି କାମରେ କାମ କରି ନ ଥିବା ଶ୍ରମିକ ମାନଙ୍କ ନାମରେ ଟଙ୍କା ଉଠାଣ ହୋଇ ମେଟ ହିମାଂଶୁ ସାହୁ ଶ୍ରମିକ ମାନଙ୍କ ଠାରୁ ଟଙ୍କା ଆଦାୟ କରି ନେଇଯାଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ସରକାରଙ୍କ ନିୟମ ଅନୁଯାୟୀ ପ୍ରତ୍ୟେକ ଗାଁରେ ଦୁଇ ଜଣ ମେଟ ଚୟନ ନିୟମକୁ ଅଣଦେଖା କରି ଗ୍ରାମପଞ୍ଚାୟତର ସମସ୍ତ କାମ ଜଣେ ମେଟ ହିମାଂଶୁ ସାହୁ ଦ୍ୱାରା କରାଯାଉଛି। ପଲମ ଗ୍ରାମ ପଞ୍ଚାୟତର ପଲମ, ମହଗାଁ, ସାଲେଭଟା, ଥାପେନ, କେନ୍ଦୁବାହାଲି, ଖଇରମାଲ ଠାରେ କରାଯାଉଥିବା ମନରେଗା ଅନୁଦାନ କାମ ଲକ୍ଷ ଲକ୍ଷ ଟଙ୍କା କେବଳ ଜଣେ ହିମାଂଶୁ ସାହୁ ଦ୍ୱାରା କରାଯାଇଛି। ପଞ୍ଚାୟତବାସୀ, ସମସ୍ତ ୱାର୍ଡ଼ମେମ୍ବର, ସମିତି ସଭ୍ୟଙ୍କ ଗୋଟିଏ ଦାବି ପ୍ରତି ଗାଁରେ ମେଟ ଚୟନ କରି ମନରେଗା କାର୍ଯ୍ୟକରିବା କଥା। କିନ୍ତୁ ଏହି ସମସ୍ତ ସରକାରୀ ନିର୍ଦ୍ଦେଶକୁ ଅଣଦେଖା କରି କେଉଁ ସ୍ୱାର୍ଥରେ ଜଣେ ମାତ୍ର ମେଟଙ୍କ ହସ୍ତକ୍ଷେପରେ ସମସ୍ତ କାର୍ଯ୍ୟ କରାଯାଇଛି ଏବଂ ଯାହାକି କାମ ନ କରୁଥିବା ଶ୍ରମିକଙ୍କ ଖାତାରେ ଟଙ୍କା ପୈଠ କରାଯାଇଛି। ଏହି ଦୁର୍ନୀତିର ତଦନ୍ତ ପାଇଁ ବିଡ଼ିଓ ଏବଂ ସିଡିଓଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏହାର ତଦନ୍ତ ହୋଇ ନାହିଁ। ତେଣୁ ଉଚ୍ଚ ସ୍ତରୀୟ ତଦନ୍ତ କରାଗଲେ ସମସ୍ତ ତଥ୍ୟ ପଦାକୁ ଆସିବ ବୋଲି ଗ୍ରାମବାସୀଙ୍କ ତରଫରୁ ଦାବି ହେଉଛି।

## ପ୍ରବାସି ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଇନ ସଚେତନତା କାର୍ଯ୍ୟକ୍ରମ

ଧର୍ମଗଡ (ଭାସ୍କର ନ୍ୟୁଜ୍) : ତାଲୁକ ଆଇନ ସେବା ସମିତି ଧର୍ମଗଡ ତରଫରୁ ଟିପିଗୁଡା ପଞ୍ଚାୟତ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲା ଜଜ ତଥା ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ପ୍ରବାସି ଶ୍ରମିକ ମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବରେ ଅତିରିକ୍ତ ଶ୍ରମିକ ଅଧିକାରୀ ପ୍ରସଞ୍ଜିତ ମାଝୀ , ସମ୍ମାନିତ ଅତିଥି ଭାବରେ ସରକାରୀ ଓକିଲ ଧୀରେନ୍ଦ୍ର ନାଥ ପାତ୍ର, ତାଲୁକ ଆଇନ ସେବା ସମିତି ସଦସ୍ୟା ସଂଯୁକ୍ତା ପଣ୍ଡା, ଜନ କଲ୍ୟାଣ ଶ୍ରମିକ ସଙ୍ଘର ସଭାପତି ମୁପୀନ୍ଦ୍ର ସୁନାନୀ, ସ୍ଥାନୀୟ ସରପଞ୍ଚ ହାତୀରାମ ଦୁର୍ଗା ପ୍ରମୁଖ ମଞ୍ଚାସିନ ହୋଇଥିଲେ। ଏହି ଅବସରରେ ମୁଖ୍ୟବକ୍ତା ଶ୍ରୀ ମାଝୀ ଉପସ୍ଥିତ ଜନସାଧାରଣ ମାନଙ୍କୁ ପ୍ରବାସୀ ଶ୍ରମିକ ମାନେ ପ୍ରବାସୀ ହେବା ସମୟରେ କଣ କଣ ସତର୍କତା ଅବଲମ୍ବନ କରିବେ ତାହା ଉପରେ କହିବା ସହିତ ସରକାରଙ୍କ ତରଫରୁ ପ୍ରବାସୀ ଶ୍ରମିକ ପାଇଁ ଦିଆଯାଉଥିବା ସରକାରୀ ଯୋଜନା ଉପରେ ଅବଗତ କରାଇଥିଲେ। ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ଶ୍ରୀ ପ୍ରଧାନ କହିଥିଲେ ଯେ ରାଷ୍ଟ୍ରର ଗଠନରେ ଶ୍ରମିକ ମାନଙ୍କର ଅବଦାନ ନଗନ୍ୟ, ସେ ପ୍ରବାସୀ ଶ୍ରମିକ ମାନଙ୍କୁ ସରକାରଙ୍କ ତରଫରୁ ଦିଆଯାଉଥିବା ବହୁ ପ୍ରକାରର କାମର ଲାଭ ଉଠାଇ ନିଜ ନିଜ ଗ୍ରାମର ବିକାଶ ଓ ନିଜର ତଥା ପରିବାରର ବିକାଶ ପ୍ରତି ଦୃଷ୍ଟି ଦେବାପାଇଁ କହିଥିଲେ। ଏହି ପରିପେକ୍ଷୀରେ ଅନ୍ୟ ବକ୍ତାମାନେ ନିଜ ନିଜ ମନ୍ତବ୍ୟ ଦେଇଥିଲେ। ସଂଯୁକ୍ତା ପଣ୍ଡା ଉକ୍ତ ସଭାକୁ ପରିଚାଳନା କରିଥିଲେ ଏବଂ ସରପଞ୍ଚ ଶ୍ରୀ ଦୁର୍ଗା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାକୁ ସାଫଲ୍ୟମଣ୍ଡିତ କରିବାରେ ଉକ୍ତ ପଞ୍ଚାୟତ କର୍ମକର୍ତ୍ତା ସବିଶେଷ ସାହାଯ୍ୟ ଓ ସହଯୋଗ କରିଥିଲେ।

## ନର୍ଲା ମହାବିଦ୍ୟାଳୟରେ ମେଗା ଚାରାରୋପଣ କାର୍ଯ୍ୟକ୍ରମ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ଏଠାରୁ ପ୍ରାୟ ୩୦ କିମି. ଦୂରବର୍ତ୍ତୀ ନର୍ଲା ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ ଠାରେ ଏନ୍‌ଏସ୍‌ଏସ୍ ତରଫରୁ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ-୨୦୨୫ ମହାବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଶ୍ରୀ ନାୟକ ତାଙ୍କ ଅଭିବ୍ୟକ୍ତିରେ କହିଥିଲେ ଆମର କର୍ତ୍ତବ୍ୟ ମାଟି ମାଁ ପାଇଁ ଆମେ ସମସ୍ତେ ଏକାଧିକ ଗଛ ଲଗାଇବା। ଏନ ଏସ ଏସ କାର୍ଯ୍ୟକ୍ରମ ଅଧିକାରୀ ସୁଶାନ୍ତ କୁମାର ସାହୁ ଗଛ ହେଉଛି ଆମର ପ୍ରକୃତ ବନ୍ଧୁ, ଭବିଷ୍ୟତର ଭୟାବହତା ନ ଜାଣି ଆମେ ଗଛକାଟି ଚାଲିଛୁ ଏଥିପାଇଁ ସମସ୍ତେ ଚାରାରୋପଣ ପାଇଁ ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ। ଇଂରାଜୀ ଅଧ୍ୟାପିକା ବାସନ୍ତୀ ସାହୁ ବୃକ୍ଷ ସଂପର୍କରେ ଏକ ସ୍ୱରଚିତ କବିତା ପାଠ କରି ସମସ୍ତଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ରମେଶ ଚନ୍ଦ୍ର ଘଡ଼େଇ, ଅଧ୍ୟାପକ ମୃତ୍ୟୁଞ୍ଜୟ ଚାନ୍ଦ, ଅଧ୍ୟାପିକା ସଂଘମିତ୍ରା ପଣ୍ଡା, ପିଇଟି କ୍ଷିତିଶ କୁମାର ବଗର୍ତ୍ତୀ, ପାର୍ବତୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମହାବିଦ୍ୟାଳୟର ନିୟୁ କ୍ୟାମ୍ପସ ଚପଟଖଣ୍ଡା ଠାରେ ଜାତୀୟ ସ୍ୱେଚ୍ଛାସେବୀମାନେ ଶତାଧିକ ଚାରାରୋପଣ କରିଥିଲେ।

## ଦୁର୍ଯ୍ୟୋଧନ ଚଣ୍ଡି ପାଇଲେ ନୃତ୍ୟଗୁରୁରତ୍ନ ସମ୍ମାନ




କୋକସରା, (ଭାସ୍କର ନ୍ୟୁଜ୍): ଜାତୀୟ କଳା, ସଂସ୍କୃତି, ଭାଷା ସାହିତ୍ୟ ଏବଂ ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱର ପକ୍ଷରୁ ଶନିବାର ଓଡିଶା ସାଂସ୍କୃତିକ ସମାଜ, ସମ୍ବଲପୁରଠାରେ ସପ୍ତମ ବିଶ୍ୱ ସ୍ତରୀୟ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଡାଲଗୁମା ଗ୍ରାମର ଯୁବ ନାଟ୍ୟ ନିର୍ଦ୍ଦେଶକ ଦୁର୍ଯ୍ୟୋଧନ ଚଣ୍ଡୀ ନୃତ୍ୟ ଗୁରୁ ରତ୍ନ ସମ୍ମାନ ପାଇଛନ୍ତି। ଏହି ସମ୍ମାନ ଗ୍ରହଣ ପରେ ବିଭିନ୍ନ ମହଲରୁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଥିବା ବେଳେ କଳାକାର ମହଲରେ ଖୁସିର ଲହରୀ ଖେଳିଯାଇଛି। ସେହିପରି କଳାହାଣ୍ଡି ଜିଲ୍ଲା ମାଳିଗୁଡାର ଦେବବର ଡଙ୍ଗରୀ ଓ ଚିଚିଆ ଗ୍ରାମର ଚୈତନ୍ୟ ବାଗ ପ୍ରମୁଖ ଗଙ୍ଗାଧର ମେହେର କାବ୍ୟ ରତ୍ନରେ ସମ୍ମାନିତ ହୋଇଛନ୍ତି। ଉକ୍ତ ଭେଟଘାଟ କାର୍ଯ୍ୟକ୍ରମକୁ ମଙ୍ଗଳୁ କୁମାର ଦାସ ଅଧ୍ୟକ୍ଷତା କରିଥିବାବେଳେ ନବକିଶୋର ଶତପଥୀଙ୍କ ସଭିପତ୍ୱରେ ଅନେକ ବିଶିଷ୍ଟ ଅତିଥି ମାନେ ଯୋଗଦେଇଥିଲେ। ଏସୀୟ ଅବସରରେ କଳାହାଣ୍ଡିର ଏହି ୩ଜଣ ପ୍ରତିଭା ସମ୍ମାନିତ ହୋଇଥିବା ଜଣାପଡିଛି।

## ଦୁର୍ଘଟଣାରେ ଜଣେ ମୃତ

ଧର୍ମଗଡ,(ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଧର୍ମଗଡ ଥାନା ଜୁନାଗଡ଼ ବ୍ଲକ କାଲୋପଲା ନିକଟରେ ବାଇକକୁ ପିକଅପ ଧକ୍କା ଦେବାରୁ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି।



ମୃତ ବାଇକ ଆରୋହୀ ଜଣକ ହେଲେ ଧନେର ଗାଁର ହରିଶଙ୍କର ମାଝୀ ବୋଲି ସୂଚନା ମିଳିଛି। ସେ ଭବାନୀପାଟଣା ସ୍ଥିତ ଡୁମାଲ ଗାଁ। ବନ୍ଧୁ ଘରକୁ ଯାଇ ନିଜ ଗାଁକୁ ଓଡି ୦୮ଟି ୮୭୩୧ ନମ୍ବର ବିଶିଷ୍ଟ ବାଇକ ଯୋଗେ ଫେରୁଥିବା ବେଳେ ଓଡି ୩୩ ଏଏସ୍ ୫୧୬୬ ନମ୍ବର ବିଶିଷ୍ଟ ପରିବା ବୋଝେଇ ପିକ୍‌ଅପଟି ନବରଙ୍ଗପୁରରୁ ଖୋର୍ଦ୍ଧାକୁ ଯାଉଥିବା ବେଳେ କାଲୋପଲା ନିକଟରେ ବାଇକକୁ ଧକ୍କା ଦେବାରୁ ବାଇକ ଆରୋହୀ ଜଣକ ତଳେ ପଡ଼ିଯାଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡ଼ାକ୍ତର ମୃତ ଘୋଷଣା କରିଛନ୍ତି। ଖବର ପାଇ ପରିବାର ଲୋକେ ଜାତୀୟ ରାଜପଥ ୨୬ କାଲୋପଲା ଠାରେ ରାସ୍ତା ଅବରୋଧ କରିଛନ୍ତି। ଯାହାରୀ ଫଳରେ ରାସ୍ତାର ଦୁଇ ପାର୍ଶ୍ୱରେ ଅନେକ ଯାନବାହାନ ଅଟକି ରହିଛି। ଘଟଣା ସ୍ଥଳକୁ ଧର୍ମଗଡ଼ ପୋଲିସ ପହଞ୍ଚି ବୁଝାସୁଝା କରୁଛି।

## କୈବର୍ତ୍ତ ସମାଜ ସାଙ୍ଗଠନିକ ବୈଠକ ଓ ନୂଆଖାଇ ଭେଟଘାଟ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ (କୁନ୍ଦେଇପାଲି ତେଲ ନଦୀ ଛଡିଘାଟ ଠାରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଥିଲା। କର୍ଲାମୁଣ୍ଡା ବ୍ଲକ ସ୍ତରୀୟ ଦୁଇ ଆଞ୍ଚଳିକ କମିଟି ସାନ ଡୁଙ୍ଗୁରୀ ଗୁଡା ଅଞ୍ଚଳ ଏବଂ ତେରେ ସିଂହା ଆଞ୍ଚଳିକ ସମସ୍ତ କୈବର୍ତ୍ତ ସମାଜ ଜାତି ଭାଇ ମାନେ ଉପସ୍ଥିତ ଥିଲେ। ଧବଳେଶ୍ୱର ଦଣ୍ଡସେନା ଅଧ୍ୟକ୍ଷତାରେ ତେରେସିଂହା ଆଞ୍ଚଳିକ ସଭାପତି ହୁଦାନନ୍ଦ ମଲ୍ଲିକ ସଂପାଦକ ସପ୍ତରଷି ମଲ୍ଲିକ ଏବଂ ସାନଡୁଙ୍ଗୁରି ଗୁଡା ଅଞ୍ଚଳ ସଭାପତି ଅଗସ୍ତି ବୁଡେକ ସଂପାଦକ କିଶୋର ଚନ୍ଦ୍ର ନାଏକ ତଥା ସମସ୍ତ ଜାତି ଭାଇଙ୍କ ଉପସ୍ଥିତରେ। ନୂଆଖାଇ ଭେଟଘାଟ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ କର୍ଲାମୁଣ୍ଡା ବ୍ଲକ ସଂଯୋଜକ ସୁଶାନ୍ତ ମଲ୍ଲିକ ମୁଖ୍ୟ ଅତିଥି, ଦାମୋଦର ନାଏକ, ପଦ୍ମନାଭ ନାଏକ ସନାତନ ନାଏକ ସାଧୁ ନାଏକ, ଗଣ୍ଡାରାମ ନାଏକ, ନୂଆଖାଇ ଭେଟଘାଟ ଓ ସମାଜ ସଂସ୍କାର ଉପରେ ଆଲୋଚନା କରିଥିଲେ। ସାନ ଡୁଙ୍ଗରୀ ଗୁଡ଼ା, ବିନ୍ଧାନୀ, ପୁଟିଗାଁ, ସରଗୁଲମାଲପଡା, ବେଲପଡ଼ା, ତେରେସିଂହା, ରିଷିଡ଼ା, ପୌରକେଲା, ଖରଝୁରା, ତାଲକୁନା, ଡୁମ୍ବେରଗୁଡ଼ା, ବିନ୍ଧାଣି, ସିରପୁର, ଭାନପୁର, କଟେଶିର, କଶୃପଡା, ଘଟସରା ବିନେକେଲା ବହଲମୁଣ୍ଡା ପୋରକେଲା, କର୍ଲାମୁଣ୍ଡା ପ୍ରମୁଖ ଶତାଧିକ ଜାତି ଭାଇ ଉପସ୍ଥିତ ରହି ସାଙ୍ଗଠନିକ ଓ ନୂଆଖାଇ ଭେଟଘାଟ ଆବାହକ ତଥା ପ୍ରତିନିଧି ସଙ୍ଗଠନକୁ ବଢାଇବା ଦିଗରେ ପ୍ରତି ମାସରେ ବୈଠକ କରି ଗାଁ ଗାଁ ବୁଲି ସଙ୍ଗଠନକୁ ମଜବୁତ କରିବା ପାଇଁ ସ୍ଥିର କରିଥିବା ନେଇ କର୍ମୀ ମହଲରେ ଆନନ୍ଦ ଲହରୀ ଦେଖିବାକୁ ମିଳିଥିଲା।

## ବିଭିନ୍ନ ଦାବି ନେଇ ଏନ୍‌ପିଏସ୍ ଶିକ୍ଷକ ସଂଘର ଜିଲ୍ଲାପାଳଙ୍କୁ ଦାବିପତ୍ର




ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଶନିବାର ଦିନ ଦିବା ୪. ୦୦ ଘଣ୍ଟା ସମୟରେ ଓଡିଶା ସରକାରୀ ହାଇସ୍କୁଲ ନୂତନ ପେନସନଭୁକ୍ତ ଶିକ୍ଷକ ସଂଘ, କଳାହାଣ୍ଡି ଜିଲ୍ଲାର ସଭାପତି ସାମନ୍ତ କୁମାର ପଟ୍ଟଯୋଶୀ, ସମ୍ପାଦକ ଗିରିଜା ଶଙ୍କର ସାହୁ ଓ ରାଜ୍ୟ ସଂଘ ଆବାହକ ସରୋଜ କୁମାର ସାହୁଙ୍କ ନେତୃତ୍ୱରେ କଳାହାଣ୍ଡି ଜିଲ୍ଲାର ୧୧ ଗୋଟି ବ୍ଲକର ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ସରକାରୀ ହାଇସ୍କୁଲରେ ନିଯୁକ୍ତି ପାଇଥିବା ଶହଶହ ଶିକ୍ଷକ ସେମାନଙ୍କ ବିଭିନ୍ନ ଦାବି ନେଇ ୧୩ ତାରିଖ ଶନିବାର ଦିନ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଠାରେ ସମବେତ ହୋଇଥିଲେ। ସେମାନେ ୨୦୦୪ ରୁ ୨୦୧୪ରେ ନିଯୁକ୍ତି ପାଇଥିବା ସରକାରୀ ହାଇସ୍କୁଲରେ ହୋଇଥିବା ଅସଙ୍ଗତି ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଗଣଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲା। ବିଭିନ୍ନ ବ୍ଲକରୁ ଆସିଥିବା ୨୦୦ରୁ ଊର୍ଦ୍ଧ୍ୱ ଶିକ୍ଷକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏଠାରେ ପ୍ରକାଶ ଯୋଗ୍ୟ ଯେ ଓଡିଶା ସରକାର ଗତ ୨୦୦୪ରୁ ୨୦୨୨ପର୍ଯ୍ୟନ୍ତ ସମସ୍ତ ହାଇସ୍କୁଲରେ ଚୁକ୍ତିଭିତ୍ତିକ ଶିକ୍ଷକ ନିଯୁକ୍ତି କରିଥିଲେ। ସରକାରଙ୍କ ନିୟମାନୁଯାୟୀ ଯେଉଁ ଶିକ୍ଷକ ୬ ବର୍ଷ ନିୟମିତ ଭାବରେ କାର୍ଯ୍ୟ ସମ୍ପାଦନା କଲେ ସେ ନିୟମିତ ହେବେ। ସେହି ଅନୁଯାୟୀ ୨୦୦୪ରୁ ୨୦୧୪ ମଧ୍ୟରେ ନିଯୁକ୍ତି ପାଇଥିବା ସମସ୍ତ ଶିକ୍ଷକ ୬ ବର୍ଷ କାର୍ଯ୍ୟ କଳାପରେ ନିୟମିତ ହୋଇଥିଲେ। ହେଲେ ତତ୍କାଳୀନ ସରକାର ନଭେମ୍ବର ୨୦୨୨ ମସିହାରେ ଚୁକ୍ତିଭିତ୍ତିକ ରିପିଲ ନିୟମ ଆଣି ୨୦୧୩ ପରଠାରୁ ନିଯୁକ୍ତି ପାଇଥିବା ସମସ୍ତ ଶିକ୍ଷକଙ୍କୁ ନିୟମିତ କରି ଚାକିରୀରେ ଯୋଗ କରିବା ଦିନ ଠାରୁ ନିୟମିତ କରି ସମସ୍ତ ସୁଯୋଗ ଓ ସୁବିଧା ପ୍ରଦାନ କଲେ। ହେଲେ ବିଡମ୍ବନାର ବିଷୟ ୨୦୦୪ ରୁ ୨୦୧୩ ଭିତରେ ନିଯୁକ୍ତି ପାଇଥିବା ଶିକ୍ଷକ ମାନଙ୍କ କଥାକୁ ପୂରାପୂରି ଭୁଲିଗଲେ। ଏହି ନିୟମ ଦ୍ୱାରା ବରିଷ୍ଠ ଶିକ୍ଷକମାନେ କନିଷ୍ଠ ଶିକ୍ଷକମାନଙ୍କ ଠାରୁ କମ୍ ଦରମା ପାଇଲେ। ତା'ପରେ ସରକାର ୨୦୨୩ ମସିହାରେ ଏକ ଏସ୍‌ଓପି ଆଣି ସେହି ଅସଙ୍ଗତିକୁ ଦୂର କରିବାକୁ ପ୍ରୟାସ କଲେ। ହେଲେ ଦୁଃଖ ଓ ପରିତାପର ବିଷୟ, ସେହି ଏସ୍‌ଓପି ଯୋଗୁଁ ୨୦୦୪ ରୁ ୨୦୧୦ ପର୍ଯ୍ୟନ୍ତ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ସରକାର ସମ୍ପୂର୍ଣ୍ଣ ଅଣଦେଖା କରିଦେଲେ। ଯାହା ଫଳରେ ସରକାରୀ ହାଇସ୍କୁଲରେ କାର୍ଯ୍ୟରତ ଶିକ୍ଷକମାନଙ୍କର ବର୍ଗୀକରଣ ସୃଷ୍ଟି କଲେ। ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ନିଯୁକ୍ତି ପାଇଥିବା ଶିକ୍ଷକମାନେ ବାରମ୍ବାର ବିଭାଗୀୟ ସଚିବ, ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା କରି ଏହାର ସମାଧାନ ପାଇଁ ଗୁହାରି କରିଥିଲେ। ହେଲେ କେହି ଆଜି ଯାଏଁ ସେହି ଦାବି ପ୍ରତି କର୍ଣ୍ଣପାତ କଲେ ନାହିଁ। ଯଦି ସରକାର ଆସନ୍ତା ସେପ୍ଟେମ୍ବର ୨୨ ତାରିଖ ପୂର୍ବରୁ ଆମର ନ୍ୟାଯ୍ୟ ଦାବିକୁ ପୂରଣ ନକରନ୍ତି ତାହେଲେ ସେପ୍ଟେମ୍ବର ୨୨ ତାରିଖରେ ରାଜ୍ୟ ସଂଘର ଡାକରାରେ କଳାହାଣ୍ଡିରୁ ଶହ ଶହ ଶିକ୍ଷକ ଭୁବନେଶ୍ୱରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଆନ୍ଦୋଳନରେ ଯୋଗଦାନ କରି ଶିକ୍ଷକଙ୍କ ପ୍ରତି ହୋଇଥିବା ଅନ୍ୟାୟ ବିରୁଦ୍ଧରେ ଲଢେଇ କରିବେ ବୋଲି ରାଜ୍ୟ ସଂଘର ଆବାହକ ସରୋଜ କୁମାର ସାହୁ ସୂଚନା ଦେଇଥିଲେ। ସଂଘର ସଭାପତି ଶ୍ରୀ ପଟ୍ଟଯୋଶୀ କହିଥିଲେ ଯେ ଗୋଟିଏ ପ୍ରକାର ସରକାରୀ ହାଇସ୍କୁଲରେ କାର୍ଯ୍ୟରତ ଶିକ୍ଷକ ମାନଙ୍କର ସରକାର ଯେଉଁ ବର୍ଗୀକରଣ କରିଛନ୍ତି ତାକୁ ଦୂର କରିବା ପାଇଁ ସରକାର ଟାଳଟୁଳ ନୀତି ଅବିଳମ୍ବେ ପରିତ୍ୟାଗ କରି ଚୁକ୍ତିଭିତ୍ତିକ ଅବଧି ୬ ବର୍ଷକୁ ନିୟମିତ ଚାକିରୀରେ ଯୋଗ କରି ୬ ଗୋଟି ଇନ୍‌କ୍ରିମେଣ୍ଟ ପ୍ରଦାନ କରନ୍ତୁ। ସଙ୍ଘର ସମ୍ପାଦକ ଶ୍ରୀ ସାହୁ କହିଥିଲେ ସରକାରୀ ବିଦ୍ୟାଳୟରେ ବରିଷ୍ଠ ଶିକ୍ଷକମାନଙ୍କ ପ୍ରତି ହୋଇଥିବା ଅନ୍ୟାୟ ଓ ଅସଙ୍ଗତିକୁ ସରକାର ଶୀଘ୍ର ଦୂର କରନ୍ତୁ ନଚେତ ଶିକ୍ଷକ ମାନେ ବାଧ ହୋଇ ରାଜରାସ୍ତାକୁ ଓହ୍ଲେଇବା ପାଇଁ ବାଧ ହେବେ। ଶିକ୍ଷକମାନଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ନ ହେଲେ ରାଜ୍ୟସଙ୍ଘର ଡାକରା କ୍ରମେ ଶିକ୍ଷକମାନେ ଭୁବନେଶ୍ୱରରେ ହେବାକୁ ଥିବା ଆନ୍ଦୋଳନରେ ଯୋଗଦେବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ୨୦୦୪ରୁ ୨୦୧୪ ମଧ୍ୟରେ ନିଯୁକ୍ତ ଅଧିକାଂଶ ଶିକ୍ଷକ ପ୍ରଧାନ ଶିକ୍ଷକ, କାର୍ଯ୍ୟକାରୀ ପ୍ରଧାନ ଶିକ୍ଷକ, କିମ୍ବା ବରିଷ୍ଠ ଶିକ୍ଷକ ରୂପେ ଦାୟିତ୍ୱ ପ୍ରତିପାଦନ କରିଆସୁଛନ୍ତି ତେଣୁ ଏହି ଶିକ୍ଷକ ମାନେ ଆନ୍ଦୋଳନକୁ ଗଲେ ଯାହା ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ସରକାର ଦାୟୀ ରହିବେ। ଏହି କାର୍ଯ୍ୟକ୍ରମରେ ସଂଘର ଉପ ସଭାପତି ପ୍ରଣତି ମହାପାତ୍ର, ଶକ୍ତି ପ୍ରସାଦ ମେହେର, ରିଖିରାମ ବେହେରା, ଶିବଶଙ୍କର କର, ପୁଷ୍ପଧ୍ୱଜ ବାଗ, ଅଶୋକ କୁମାର ବିଶ୍ୱାଳ, ଶମ୍ଭୁ ଭୂଷଣ ସାହୁ, ଅତୁଲ୍ୟ ପ୍ରଧାନ, ତପନ ଭୋଇ, ଅଭୟ ଗଡ଼ତିଆ, ଗୋକୁଳ ଚନ୍ଦ୍ର ପ୍ରଧାନ, ସଂଜୀବ ଶର୍ମା, ବୀରେନ୍ଦ୍ର କୁମାର ଆଚାର୍ଯ୍ୟ, ନୀଳାଞ୍ଚଳ ପାନ, ଚନ୍ଦନ ସାହୁ, ଦିପ୍ତିମୟୀ ସିଂ ଓ ଶହ ଶହ ଶିକ୍ଷକ ଶିକ୍ଷୟତ୍ରୀ ଯୋଗଦାନ କରିଥିଲେ।

## ବୂଢ଼ାରଜା ଦଶରା ପ୍ରସ୍ତୁତି ନେଇ ଧର୍ମଗଡ ବିଧାୟକଙ୍କ ଆଲୋଚନା

କୋକସରା,(ଭାସ୍କର ନ୍ୟୁଜ୍): ଅକ୍ଟୋବର ମାସ ୧୧ ତାରିଖରେ କଳାହାଣ୍ଡି ଜିଲ୍ଲାର ଶେଷ ଦଶରା ପ୍ରଭୁ ଶ୍ରୀ ବୁଢ଼ାରଜାଙ୍କ ଦଶରା ମହା ସମାରୋହରେ ଅନୁଷ୍ଠିତ ହେବାକୁ ରହିଥିବା ବେଳେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ ବୁଢ଼ାରଜା ଦଶରା ପରିଚାଳନା କମିଟିର କର୍ମକର୍ତ୍ତାଙ୍କ ମନ୍ଦିର ପରିସରରେ ପ୍ରସ୍ତୁତିକୁ ନେଇ ଆଲୋଚନା କରିଛନ୍ତି। ପ୍ରଭୁ ବୁଢ଼ାରଜାଙ୍କ ନିକଟରେ ଜନ ମାନସର ଅଗାଢ଼ ବିଶ୍ୱାସ ଓ ଶ୍ରଦ୍ଧା ରହିଥିବା ବେଳେ ବୁଢ଼ାରଜା ଦଶରା ଜିଲ୍ଲାର ଏକ ପ୍ରମୁଖ ମହୋତ୍ସବ ହୋଇଥିବା କାରଣରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୁଏ। ଦିନ ତମାମ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଗହଳି ଲାଗି ରହିଥାଏ। ବିଧାୟକ ଏନେଇ ଜିଲ୍ଲା ପ୍ରଶାସନ ଅଧିକାରୀଙ୍କ ସହ ଆଲୋଚନା କରି କେମିତି ଶାନ୍ତି ଶୃଙ୍ଖଳା ସହ ଯାତ୍ରା ପରିଚାଳନା ହେବ ସେ ନେଇ କମିଟିର ସଦସ୍ୟଙ୍କ ସହ ଆଲୋଚନା କରିଥିଲେ।

## ରାଶିଫଳ


**ସୋମବାର, ୧୫ ସେପ୍ଟେମ୍ବର ୨୦୨୫**



**ମେଷ:** ଆଜି, ଆପଣ ନିଜ ଘରେ ଏବଂ କାର୍ଯ୍ୟକ୍ଷେତ୍ରରେ ଏକ ଉତ୍ତମ ପରିବେଶରେ ବାସ କରି ବହୁତ ଖୁସି ହେବେ। ସ୍ୱାସ୍ଥ୍ୟ ଭଲ ହେବ। କାର୍ଯ୍ୟାଳୟର ଉଚ୍ଚ ପଦାଧିକାରୀମାନେ ଆପଣଙ୍କ କାର୍ଯ୍ୟକୁ ପ୍ରଶଂସା କରିବେ। ପରିବାରରେ ଆନନ୍ଦର ବାତାବରଣ ରହିବ। ମା'ଙ୍କଠାରୁ ଲାଭ ମିଳିବ।




**ବୃଷ:** ଆଜି ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଅନେକ ଥକ୍କା ଏବଂ ଅଳସୁଆ ଅନୁଭବ କରିବେ, ଯେଉଁଥିପାଇଁ ଉତ୍ସାହର ଅଭାବ ରହିବ। ଏହାର ପ୍ରଭାବ ବାଣିଜ୍ୟିକ କ୍ଷେତ୍ରରେ ଦେଖାଯିବ ଏବଂ ଏହା ସମସ୍ୟା ସୃଷ୍ଟି କରିପାରେ।



**ମିଥୁନ:** ଆଜି ଆପଣଙ୍କୁ କୈଣସି ନୂତନ କାର୍ଯ୍ୟ ଆରମ୍ଭ ନ କରିବାକୁ ଏବଂ ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ପ୍ରତିକ୍ରିୟାଶୀଳ ହେବାକୁ ପରାମର୍ଶ ଦିଆଯାଇଛି। କଫ ଏବଂ ପେଟ ସମ୍ବନ୍ଧୀୟ ରୋଗ ଆପଣଙ୍କୁ କଷ୍ଟ ଦେଇପାରେ। ସମ୍ଭବ ହେଲେ ଅସ୍ତ୍ରୋପଚାର ପରି ବଡ଼ ମାମଲା ସ୍ଥଗିତ ରଖିବାକୁ ପରାମର୍ଶ ଦିଆଯାଇଛି।




**କର୍କଟ:** ଆଜି ଦୈନନ୍ଦିନ କାର୍ଯ୍ୟ ସହିତ, ଆପଣ ମନୋରଞ୍ଜନ ଏବଂ ସଭାରେ ସମୟ ବିତାଇବେ। ଆପଣ ସ୍ୱାଦିଷ୍ଟ ଖାଦ୍ୟ ପାଇବେ ଏବଂ ସାଙ୍ଗମାନଙ୍କ ସହିତ ବୁଲିବାକୁ ଯିବେ। ଆପଣ ବିପରୀତ ଲିଙ୍ଗ ସାଙ୍ଗମାନଙ୍କ ସହିତ ଏକ ଭଲ ସମୟ ଅତିବାହିତ କରିବେ। ଆପଣଙ୍କର ବ୍ୟବସାୟ ବଢିବ।



**ସିଂହ:** କାର୍ଯ୍ୟରେ ସଫଳତା ପାଇବା ପାଇଁ ଆଜି ସର୍ବୋତ୍ତମ ଦିନ। ଆପଣ କରିଥିବା କାର୍ଯ୍ୟ ଦ୍ୱାରା ଆପଣ ଖ୍ୟାତି ପାଇବେ। ପରିବାରରେ ଏକ ଆନ୍ତରିକ ପରିବେଶ ରହିବ। ଶରୀର ଏବଂ ମନ ସହିତ ତୁମେ ସତେଜତା ଏବଂ ଆନନ୍ଦ ଅନୁଭବ କରିବ।




**କନ୍ୟା:** ଆଜି ଆପଣଙ୍କର କଳ୍ପନା ଶକ୍ତି ପୁରା ଭଲ ରହିବ। ସାହିତ୍ୟ ସୃଷ୍ଟି ପାଇଁ ଆଜି ଏକ ଭଲ ଦିନ। ଛାତ୍ରମାନେ ଶିକ୍ଷଣରେ ଭଲ ପ୍ରଦର୍ଶନ କରିବାକୁ ସମର୍ଥ ହେବେ। ଭାବପ୍ରବଣତା ଏବଂ ଯୌନତା ଆପଣଙ୍କ ପ୍ରକୃତିରେ ଅଧିକ ରହିବ। ପେଟ ଯନ୍ତ୍ରଣା ହେବାର ସମ୍ଭାବନା ଅଛି।




**ତୁଳା:** ଆଜି ଆପଣଙ୍କର ବହୁତ ଭାବନା ରହିବ, ଯେଉଁ କାରଣରୁ କାହାର ଶବ୍ଦ କିମ୍ବା ଆଚରଣ ଦ୍ୱାରା ଆଘାତ ପାଇପାରନ୍ତି। ମାତାର ସ୍ୱାସ୍ଥ୍ୟ ଖରାପ ହେତୁ ବହୁତ ବିବ୍ରତ ହେବେ। ଆପଣଙ୍କର ଆତ୍ମ ସମ୍ମାନ ଆଘାତ ପାଇପାରେ। ଦୋଷତ୍ରୁଟି ଅନୁଭବ କରିବେ। ଖାଦ୍ୟ ଏବଂ ଶୋଇବାରେ ଅନିୟମିତତା ହେବ।



**ବିଛା:** ଆଜି ଆପଣ ଆପଣଙ୍କର ଚିନ୍ତାରୁ ବହୁତ ଆରାମ ପାଇବେ। ଆଜି ବହୁତ ଭାବପ୍ରବଣ ଏବଂ ସମ୍ବେଦନଶୀଳ ହେବ, ଯେଉଁଥିପାଇଁ ତୁମର କଳ୍ପନା ଏବଂ ସୃଜନଶୀଳତା ଉତ୍ପନ୍ନ ହେବ। ଆପଣ ଆଜି ସାହିତ୍ୟ ଲେଖା ଏବଂ କଳା କ୍ଷେତ୍ରରେ ସହଯୋଗ କରିବାକୁ ସମର୍ଥ ହେବେ। ପରିବାର ସଦସ୍ୟ ବିଶେଷ କରି ମା ସହିତ ସମ୍ପର୍କ ବୃଦ୍ଧି ପାଇବ।



**ଧନୁ:** ଆଜି ପ୍ରାରମ୍ଭରେ ଅସୁବିଧା ହୋଇପାରେ, ଆପଣଙ୍କର ନିର୍ଦ୍ଧାରିତ କାର୍ଯ୍ୟ ସମାପ୍ତ ହେବ ଏବଂ ଯାହା ବହୁତ ଖୁସି କରିବ। ଆର୍ଥିକ ଯୋଜନା ହେତୁ, ଆପଣଙ୍କର ଅନେକ ଅସୁବିଧା କମିବା ଆରମ୍ଭ କରିବ। ଚାକିରି ବ୍ୟବସାୟରେ ଆପଣଙ୍କର ସହକର୍ମୀମାନେ ସମର୍ଥିତ ହେବେ। ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ସାକ୍ଷାତ କରିବା ଆପଣଙ୍କ ଖୁସି ବଢାଇବ।



**ମକର:** ଆଜି ଆପଣଙ୍କର ବନ୍ଧୁ, ପରିବାର ସହିତ ଆପଣଙ୍କ ଦିନ ବହୁତ ଭଲ ହେବ। ସେମାନଙ୍କଠାରୁ ଉପହାର ଆପଣଙ୍କ ଖୁସିକୁ ଦ୍ୱିଗୁଣିତ କରିବ। ଭ୍ରମଣ ପାଇଁ ଏକ କାର୍ଯ୍ୟକ୍ରମ ହେବ ଏବଂ ସ୍ୱାଦିଷ୍ଟ ଖାଦ୍ୟ ପାଇବାର ସୁଯୋଗ ମିଳିବ। ଆଜି ଭଲ ଖବର ପାଇବେ ଏବଂ ଆର୍ଥିକ ଲାଭ ମଧ୍ୟ ଉପଲବ୍ଧ ହେବ। ନିଜ ସାଥୀଙ୍କ ସହିତ ଭଲ ସମୟ ଅତିବାହିତ କରନ୍ତୁ ।



**କୁମ୍ଭ:** ଆଜି ଆପଣଙ୍କୁ କୋର୍ଟ ମାମଲା ଠାରୁ ଦୂରରେ ରହିବାକୁ ପରାମର୍ଶ ଦିଆଯାଇଛି । ମନରେ ଅସ୍ଥିରତା ରହିବ ଏବଂ ବିଭିନ୍ନ ଚିନ୍ତା ସୃଷ୍ଟି କରିବ । ସ୍ୱାସ୍ଥ୍ୟ ଖରାପ ହୋଇପାରେ । ବକ୍ତବ୍ୟ ଏବଂ ଆଚରଣରେ ନିଜକୁ ସଂଯମ କରିବା ଆବଶ୍ୟକ, ନଚେତ୍ କାହା ସହିତ କଳହ ହୋଇପାରେ । ଆଜି ଆପଣ ବହୁତ ଭାବପ୍ରବଣ ହେବେ। ଖର୍ଚ୍ଚ ପରିମାଣ ଅଧିକ ହେବ ।



**ମୀନ:** ଲକ୍ଷ୍ମୀଜୀଙ୍କ ଆଶୀର୍ବାଦ ଆପଣଙ୍କ ଉପରେ ରହିବ। ପୁରୁଣା ସାଙ୍ଗମାନଙ୍କ ସହିତ ଆପଣ ଦିନକୁ ଉପଭୋଗ କରିବେ। ଏକ ଭ୍ରମଣ ଯାଇପାରନ୍ତି। ଆଜି ପତ୍ନୀ ଏବଂ ପିଲାମାନଙ୍କ ସହିତ ଭଲ ସମୟ କଟାନ୍ତୁ। ଆପଣ ବିବାହିତ ଜୀବନରେ ଆନନ୍ଦ ପାଇବେ। ଆପଣ ପିଲାମାନଙ୍କର ଭଲ ଖବର ପାଇବେ। ପ୍ରିୟ ବ୍ୟକ୍ତିଙ୍କ ସହିତ ସାକ୍ଷାତ ହେବାର ସମ୍ଭାବନା ଅଛି।



ଶ୍ରୀପତି ଆଚାର୍ଯ୍ୟ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର




ଆଳି(ଭାସ୍କର ନ୍ୟୁଜ ): ଆଳିରେ ଦେୱାନୀ ଓ ଫୌଜଦାରୀ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଲୋକ ଅଦାଲତରେ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଯଥା ଫୌଜଦାରୀ (ସାଲିସଯୋଗ୍ୟ), ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ । ଏହା ସହ ପ୍ରାକ୍ ମକଦ୍ଦମାସ୍ତରୀୟ ମାମଲା ତଥା ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ସାଲିସ୍ ଯୋଗ୍ୟ ଫୌଜଦାରୀ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ସମାଧାନ ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇଥିଲା। ଆଳି ଦେୱାନୀ ଓ ଫୌଜଦାରୀ ଅଦାଲତରେ ବିଚାରପତି ଦେବାନ ସତ୍ୟଦର୍ଶୀ ନନ୍ଦଙ୍କ ସହ ଆଳିର ୪ଟି ବ୍ୟାଙ୍କ ଶାଖାର ଶାଖାପରିଚାଳକ ଓ ଅନ୍ୟ ବ୍ୟାଙ୍କ କର୍ମଚାରୀଙ୍କ ଉପସ୍ଥିତି ରେ ମୋଟ ୧୮୭ ଟି ମକଦ୍ଦମା ମଧ୍ୟ ରୁ ୫୫ ଟି ମକଦ୍ଦମା ସମାଧାନ କରାଯାଇଛି। ଏଠାରେ ଉଲ୍ଲେଖ ଯୋଗ୍ୟ କି ଏହି ମକଦ୍ଦମା ବାବଦରେ ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ ଓ ଚୂଡ଼ାନ୍ତ । ଦୀର୍ଘ ଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହା ଏକ ସୁଯୋଗ। ଏ ସଂକ୍ରାନ୍ତରେ ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କେନ୍ଦ୍ରାପଡ଼ା ଓ ତାଲୁକ ଆଇନସେବା କମିଟିଙ୍କ ତତ୍ତ୍ୱାବଧାନରେ ଏହା ସମ୍ପାଦନ କରାଯାଇଛି ।



# ଦିବ୍ୟାଙ୍ଗ ଜିତେନ୍ଦ୍ରଙ୍କୁ ମିଳୁନି ବର୍ଦ୍ଧିତ ଭତ୍ତା

ବୋଲଗଡ(ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ ପାଟପୁରଶାସନ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଖରଡ଼ପଲ୍ଲୀ ଗ୍ରାମର ପଦ୍ମପୁର ସାହିର ଅସହାୟ ଜିତେନ୍ଦ୍ର କୁମାର ବେହେରା ଜଣେ ଦିବ୍ୟାଙ୍ଗ ଓ ନିପଟ ଗରିବ ଶେଣୀର ବ୍ୟକ୍ତି ଅଟନ୍ତି। ଅସହାୟ ଜିତେନ୍ଦ୍ରଙ୍କ ପାଇଁ ଆଜି ସରକାରୀ ସହାୟତା ସତେ ଯେପରି ସାତ ସପନ ପାଲିଟିଛି । ଜିତେନ୍ଦ୍ର କୁମାର ବେହେରା ଜଣେ ୯୦ ପ୍ରତିଶତ ଦିବ୍ୟାଙ୍ଗ ବୋଲି ସରକାର ଓ ମେଡିକାଲ ଅଫିସର ପ୍ରମାଣପତ୍ର ଦେଇଛନ୍ତି । ଜିତେନ୍ଦ୍ରଙ୍କ ବୟସ ୩୦ବର୍ଷ। ସେ ରାଜ୍ୟ ସରକାରଙ୍କ ପକ୍ଷରୁ ଶାରୀରିକ ଭିର୍ନ୍ନକ୍ଷମ ଭତ୍ତା ଏକ ହଜାର ଟଙ୍କା ପାଉଛନ୍ତି । କିନ୍ତୁ ରାଜ୍ୟ ସରକାର ଭିନ୍ନକ୍ଷମ ଦିବ୍ୟାଙ୍ଗମାନଙ୍କୁ ବର୍ଦ୍ଧିତ ୩୫୦୦ ଟଙ୍କା ଦେବା ପାଇଁ କହିଥିବାବେଳେ ତାହା ବୋଲଗଡ ବ୍ଲକରେ ବିଫଳ ହୋଇଛି । ଜିତେନ୍ଦ୍ର ଜଣେ ୯୧ ପ୍ରତିଶତ ଭିନ୍ନକ୍ଷମ ଦିବ୍ୟାଙ୍ଗ ହୋଇଥିବାବେଳେ ତାଙ୍କୁ ବର୍ଦ୍ଧିତ ଭତ୍ତା ମିଳୁନାହିଁ । ଜିତେନ୍ଦ୍ର ଏନେଇ ପାଟପୁର ଶାସନ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଜଣାଇଥିଲେ ମଧ୍ୟ ତାଙ୍କ କଥା କୁ କେହି ଶୁଣିନଥିଲେ । କି ପ୍ରଶାସନ ପକ୍ଷରୁ କେହି ତାଙ୍କ ଦୁଃଖ ଶୁଣୁନାହାନ୍ତି କି ବର୍ଦ୍ଧିତ ଭତ୍ତା ଦେଉନାହାନ୍ତି । ଚଳିବାରେ ସେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସାହା ହେବାକୁ କେହି ନାହିଁ । ନିଜର କହିଲେ ଅଛନ୍ତି କେବଳ ତାଙ୍କର ବିଧବା ମା ସତ୍ୟଭାମା ଦେଇ। ମା' ବି ବୃଦ୍ଧା ହେଇଥିବାରୁ ଘର ଚଳିବାଟା ବହୁତ କଷ୍ଟ ହେଉଛି ।ରାଜ୍ୟ ସରକାରଙ୍କ ମଧୁବାବୁ ଦିବ୍ୟାଙ୍ଗ ପେନସନ ଯୋଜନାର ଭତ୍ତା ନ ମିଳିବା ସହିତ ପରିବାର ପାଇଁ ବାସଗୃହଟିଏ ନାହିଁ। ଅସହାୟ ଜିତେନ୍ଦ୍ରଙ୍କ ଶରୀର ସମ୍ପୂର୍ଣ୍ଣ ଭାବରେ ୯୧ ପ୍ରତିଶତ ଦିବ୍ୟାଙ୍ଗ ହୋଇଥିବାରୁ ସେ ନିଜ ଗୋଡ଼ରେ ଛିଡା ହୋଇପାରୁନଥିବାରୁ ସେ ବହୁତ କଷ୍ଟ ପାଉଛନ୍ତି ।ମା ଓ ପୁଅର ଭତ୍ତା ଟଙ୍କାରେ ପରିବାରଟି ବହୁତ ଅଭାବ ଅନାଟନରେ



କଟୁଛି । ଓଳିଏ ଖାଇଲେ ଓଳିଏ ଓପାସ ରହୁଛନ୍ତି ମା ପୁଅ ଦୁହେଁ । ସରକାର ଭିର୍ନ୍ନକ୍ଷମ ମାନଙ୍କୁ ରହିବା ପାଇଁ ବାସଗୃହ ପ୍ରଦାନ କରିଥିବାବେଳେ ଜିତେନ୍ଦ୍ରଙ୍କ ପାଇଁ ତାହା ପାଲଟିଛି ସାତ ସପନ । ଜିତେନ୍ଦ୍ର ଜଣେ ଦିବ୍ୟାଙ୍ଗ ହୋଇଥିବାରୁ ପରିବାର ପ୍ରତି ପୋଷଣ କରିବା ସମ୍ପୂର୍ଣ୍ଣ କଷ୍ଟକର ହୋଇପଡିଛି । ଆଜିର ସମୟରେ ଓଳିଏ ଖାଇଲେ ଓଳିଏ ଉପବାସ ରହିବାକୁ ପଡୁଛି । ବର୍ଦ୍ଧିତ ଭତ୍ତା ପାଇଁ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଓ ବିଭାଗୀୟ ଅଧିକାରୀଙ୍କୁ ଗୁହାରି କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ ବୋଲି ଦିବ୍ୟାଙ୍ଗ ଜିତେନ୍ଦ୍ର ପ୍ରକାଶ କରି ଅଛନ୍ତି। ଜିତେନ୍ଦ୍ରଙ୍କ ଅବସ୍ଥା କୁ ଦେଖି ସମାଜ ସେବୀ ଦିବାକର ବେହେରା ତାଙ୍କୁ କିଛି ଆର୍ଥିକ ସହାୟତା କରୁଛନ୍ତି । ଦିବାକର ବାହାରେ ରହୁଥିବାରୁ ଯେତେବେଳେ ଗ୍ରାମକୁ ଆସନ୍ତି ଜିତେନ୍ଦ୍ର କୁ କିଛି ଆର୍ଥିକ ଦେଇ ରାସନ ସାମଗ୍ରୀ ଦିଅନ୍ତି । ଗତ କାଲି ଶ୍ରୀ ବେହେରା ଦିବ୍ୟାଙ୍ଗ ଜିତେନ୍ଦ୍ର ଙ୍କୁ ଏକ ମୋବାଇଲ ଫୋନ ପ୍ରଦାନ କରିଛନ୍ତି । ଏବଂ ବୋଲଗଡ ପ୍ରଶାସନ ଦିବ୍ୟାଙ୍ଗ ଶ୍ରୀ ବେହେରା ଙ୍କ ପ୍ରତି ଦୃଷ୍ଟି ଦେଇ ବର୍ଦ୍ଧିତ ଭତ୍ତା ପ୍ରଦାନ କରିବାକୁ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଖୋର୍ଦ୍ଧା ଜିଲ୍ଲାପାଳ ଓ ବୋଲଗଡ ବିଡ଼ିଓ ସୁମନ ସୁଧା କୁଣ୍ଡୁ ଦୃଷ୍ଟି ଦେବାକୁ ନିବେଦନ କରିଅଛନ୍ତି ।

# ବେଆଇନ ଭାବେ ଚାଲିଛି ଫିଜିଓଥେରାପି

- ପଞ୍ଚମ ପାସ କରିନଥିବା ଲୋକେ କରୁଛନ୍ତି ରକ୍ତ ପରୀକ୍ଷା।
- ବିପଦରେ ରୋଗୀ, ସ୍ୱାସ୍ଥ୍ୟବିଭାଗ ଚୁପ୍

ନିଆଳି (ଭାସ୍କର ନ୍ୟୁଜ୍): ନିଆଳି ଅଂଚଳରେ ଅଣପଞ୍ଜିକରଣ ଓ ଅଣପ୍ରମାଣିତ ଫିଜିଓ ଥେରାପିଷ୍ଟମାନଙ୍କ ନିୟନ୍ତ୍ରଣରେ ୫ ରୁ ୭ ଟି ଜାଗାରେ ଚାଲିଛି ବେଆଇନ ଭୌତିକ ଚିକିତ୍ସା କେନ୍ଦ୍ର। ଆଇନ କାନୁନ ନିୟମ ଅବହେଳା କରି ପଞ୍ଚମ ପଢ଼ିନଥିବା ବ୍ୟକ୍ତିମାନେ କେତେକ କ୍ଲିନିକ ଔଷଧ ଦୋକାନୀ ରକ୍ତ ପରୀକ୍ଷା କରୁଛନ୍ତି। ଯାହାଫଳରେ ରୋଗୀଙ୍କ ଜୀବନକୁ ବିପଦରେ ପକାଇଦେଇଛି। ଏଭଳି ଘଟଣା ଦିନ ଦି ପ୍ରହରରେ ସର୍ବ ସମ୍ମୁଖରେ କରାଯାଉଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ କାହିଁକି ଚୁପ, ଏ ନେଇ ଉଠିଛି ସାଧାରଣରେ ପ୍ରଶ୍ନବାଚୀ। ନିଆଳି ଓ ଆଖପାଖ ଅଂଚଳରେ ବେଆଇନ ଫିଜିଓଥେରାପି ସେଣ୍ଟର ଖୋଲିଥିବା ଦେଖାଦେଇଛି। ସେହିଭଳି ୨୦ ରୁ ଊର୍ଦ୍ଧ୍ୱ ଜାଗାରେ ରକ୍ତ ପରୀକ୍ଷା କରାଯାଉଛି। ସୂଚନା ଅନୁଯାୟୀ ସେଗୁଡିକ ପଞ୍ଜିକରଣ ବିହୀନ, କୌଣସି ପ୍ରମାଣିତ ଡାକ୍ତରଙ୍କ ନିୟନ୍ତ୍ରଣରେ ନୁହେଁ। ମାତ୍ର କମ୍ପାଉଣ୍ଡର କିମ୍ବା ଟ୍ରେନିଂ ପାଇଥିବା ଲୋକ ସେଣ୍ଟର କରି ଚଳାଉଛନ୍ତି। ସେହିଭଳି ରକ୍ତ ପରୀକ୍ଷା କରୁଥିବା ଲୋକମାନଙ୍କ ମଧ୍ୟରୁ ଅଧିକାଂଶ ପଞ୍ଚମ ସପ୍ତମରୁ ଅଧିକ ପଢିନାହାନ୍ତି। ଫିଜିଓ ଥେରାପି ହେଉ କିମ୍ବା କ୍ଲିନିକ ରେ କୌଣସି ପ୍ରମାଣିତ ଡାକ୍ତର କିମ୍ବା ବି ପି ଟି (ବ୍ୟାଚଲର ଇନ ଫିସିଅ ଥେରାପି )ଡାକ୍ତର ନାହାନ୍ତି। କେହି ୬ ମାସର କୋର୍ସ ଅନେକ ୟୁଟୁବ ଭିଡ଼ିଓ ଦେଖି ନିଜକୁ ଡାକ୍ତର କହି ଅତି ବେପରୁଆ ଭାବରେ ରୋଗୀ ଙ୍କୁ ଚିକିତ୍ସା କରୁଛନ୍ତି। ଯାହାଫଳରେ ରୋଗୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥିବା ନିଆଳି ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ସରକାରଙ୍କ ନିୟମ ଅନୁଯାୟୀ ପ୍ରମାଣିତ ବିପିଟି କିମ୍ବା ଇମପିଟି ଡିଗ୍ରୀ ବିନା ଫିଜିଓଥେରାପି କରିପାରିବେ ନାହିଁ। ପ୍ରତ୍ୟେକ କ୍ଲିନିକରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଞ୍ଜିକରଣ ପତ୍ର ରହିବା ବାଧ୍ୟତା ମୂଳକ ଅଟେ। କିନ୍ତୁ ନିଆଳିରେ ବିପରୀତ ଦୃଶ୍ୟ ଦେଖାଯାଉଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ପ୍ରଶ୍ନ କଲେ କୌଣସି ସ୍ପଷ୍ଟ ଉତ୍ତର ମିଳୁନାହିଁ। ସ୍ଥାନୀୟ ବୁଦ୍ଧିଜୀବୀମାନଙ୍କ କହିବା ଅନୁସାରେ ରକ୍ତ ପରୀକ୍ଷାରେ ରୋଗୀଙ୍କର ବିଭିନ୍ନ ରୋଗ ଚିହ୍ନଟ ହୋଇଥାଏ। ପଞ୍ଚମ ସପ୍ତମ ପଢିଥିବା ବ୍ୟକ୍ତି କିଭଳି ବ୍ଲଡ଼ ଚିହ୍ନିବେ। ରୋଗୀ ଭଲ ହେବା ବଦଳରେ ବିପଦକୁ ଟାଣି ହେଉଛନ୍ତି। ସବୁ କିଛି ଖୁଲମ ଖୁଲା ବିଭାଗୀୟ ଅଧିକାରୀଙ୍କ ଆଖି ଆଗରେ ହେଉଛି। ଅସାଧୁ କାରବାର ହେଉଥିବାରୁ ଏଭଳି ବେଆଇନ ଦୋକାନ ଚାଲୁଥିବା ଅଭିଯୋଗ ହେଉଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ନୀରବତା ଅଧିକ ସନ୍ଦେହ ଘେରକୁ ଟାଣୁଛି। ଏବେ ସାଧାରଣରେ ପ୍ରଶ୍ନ ଉଠିଛି ଆଇନ ଅନୁଯାୟୀ କେବେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ କାର୍ଯ୍ୟାନୁଷ୍ଠାନ ନେବେ ଦେଖିବାକୁ ବାକି ରହିଲା।



# ଶାରଦୀୟ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ



ବୋଲଗଡ (ଭାସ୍କର ନ୍ୟୁଜ୍): ବୋଲଗଡ ଥାନା ଫାସୀଓଦା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଟାଙ୍ଗୀସାହି ଗ୍ରାମ ସ୍ଥିତ ଶକ୍ତିମୟୀ ମା' ଶିଖର ବାସିନୀ ମନ୍ଦିର ପରିଚାଳନା କମିଟିର ସଭାପତି ଦୀନବନ୍ଧୁ ସାମନ୍ତରାୟଙ୍କ ସଭାପତିତ୍ୱରେ ଓ ଟାଙ୍ଗୀସାହି ଗ୍ରାମବାସୀମାନଙ୍କ ମିଳିତ ଆବାହକତ୍ୱରେ ପବିତ୍ର ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଶନିବାର ଦିନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ଏହି ପ୍ରସ୍ତୁତି ବୈଠକରେ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ଟାଙ୍ଗୀସାହି ଗ୍ରାମର ଶତାଧିକ ଗ୍ରାମବାସୀ, ଯୁବଗୋଷ୍ଠୀ ଏବଂ ସମାଜ ସେବୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।ପବିତ୍ର ଦୁର୍ଗାପୂଜା ଉତ୍ସବ ଷଷ୍ଠୀ ଦିବସ ଠାରୁ ଆରମ୍ଭ ହୋଇ ଦଶମୀ ପର୍ବ ପର୍ଯ୍ୟନ୍ତ ମହାଡ଼ମ୍ବରସହକାରେ ପାଳନ କରାଯିବକୁ ନିଷ୍ପତି ନିଆଗଲା । ଏହି ପବିତ୍ର ଦୁର୍ଗାପୂଜା ଉତ୍ସବକୁ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ, ସମାଜ ସେବୀ, ଯୁବଗୋଷ୍ଠୀ ଓ ଗ୍ରାମବାସୀମାନେ ମିଳିତ ଭାବେ ସହଯୋଗ କରି ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସଙ୍ଗେ ସଙ୍ଗେ ଶ୍ରଦ୍ଧାଳୁ ଭକ୍ତ ମାନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ପ୍ରସ୍ତୁତି ବୈଠକରେ ମତ ପ୍ରକାଶ ପାଇଥିଲା । ଏହି ପବିତ୍ର ଦୁର୍ଗାପୂଜା ଉତ୍ସବକୁ ଅତ୍ୟନ୍ତ ସରସ ସୁନ୍ଦର, ମନଲୋଭା ଓ ଆକର୍ଷଣୀୟ କରିବା ମା ଶିଖର ବାସିନୀ ମନ୍ଦିରକୁ ବିଭିନ୍ନ ରଙ୍ଗ ବେରଙ୍ଗ ଆଲୋକରେ ସୁସଜ୍ଜିତ କରାଯାଇ ବିଭିନ୍ନ ପର୍ବ ଦିବସରେ ବରିଷ୍ଠ ପୂଜକ ମାନଙ୍କ ଦ୍ୱାରା ଦେବୀ ପୂଜା ହେବା ସଙ୍ଗେ ସଙ୍ଗେ ବିଭିନ୍ନ ପ୍ରକାରର କଳାକାର ମାନଙ୍କ ଦ୍ୱାରା ସାମାଜିକ ନାଟକମାନ ଯଥା-ସପ୍ତମୀ ଦିବସରେ 'କନ୍ଦନା ଲୁହ ସରିଯିବ,'ଅଷ୍ଟମୀ ଦିବସରେ 'କିଏ କାନ୍ଦିନାହିଁ ହାତ ଟେକ,'ନବମୀ ଦିବସରେ 'ଦରିଆ କୂଳର ଦରଦୀ ବନ୍ଧୁ' ଇତ୍ୟାଦି ସାମାଜିକ ନାଟକ ମାନ ପରିବେଷଣ କରାଯିବ ସହିତ ଦଶମୀ ଦିବସରେ ମନୋରଞ୍ଜନ ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ କରାଯିବ ବୋଲି ବୈଠକରେ ନିଷ୍ପତି ନିଆଗଲା । ମନ୍ଦିର ପରିସରରେ ଶ୍ରଦ୍ଧାଳୁ ମହିଳା ଭକ୍ତାମାନଙ୍କୁ ସୁରକ୍ଷା ଯୋଗାଇଦେବା ପାଇଁ ବୋଲଗଡ ପୋଲିସ ବାହିନୀର ସାହାଯ୍ୟ ଲୋଡ଼ାଯିବ ଓ ଅଗ୍ନି ସୁରକ୍ଷାପାଇଁ ବୋଲଗଡ ଅଗ୍ନିଶମ ସେବା ବାହିନୀର ସାହାର୍ଯ୍ୟ ଲୋଡ଼ାଯିବାକୁ ମଧ୍ୟ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହେଲା । ଏହି ପବିତ୍ର ଦୁର୍ଗାପୂଜା ବୈଠକକୁ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ଜନ୍ମେଜୟ ମାଝୀ ବାର୍ଷିକ ବିବରଣୀ ପଠନ କରିବା ସଙ୍ଗେ ସଙ୍ଗେ ସଭାପତି ଦୀନବନ୍ଧୁ ସାମନ୍ତରାୟ ସ୍ୱାଗତ ଭାଷଣ ଦେଇ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ପରିଶେଷରେ ମନ୍ଦିରର କୋଷାଧକ୍ଷ ସୁକାନ୍ତ କୁମାର ବେହେରା ଗତ ବର୍ଷର ଆୟ ବ୍ୟୟର ହିସାବ ପ୍ରଦାନ କରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଫଟୋଗ୍ରାଫର ଆସୋସିଏସନର ବାର୍ଷିକ ଉତ୍ସବ

ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ୍) : ଚୌଦ୍ୱାର ଫଟୋଗ୍ରାଫର ଆସୋସିଏସନ ପକ୍ଷରୁ ଷଷ୍ଠ ବାର୍ଷିକ ଉତ୍ସବ ସ୍ଥାନୀୟ ଚୌଦ୍ୱାର ଗାନ୍ଧିଛକ ପୌର ଟାଉନ ହଲରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ସତ୍ୟବ୍ରତ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସିନେ ଅଭିନେତା ତଥା ନିର୍ଦ୍ଦେଶକ ଶ୍ରୀତମ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜର ପ୍ରତ୍ୟକ କ୍ଷେତ୍ରରେ ଫଟୋଗ୍ରାଫର ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି ବୋଲି ମତ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୁସୁମ ଗ୍ରୁପ ଅଧକ୍ଷ ଅବିନାଶ ପାତ୍ର ମୁଖ୍ୟ ବକ୍ତା, ସିପିଏ ସଭାପତି ସୁଜିତ ମିଶ୍ର, ପ୍ରାଚୀ ଡିଜିଟାଲ ର ସଚ୍ଚିଦାନନ୍ଦ ସ୍ୱାଇଁ, ପୁପୁଲୁ ଫିଲ୍ମସ ପୁପୁଲୁ ମହାନ୍ତି, ନଳିନୀ ଭିଜନ ର ଦେବେନ୍ଦ୍ର ନନ୍ଦ ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇ ଚୌଦ୍ୱାର ଫଟୋଗ୍ରାଫର ମାନଙ୍କ ଏଭଳି ସଂଘୀୟ ମନୋଭାବକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବିଭିନ୍ନ ବର୍ଗର ବହୁ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧନା ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅଜିତ ସ୍ୱାଇଁ, ଚିନ୍ମୟ ବେହୁରା,ଦୀପକ ବେଉରା, ଆଲୋକ ଦାସ, ପ୍ରଦୀପ ମହାପାତ୍ରଙ୍କ ସମେତ ସଂଘର ସମସ୍ତ ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

## ୧୬ରେ ଆର୍‌ପିଡିଏସି ଓ ଡିଏମଏଫ୍ ପାଣ୍ଠି ନେଇ ଉଚ୍ଚସ୍ତରୀୟ ବୈଠକ

ତାଳଚେର (ଭାସ୍କର ନ୍ୟୁଜ୍): ଆଗକୁ ଅର୍ଥାତ୍ ସେପ୍ଟେମ୍ବର ୧୬ ତାରିଖରେ ଆର ପିଡିଏ ସି ଓ ଡିଏମଏଫ୍ ପାଣ୍ଠି ନେଇ ଉଚ୍ଚସ୍ତରୀୟ ବୈଠକ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଗତ ୭/୮ ମାସ ତଳେ ପୂର୍ବତନ ସାଂସଦ ମହେଶ ସାହୁ ତାଳଚେରର ପ୍ରଶାସନିକ ଅଧିକାରୀ ଉପଜିଲ୍ଲାପାଳ ସମିର କୁମାର ଜେନା, ତହସିଲଦାର ପୌର ପରିଷଦର ନିର୍ବାହୀ ଅଧିକାରୀ ପ୍ରମୁଖଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇବା ସହିତ କିପରି ଏହାର କାର୍ଯ୍ୟକାରୀ ହେବ ସେଥିନେଇ ଆଲୋଚନ କରି ପ୍ରସ୍ତାବିତ ପ୍ରକଳ୍ପ ପରିଦର୍ଶନ କରିଥିଲେ। ତେବେ ଏଥିସହିତ ଆଉ କିଛି ପ୍ରକଳ୍ପକୁ ଯୋଡ଼ି ଶ୍ରୀ ସାହୁ ଉପଜିଲ୍ଲାପାଳ ଶ୍ରୀ ଜେନାଙ୍କ ସହିତ ଆଲୋଚନା କରି ପୁନଶ୍ଚ ପ୍ରସ୍ତାବିତ ପ୍ରକଳ୍ପ ପରିଦର୍ଶନ କରିଥିଲେ ତାଙ୍କ ସହିତ ପୌର ପରିଷଦର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହା ମଧ୍ୟ ଉପସ୍ଥିତ ଥିଲେ ପ୍ରକଳ୍ପ ଗୁଡିକ ମଧ୍ୟରେ ପଶ୍ଚିମେଶ୍ୱର ମନ୍ଦିର ଠାରୁ ସନ୍ତୁପଡ଼ା ପୋଲ ସଂଯୋଗ ରାସ୍ତାକୁ ସମ୍ପୂର୍ଣ୍ଣ କରାଯାଉ ବ୍ରାହ୍ମଣୀ ନଦୀ ତଟ ସୁରକ୍ଷା ପାଇଁ ପଶ୍ଚିମେଶ୍ୱର ମନ୍ଦିର ଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ନଦୀଜଳ କ୍ଷୟରୁ ରକ୍ଷା କରାଯିବା, ସହର ଜଳ ବିଶୋଧନାଗାର ଠାରୁ ଆଖଣ୍ଡଳମଣି ମନ୍ଦିର ଦେଇ ହନୁମାନ ମନ୍ଦିର ରାସ୍ତାକୁ ସମ୍ପୂର୍ଣ୍ଣ କରାଯିବା,ସହରର ସୌଭାଗ୍ୟ ସାଗର ପୋଖରୀକୁ ରାସ୍ତା ନିର୍ମାଣ ସହ ଆଲୋକ ବ୍ୟବସ୍ଥା କରାଯିବା,ଶର୍ମାଛକ ସୁବାଷ ବୋଷଙ୍କ ପ୍ରତିମୂର୍ତ୍ତି ପଛ ଖାଲି ସ୍ଥାନକୁ ପାର୍କ କରାଯିବା, ଚମ୍ପାପଶି ସ୍ଥାନରେ ଏକ ସୁନ୍ଦର ପାର୍କ ନିର୍ମାଣ କରାଯିବା, ତାଳଚେର ପ୍ୟାଲେସ ପୁରୁଣା ଦମକଳ କେନ୍ଦ୍ର ଫାଟକ ଓ ପଞ୍ଚମୁଖୀ ପାଖ ଫାଟକ ନିର୍ମାଣ କରାଯାଇ ସହରର ପୁରୁଣା ସ୍ମୃତି ଅକ୍ଷୁର୍ଣ୍ଣ ରଖାଯିବା, ତାଳଚେର ମହାବିଦ୍ୟାଳୟ ଠାରେ ଅଡିଟୋରୟିମ ତଥା ପରୀକ୍ଷା ହଲ୍ ନିର୍ମାଣ କରାଯିବା (୧୦୦୦ ସିଟ୍ ବିଶିଷ୍ଟ),ତାଳଚେର ଶିଶୁମନ୍ଦିର ଓ ତାଳଚେର ରାଇଫଲ୍ କ୍ଲବ୍ ପାର୍ଶ୍ୱରେ ଏକ ସର୍ବସାଧାରଣ ପାଠାଗାର ନିର୍ମାଣ କରାଯିବା, ପ୍ରଶାସନିକ ନିୟନ୍ତ୍ରଣରେ 'ଆମ ପ୍ରତିଭା ଆମ ପରିଚୟ' ଅନୁଷ୍ଠାନ ପାଇଁ ଏକ ଗୃହ ନିର୍ମାଣ କରାଯିବା, ପୂର୍ବରୁ ଅନୁମୋଦିତ ତାଳଚେର ପ୍ରେସ୍ କ୍ଲବ୍‌କୁ ଅର୍ଥ କାର୍ଯ୍ୟକାରୀ କରାଯିବା, ପ୍ରଥମ ଫାଟକ ସ୍ଥିତ ଚିତ୍ରକୂଟ ପୋଖରୀ ରାଜସ୍ୱ ଜଳାଶୟକୁ ପୁନରୁଦ୍ଧାର କରାଯାଇ ଶ୍ରୀ ଗଣେଶଙ୍କ ମୂର୍ତ୍ତି ସ୍ଥାନିତ କରାଯିବା ଭାରତ ବର୍ଷର ପ୍ରଥମ ଇଞ୍ଜିନିୟର ସାର ବିଶ୍ୱେଶ୍ୱରାୟଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇ ପ୍ରତିବର୍ଷ ସେପ୍ଟେମ୍ବର ୧୫ ତାରିଖ ଜନ୍ମ ଦିନରେ ଇଞ୍ଜିନିୟରର୍ସ ଡେ ପାଳନ କରାଯିବା। ପ୍ରତ୍ୟେକ ପଞ୍ଚାୟତରେ ଥିବା କୋଠଘରକୁ ପାଠାଗାରରେ ପରିଣତ କରାଯିବା ଇତ୍ୟାଦି ପ୍ରକଳ୍ପ ଗୁଡିକୁ ତାଳଚେର ଅଞ୍ଚଳବାସୀଙ୍କ ଆବଶ୍ୟକତା ଅନୁସାରେ ତୁରନ୍ତ ପୂରଣ କରିବା ପାଇଁ ଶ୍ରୀ ସାହୁ ପ୍ରକାଶ କରିଛନ୍ତି। କାରଣ ଖଣି ଖାଦାନ ପରିପୂର୍ଣ୍ଣ ଅଞ୍ଚଳ ହୋଇଥିବାରୁ ଏହି ଅଞ୍ଚଳର ଉନ୍ନତି ପାଇଁ ଡି ଏମ ଏଫ୍ ପାଣ୍ଠି ତାଳଚେର ବାସୀଙ୍କ ହକ୍ ହୋଇଥିବାରୁ ଏହା ଶୀଘ୍ର ପୂରଣ ହେବ ବୋଲି ଶ୍ରୀ ସାହୁ ଆଶାବାଦୀ ଥିବା କହିଛନ୍ତି।

## ଏକ ଭାରତ ଶ୍ରେଷ୍ଠ ଭାରତ କାର୍ଯ୍ୟକ୍ରମ

କୋରୁକୋଣ୍ଡା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ତାର୍ଲାକୋଟା ପଞ୍ଚାୟତ ଅଧିନସ୍ତ ଏମଭି -୩୭ ନମ୍ବର ଗ୍ରାମରେ ଥିବା ଶୈବ ପୀଠରେ ରବିବାର ମାଲକାନଗିରି ବିଜେପି ପକ୍ଷରୁ ଗ୍ରାମର ସଭାପତି ଶମ୍ଭୁନାଥ ଠାକୁରଙ୍କ ତତ୍ତ୍ୱାବଧାନରେ ଏବଂ କୋରୁକୋଣ୍ଡା ବ୍ଲକର ସାଂସଦ ପ୍ରତିନିଧି ଅକ୍ଷୟ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ଭାରତ ଶ୍ରେଷ୍ଠ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଶ୍ଚିବଙ୍ଗଳାର ଖେଜୁରୀ ନିର୍ବାଚନ ମଣ୍ଡଳୀର ବିଧାୟକ ଶାନ୍ତନୁ ପରମାଣିକ ଯୋଗ ଦେଇଥିଲେ। ତାଙ୍କ ସହିତ ଏକ ଭାରତ ଶ୍ରେଷ୍ଠ ଭାରତର ରାଜ୍ୟ କୋଡିନେଟର ନିହାର ରାୟ, ମାଲକାନଗିରି ଜିଲ୍ଲା କୋଡିନେଟର ସପନ ରାୟ, ମାଲକାନଗିରି ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ମାଲକାନଗିରି ବିଧାୟକ ପ୍ରତିନିଧି ପ୍ରହଲ୍ଲାଦ ବସୁ, ବରିଷ୍ଠ ସମାଜସେବୀ ଉତ୍ତମ ଓଝା ପ୍ରମୁଖ ଉପସ୍ଥିତ ଥିଲେ ଏହି କାର୍ଯ୍ୟକ୍ରମରେ ଏମଭି -୩୭ ଗ୍ରାମବାସୀଙ୍କ ସମେତ ଆଖ ପାଖର ବିଭିନ୍ନ ଗ୍ରାମର ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ମାଲକାନଗିରି ଜିଲ୍ଲାରେ ବସବାସ କରୁଥିବା ବାଙ୍ଗୀୟ ସମାଜ ଲୋକମାନେ କିପରି ଅଛନ୍ତି ବୋଲି ପଚାରି ଥିଲେ। ତାଙ୍କ ପ୍ରଶ୍ନର ଉତ୍ତରରେ ସ୍ଥାନୀୟ ଲୋକେ କହିଥିଲେ ଯେ ଆମେ ମାଲକାନଗିରି ଜିଲ୍ଲାରେ ବହୁତ ଭଲରେ ଅଛୁ। କୌଣସି ସମସ୍ୟା ନାହିଁ ବୋଲି ବିଧାୟକଙ୍କୁ କହିଥିଲେ।

# ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ

କଣ୍ଟାପଡା(ଭାସ୍କର ନ୍ୟୁଜ୍): କଣ୍ଟାପଡା ବ୍ଲକ ଅଧୀନରେ ଥିବା ଗୋବିନ୍ଦପୁର ଓଳଟପୁର ପୋଲିସ ପକ୍ଷରୁ କଟକ ଗ୍ରାମାଞ୍ଚଳ ଏସପିଙ୍କ ନିର୍ଦ୍ଦେଶରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଗୋବିନ୍ଦପୁର ପୋଲିସ, ତଣ୍ଡିକଣା ବ୍ରିଜ ଛକରେ ଏସ ଆଇ ଚିନ୍ମୟୀ ଦିବେଦୀଙ୍କ ନେତୃତ୍ୱରେ ରାସ୍ତାରେ ଯାଉଥିବା ବାଇକ ଚାଳକ ଓ କାର ଚାଳକଙ୍କୁ ଅଟକାଇ ସଡ଼କ ସୁରକ୍ଷା ବିଷୟରେ ସଚେତନତା କରାଯାଇଥିଲା। ସେହିଭଳି ଓଳଟପୁର ପୋଲିସ ପକ୍ଷରୁ ଅଡଶପୁର ଉଦୟନାଥ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ନେଇ ଓଳଟପୁର ଥାନା ଏସଆଇ ଦେହୁରୀଙ୍କ ନେତୃତ୍ୱରେ ସଡ଼କ ସୁରକ୍ଷା ଜୀବନ ରକ୍ଷା କାର୍ଯ୍ୟକ୍ରମ ହୋଇଥିଲା। ଫୁଲନଖରା ନିଆଳି ୬୦ ନମ୍ବର ରାଜ୍ୟ ରାଜପଥ ଅଦଶପୁର କଲେଜ ଛକରେ ବାଇକ ଓ କାର ଚାଳକଙ୍କୁ ସଡ଼କ ସୁରକ୍ଷା ଜୀବନ ରକ୍ଷା ଉପରେ ସଚେତନତା କରାଯାଇଥିଲା। କଟକ ଗ୍ରାମାଞ୍ଚଳ ଏସପିଙ୍କ ନିର୍ଦ୍ଦେଶ ରେ ଏହି କାର୍ଯ୍ୟକ୍ରମ କରାଯାଉଥିବା ବେଳେ ଗୋବିନ୍ଦପୁର ଓ ଓଳଟପୁର ଥାନାର ଦୁଇ ଥାନା ଅଧିକାରିଣୀ ଅନୁପସ୍ଥିତ ରହିବା ବୁଦ୍ଧିଜୀବୀ ମହଲରେ ନା ପସନ୍ଦ କରିଛନ୍ତି।

# କୌଳିକ ବୃତ୍ତି ଛାଡ଼ି ପାରୁନାହାନ୍ତି କୁମ୍ଭକାର ପରିବାର !



ଉମରକୋଟ(ଭାସ୍କର ନ୍ୟୁଜ୍): ପରିବାରର ବୃଦ୍ଧ ବୃଦ୍ଧା ଠାରୁ ଆରମ୍ଭ କରି ପିଲା ପର୍ଯ୍ୟନ୍ତ ସମସ୍ତେ ମାଟି ଜିନିଷ ଗଢିବାରେ ବ୍ୟସ୍ତ। ଆଗକୁ ଆସୁଛି ପାର୍ବଣ ଋତୁ। ପାର୍ବଣ ଋତୁ ଆସିଲେ ଗୋଟିଏ ପରେ ଗୋଟିଏ ପୂଜା ହାତ ଧରାଧରି ହୋଇ ଚାଲି ଆସନ୍ତି। ସର୍ବପ୍ରଥମେ ବିଘ୍ନ ବିନାଶକ ଗଣେଶ ପୂଜା ତାପରେ ବିଶ୍ୱକର୍ମା ପୂଜା ତାପଛକୁ ଦୁର୍ଗାପୂଜା, ଲକ୍ଷ୍ମୀପୂଜା, କାଳିପୂଜା ଓ ସରସ୍ୱତୀ ପୂଜା ଆସିଥାଏ । ପାର୍ବଣ ଋତୁ ଆସିଲେ ମନେ ପଡ଼ନ୍ତି କୁମ୍ଭାର। ବିନା କୁମ୍ଭାରରେ କୌଣସି ପୂଜା କରିବା ଅସମ୍ଭବ। କାରଣ କୁମ୍ଭାର ଠାରୁ ମାଠିଆ, ଦୀପ, ସରା ଓ କଳସ ପାଇଁ କୁମ୍ଭାରକୁ ଅଗ୍ରୀମ ଦେବାକୁ ପଡିଥାଏ। ତେଣୁ ଏବେ ଠାରୁ ଚଳଚଞ୍ଚଳ ହେଲାଣି କୁମ୍ଭାର ଶାଳ। ମାଟି ସାମଗ୍ରୀ ଗଢି ବିକ୍ରି କଲେ ସେମିତି ବିଶେଷ କରି ଲାଭ ମିଳୁନାହିଁ। କିନ୍ତୁ ନିଜ କୌଳିକ ବୃତ୍ତିକୁ ନ ଛାଡ଼ି ପିଢ଼ି ପରେ ପିଢ଼ି ଏହି କାର୍ଯ୍ୟ କରିଆସୁଛନ୍ତି କୁମ୍ଭାର ପରିବାର। ଏହି ସବୁ ଜିନିଷ ଗଢ଼ିବା ପାଇଁ ମାଟି ଠାରୁ ଆରମ୍ଭ କରି ଜାଳ ପର୍ଯ୍ୟନ୍ତ ସବୁ କିଣିବାକୁ ପଡୁଛି। ପାଖରେ ଭଲ ମାଟି ନଥିବା ଯୋଗୁଁ ବହୁ ଦୂରରୁ ମାଟି ଆଣିବାକୁ ପଡୁଛି। ସାମଗ୍ରୀ ତିଆରି କରିବାକୁ ପରିବାରର ଛୋଟରୁ ବଡ ପର୍ଯ୍ୟନ୍ତ ସମସ୍ତେ ପରିଶ୍ରମ କରନ୍ତି। ଦୁଇ ପଇସା ରୋଜଗାର କରିବା ଆଶାରେ ଲାଭ କମ ସତ୍ତ୍ୱେ ନିଜ କୌଳିକ ବୃତ୍ତି କୁ ନଛାଡ଼ି କୁମ୍ଭାର ପରିବାର ଲାଗିପଡନ୍ତି କାମରେ। ବର୍ଷ ସାରା ବିଭିନ୍ନ ମାଟି ସାମଗ୍ରୀ ତିଆରି କରି ବଜାର ଓ ଗାଁ ଗଣ୍ଡା ସବୁରେ ବୁଲି ବୁଲି ତାକୁ ବିକ୍ରି କରି ପେଟ ପୋଷିଥାନ୍ତି ଏହି କୁମ୍ଭାରମାନେ। ପର୍ବପର୍ବାଣୀ ଗୁଡ଼ିକରେ ମାଟି ତିଆରି ସାମଗ୍ରୀର ଚାହିଦା ଯୋଗୁଁ ଲୋକେ କୁମ୍ଭାର ପରିବାରକୁ ମନେ ପକାନ୍ତି।

## ବିଜେପିରେ ଯୋଗଦେଲେ ୫୦ରୁ ଊର୍ଦ୍ଧ୍ୱ କର୍ମୀ

ନିଆଳି (ଭାସ୍କର ନ୍ୟୁଜ୍): ନିଆଳିରେ ୨୦୧୪ ବିଧାନସଭା ନିର୍ବାଚନ ପରେ ଶାସକ ବିରୋଧୀ ଚୁପ ରହିଥିବା ବେଳେ ଏବେ କେବେ କିଛି ଦିନ ହେବ ଶାସକ ବିଜେପି ଓ ବିରୋଧୀ ବିଜେଡି ମଧ୍ୟରେ ଆରୋପ ପ୍ରତ୍ୟାରୋପ ଲାଗିବା ସହ କର୍ମୀମାନଙ୍କୁ ନେଇ ଟଣା ଓଟରା ଆରମ୍ଭ ହୋଇଛି। ଭୁବନେଶ୍ୱର ସ୍ଥିତ ନିଆଳି ବିଧାୟକ ଙ୍କ ସରକାରୀ ବାସ ଭ୍ବନରେ ନିଆଳି ବ୍ଲକ ତିହୁଡି ପଂଚାୟତ ର ତଳପଦା ୧୦ ନମ୍ବର ୱାର୍ଡ, ଜୁଆଙ୍ଗ ୧ ନମ୍ବର, ୨ ନମ୍ବର ଓ ୩ ନମ୍ବର ୱାର୍ଡ ଓ ଲେଙ୍କା ସାହିର ୮, ୧୪ଓ ୧୩ ନମ୍ବର ୱାର୍ଡ ରୁ ୪୦ ରୁ ଊର୍ଦ୍ଧ୍ୱ କର୍ମୀ ବିଧାୟକ ଙ୍କ ଉପସ୍ଥିତିରେ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ ଓ ରାଜ୍ୟ ପ୍ରବକ୍ତା ରାଜେନ୍ଦ୍ର ପ୍ରସାଦ ପଣ୍ଡା, ବିଜେପି ନେତା ଶଶୀକାନ୍ତଙ୍କ ଉପସ୍ଥିତି ରେ ବିଜେପି ଟୋପି ପିନ୍ଧାଇ କର୍ମୀମାନଙ୍କୁ ଦଳରେ ମିଶାଇଥିଲେ। ବିଜେପି ଦଳ ପକ୍ଷରୁ କଂଗ୍ରେସ ବିଜେଡି କର୍ମୀ ମିଶିଥିବା କଥା କୁହାଯାଇଥିବା ବେଳେ ଏହାକୁ ବିରୋଧୀ ବିଜେଡି ତିହୁଡି ପଂଚାୟତ ସଭାପତି ଶିଶିର କୁମାର ରାଉତ ଖଣ୍ଡନ କରିଛନ୍ତି। ବିଜେଡି ର କୌଣସି କର୍ମୀ ତିହୁଡି ପଂଚାୟତରୁ ବିଜେପି ରେ ମିଶି ନାହାନ୍ତି। ଯେଉଁମାନେ ଯୋଗ ଦେଇଛନ୍ତି ସେମାନେ ବିଜେଡି ଦଳର ନୁହନ୍ତି। ଗତ ବିଧାନସଭା ନିର୍ବାଚନ ରେ ସେମାନେ ବିଜେପି ପାଇଁ କାର୍ଯ୍ୟ କରିଥିବା ବେଳେ ସେ କି ତାଙ୍କ ପରିବାର ବିଜେଡି କୁ ଭୋଟ ଦେଇନଥିଲେ। ପୂର୍ବତନ ବିଧାୟକ ଡ଼ ପ୍ରମୋଦ କୁମାର ମଲିକ ଙ୍କ ପ୍ରତି ବିଜେଡି କର୍ମୀଙ୍କ ଭରସା ରହିଛି ଓ ଆଗାମୀ ପଂଚାୟତ ନିର୍ବାଚନ ରେ ସଫଳତା ହାସଲ କରିବ ବୋଲି ଦୃଢତାର ଶହ ସଭାପତି ଶିଶିର କୁମାର ରାଉତ ସୂଚନା ଦେଇଛନ୍ତି। ନିଆଳିରେ ବିଜେଡି ବିଜେପି କର୍ମୀଙ୍କୁ ନେଇ ଏଭଳି ଟଣା ଓଟରା ଚର୍ଚ୍ଚାର ବିଷୟ ପାଲଟିଛି।



## ରାମାୟଣ ସପ୍ତାଙ୍ଗ ଯଜ୍ଞ ମହୋତ୍ସବ ଉଦ୍‌ଯାପିତ



ପରଜଙ୍ଗ (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ମୁକ୍ତାପସୀ ଦୋଳମଣ୍ଡପ ଠାରେ ସାତଦିନ ବ୍ୟାପୀ ଅହୋରାତ୍ର କ୍ଷେତ୍ରମୋହନଙ୍କ ରଚିତ ରାମାୟଣ ପଠନ ଓ ଯଜ୍ଞ ମହୋତ୍ସବ ଉଦଯାପିତ ହୋଇଅଛି ।ଏହି କାର୍ଯ୍ୟକ୍ରମରେ ରାମାୟଣ ପୁରାଣର ସାତଗୋଟି କାଣ୍ଡକୁ ଗତ ସୋମବାର ଠାରୁ ଦିବାରାତ୍ର ପଠନ ଆରମ୍ଭ ହୋଇ ରବିବାର ହୋମଯଜ୍ଞ ସହ ପୂର୍ଣ୍ଣାହୁତି ଯଥା ରୀତିନୀତିରେ ପାଳିତ ହୋଇଥିଲା ।ସାତଦିନ ବ୍ୟାପୀ ମୁକ୍ତାପସୀ ଗ୍ରାମ ସହ ଯେପର୍ଯ୍ୟନ୍ତ ଡାକବାଜି ଶବ୍ଦ ଶୁଭୁଥିଲା ସେପର୍ଯ୍ୟନ୍ତ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ।ମୁକ୍ତାପସୀ ଗ୍ରାମର ଏହି ରାମାୟଣ ଅନୁଷ୍ଠାନ ପ୍ରତେକ ବର୍ଷ ଭଳି ପୁରଷାନୁକ୍ରମେ ଦୀର୍ଘ ପ୍ରାୟ ୫୮ବର୍ଷ ରେ ପଦାର୍ପଣ କରିଥିବା ବେଳେ, ଏହି ଅବସରରେ ଗ୍ରାମର ଛଅସହରୁ ଉର୍ଦ୍ଧ୍ୱ ପରିବାର ଲୋକ ଅନୁଷ୍ଠାନର ନିୟମ ମୁତାବକ ଗ୍ରାମରେ ଆମିଷ ବିକ୍ରି, ରନ୍ଧନ ଓ ଭକ୍ଷଣ ନିଷେଧ ହୋଇଥିଲା ।ସାତଦିନ ବ୍ୟାପୀ ଠାକୁରଙ୍କ ସକାଳ ସଞ୍ଜ ଆରତୀ ଓ ନାମ ସଂକୀର୍ତ୍ତନରେ ଗାଁରେ ଆନନ୍ଦର ମାହୋଲ ହୋଇରହିଥିଲା । ରାମାୟଣ ଅନୁଷ୍ଠାନର ସଭାପତି ମୁନିବର ସାହୁ, ସମ୍ପାଦକ ପଙ୍କଜ ଲୋଚନ ସାହୁ,ପ୍ରାକ୍ତନ ସମିତି ଅଧକ୍ଷ ଅନ୍ତର୍ଯ୍ୟାମୀ ସାହୁ, ପଦ୍ମଲାଭ ସାହୁ,କମିଟିର ବ୍ରତୀ ଭକ୍ତ ବୃନ୍ଦ, ଗ୍ରାମସଭାପତି ଅଲେଖ ଖିଲାର,ସୁଶାନ୍ତ କୁମାର ଦେହୁରୀ (ବୁଟୁ ), ଅପର୍ତ୍ତି ସେନାପତି, କୁନା ସାହୁ, ବିରଞ୍ଚି ବିଶ୍ୱାଳ, ଗ୍ରାମର ଯୁବଗୋଷ୍ଠୀଙ୍କ ସହଯୋଗରେ ରାମାୟଣ ଯଜ୍ଞ କାର୍ଯ୍ୟ ପରିଚାଳନା ହୋଇଥିଲା ।ପରିଶେଷରେ ପାଞ୍ଚ ହଜାରରୁ ଉର୍ଦ୍ଧ ଭକ୍ତ ପଞ୍ଚାମୃତ ଭୋଗ ସେବନ କରି ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା ଲାଭ କରିଥିଲେ ।

# ବିଶ୍ୱ ବଜାରରେ ବିପ୍ଳବ ଆଣିବ କେନ୍ଦୁଝର ଚାନ୍ଦୁଆ

କେନ୍ଦୁଝର(ଭାସ୍କର ନ୍ୟୁଜ୍): ଓଡିଶା ସରକାରଙ୍କ ହସ୍ତଶିଳ୍ପ,ବୟନ ଓ ହସ୍ତତନ୍ତ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା କେନ୍ଦୁଝର ସ୍ଥିତ ହସ୍ତଶିଳ୍ପ ବିଭାଗ ଆନୁକୂଲ୍ୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ଚାନ୍ଦୁଆ ତିଆରି କାର୍ଯ୍ୟକ୍ରମ ସଫଳତାର ସହିତ ଶେଷ ହୋଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶିଳ୍ପୀଗ୍ରାମ ଯୋଜନାରେ ମାଆ ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ମାଆ ତୁଳସୀ ସ୍ୱୟଂ ସହାୟିକା ଗୋଷ୍ଠୀର ମୋଟ ୩୦ ଜଣଙ୍କୁ ଉତ୍କୃଷ୍ଟ ଧରଣର ଚାନ୍ଦୁଆ ତିଆରି ପ୍ରଶିକ୍ଷଣ ଦିଆଯାଇ ସେମାନଙ୍କୁ ନିପୁଣତା ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଦୁଇଟି ଏସଏଚଜିର ମୋଟ ତିରିଶ ଜଣଙ୍କୁ ଦୀର୍ଘ ଛଅ ମାସ ଧରି ଟ୍ରେନିଙ୍ଗ ଦିଆଯାଇ ସେମାନଙ୍କୁ ହସ୍ତଶିଳ୍ପ ବିଭାଗ ତରଫରୁ ଆତ୍ମନିର୍ଭର କରାଯାଇଛି। କେନ୍ଦୁଝର ହସ୍ତଶିଳ୍ପ ବିଭାଗ କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ ହସ୍ତଶିଳ୍ପ ଲଳାଟେନ୍ଦୁ କେଶରୀ ସର୍ଦ୍ଦାର, ହସ୍ତଶିଳ୍ପ ପ୍ରୋଜେକ୍ଟ ଅଧିକାରୀ ଅଶୋକ ହଜାଦା, ଦିନେଶ ପାଣିଗ୍ରାହୀ ଓ ପ୍ରଦୀପ



ପଣ୍ଡା କାର୍ଯ୍ୟକ୍ରମରେ ଯୋଗଦେଇ ସମସ୍ତ ସ୍ୱତନ୍ତ୍ର ତାଲିମ ପ୍ରାପ୍ତ ମହିଳାଙ୍କୁ ମନ ଲଗାଇ ନିଷ୍ଠାର ସହ କାର୍ଯ୍ୟକଲେ ଖୁବ କମ ଦିନରେ କେନ୍ଦୁଝର ଚାନ୍ଦୁଆ ଦେଶର ବିଭିନ୍ନ ସ୍ଥାନରେ ଆଦୃତି ଲାଭ କରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମର ମାଷ୍ଟର ହସ୍ତଶିଳ୍ପ ପ୍ରଶିକ୍ଷିକା ଆରତୀ ମହାକୁଡ଼, କେନ୍ଦୁଝରରେ ତିଆରି ଚାନ୍ଦୁଆ ପିପିଲି ଚାନ୍ଦୁଆ ଠାରୁ ଭିନ୍ନ ଓ ସ୍ୱତନ୍ତ୍ର , ତାଲିମ ପାଇବା ପରେ ଏଠାରୁ ତିଆରି ଚାନ୍ଦୁଆ ବିଶ୍ୱ ବଜାରକୁ ପଠାଯାଇ ବେଶ ସୁନାମ ଅର୍ଜନ କରିପାରିବାର କ୍ଷମତା ବହନ କରିବ ବୋଲି କହିଥିଲେ। ଏହି ଦୁଇ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଖୁବ ସୁନ୍ଦର ଭାବରେ ଚାନ୍ଦୁଆ ତିଆରି କରି ପାରୁଛନ୍ତି ଓ ଆଗାମୀ ଦିନରେ ଦେଶର ବିଭିନ୍ନ ବୟନଶିଳ୍ପ ଓ ହସ୍ତଶିଳ୍ପ ମେଳା ମାନଙ୍କରେ କେନ୍ଦୁଝର ଚାନ୍ଦୁଆ ବିକ୍ରି କରି ସମସ୍ତେ ଲକ୍ଷପତି ଦିଦି ହେବାର କ୍ଷମତା ରଖିଛନ୍ତି ବୋଲି ପ୍ରଶିକ୍ଷିକା ଆରତୀ ମହାକୁଡ଼ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ମାଷ୍ଟର ହସ୍ତକଳା ପ୍ରଶିକ୍ଷିକା କଲ୍ୟାଣି ସାହୁ ମହିଳା ମାନଙ୍କ ସୂକ୍ଷ୍ମ କାରିଗରୀ କୌଶଳର ପ୍ରଶଂସା କରିଥିଲେ। ତାଲିମ ନେଇଥିବା ସମସ୍ତ ୩୦ ଜଣ ମହିଳାଙ୍କୁ ଚାନ୍ଦୁଆ ତିଆରିରେ ପ୍ରଶିକ୍ଷଣ ସାର୍ଟିଫିକେଟ ଓ ଆବଶ୍ୟକୀୟ ପ୍ରୋତ୍ସାହନ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିଲା। ସମସ୍ତ ମହିଳାଙ୍କୁ ଶିଳ୍ପୀଗ୍ରାମ ଯୋଜନାରେ ଚାନ୍ଦୁଆ ତିଆରି ପାଇଁ ସିଲେଇ ମେସିନ, ଛୁଞ୍ଚି, ସୂତା, କପଡା , କଇଁଚି ପରି ଆବଶ୍ୟକୀୟ ସମସ୍ତ ଉପକରଣ ଓ ଷ୍ଟାଇପେଣ୍ଡ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ବିଭିନ୍ନ ଷ୍ଟଲ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯିବ ବୋଲି ଜିଲା ହସ୍ତଶିଳ୍ପ କାର୍ଯ୍ୟାଳୟ ଅଧିକାରୀ କହିଛନ୍ତି। କେନ୍ଦୁଝରର ଚାନ୍ଦୁଆ ଖୁବ ଶୀଘ୍ର ବିଶ୍ୱର ଅନେକ ଦେଶରେ ବିକ୍ରି ହେବା ସହ ବିଶ୍ୱ ମାନଚିତ୍ରରେ କେନ୍ଦୁଝରକୁ ଗର୍ବିତ କରିବ ବୋଲି ଆଶା ରଖିଛି ଜିଲା ହସ୍ତଶିଳ୍ପ କାର୍ଯ୍ୟାଳୟ।